# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ପୃଷ୍ଠା–୧୦+୮

ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ (୧୦+୮= ୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 16/2025 Page 18 ₹ 7.00

୫୧ଶ ଭାଗ ୩୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 350 ମୂଲ୍ୟ ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ DHARITRI
51 Years
ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ | Bhubaneswar, Sunday, November 16/2025 | ପୃଷ୍ଠା-୧



## ଜାଡ଼େଜାଙ୍କ ପ୍ରଭାବୀ ବୋଲିଂ

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ରଭାବୀ ବୋଲିଂ କରି ୪ଉଇକେଟ ହାସଲ କରିଛନ୍ତି ଭାରତର ରବୀନ୍ଦ୍ର ଜାଡ଼େଜା।

୦୮

୦୬

## ବିବାହ ବାର୍ଷିକୀରେ ବାପା ହେଲେ ରାଜକୁମାର

ଅଭିନେତା ରାଜକୁମାର ରାଓ ଏବଂ ସ୍ତ୍ରୀ ପତ୍ରଲେଖାଙ୍କ ବିବାହ ବାର୍ଷିକୀରେ ସେମାନେ ମାତାପିତା ହୋଇଛନ୍ତି। ପତ୍ରଲେଖା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି।






ପାରାଦୀପରେ ତଟ ସୁରକ୍ଷା ବାହିନୀ ପକ୍ଷରୁ ଶନିବାର ସାମୁଦ୍ରିକ ସନ୍ଧାନ ଅଭ୍ୟାସ।

# ଓଡ଼ିଶାର ସବୁ ବନ୍ଦରରେ ରହିବ କୋଷ୍ଟଗାର୍ଡ ବର୍ଥ

- ଗୋପାଳପୁରରେ ମୁତୟନ ହେବ କୋଷ୍ଟଗାର୍ଡ ଶିପ୍
- ପାରାଦୀପରେ ଶିପ୍ ସଂଖ୍ୟା ବଢ଼ିବ
- ଧାମରା ବନ୍ଦରରେ ରହିବ ଡ୍ରୋନ୍ ୟୁନିଟ୍

ପାରାଦୀପ ୧୫।୧୧
(ଶରତ ରାଉତ)

ସାମ୍ପ୍ରତିକ ଭୂ-ରାଜନୈତିକ ଓ ସାମରିକ ଘଟଣାକ୍ରମକୁ ଦେଖିଲେ ଉପକୂଳ ଅଞ୍ଚଳ ଓ ବନ୍ଦରଗୁଡ଼ିକର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହାକୁ ହୃଦୟଙ୍ଗମ କରାଯାଇ ଓଡ଼ିଶା ସମେତ ପୂର୍ବ ଭାରତର ଉପକୂଳ ନିରାପତ୍ତା ନିମନ୍ତେ କେତେକ ବର୍ଦ୍ଧିତ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ତଟ ସୁରକ୍ଷା ବାହିନୀ(କୋଷ୍ଟଗାର୍ଡ) ପକ୍ଷରୁ ଯୋଜନା କରାଯାଇଛି। ତଦନୁଯାୟୀ ଓଡ଼ିଶାର ସବୁ ବନ୍ଦରରେ କୋଷ୍ଟଗାର୍ଡ ବର୍ଥ ସହିତ ପାଟ୍ରୋଲିଂ ଜାହାଜ ରହିବ। ଗୋପାଳପୁର ବନ୍ଦରରେ ମୁତୟନ ହେବ କୋଷ୍ଟ ଗାର୍ଡ ଶିପ୍। ସେହିପରି ପାରାଦୀପ ବନ୍ଦରରେ କୋଷ୍ଟଗାର୍ଡ ଶିପ୍ ସଂଖ୍ୟା ବଢ଼ାଯିବ। ଧାମରା ବନ୍ଦରରେ ଏକ ଡ୍ରୋନ୍ ୟୁନିଟ୍ ରହିବ। ଏନେଇ କୋଷ୍ଟଗାର୍ଡ କମାଣ୍ଡାଣ୍ଟ ଇକବାଲ ସିଂହ ଚୌହ୍ୱାନ ଶନିବାର ପାରାଦୀପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସବୁ ପ୍ରକଳ୍ପ ଓ ସୁରକ୍ଷା ସମ୍ପର୍କରେ କମାଣ୍ଡାଣ୍ଟ ଚୌହ୍ୱାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି।

ପାରାଦୀପରେ କୋଷ୍ଟଗାର୍ଡ ଆଞ୍ଚଳିକ ମୁଖ୍ୟାଳୟ (ଉତ୍ତର-ପୂର୍ବ) ଏବଂ କମାଣ୍ଡର ତଟ ସୁରକ୍ଷା ବାହିନୀ (ଓଡ଼ିଶା) ଦ୍ୱାରା ସମନ୍ୱିତ ଆଞ୍ଚଳିକ ସ୍ତରୀୟ ସାମୁଦ୍ରିକ ସନ୍ଧାନ ଏବଂ ଉଦ୍ଧାର କର୍ମଶାଳା ସମେତ ସମୁଦ୍ର ଅଭ୍ୟାସ ଶନିବାର କରାଯାଇଥିଲା। ଏଥିରେ ଅଂଶୀଦାର ଏବଂ ଓଡ଼ିଶାର ସମ୍ବଳ ସଂସ୍ଥା ଯଥା ଓସ୍ଡମା, ଜିଲା ପ୍ରଶାସନ, ବନ୍ଦର, କଷ୍ଟମ୍ସ, ଭାରତୀୟ ନୌସେନା, ସାମୁଦ୍ରିକ ପୋଲିସ, ଓଡ଼ିଶା ☞ପୃଷ୍ଠା-୨

# ନୌଗାମ୍ ଥାନାରେ ଫୁଟିଲା ଜବତ ବିସ୍ଫୋରକ: ୯ ମୃତ



ଅକ୍ଟୋବର ୧୯ରେ ଜମ୍ମୁ-କଶ୍ମୀର ନୌଗାମସ୍ଥିତ ବନପୋରା ଅଞ୍ଚଳରେ ପୋଲିସ ଓ ସୁରକ୍ଷା ବଳକୁ ଧମକ ଦେଇ ପୋଷ୍ଟର ଲଗାଯାଇଥିଲା। ଏହି ପୋଷ୍ଟର ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦର ବୋଲି ପୋଲିସ ଦାବି କରିବା ସହ ନୌଗାମ୍ ଥାନାରେ ଏଫ୍ଆଇଆର୍ କରିଥିଲା। ନଭେମ୍ବର ୮ରେ ହ୍ୱାଇଟ୍ କୋଲାର ଆତଙ୍କବାଦ ସହ ଜଡ଼ିତ ଡା. ମୁଜାମ୍ମିଲ ଗନାଇଙ୍କ ହରିୟଣା ଫରିଦାବାଦସ୍ଥିତ ବାସଭବନରୁ ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ ହୋଇଥିଲା। ନୌଗାମ୍ ଥାନାରେ ଏନେଇ ପ୍ରଥମ ମାମଲା ରୁଜୁ ହୋଇଥିବାରୁ ଜବତ ବିସ୍ଫୋରକ ସାମଗ୍ରୀକୁ ନଭେମ୍ବର ୧୩ରେ ସେଠାକୁ ନିଆଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଆମୋନିୟମ୍ ନାଇଟ୍ରେଟ୍ର ନମୁନା ଯାଞ୍ଚ ପାଇଁ ବାହାର କରାଯାଉଥିବାବେଳେ ହଠାତ୍ ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ଏଥିରେ ଥାନା ଓ ଆଖପାଖ ଅଞ୍ଚଳ ଜଳିପୋଡ଼ି ଛାରଖାର ହୋଇଯାଇଥିବାବେଳେ ୯ଜଣଙ୍କ ମୃତ୍ୟୁ ଘଟିଛି। ୩୨ ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ଘଟଣା ଜବତ ବିସ୍ଫୋରକ ପରିଚାଳନା କ୍ଷେତ୍ରରେ ବିଧିବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ଅନେକେ ମତ ଦେଇଛନ୍ତି।

- ୩୨ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ଫରିଦାବାଦରୁ ମିଳିଥିଲା ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍

ଶ୍ରୀନଗର,୧୫।୧୧(ପି.ଟି.)

ଜମ୍ମୁ-କଶ୍ମୀରର ଶ୍ରୀନଗର ଅନ୍ତର୍ଗତ ନୌଗାମ୍ ଥାନାରେ ଶୁକ୍ରବାର ରାତିରେ ଏକ ଆକସ୍ମିକ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଗତ ୯ ତାରିଖରେ ହରିୟାଣାର ଫରିଦାବାଦରେ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ର ପର୍ଦ୍ଦାଫାଶ୍ ହେବା ସହ ସେଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀକୁ ଉକ୍ତ ଥାନାରେ ରଖାଯାଇଥିଲା। ପୋଲିସ ଓ ଫୋରେନ୍ସିକ୍ ଟିମ୍ର ଅଧିକାରୀମାନେ ପରୀକ୍ଷା ପାଇଁ ସେଥିରୁ ନମୁନା ବାହାର କରୁଥିବାବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ରାସାୟନିକ ସାମଗ୍ରୀଗୁଡ଼ିକର ଅସ୍ଥିର ପ୍ରକୃତି ଯୋଗୁ ବିସ୍ଫୋରଣ ଘଟିଲା ବୋଲି କୁହାଯାଉଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ମୃତଦେହ ୩୦୦ ମିଟର ଦୂରକୁ ଛିଟିକି ପଡ଼ିଥିବା ଦେଖାଯାଇଛି। ଏହା ଆତଙ୍କବାଦୀ ଆକ୍ରମଣ ବୋଲି ହେଉଥିବା କଳ୍ପନାଜଳ୍ପନାକୁ ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ନଳୀନ ପ୍ରଭାତ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ପ୍ରଶାନ୍ତ ଲୋଖଣ୍ଡେ ଖଣ୍ଡନ କରିଛନ୍ତି। ଏହା ଏକ ଦୁର୍ଭାଗ୍ୟଜନକ ଦୁର୍ଘଟଣା ଥିଲା ବୋଲି ସେମାନେ ଗଣମାଧ୍ୟମକୁ କହିଛନ୍ତି। ବିସ୍ଫୋରଣରେ ଫୋରେନ୍ସିକ୍ ସାଇନ୍ସ ଲାବରେଟୋରି (ଏଫ୍ଏସ୍ଏଲ୍) ଟିମ୍ର ୩ ଅଧିକାରୀ, ☞ପୃଷ୍ଠା-୨

# ଶିମିଳିପାଳରେ ବାଘ ଗଣନା ଆରମ୍ଭ

ବାରିପଦା,୧୫।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଜାତୀୟ ଉଦ୍ୟାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଭାରତୀୟ ବ୍ୟାଘ୍ର ଆକଳନ-୨୦୨୬ ଶନିବାରଠାରୁ ଆରମ୍ଭ ହୋଇଛି। ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି (ଏନ୍ଟିସିଏ)ର ଗାଇଡ୍ଲାଇନ ଅନୁଯାୟୀ ଶିମିଳିପାଳର ଦକ୍ଷିଣ ଓ ଉତ୍ତର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ୨ଟି ପର୍ଯ୍ୟାୟରେ ମହାବଳ ବାଘ ଗଣନା ପରିଚାଳନା ହେବ। ପର୍ଯ୍ୟାୟ-୧ ଓ ୩ ଅନୁଯାୟୀ ବାଘ ଗଣନା କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ☞ପୃଷ୍ଠା-୨




# କ୍ଷତିଗ୍ରସ୍ତଙ୍କୁ ନାଲ୍କୋର ସ୍ୱାସ୍ଥ୍ୟସେବା ପ୍ରହସନ

## ଓପିଡି ସେଣ୍ଟରକୁ ଗଲେ ଧରାଇ ଦିଆଯାଉଛି ଥଣ୍ଡା, ଜ୍ୱର ବଟିକା

ଅନୁଗୋଳ, ୧୫।୧୧ (ମାନସ ବିଶ୍ୱାଳ)

ଅନୁଗୋଳସ୍ଥିତ ନାଲ୍କୋ କାରଖାନା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଛି ସ୍ୱାସ୍ଥ୍ୟକାର୍ଡ। ଏହି କାର୍ଡଧାରୀଙ୍କ ପାଇଁ ଅନୁଗୋଳ ଜିଲା ନାଲ୍କୋ କଲୋନୀରେ ରହିଛି ଏକ ବହିର୍ଚିକିତ୍ସା କେନ୍ଦ୍ର ବା ଓପିଡି ସେଣ୍ଟର। ହେଲେ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ସ୍ୱାସ୍ଥ୍ୟକାର୍ଡଧାରୀଙ୍କ ମଧ୍ୟରୁ ଅନେକଙ୍କୁ ନିରାଶ ହେବାକୁ ପଡୁଛି। କାରଣ ଏହି ଓପିଡି ସେଣ୍ଟରରେ କେବଳ ଥଣ୍ଡା, କାଶ ଓ ଜ୍ୱର ବ୍ୟତୀତ ଅନ୍ୟ କୌଣସି ରୋଗର ଚିକିତ୍ସା ବ୍ୟବସ୍ଥା ନାହିଁ। ଏପରିକି ସାମାନ୍ୟ ଦୁର୍ଘଟଣାରେ ଆହତଙ୍କ ପାଇଁ ଏଠାରେ ଫାଷ୍ଟଏଡ୍ ସୁବିଧା ନ ଥିବାବେଳେ କୌଣସି ରୋଗରେ ଗୁରୁତର ହୋଇ ଆସୁଥିବା ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଇବା ବ୍ୟବସ୍ଥା ନାହିଁ। ତେଣୁ କ୍ଷତିଗ୍ରସ୍ତଙ୍କୁ ଚିକିତ୍ସା ସେବା ଯୋଗାଇଦେବା ନାମରେ ନାଲ୍କୋ କେବଳ ଏକ ପ୍ରହସନ ଚଳାଇଛି ବୋଲି ଓପିଡି ସେଣ୍ଟରକୁ ଆସିଥିବା ଅନେକ ରୋଗୀ ଅଭିଯୋଗ କରୁଛନ୍ତି।

କେତେଜଣ କ୍ଷତିଗ୍ରସ୍ତଙ୍କ କହିବା ଅନୁଯାୟୀ, ବଁଅରପାଳରେ ନାଲ୍କୋ କାରଖାନା ପ୍ରତିଷ୍ଠା ☞ପୃଷ୍ଠା-୨

# ରାଜନୀତି, ପରିବାର ଛାଡ଼ିଲେ ଲାଲୁଙ୍କ ଝିଅ

ନୂଆଦିଲ୍ଲୀ/ପାଟନା,୧୫।୧୧

ବିହାର ବିଧାନସଭା ନିର୍ବାଚନରେ ବିରୋଧୀ ମହାମେଣ୍ଟର ଶୋଚନୀୟ ପରାଜୟ ପରେ ରାଷ୍ଟ୍ରୀୟ ଜନତା ଦଳ (ଆର୍ଜେଡି) ପ୍ରତିଷ୍ଠାତା ଲାଲୁ ପ୍ରସାଦ ଯାଦବଙ୍କ ଦ୍ୱିତୀୟ ଝିଅ ରୋହିଣୀ ଆଚାର୍ଯ୍ୟ ଶନିବାର ରାଜନୀତି ଛାଡ଼ିଦେଇଛନ୍ତି। ଏଥିସହ ପରିବାର ସହ ମଧ୍ୟ ସବୁ ସମ୍ପର୍କ ଛିନ୍ନ କରିଥିବା ରୋହିଣୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଭଉଣୀ ରୋହିଣୀ ବୃତ୍ତିରେ ଜଣେ ଡାକ୍ତର। ସେ ୨୦୨୪ରେ ବିହାରର ସରନ ଲୋକ ସଭା ଆସନରୁ ଆର୍ଜେଡି ଟିକେଟରେ ନିର୍ବାଚନ ଲଢ଼ି ଭାଜପାର ରାଜୀବ ପ୍ରତାପ ରୁଡ଼ିଙ୍କଠାରୁ ☞ପୃଷ୍ଠା-୨



ଲାଲୁ ପ୍ରସାଦ ଯାଦବଙ୍କ ସହ ଝିଅ ରୋହିଣୀ ଆଚାର୍ଯ୍ୟ।

ଆଜିର ସମ୍ପାଦକୀୟ
ନୂତନ ଭାରତର ସ୍ଥିତି



# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ | Bhubaneswar, Sunday, November 16/2025 | ପୃଷ୍ଠା-୧




## ଜାଡ଼େଜାଙ୍କ ପ୍ରଭାବୀ ବୋଲିଂ

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ରଭାବୀ ବୋଲିଂ କରି ୪ଉଇକେଟ ହାସଲ କରିଛନ୍ତି ଭାରତର ରବୀନ୍ଦ୍ର ଜାଡ଼େଜା।

୦୮

୦୬

## ବିବାହ ବାର୍ଷିକୀରେ ବାପା ହେଲେ ରାଜକୁମାର

ଅଭିନେତା ରାଜକୁମାର ରାଓ ଏବଂ ସ୍ତ୍ରୀ ପତ୍ରଲେଖାଙ୍କ ବିବାହ ବାର୍ଷିକୀରେ ସେମାନେ ମାତାପିତା ହୋଇଛନ୍ତି। ପତ୍ରଲେଖା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି।






ପାରାଦୀପରେ ତଟ ସୁରକ୍ଷା ବାହିନୀ ପକ୍ଷରୁ ଶନିବାର ସାମୁଦ୍ରିକ ସନ୍ଧାନ ଅଭ୍ୟାସ।

# ଓଡ଼ିଶାର ସବୁ ବନ୍ଦରରେ ରହିବ କୋଷ୍ଟଗାର୍ଡ ବର୍ଥ

- ଗୋପାଳପୁରରେ ମୁତୟନ ହେବ କୋଷ୍ଟଗାର୍ଡ ଶିପ୍
- ପାରାଦୀପରେ ଶିପ୍ ସଂଖ୍ୟା ବଢ଼ିବ
- ଧାମରା ବନ୍ଦରରେ ରହିବ ଡ୍ରୋନ୍ ୟୁନିଟ୍

ପାରାଦୀପ ୧୫।୧୧ (ଶରତ ରାଉତ)

ସାମ୍ପ୍ରତିକ ଭୂ-ରାଜନୈତିକ ଓ ସାମରିକ ଘଟଣାକ୍ରମକୁ ଦେଖିଲେ ଉପକୂଳ ଅଞ୍ଚଳ ଓ ବନ୍ଦରଗୁଡ଼ିକର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହାକୁ ହୃଦୟଙ୍ଗମ କରାଯାଇ ଓଡ଼ିଶା ସମେତ ପୂର୍ବ ଭାରତର ଉପକୂଳ ନିରାପତ୍ତା ନିମନ୍ତେ କେତେକ ବର୍ଦ୍ଧିତ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ତଟ ସୁରକ୍ଷା ବାହିନୀ(କୋଷ୍ଟଗାର୍ଡ) ପକ୍ଷରୁ ଯୋଜନା କରାଯାଇଛି। ତଦନୁଯାୟୀ ଓଡ଼ିଶାର ସବୁ ବନ୍ଦରରେ କୋଷ୍ଟଗାର୍ଡ ବର୍ଥ ସହିତ ପାଟ୍ରୋଲିଂ ଜାହାଜ ରହିବ। ଗୋପାଳପୁର ବନ୍ଦରରେ ମୁତୟନ ହେବ କୋଷ୍ଟ ଗାର୍ଡ ଶିପ୍। ସେହିପରି ପାରାଦୀପ ବନ୍ଦରରେ କୋଷ୍ଟଗାର୍ଡ ଶିପ୍ ସଂଖ୍ୟା ବଢ଼ାଯିବ। ଧାମରା ବନ୍ଦରରେ ଏକ ଡ୍ରୋନ୍ ୟୁନିଟ୍ ରହିବ। ଏନେଇ କୋଷ୍ଟଗାର୍ଡ କମାଣ୍ଡାଣ୍ଟ ଇକବାଲ ସିଂହ ଚୌହ୍ୱାନ ଶନିବାର ପାରାଦୀପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସବୁ ପ୍ରକଳ୍ପ ଓ ସୁରକ୍ଷା ସମ୍ପର୍କରେ କମାଣ୍ଡାଣ୍ଟ ଚୌହ୍ୱାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି।

ପାରାଦୀପରେ କୋଷ୍ଟଗାର୍ଡ ଆଞ୍ଚଳିକ ମୁଖ୍ୟାଳୟ (ଉତ୍ତର-ପୂର୍ବ) ଏବଂ କମାଣ୍ଡର ତଟ ସୁରକ୍ଷା ବାହିନୀ (ଓଡ଼ିଶା) ଦ୍ୱାରା ସମନ୍ୱିତ ଆଞ୍ଚଳିକ ସ୍ତରୀୟ ସାମୁଦ୍ରିକ ସନ୍ଧାନ ଏବଂ ଉଦ୍ଧାର କର୍ମଶାଳା ସମେତ ସମୁଦ୍ର ଅଭ୍ୟାସ ଶନିବାର କରାଯାଇଥିଲା। ଏଥିରେ ଅଂଶୀଦାର ଏବଂ ଓଡ଼ିଶାର ସମ୍ବଳ ସଂସ୍ଥା ଯଥା ଓସ୍‌ଡମା, ଜିଲା ପ୍ରଶାସନ, ବନ୍ଦର, କଷ୍ଟମ୍ସ, ଭାରତୀୟ ନୌସେନା, ସାମୁଦ୍ରିକ ପୋଲିସ, ଓଡ଼ିଶା ☞ପୃଷ୍ଠା-୨

# ନୌଗାମ୍ ଥାନାରେ ଫୁଟିଲା ଜବତ ବିସ୍ଫୋରକ: ୯ ମୃତ

- ୩୨ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ଫରିଦାବାଦରୁ ମିଳିଥିଲା ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍



ଅକ୍ଟୋବର ୧୯ରେ ଜମ୍ମୁ-କଶ୍ମୀର ନୌଗାମ୍‌ସ୍ଥିତ ବନପୋରା ଅଞ୍ଚଳରେ ପୋଲିସ ଓ ସୁରକ୍ଷା ବଳକୁ ଧମକ ଦେଇ ପୋଷ୍ଟର ଲଗାଯାଇଥିଲା। ଏହି ପୋଷ୍ଟର ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦର ବୋଲି ପୋଲିସ ଦାବି କରିବା ସହ ନୌଗାମ୍ ଥାନାରେ ଏଫ୍‌ଆଇଆର୍ କରିଥିଲା। ନଭେମ୍ବର ୮ରେ ହ୍ୱାଇଟ୍ କୋଲାର ଆତଙ୍କବାଦ ସହ ଜଡ଼ିତ ଡା. ମୁଜାମ୍ମିଲ ଗନାଇଙ୍କ ହରିୟଣା ଫରିଦାବାଦସ୍ଥିତ ବାସଭବନରୁ ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ ହୋଇଥିଲା। ନୌଗାମ୍ ଥାନାରେ ଏନେଇ ପ୍ରଥମ ମାମଲା ରୁଜୁ ହୋଇଥିବାରୁ ଜବତ ବିସ୍ଫୋରକ ସାମଗ୍ରୀକୁ ନଭେମ୍ବର ୧୩ରେ ସେଠାକୁ ନିଆଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଆମୋନିୟମ୍ ନାଇଟ୍ରେଟ୍‌ର ନମୁନା ଯାଞ୍ଚ ପାଇଁ ବାହାର କରାଯାଉଥିବାବେଳେ ହଠାତ୍ ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ଏଥିରେ ଥାନା ଓ ଆଖପାଖ ଅଞ୍ଚଳ ଜଳିପୋଡ଼ି ଛାରଖାର ହୋଇଯାଇଥିବାବେଳେ ୯ଜଣଙ୍କ ମୃତ୍ୟୁ ଘଟିଛି। ୩୨ ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ଘଟଣା ଜବତ ବିସ୍ଫୋରକ ପରିଚାଳନା କ୍ଷେତ୍ରରେ ବିଧିବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ଅନେକେ ମତ ଦେଇଛନ୍ତି।

ଶ୍ରୀନଗର,୧୫।୧୧(ପି.ଟି.)

ଜମ୍ମୁ-କଶ୍ମୀରର ଶ୍ରୀନଗର ଅନ୍ତର୍ଗତ ନୌଗାମ୍ ଥାନାରେ ଶୁକ୍ରବାର ରାତିରେ ଏକ ଆକସ୍ମିକ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଗତ ୯ ତାରିଖରେ ହରିୟାଣାର ଫରିଦାବାଦରେ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ୍ ହେବା ସହ ସେଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀକୁ ଉକ୍ତ ଥାନାରେ ରଖାଯାଇଥିଲା। ପୋଲିସ ଓ ଫୋରେନ୍‌ସିକ୍ ଟିମ୍‌ର ଅଧିକାରୀମାନେ ପରୀକ୍ଷା ପାଇଁ ସେଥିରୁ ନମୁନା ବାହାର କରୁଥିବାବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ରାସାୟନିକ ସାମଗ୍ରୀଗୁଡ଼ିକର ଅସ୍ଥିର ପ୍ରକୃତି ଯୋଗୁ ବିସ୍ଫୋରଣ ଘଟିଲା ବୋଲି କୁହାଯାଉଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ମୃତଦେହ ୩୦୦ ମିଟର ଦୂରକୁ ଛିଟିକି ପଡ଼ିଥିବା ଦେଖାଯାଇଛି। ଏହା ଆତଙ୍କବାଦୀ ଆକ୍ରମଣ ବୋଲି ହେଉଥିବା କଳ୍ପନାଜଳ୍ପନାକୁ ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ନଳୀନ ପ୍ରଭାତ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ପ୍ରଶାନ୍ତ ଲୋଖଣ୍ଡେ ଖଣ୍ଡନ କରିଛନ୍ତି। ଏହା ଏକ ଦୁର୍ଭାଗ୍ୟଜନକ ଦୁର୍ଘଟଣା ଥିଲା ବୋଲି ସେମାନେ ଗଣମାଧ୍ୟମକୁ କହିଛନ୍ତି। ବିସ୍ଫୋରଣରେ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏଫ୍‌ଏସ୍‌ଏଲ୍) ଟିମ୍‌ର ୩ ଅଧିକାରୀ, ☞ପୃଷ୍ଠା-୨

# ଶିମିଳିପାଳରେ ବାଘ ଗଣନା ଆରମ୍ଭ

ବାରିପଦା,୧୫।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଜାତୀୟ ଉଦ୍ୟାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଭାରତୀୟ ବ୍ୟାଘ୍ର ଆକଳନ-୨୦୨୬ ଶନିବାରଠାରୁ ଆରମ୍ଭ ହୋଇଛି। ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି (ଏନ୍‌ଟିସିଏ)ର ଗାଇଡ୍‌ଲାଇନ ଅନୁଯାୟୀ ଶିମିଳିପାଳର ଦକ୍ଷିଣ ଓ ଉତ୍ତର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ୨ଟି ପର୍ଯ୍ୟାୟରେ ମହାବଳ ବାଘ ଗଣନା ପରିଚାଳନା ହେବ। ପର୍ଯ୍ୟାୟ-୧ ଓ ୩ ଅନୁଯାୟୀ ବାଘ ଗଣନା କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ☞ପୃଷ୍ଠା-୨






# କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋର ସ୍ୱାସ୍ଥ୍ୟସେବା ପ୍ରହସନ

## ଓପିଡି ସେଣ୍ଟରକୁ ଗଲେ ଧରାଇ ଦିଆଯାଉଛି ଥଣ୍ଡା, ଜ୍ୱର ବଟିକା

ଅନୁଗୋଳ, ୧୫।୧୧ (ମାନସ ବିଶ୍ୱାଳ)

ଅନୁଗୋଳସ୍ଥିତ ନାଲ୍‌କୋ କାରଖାନା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଛି ସ୍ୱାସ୍ଥ୍ୟକାର୍ଡ। ଏହି କାର୍ଡଧାରୀଙ୍କ ପାଇଁ ଅନୁଗୋଳ ଜିଲା ନାଲ୍‌କୋ କଲୋନୀରେ ରହିଛି ଏକ ବହିର୍ଚିକିତ୍ସା କେନ୍ଦ୍ର ବା ଓପିଡି ସେଣ୍ଟର। ହେଲେ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ସ୍ୱାସ୍ଥ୍ୟକାର୍ଡଧାରୀଙ୍କ ମଧ୍ୟରୁ ଅନେକଙ୍କୁ ନିରାଶ ହେବାକୁ ପଡୁଛି। କାରଣ ଏହି ଓପିଡି ସେଣ୍ଟରରେ କେବଳ ଥଣ୍ଡା, କାଶ ଓ ଜ୍ୱର ବ୍ୟତୀତ ଅନ୍ୟ କୌଣସି ରୋଗର ଚିକିତ୍ସା ବ୍ୟବସ୍ଥା ନାହିଁ। ଏପରିକି ସାମାନ୍ୟ ଦୁର୍ଘଟଣାରେ ଆହତଙ୍କ ପାଇଁ ଏଠାରେ ଫାଷ୍ଟଏଡ୍ ସୁବିଧା ନ ଥିବାବେଳେ କୌଣସି ରୋଗରେ ଗୁରୁତର ହୋଇ ଆସୁଥିବା ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଇବା ବ୍ୟବସ୍ଥା ନାହିଁ। ତେଣୁ କ୍ଷତିଗ୍ରସ୍ତଙ୍କୁ ଚିକିତ୍ସା ସେବା ଯୋଗାଇଦେବା ନାମରେ ନାଲ୍‌କୋ କେବଳ ଏକ ପ୍ରହସନ ଚଳାଇଛି ବୋଲି ଓପିଡି ସେଣ୍ଟରକୁ ଆସିଥିବା ଅନେକ ରୋଗୀ ଅଭିଯୋଗ କରୁଛନ୍ତି।

କେତେଜଣ କ୍ଷତିଗ୍ରସ୍ତଙ୍କ କହିବା ଅନୁଯାୟୀ, ବଣ୍ଡରପାଳରେ ନାଲ୍‌କୋ କାରଖାନା ପ୍ରତିଷ୍ଠା ☞ପୃଷ୍ଠା-୨

# ରାଜନୀତି, ପରିବାର ଛାଡ଼ିଲେ ଲାଲୁଙ୍କ ଝିଅ

ନୂଆଦିଲ୍ଲୀ/ପାଟନା,୧୫।୧୧

ବିହାର ବିଧାନସଭା ନିର୍ବାଚନରେ ବିରୋଧୀ ମହାମେଣ୍ଟର ଶୋଚନୀୟ ପରାଜୟ ପରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପ୍ରତିଷ୍ଠାତା ଲାଲୁ ପ୍ରସାଦ ଯାଦବଙ୍କ ଦ୍ୱିତୀୟ ଝିଅ ରୋହିଣୀ ଆଚାର୍ଯ୍ୟ ଶନିବାର ରାଜନୀତି ଛାଡ଼ିଦେଇଛନ୍ତି। ଏଥିସହ ପରିବାର ସହ ମଧ୍ୟ ସବୁ ସମ୍ପର୍କ ଛିନ୍ନ କରିଥିବା ରୋହିଣୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ପୂର୍ବତନ



ଲାଲୁ ପ୍ରସାଦ ଯାଦବଙ୍କ ସହ ଝିଅ ରୋହିଣୀ ଆଚାର୍ଯ୍ୟ।

ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଭଉଣୀ ରୋହିଣୀ ବୃତ୍ତିରେ ଜଣେ ଡାକ୍ତର। ସେ ୨୦୨୪ରେ ବିହାରର ସରନ ଲୋକ ସଭା ଆସନରୁ ଆର୍‌ଜେଡି ଟିକେଟରେ ନିର୍ବାଚନ ଲଢ଼ି ଭାଜପାର ରାଜୀବ ପ୍ରତାପ ରୁଡ଼ିଙ୍କଠାରୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ନୂତନ ଭାରତର ସ୍ଥିତି




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଲିଙ୍ଗରାଜ ଭାଗ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ବଡ଼ଗଡ଼ ବ୍ରିଟ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓୟୁଡବ୍ଲ୍ୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ହୋଟେଲ କେଶରୀ, ସମୟ: ପୂର୍ବାହ୍ନ ୧୧ଟା।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପନୀ, ସ୍ଥାନ: ହୋଟେଲ ଲାଇଫ୍, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।
- ପ୍ରତିକାର ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ ଏବଂ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ରେଡକ୍ରସ ଭବନ, ସମୟ: ଅପରାହ୍ନ ୫ଟା।
- ଲାସ୍ୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୫ମ ଲାସ୍ୟ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ, ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ସନ୍ଧ୍ୟା ୭ଟା।

## କଟକ

- ହିମ୍ମତ୍ ଖବରକାଗଜ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ଆନୁକୂଲ୍ୟରେ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଓସିଏ ସମ୍ମିଳନୀ କକ୍ଷ, ବାରବାଟୀ ଷ୍ଟାଡିୟମ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଥ୍‌ଲେଟିକ ମିଟ୍-୨୦୨୫ ଉଦ୍‌ଯାପନ, ସ୍ଥାନ: ଗୋପବନ୍ଧୁ ଖେଳ ପଡିଆ, ଓଟିଏମ୍ କଲୋନୀ, ସମୟ: ଅପରାହ୍ନ ୩ ଟା।
- ପ୍ରେସ୍ କ୍ଲବ କଟକ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: କ୍ଲବ ପରିସର, ଚୌଧୁରୀବଜାର, ସମୟ: ଅପରାହ୍ନ ୩ଟା।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଦି ଲିଙ୍କ ଆଇ ହସ୍‌ପିଟାଲ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଶଙ୍କରପୁର ବାଦାମବାଡ଼ି ପାଲା ମଣ୍ଡପର ୮୯ତମ ବାଦୀପାଲାର ଚତୁର୍ଥ ଦିବସ, ସ୍ଥାନ: ପାଲାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ପ୍ରାଣନାଥଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାସୁମନ ଅର୍ପଣ, ସ୍ଥାନ: ସମବାୟ ଛକ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୯ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ସମୟ: ସକାଳ ୯ଟା ୧୫।
- ଜିଲା ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସାମ୍ବାଦିକ ଭବନ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ସମାରୋହ, ସ୍ଥାନ: ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାଣନାଥଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ତ୍ରିଦିବସୀୟ ଧର୍ମ ପ୍ରବଚନର ତୃତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ରାଷ୍ଟ୍ରୀୟ ଯୁବ ସମ୍ମିଳନୀ, ସ୍ଥାନ: ଏବି କଲେଜ, ବାସୁଦେବପୁର, ସମୟ: ସକାଳ ୯ଟା।
- ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ, ସମୟ : ଅପରାହ୍ଣ ୪ଟା।
- ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ : ବିଷ୍ଣୁପ୍ରିୟା ବାଳାଶ୍ରମ, ହାଟଡିହୀ, ସମୟ : ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଅବସରରେ ଯୁବ ସମ୍ମିଳନୀ, ସ୍ଥାନ: ପାଟଣା ବ୍ଲକ୍ ମୁଖ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ ଟା ୩୦।

## ମୟୂରଭଞ୍ଜ

- ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ୱାକାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ନୂଆସାହି ଫୁଟ୍‌ବଲ୍ ପଡ଼ିଆ, ପୁରୁଣା ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ବଜରଙ୍ଗ ଦଳ ପକ୍ଷରୁ ଗଣ ଦୌଡ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ପ୍ରେସ କ୍ଲବ ବ୍ରହ୍ମପୁର, ସମୟ: ସକାଳ ୮ଟା ୩୦ ।

## ଗଞ୍ଜାମ

- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ ଚିତ୍ତବିନୋଦନ କେନ୍ଦ୍ର, ଆସିକା, ସମୟ: ଅପରାହ୍ନ ୪ ଟା।

## ଗଜପତି

- ଜିଲାସ୍ତରୀୟ ଯୁବ ରେଡ଼କ୍ରସ ତାଲିମ ଶିବିର ଉଦଯାପନ, ସ୍ଥାନ: ମୋହନା ପିଏମ ଶ୍ରୀ ଏସଏସଡି ହାଇସ୍କୁଲ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ଆରଏସ୍‌ଏସ୍ ପକ୍ଷରୁ ଯୁବା ସମ୍ମିଳନୀ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଂଟର, ସଂସ୍କୃତି ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କପିଳାସ ମହୋତ୍ସବର ଉଦ୍‌ଯାପନ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଜାତୀୟ ପ୍ରେସ୍ ଦିବସ, ସ୍ଥାନ : ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଓୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଅନୁଗୋଳ ପ୍ରଶାନ୍ତି ହୋଟେଲ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ପାରାଦୀପ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ସମାରୋହ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୧ଟା, ରାମଚଣ୍ଡୀ ମନ୍ଦିର ପୀଠ, ମହାକାଳପଡା, ସମୟ:ଅପରାହ୍ନ ୩ଟା, ଓରିଏଣ୍ଟାଲ କ୍ଲବ, ମାର୍ଶାଘାଇ, ସମୟ: ଅପରାହ୍ନ ୪ଟା ।

## ଯାଜପୁର

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ବ୍ୟାସନଗର ଟାଉନ୍ ହଲ୍, ସମୟ: ସକାଳ ୮ଟା ୩୦।
- ୧୪ମ ବ୍ୟାସ ମିଡିଆ କପ୍ ଫାଇନାଲ, ସ୍ଥାନ: ଯାଜପୁର ରୋଡ୍ ଏନ୍‌ସି ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ସମାରୋହ, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ:ମଧ୍ୟାହ୍ନ ୧୨ଟା ।
- ୬୪ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ମ୍ୟାଚରେ ସିୟୁଟିଏମ ଆଫ୍ରିକା ୧୧ ସହ ଉତ୍କଳ ସ୍କେଟିଂ ଜଟଣୀ, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।

## ରାୟଗଡ଼ା

- ମୁନିଖୋଲ ପ୍ରିମିୟର ଲିଗ ସିଜନ-୨ କ୍ରିକେଟ ଫାଇନାଲ, ସ୍ଥାନ: ମୁନିଖୋଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଅବିଭକ୍ତ କୋରାପୁଟ ଜିଲାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବିରେ ବୈଠକ, ସ୍ଥାନ: ନବରଙ୍ଗପୁର ହୋଟେଲ ଗ୍ଲେଜ୍, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସଭାଗୃହ, ପୂର୍ବାହ୍ନ ସମୟ:୧୧ଟା।

## କୋରାପୁଟ

- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ସଦଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଏପିଏଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାଲ ଖେଳ ପଡ଼ିଆ, ସୁନାବେଡା-୨, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି

- ଜିଲାସ୍ତରୀୟ ପଞ୍ଚାୟତ କର୍ମଚାରୀ ସମ୍ମିଳନୀ, ସ୍ଥାନ: ସିନ୍ଧ୍ରିମାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ପ୍ରେସ ଦିବସ ପାଳିତ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଉତ୍ତରାଞ୍ଚଳ ସ୍ତରୀୟ ପ୍ରଶାସନିକ ସମ୍ମିଳନୀ, ସ୍ଥାନ : ରିଭର ଇନ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା ୩୦।
- ଜିଲା ପ୍ରଶାସନ ଆୟୋଜନରେ ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ଜିଲା ପ୍ରଶାସନ ଏବଂ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଏନ୍‌ଏସି ହଲ, ତୁଷରା, ସମୟ: ଅପରାହ୍ଣ ୩ଟା।

## ରାଉରକେଲା

- ଆଇଜିଏଚ୍ ବଞ୍ଚାଅ ଅଭିଯାନ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟାଳୟ, ସେକ୍ଟର-୧୮, ସମୟ: ପୂର୍ବାହ୍ନ ୧୧ଟା।
- ମୁକ୍ତମଞ୍ଚ ନାଟକ, ସ୍ଥାନ: ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ, ସମୟ: ରାତି ୯ଟା।

## ବରଗଡ଼

- ଧନୁଯାତ୍ରା କଳାକାର ଚୟନ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସକାଳ ୯ଟା ୩୦।

## କଳାହାଣ୍ଡି

- ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ଜିଲାପାଳଙ୍କ ସମ୍ମୀଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବିଧାୟକଙ୍କ ଜନଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ ଅଞ୍ଚଳର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଦେବଗଡ଼ ସର୍କିଟ ହାଉସ୍, ସମୟ: ମଧ୍ୟାହ୍ନ ୧୨ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ପରିଷଦ ଜୋନସ୍ତରୀୟ କ୍ରିକେଟ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ, ସ୍ଥାନ: ଖଡିଆଳ ବ୍ଲକ ଦେଓବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଶନି ଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ମାନସିକ ସ୍ତରରେ ଶିଥିଳତା ଅନୁଭବ କରିବେ। ବନ୍ଧୁଙ୍କ ସହାୟତାରେ ଅର୍ଥ, ଜମିଜମା, ବିଦ୍ୟୁତ୍ ଉପକରଣାଦି ଲାଭର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ** — କର୍ମସ୍ଥାନରେ ରାହୁଙ୍କ ଅବସ୍ଥିତିଜନିତ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ପଡ଼ୋଶୀ ସହଯୋଗରୁ ଆପଣଙ୍କର କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି।

**ମିଥୁନ** — ମଙ୍ଗଳ ସହ ବୁଧ ଷଷ୍ଠ ସ୍ଥାନରେ ରହିଥିବାରୁ ତିକ୍ତତା ସୃଷ୍ଟିର ଆଶଙ୍କା ରହିଛି। ଅବଶ୍ୟ ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ସାହିତ୍ୟ, ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ଶୁଭଫଳ ପାଇବେ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହୋଇପାରନ୍ତି।

**କର୍କଟ** — ଭାଗ୍ୟାଧିପତି ବୃହସ୍ପତି ଆର୍ଥିକ ଉନ୍ନତି କରାଇଲେ ମଧ୍ୟ ଶାରୀରିକ ଅସୁସ୍ଥତା ସୃଷ୍ଟି କରିପାରନ୍ତି। ସବୁ କଥା ଚିନ୍ତା କରି କାମ ନ କଲେ କଳହ ଲାଗିପାରେ। ନିଜ ଭାଇ,ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରି ଆତ୍ମବିଭୋର ହୋଇପାରନ୍ତି।

**ସିଂହ** — ରାଶିରେ କେତୁ ଅବସ୍ଥାନ କରିଥିବାରୁ ନିଜର ଅସାମର୍ଥ୍ୟଜନିତ ଅସହାୟତାକୁ ବନ୍ଧୁଙ୍କ ସାହାଯ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। କୃତ୍ତିକା ନକ୍ଷତ୍ର ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା** — ଆଜି ବ୍ୟୟଭାବ ବୃଦ୍ଧିଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ସାଙ୍ଗକୁ କଳହର ଆଶଙ୍କା ମଧ୍ୟ ରହିଛି।

**ତୁଳା** — ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ସୁଖ, ସମ୍ମାନ ପାଇବା ସାଙ୍ଗକୁ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇଯିବ। କର୍ମକ୍ଷେତ୍ରରେ କିଛି ଦେବା ସକାଶେ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରି ପାରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ ।

**ବିଛା** — ଅନୁକୂଳ ସମୟର ଆଗମନରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହା ହୋଇଯିବ। ଦୋକାନ, ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇଯିବ। ରାହୁଙ୍କ ପ୍ରଭାବରେ ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** — ତୃତୀୟଭାବ ପ୍ରାପଗ୍ରହ ପ୍ରଭାବଗ୍ରସ୍ତ ଯୋଗୁ ନିଜ ଲୋକ ବିରୋଧ କରିପାରନ୍ତି। ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାର୍ଯ୍ୟ ସାଧନ କରିବେ।

**ମକର** — କର୍ମସ୍ଥାନରେ ରବି ଓ ଶୁକ୍ରଙ୍କ ଅବସ୍ଥିତି କାରଣରୁ କର୍ମାରମ୍ଭ କରି ଆତ୍ମତୃପ୍ତି ଲାଭ କରିବେ। ପାରିବାରିକ ସହଯୋଗରୁ କାର୍ଯ୍ୟସିଦ୍ଧି ହେତୁ ମାନସିକ କ୍ଷେତ୍ରକୁ ସ୍ଥିରତା ପ୍ରଦାନ କରିବ। ଉପରିସ୍ଥ ଅଧିକାରୀ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** — ଆଜି ଯେଉଁ କାମ ଆରମ୍ଭ କରିବେ ତାହା ନିର୍ବିଘ୍ନରେ ସମାପନ ହେବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶନିଙ୍କ କୁପ୍ରଭାବରୁ ଦୀର୍ଘକାଳୀନ ନୀରବତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** — କୋଣଭାବସ୍ଥ ଦେବଗୁରୁଙ୍କ ଶୁଭ ପ୍ରଭାବ ଆର୍ଥିକ ଓ ସାମାଜିକ ସ୍ତରରେ ଉନ୍ନତି ଘଟାଇପାରେ। ପିଲାଙ୍କ ସମସ୍ୟା ସମାଧାନଜନିତ ମନ ଅସ୍ଥିର ରହିପାରେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଉପୁଜିପାରେ।

ଆଜି ବିଛା ସଂକ୍ରାନ୍ତି, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ମାର୍ଗଶିର କୃଷ୍ଣ ଦ୍ୱାଦଶୀ ରବିବାର, ରାମାନୁଜ ବୈଷ୍ଣବ ସମ୍ମତ ଉତ୍ପନ୍ନା ଏକାଦଶୀ, ରାଶି/ନକ୍ଷତ୍ର- ହସ୍ତା/କନ୍ୟା। ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୪୩ ଗତେ ଘ. ୦୮।୫୬ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩।୪୦ ଗତେ ଘ.୦୫।୦୩ ମଧ୍ୟେ ରାହୁ କାଳ ।

# ପ୍ରଥମ ପୃଷ୍ଠାରୁ...

## କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋର ...

ହେବାର ପ୍ରାୟ ୪୪ ବର୍ଷ ବିତିଯାଇଛି। କମ୍ପାନୀ ସ୍ଥାପନ ବେଳେ କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋ ପକ୍ଷରୁ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂରଣ କରିବାରେ ବିଫଳ ହୋଇଛି। କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ନାଲ୍‌କୋ ଚତୁଃପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକର ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅତୀତରେ ନାଲ୍‌କୋ ନିଜସ୍ୱ ଡାକ୍ତରଖାନା ଖୋଲି ଚିକିତ୍ସା ଯୋଗାଇ ଦେଉଥିଲା। ଏହାର କିଛି ବର୍ଷ ପରେ ଏଥିପାଇଁ ଏକ ଏନ୍‌ଜିଓକୁ ନାଲ୍‌କୋ ଦାୟିତ୍ୱ ଦେଇଥିଲା। ଉକ୍ତ ଏନ୍‌ଜିଓ ପକ୍ଷରୁ ଜଣେ ଡାକ୍ତର ଓ ୨ଜଣ ଫାର୍ମାସିଷ୍ଟ ବିଭିନ୍ନ ସମୟରେ ଗାଁ ଗୁଡ଼ିକରେ କ୍ୟାମ୍ପ ପକାଇ କେବଳ ଥଣ୍ଡା, କାଶ ଓ ଜ୍ୱରରେ ପୀଡ଼ିତଙ୍କୁ ଔଷଧ ପ୍ରଦାନ କରୁଥିଲା। ପ୍ରାୟ ୧୦ ବର୍ଷ ହେବ ନାଲ୍‌କୋ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ବନ୍ଦ ହୋଇଯାଇଥିବା ବେଳେ ନାଲ୍‌କୋ କଲୋନି ପରିସରରେ ଏକ ଓପିଡି ସେଣ୍ଟର ଖୋଲାଯାଇଛି। ପାରିପାର୍ଶ୍ୱିକ ଅଞ୍ଚଳର ଯେଉଁ ପ୍ରଜା ନାଲ୍‌କୋ ଦ୍ୱାରା ବହିର୍ଚିକିତ୍ସା ପଞ୍ଜୀକରଣ ପତ୍ର ବା ସ୍ୱାସ୍ଥ୍ୟକାର୍ଡ ହାସଲ କରିଛନ୍ତି, ସେହିମାନେ ଏହି ଓପିଡି ସେଣ୍ଟରରୁ ସ୍ୱାସ୍ଥ୍ୟସେବା ପାଇବାର ବ୍ୟବସ୍ଥା ରହିଛି। ଓପିଡି ସେଣ୍ଟରରେ ମାତ୍ର ୨ରୁ ୩ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି। ଏହି ଡାକ୍ତରମାନେ ନିୟମିତ ଓପିଡି ସେଣ୍ଟରକୁ ଆସୁ ନ ଥିବା ବେଳେ ରୋଗୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସଂଗୃହୀତ ବଳକା ଔଷଧ ଓ କମ୍ ଦିନର ଅବଧି ଥିବା ଔଷଧ ଦିଆଯାଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଯେକୌଣସି ରୋଗ ହୋଇଥିଲେ ମଧ୍ୟ ସେହି ଥଣ୍ଡା, କାଶ ଓ ଜ୍ୱର ଔଷଧ ଦିଆଯାଉଛି। ବହୁ ରୋଗୀଙ୍କୁ ବାହାରୁ ଔଷଧ କିଣି ନେବାକୁ ମଧ୍ୟ ଚିଠା ଧରାଇ ଦିଆଯାଉଛି। ନାଲ୍‌କୋ ନିଜର କର୍ମଚାରୀଙ୍କ ଉନ୍ନତ ଚିକିତ୍ସା ସୁବିଧା ପାଇଁ ସ୍ୱତନ୍ତ୍ର ଡାକ୍ତରଖାନା, ମାଗଣା ଔଷଧ, ରେଫର ଆଦି ବ୍ୟବସ୍ଥା ସହ ବହୁକୋଟି ଟଙ୍କା ବ୍ୟୟ କରୁଥିବା ବେଳେ ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କ ଚିକିତ୍ସା ବ୍ୟବସ୍ଥା ପ୍ରତି ଘୋର ଅବହେଳା ପ୍ରଦର୍ଶନ କରୁଥିବା କେତେଜଣ ରୋଗୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। କାଣ୍ଡସର ଗ୍ରାମର ଟିକମ ବେହେରା କହିଛନ୍ତି, ଓପିଡି ସେଣ୍ଟରକୁ ଗଲେ ରୋଗୀଙ୍କୁ ମେଡିଶିନ ନାହିଁ, ବାହାରୁ ନେଇଯିବ ବୋଲି କହି ଡାକ୍ତରମାନେ ମୁହଁ ବୁଲାଇ ଦେଉଛନ୍ତି। ଭଲ ବ୍ୟବହାର କରୁନାହାନ୍ତି। ତେଣୁ ବାଧ୍ୟ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହେଉଛୁ। କାଙ୍ଗୁଲାର ବେବି ସେଠ କହିଛନ୍ତି, ସପ୍ତାହେ ହେଲା ଜ୍ୱର ଛାଡୁନି। ନାଲ୍‌କୋ ଓପିଡି ସେଣ୍ଟରକୁ ଯାଇଥିଲି। ଡାକ୍ତର ରକ୍ତ ପରୀକ୍ଷା କଲେ ନାହିଁ। କେବଳ ଜ୍ୱର ଔଷଧ ଲେଖି ବାହାରୁ ନେବାକୁ କହି ବିଦା କରିଦେଲେ। ନାଲ୍‌କୋରୁ ମିଳିଥିବା ବହିର୍ଚିକିତ୍ସା ପଞ୍ଜୀକରଣ ପତ୍ର ମୂଲ୍ୟହୀନ ବୋଲି ବେବି ପ୍ରକାଶ କରିଛନ୍ତି। ଗୋତମରା ସରପଞ୍ଚ ମଣ୍ଟୁ ବରାହ କହିଛନ୍ତି, ସ୍ୱାସ୍ଥ୍ୟସେବା ତ ଦୂରର କଥା ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପ୍ରତି ନାଲ୍‌କୋ ଆଦୌ ଧ୍ୟାନ ଦେଉନାହିଁ। ଗାଁ ସ୍କୁଲ, ରାସ୍ତା ତିଆରି, ପାନୀୟ ଜଳ, ପରିମଳ, ବିଜୁଳି, ଖେଳପଡ଼ିଆ ଓ ପୁରୁଣା କାର୍ଯ୍ୟ ଗୁଡ଼ିକର ରକ୍ଷଣାବେକ୍ଷଣ ଆଦି ଦାବି ନେଇ ବହୁବାର ନାଲ୍‌କୋ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇଛୁ। ହେଲେ ସମାଧାନ ଦିଗରେ କେହି କର୍ଣ୍ଣପାତ କରୁନାହାନ୍ତି। ଅଭିଯୋଗ ସମ୍ପର୍କରେ ନାଲ୍‌କୋ ଲୋକସମ୍ପର୍କ ବିଭାଗ ଅଧିକାରୀ କହିଛନ୍ତି, ଆମେ ତାହା ବୁଝୁନାହୁଁ। କର୍ପୋରେଟ କମ୍ୟୁନିକେଶନ ସହ ଯୋଗାଯୋଗ କରନ୍ତୁ।



ଅନୁଗୋଳ ଜିଲା ନାଲ୍‌କୋ କଲୋନୀରେ ଥିବା ଓପିଡି ସେଣ୍ଟର।

## ଓଡ଼ିଶାର ସବୁ ବନ୍ଦରରେ ...

ପୋଲିସ, ସିଆଇଏସ୍‌ଏଫ୍, ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ ଏବଂ ଜିଲା ଚିକିତ୍ସା ବିଭାଗ ଆଦି ସାମିଲ ହୋଇଥିଲା। କର୍ମଶାଳାରେ ଟେବୁଲ୍ ଟପ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା। ପାରାଦୀପରେ ସମୁଦ୍ର ଅଭ୍ୟାସବେଳେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଏଜେନ୍ସିଗୁଡିକ କିଭଳି ବାସ୍ତବ ସମୟରେ ସାମୂହିକ ଉଦ୍ଧାର କାର୍ଯ୍ୟ, ଚିକିତ୍ସା ଏବଂ ଉଦ୍ଧାର କାର୍ଯ୍ୟ କରିବେ ତାହାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଜାହାଜ ମଧ୍ୟରେ ଓଡିଶା କୋଷ୍ଟଗାର୍ଡ ମୁଖ୍ୟ ତଥା ଡିଆଇଜି ସଞ୍ଜୟ ନେଗୀ ସର୍ଚ୍ଚ ଅପରେଶନ ସମ୍ପର୍କରେ ସୂଚନା ଦେଇଥିଲେ।

## ଶିମିଳିପାଳରେ ବାଘ...

ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ପ୍ରକାଶ ଯେ, ରୟାଲ ବେଙ୍ଗଲ ଟାଇଗର ସମେତ କଳାବାଘକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱ ପରିଚିତ। ପ୍ରତି ୪ବର୍ଷରେ ମହାବଳ ବାଘ ଗଣନା ହେଉଥିବାରୁ ବନ ବିଭାଗ ତଥା ପ୍ରକଳ୍ପର ଅଧିକାରୀମାନେ ଏନ୍‌ଟିସିଏର ନିୟମ ଅନୁଯାୟୀ ଗଣନା ଆରମ୍ଭ କରିଛନ୍ତି। ପର୍ଯ୍ୟାୟ-୧ରେ ମାଂସାଶୀ ଓ ଶାକାହାରୀ ପ୍ରାଣୀଙ୍କ ସାଇନ ସର୍ଭେ ୩ ଦିନ ଧରି ହେବାକୁ ଥିବା ବେଳେ ୪ ଦିନ ଧରି ଲାଇନ ଟ୍ରାନେକ୍ସ(ନମୁନା ସଂଗ୍ରହ), ଗୋଟିଏ ଦିନ ଶାଗୁଣା ଓ ଅନ୍ୟାନ୍ୟ ପ୍ରଜାତିର ପକ୍ଷୀ ଗଣନା କରାଯିବ। ଏଥିପାଇଁ ୧୦୩ଟି ବିଟ୍ ହାଉସରେ ପ୍ରଶିକ୍ଷିତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି। ପର୍ଯ୍ୟାୟ-୨ ନଭେମ୍ବର ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏହା ମାଧ୍ୟମରେ ମାଂସାଶୀ ପ୍ରାଣୀଙ୍କ ବାସସ୍ଥାନ ଏବଂ ଶାକାହାରୀ ପ୍ରାଣୀଙ୍କ ଘନତ୍ୱକୁ ଗଣନା କରାଯିବ। ସେହିପରି ପର୍ଯ୍ୟାୟ-୧ଶେଷ ହେବା ପରେ ଡିସେମ୍ବରଠାରୁ ପର୍ଯ୍ୟାୟ-୩ ଆରମ୍ଭ ହେବ। ଏଥିରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରତି ୨ବର୍ଗ କି.ମି. ଗ୍ରୀଡ୍‌ରେ ମୋଟ ୧୩୨୧ଟି ଗ୍ରୀଡ୍ ଟ୍ରାକିଂ କ୍ୟାମେରାର ଅଭ୍ୟାସ କରାଯିବା ସହ ପ୍ରତି ୨୫ଦିନରେ ୨ଟି ଚକ୍ରରେ ୧୫ଶହ ଟ୍ରାପ୍ କ୍ୟାମେରା ଜରିଆରେ ଗଣନା କରାଯିବ। ଏହି ଗଣନା ବାଘ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଶିମିଳିପାଳର ଜୈବ ବିବିଧତା ସମ୍ପର୍କରେ ନୂଆ ତଥ୍ୟ ପ୍ରଦାନ କରିବ ବୋଲି ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି। ପୂର୍ବ ଗଣନା ଅନୁଯାୟୀ ଅଦ୍ୟାବଧି ଶିମିଳିପାଳରେ ୩୯ଟି ମହାବଳ ବାଘ ରହିଥିବା ବେଳେ ରିପୋର୍ଟ ପ୍ରକାଶ ପାଇବା ବେଳକୁ ଏହା ୬୦ପାରକରିବ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

## ନୌଗାମ୍ ଥାନାରେ ...

ମାଜିଷ୍ଟ୍ରେଟ୍ ଟିମ୍‌ର ୨ ରାଜସ୍ୱ ଅଧିକାରୀ, ରାଜ୍ୟ ତଦନ୍ତକାରୀ ସଂସ୍ଥାର ଜଣେ ଅଫିସର ଏବଂ ଟିମ୍ ସହ ଜଡ଼ିତ ଜଣେ ଦରଜିଙ୍କର ମୃତ୍ୟୁ ଘଟିଛି। ମୃତଦେହଗୁଡ଼ିକୁ ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ନିଆଯାଇଛି। ଏହା ବ୍ୟତୀତ ୨୭ ଜଣ ପୋଲିସ କର୍ମଚାରୀ, ୨ ରାଜସ୍ୱ ଅଧିକାରୀ ଏବଂ ନିକଟରେ ଥିବା ୩ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଫରିଦାବାଦରୁ ଗିରଫ ଡା. ମୁଜାମ୍ମିଲ ଗନାଇଙ୍କ ଭଡ଼ାଘରୁ ଆମୋନିୟମ୍ ନାଇଟ୍ରେଟ୍ ସମେତ ୩୬୦ କିଲୋଗ୍ରାମ ବିସ୍ଫୋରକ ଜବତ ହୋଇଥିଲା। ଏହାକୁ ନୌଗାମ୍ ଥାନାରେ ଗଚ୍ଛିତ ରଖାଯାଇଥିଲା। ବିସ୍ଫୋରଣରେ ଥାନା ବିଲ୍ଡିଂ ଧ୍ୱଂସହେବା ସହ ଥାନା ପରିସରରେ ଥିବା ଅନେକ ଗାଡ଼ି ଜଳିଯାଇଛି। ଆଖପାଖରେ ଥିବା ଘରଗୁଡ଼ିକର ଝରକା କାଚ ଭାଙ୍ଗିଯାଇଛି। ବିସ୍ଫୋରଣର ପ୍ରଭାବ ଅନେକ କିଲୋମିଟର ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ରାତିଅଧିଆ ବିସ୍ଫୋରଣ ପରେ ପୋଲିସ ଉକ୍ତ ଅଞ୍ଚଳକୁ ସିଲ୍ କରିଦେଇଛି। ବିସ୍ଫୋରଣକୁ ନେଇ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଓ ଅନ୍ୟ ନେତାମାନେ ଦୁଃଖ ପ୍ରକାଶ କରିଛନ୍ତି। ଉପରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁରେ ଥିବା ଏକ ବୈଠକକୁ ବାତିଲ କରିଦେଇଛନ୍ତି। ସିହ୍ନା ବିସ୍ଫୋରଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଅକ୍ଟୋବର ମଧ୍ୟଭାଗରେ ବୁନପୋରା ଏବଂ ନୌଗାମ୍‌ରେ ପୋଲିସ ଓ ସୁରକ୍ଷା ବଳ ବିରୋଧରେ ଧମକପୂର୍ଣ୍ଣ ପୋଷ୍ଟର ଲଗାଯିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ପ୍ରଥମେ ଅରିଫ୍ ନିସାର ଦର ଓରଫ ସାହିଲ, ୟାସିର ଉଲ୍-ଅଶ୍ରଫ୍ ଏବଂ ମକ୍ସୁଦ୍ ଅହମଦ ଦର ଓରଫ ଶହିଦଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ମିଳିଥିବା ସୂଚନାକ୍ରମେ ପୋଷ୍ଟର ଯୋଗାଣକାରୀ ମୌଲବୀ ଇର୍‌ଫାନ ଅହମଦ୍‌ଙ୍କୁ ଗିରଫ କରାଯାଇଥିଲା। ଶେଷରେ ତଦନ୍ତର ଡେର ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟି ବୋଲି ଜଣାପଡ଼ିଥିଲା, ଯେଉଁଠୁ ଡା. ଗନାଇ ଏବଂ ଡା. ଶାହିନ ସୟିଦଙ୍କୁ ଗିରଫ କରାଯିବା ସହ ବିପୁଳ ବିସ୍ଫୋରଣ ଜବତ ହୋଇଥିଲା। ୧୦ ତାରିଖରେ ଏହି ଖବର ପ୍ରକାଶ ପାଇବାର କିଛି ଘଣ୍ଟା ପରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଏକ କାର୍ ବିସ୍ଫୋରଣରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଉକ୍ତ କାର୍‌କୁ ଡା. ଉମର ନବୀ ଚଳାଉଥିଲେ। ଡା. ନବୀ, ଡା. ଗନାଇ ଏବଂ ଫେରାର ଥିବା ମୁଜାଫର ରାଠେର ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ଚଳାଉଥିଲେ ବୋଲି ବିଶ୍ୱାସ କରାଯାଉଛି। ମୁଜାଫରଙ୍କ ଭାଇ ଡା. ଆଦିଲ ରାଠେରଙ୍କ ସମେତ ୮ ଜଣଙ୍କର ଉକ୍ତ ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି।

## ରାଜନୀତି, ପରିବାର ...

ହାରିଯାଇଥିଲେ। ରୋହିଣୀ ଶନିବାର 'X'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ସେ ରାଜନୀତି ଛାଡୁଛନ୍ତି ଏବଂ ପରିବାର ସହ ସମ୍ପର୍କ ତୁଟାଉଛନ୍ତି। ତେଜସ୍ୱୀଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ଯାଦବ ଓ ରମିଜ୍ ତାଙ୍କୁ ଏପରି କରିବାକୁ କହିଛନ୍ତି। ତେଣୁ ସବୁ ଦୋଷ ନିଜ ମୁଣ୍ଡକୁ ନେଇଥିବା ସେ ଉକ୍ତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୨୨ରେ ଲାଲୁଙ୍କ କିଡ୍‌ନୀ ଖରାପ ହୋଇଯାଇଥିବାବେଳେ ରୋହିଣୀ ତାଙ୍କୁ ନିଜର ଗୋଟିଏ କିଡ୍‌ନୀ ଦାନ କରିଥିଲେ। ଇତିମଧ୍ୟରେ ବଡ଼ପୁଅ ତେଜପ୍ରତାପ ଯାଦବ ଜଣେ ମହିଳାଙ୍କ ସହ ସମ୍ପର୍କ ରଖିଥିବା ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଲାଲୁ ତାଙ୍କୁ ନିର୍ବାଚନ ପୂର୍ବରୁ ପରିବାରରୁ ବିଦା କରିବା ସହ ଆର୍‌ଜେଡିରୁ ୬ ବର୍ଷ ପାଇଁ ନିଲମ୍ବନ କରିଥିଲେ। ତେଜପ୍ରତାପ ଜନଶକ୍ତି ଜନତା ଦଳ ଗଢ଼ି ବିଧାନସଭା ନିର୍ବାଚନ ଲଢ଼ିଥିଲେ। ତାଙ୍କ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ତେଜପ୍ରତାପ ନିଜେ ମଧ୍ୟ ମହୁଆ ଆସନରେ ୩ ନମ୍ବରକୁ ଖସିଯାଇଥିଲେ। ଏବେ ରୋହିଣୀଙ୍କ ଦଳତ୍ୟାଗ ଓ ପରିବାର ସହ ସମ୍ପର୍କ ଛିନ୍ନ ଘଟଣା କେବଳ ଲାଲୁଙ୍କ ପାରିବାରିକ କଳହକୁ ବଢ଼ାଇବ ତାହା ନୁହେଁ, ବରଂ ଆର୍‌ଜେଡି ପାଇଁ ଆହୁରି ବଡ଼ ବିପର୍ଯ୍ୟୟକୁ ଡାକିଆଣିବ ବୋଲି କୁହାଯାଉଛି। ନିର୍ବାଚନରେ ଉଭୟ ତେଜସ୍ୱୀ ଓ ତେଜପ୍ରତାପ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇଥିଲେ। ବିହାର ବିଧାନସଭାର ୨୪୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ୧୪୩ଟିରେ ନିର୍ବାଚନ ଲଢ଼ିଥିବା ଆର୍‌ଜେଡି ମାତ୍ର ୨୫ରେ ସୀମିତ ରହିଯାଇଛି। ଏହା ପରେ ଲାଲୁ ପରିବାରରେ ବଡ଼ ବିଭ୍ରାଟ ସୃଷ୍ଟି ହୋଇଥିବାରୁ ରୋହିଣୀ ଏପରି ନିଷ୍ପତ୍ତି ନେଇଥିବା ମନେ କରାଯାଉଛି।




# ଜୟଙ୍କ ନେତୃତ୍ୱରେ ୧ ନଂ ଜିଲ୍ଲା ହେବ ନୂଆପଡ଼ା: ମୁଖ୍ୟମନ୍ତ୍ରୀ

- ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଲେ ଜୟ ଢୋଲକିଆ
- ଭାଜପା ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ: ମନମୋହନ
- ନୂଆପଡ଼ାର ଜନସାଧାରଣଙ୍କ ବିଜୟ ହୋଇଛି: ଜୟ

ଭୁବନେଶ୍ୱର,୧୫ା୧୧(ସୁନିତ୍ ମିଶ୍ର)



ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ ପରେ ଜୟ ଢୋଲକିଆ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମିଠା ଖୁଆଉଛନ୍ତି। ନିକଟରେ ଅଛନ୍ତି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ।

ଭାଜପା ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ କରି ଇତିହାସ ରଚିଛି। ନୂଆପଡ଼ାବାସୀ ଭାଜପା ଉପରେ ଭରସା ଓ ବିଶ୍ୱାସ ରଖିଛନ୍ତି। ନୂଆପଡ଼ାରେ ଏଥର ବିକାଶ ହେବ। ଭାଜପା ସରକାର ସେଠାରେ ୧୪୨୧ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ଜୟ ଢୋଲକିଆଙ୍କ ନେତୃତ୍ୱରେ ନୂଆପଡ଼ା ରାଜ୍ୟର ୧ ନମ୍ବର ଜିଲ୍ଲା ହେବ। ନୂଆପଡ଼ାକୁ ନବନିର୍ବାଚିତ ବିଧାୟକ ନୂଆ ରୂପ ଦେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଜୟ ଢୋଲକିଆ ଶନିବାର ପହଞ୍ଚି ମୁଖ୍ୟମନ୍ତ୍ରୀ ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟିଛନ୍ତି। ତାଙ୍କ ପାଇଁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶୁକ୍ରବାର ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା, ଏବେ ଜୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭାଜପା ସରକାର ୧୬ ମାସ ଅତିକ୍ରମକରି ଏବେ ୧୭ ମାସରେ ପଦାର୍ପଣ କରିଛି। ଗତ ୬ ମାସ ପୂର୍ବର ନୂଆପଡ଼ା ଜିଲ୍ଲା ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେବାବେଳେ ଭାଜପା ସରକାର ପ୍ରତି ନୂଆପଡ଼ାବାସୀଙ୍କ ସମର୍ଥନ ଦେଖିଥିଲି ବୋଲି ସେ କହିଛନ୍ତି। ଏହି ଅବସରରେ ମନମୋହନ ସାମଲ କହିଛନ୍ତି, ନୂଆପଡ଼ାବାସୀଙ୍କ ଆଶୀର୍ବାଦ କାରଣରୁ ଜୟ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ନୂଆପଡ଼ାର ବିକାଶ ପାଇଁ ଜଗନ୍ନାଥ ତାଙ୍କୁ ଶକ୍ତି ଦିଅନ୍ତୁ। ଭାଜପା ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ ବୋଲି ସେ କହିଛନ୍ତି। ଏହି ବିଜୟ ପାଇଁ ଢୋଲକିଆ ନୂଆପଡ଼ାବାସୀଙ୍କୁ ଅଶେଷ ଧନ୍ୟବାଦ ଦେଇ କହିଛନ୍ତି, ୧୧ ତାରିଖରେ ନୂଆପଡ଼ାବାସୀ ଗଣତନ୍ତ୍ରର ଏହି ମହାପର୍ବକୁ ପାଳନ କରି ପାଖାପାଖି ୮୩% ଭୋଟିଂ କରିଛନ୍ତି। ନୂଆପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ବିଜୟ ହୋଇଛି। ଭାଜପାର ଡବଲ ଇଞ୍ଜିନ ସରକାରର ବିଜୟ ହୋଇଛି। ମୁଖ୍ୟମନ୍ତ୍ରୀ ଯିଏ ନୂଆପଡ଼ା ଜିଲ୍ଲାର ବିକାଶ ଦାୟିତ୍ୱ ନେଇଛନ୍ତି ଏହା ହେଉଛି ତାଙ୍କର ବିଜୟ। ଭାଜପା ଶୀର୍ଷ ନେତୃମଣ୍ଡଳୀ ଯେଉଁଭଳି ଜଣେ ନୂଆ ସଦସ୍ୟଙ୍କୁ ଗୋଟିଏ ପରିବାର ଭଳି ପଥପ୍ରଦର୍ଶନ କଲେ, ଉପନିର୍ବାଚନ ସଞ୍ଚାଳନ କଲେ ଓ ଦଳୀୟ କାର୍ଯ୍ୟକର୍ତ୍ତାମାନେ ନୂଆପଡ଼ାବାସୀ ଲୋକଙ୍କୁ ଏକତ୍ରିତ କରି ଯେଉଁଭଳି ଉପନିର୍ବାଚନ ଶେଷକଲେ ସେଥିପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

## ଗହୀରମଥାରେ ୧୯ ମତ୍ସ୍ୟଜୀବୀ ଗିରଫ, ୨ ଟ୍ରଲର ଜବତ

ରାଜନଗର,୧୫ା୧୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଶନିବାର ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ୨ ଟ୍ରଲର ଜବତ କରିଛି। ଏଥିସହ ସେଥିରେ ଥିବା ପୂର୍ବ ମେଦିନାପୁର ଓ ବାଲେଶ୍ୱର ଜିଲ୍ଲାର ୧୯ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ବନ୍ୟପ୍ରାଣୀ ଆଇନରେ ମାମଲା ରୁଜୁକରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଡେ଼ପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ସଞ୍ଜୀବ କୁମାର ଦାଶଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ବରୁଣେଇ ଓ ଏକକୁଲା ନିକଟରେ ୨ ଟ୍ରଲର ସହ ୬ କୁଇଣ୍ଟାଲ ୫ କେ.ଜି. ମାଛ, ୨ଟି ଜିପିଏସ୍, ୩ ଭିଏଚ୍ଏଫ୍,୨ ଫିସ୍‌ଫାଇଣ୍ଡର ଓ ୧୮ ଟ୍ରଲିଂ ନେଟ୍ ଜବତ କରିଛି।

# ହ୍ୟୁମାନ୍ ସାଗରଙ୍କ ସ୍ୱାସ୍ଥ୍ୟ ଅତି ସଙ୍କଟାପନ୍ନ

## କାନ୍ଦି କାନ୍ଦି ସରକାରଙ୍କ ସହଯୋଗ ଲୋଡ଼ିଲେ ମା' ଶେଫାଳି

ଭୁବନେଶ୍ୱର,୧୫ା୧୧
(ସୌମ୍ୟରଞ୍ଜନ ରାଉତ)



ଲୋକପ୍ରିୟ ଓଡ଼ିଆ କଣ୍ଠଶିଳ୍ପୀ ହ୍ୟୁମାନ ସାଗର(୩୪) ଏବେ ଏମ୍ସ ଭୁବନେଶ୍ୱରରେ ଭେଣ୍ଟିଲେଟର ସପୋର୍ଟରେ ରହି ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପ୍ରକାର ସୁଧାର ଆସିନାହିଁ। ଶୁକ୍ରବାର ଯେଉଁ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସ ଆଇସିୟୁରେ ଭର୍ତ୍ତି କରାଯାଇଥିଲା ଶନିବାର ମଧ୍ୟ ସମାନ ଅବସ୍ଥା ରହିଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅତି ସଙ୍କଟାପନ୍ନ ରହିଛି ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଏକ୍‌ମୋ ବିଶେଷଜ୍ଞ ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଛି। ୭୨ ଘଣ୍ଟା ଯାଏ ଅବ୍‌ଜର୍‌ଭେଶନ୍‌ରେ ରଖାଯାଇଛି। ଲିଭର ଓ କିଡ୍‌ନୀ ସହିତ ତାଙ୍କର ବହୁ ଅଙ୍ଗ ପ୍ରଭାବିତ ହୋଇଛି। ସେ ଶ୍ୱାସକ୍ରିୟାଜନିତ ଅସୁବିଧା, ନିମୋନିଆ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ ଏବଂ କୋଆଗୁଲୋପାଥିରେ ପୀଡ଼ିତ ଅଛନ୍ତି। ସେଥିଲାଗି ତାଙ୍କୁ ଭେଣ୍ଟିଲେଟର ସହାୟତାରେ ରଖାଯାଇଛି। ପୁଅର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣିବା ପରେ ତାଙ୍କ ମା' ଶେଫାଳି ପୁରା ଭାଙ୍ଗିପଡିଛନ୍ତି। ଶନିବାର ଶେଫାଳି କାନ୍ଦି କାନ୍ଦି ଗଣମାଧ୍ୟମକୁ କହିଛନ୍ତି, ହ୍ୟୁମାନଙ୍କ ଶରୀରର କୌଣସି ଅଙ୍ଗ କାମ କରୁନି। ସେଥିଲାଗି ସେ ରାଜ୍ୟ ବାହାରକୁ ନେଇ ଚିକିତ୍ସା କରିବାକୁ ଚାହୁଁଛନ୍ତି। ରାଜ୍ୟ ସରକାର ସହାୟତା କରିବାକୁ ସେ ନିବେଦନ କରିଛନ୍ତି।

### ଆବଶ୍ୟକ ହେଲେ ଦିଲ୍ଲୀ ଏମ୍ସ୍‌କୁ ସ୍ଥାନାନ୍ତର କରାଯିବ: ମୁଖ୍ୟମନ୍ତ୍ରୀ

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଶୁଣିବା ପରେ ଚିନ୍ତା ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶନିବାର ସେ ଏମ୍ସ ଡାକ୍ତରଙ୍କ ସହ ତାଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ହ୍ୟୁମାନ ସାଗର ଓଡ଼ିଶାର ଜଣେ ଲୋକପ୍ରିୟ ପ୍ରତିଭାବାନ୍ ସଙ୍ଗୀତଜ୍ଞ। ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଡାକ୍ତରମାନେ ସର୍ବୋତ୍ତମ ଉଦ୍ୟମ ଜାରି ରଖନ୍ତୁ। ଆବଶ୍ୟକ ହେଲେ ଦିଲ୍ଲୀ ଏମ୍ସ୍‌କୁ ତାଙ୍କୁ ସ୍ଥାନାନ୍ତରିତ କରାଯାଇ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଶିମିଳିପାଳରେ ୩ ଡିଗ୍ରୀ

ବାରିପଦା, ୧୫ା୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲାରେ ଶୀତର ଲହରୀ ବୃଦ୍ଧି ପାଉଛି। ଶିମିଳିପାଳରେ ପାରଦ ୩ ଡିଗ୍ରୀକୁ ଖସି ଆସିଛି। ତାପମାତ୍ରା ହ୍ରାସ ପାଇ ତୁହିନର ଆସ୍ତରଣ(ତୁଷାରପାତ) ପଡିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ଜିଲ୍ଲାର ୨୬ଟି ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ଡିଗ୍ରୀ ପାଖାପାଖି ରହୁଥିବା ବେଳେ ୨୪ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ଶୁକ୍ରବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପରବାରହାକାମୁଡାରେ ୩ ଡିଗ୍ରୀ, ଚହଲାରେ ୭ ଡିଗ୍ରୀ, ବରେହିପାଣିରେ ୯ଡିଗ୍ରୀ, ଗୁଡୁଗୁଡିଆରେ ୧୦ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୧୪ଡିଗ୍ରୀ ଓ କିଆଝରୀରେ ୧୩ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଯାହାକି ଚଳିତବର୍ଷର ଅଦ୍ୟାବଧିର ସର୍ବନିମ୍ନ ତାପମାତ୍ରା ଅଟେ। ସେହିପରି ବାରିପଦା ସହରରେ ତାପମାତ୍ର ଦିନକୁ ଦିନ ଖସିବାରେ ଲାଗିଛି। ରାତିରେ କୁହୁଡ଼ି ପାଇଁ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ପାଣିପାଗ ବିଭାଗ ପକ୍ଷରୁ କୌଣସି ସତର୍କତା ସୂଚନା ଜାରି କରାଯାଇ ନ ଥିବା ବେଳେ ପ୍ରତିଦିନ ଶୀତ ବଢିବାରେ ଲାଗିଛି। ଏପରିକି ଜିଲ୍ଲାରେ ତାପମାତ୍ରା ୧୫ଡିଗ୍ରୀ ପାଖାପାଖି ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସନ୍ଧ୍ୟା ହେଲେ ଗାଁଗଣ୍ଡା ଶୂନଶାନ ହୋଇଯାଉଛି।






# ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାଫଳ ପ୍ରକାଶ: ୬୬.୫୦% ପାସ୍

କଟକ,୧୫ା୧୧(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୫ର ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ୬୬. ୫୦% ପାସ ହାର ହୋଇଛି। ପେପର-୧ରେ ୪୭.୧୭% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ପେପର-୨ରେ ୭୮.୩୫% କୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡ ୱେବ୍‌ସାଇଟ bseodisha.ac.inରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ନିଜର ରେଜଲ୍ଟ ଦେଖିପାରିବେ। ସେମାନେ ନିର୍ଦ୍ଧାରିତ ଅର୍ଥରାଶି ଦେଇ ଡିଜିଟାଇଜ ସାର୍ଟିଫିକେଟ ଡାଉନ୍‌ଲୋଡ କରିପାରିବେ। ସେହିଭଳି ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟରେ ସେମାନଙ୍କ ଓଏମ୍ଆର୍ ସିଟ୍ ପାଇପାରିବେ।

ଏହା ୨୨ ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଉପଲବ୍ଧ ହେବ। ମୋଟ ୭୨,୪୧୩ ଜଣ ପରୀକ୍ଷାରେ ଦେଇଥିଲେ। ସେଥିମଧ୍ୟରୁ ୪୮,୧୫୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପେପର-୧ରେ ୧୨,୯୮୮ଜଣ ପାସ୍ କରିଥିବାବେଳେ ପେପର-୨ରେ ୩୫,୧୬୫ଜଣ ପାସ ହୋଇଛନ୍ତି। ମୋଟ ୭୫,୪୦୩ଜଣ ଫର୍ମ ପୂରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବରରେ ହୋଇଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ପ୍ରଶ୍ନପତ୍ର ବିଭ୍ରାଟ ପାଇଁ ପ୍ରଥମେ ବାତିଲ ହୋଇଥିଲା। ବହୁ ବାଦ ବିବାଦ ପରେ ସେପ୍ଟେମ୍ବର ୨୭ରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ୧୯୩ଟି କେନ୍ଦ୍ରରେ ପରୀକ୍ଷା ହୋଇଥିଲା।

# ୬ ସ୍ଥାନରେ ଖୋଲିଲା ଇକୋ ରିଟ୍ରିଟ୍



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଭିଡିଓ କନ୍‌ଫରେନ୍ସରେ ଇକୋ ରିଟ୍ରିଟ୍‌ଗୁଡ଼ିକୁ ଉଦ୍‌ଘାଟନ କରୁଛନ୍ତି।

ଦାରିଙ୍ଗବାଡ଼ି/ଚିକିଟି,୧୫ା୧୧
(ଅରୁଣ ସାହୁ/ପ୍ରକାଶ ଚନ୍ଦ୍ର ସାହୁ)

ରାଜ୍ୟରେ ଶନିବାର ୬ଟି ଇକୋ ରିଟ୍ରିଟ୍‌କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସେଗୁଡ଼ିକ ହେଲା କେନ୍ଦ୍ରାପଡ଼ାର ଭିତରକନିକା, ଅନୁଗୋଳର ସାତକୋଶିଆ, ସମ୍ବଲପୁରର ହୀରାକୁଦ, କନ୍ଧମାଳର ଦାରିଙ୍ଗବାଡ଼ି, ଗଞ୍ଜାମର ସୁନାପୁର ଓ କୋରାପୁଟର ପୁଟସିଲ।

ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍ ପରିସର ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଅନ୍ୟତମ ଅତିଥିଭାବେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ଏସ୍‌ପି ହରିଶ ବିଁଶି, ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣୀତା ଦାସ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ଜେନା, ଫୁଲବାଣୀ ଉପଜିଲ୍ଲାପାଳ ଭିକାରି ସାହୁ, ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ, ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କୁମୁଦୁନୀ ମଲ୍ଲିକ ପରିଚାଳନା କରିଥିଲେ।

ଦାରିଙ୍ଗବାଡ଼ି ଇକୋ ରିଟ୍ରିଟକୁ ଉପମୁଖ୍ୟମନ୍ତ୍ରୀ ପ୍ରଶଂସା କରି କହିଛନ୍ତି, କୁହୁଡିର ପାହାଡ଼ ସହ ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକ ଅଧିକ ପସନ୍ଦ କରିଥାନ୍ତି। ସୂଚନାଯୋଗ୍ୟ, ଦାରିଙ୍ଗବାଡି ଇକୋ ରିଟ୍ରିଟରେ ମୋଟ ୨୫ଟି ବିଳାସପୂର୍ଣ୍ଣ ସ୍ୱିସ୍ ତମ୍ବୁ ଟଣାଯାଇଛି। ସେଥିରେ ପର୍ଯ୍ୟଟକଙ୍କ ପାଇଁ ଡିଲକ୍ସ ତମ୍ବୁ ୪ ହଜାର ଓ ୫ଟି ପ୍ରିମିୟମ ତମ୍ବୁ ୫ ହଜାର ରହିଛି। ଏଥିରେ ଜିଏସ୍‌ଟି ସଂଯୁକ୍ତ ରହିଛି। ଏହି ତମ୍ବୁ ଭିତରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ସହ ଗରମପାଣି, କଫି, ସହ ଦେୟମୁକ୍ତ ବ୍ୟବହାରିକ ସାମଗ୍ରୀ ଶାର୍ଟ, କ୍ୟାପ୍, ଫୋଲଡର ପ୍ରଦାନ କରାଯାଉଛି। ଦାରିଙ୍ଗବାଡି ଓ ତା'ର ପଡୋଶୀ ବ୍ଲକରେ ରହିଥିବା ପର୍ଯ୍ୟଟନ କ୍ଷେତ୍ର ଉକ୍ତ ଦେୟ ମଧ୍ୟରେ ବୁଲାଇବା ବ୍ୟବସ୍ଥା ରହିଛି।

ସେହିପରି ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ଶୁଭାରମ୍ଭ ହୋଇଥିବା ଇକୋ ରିଟ୍ରିଟ୍ ଆସନ୍ତା ବର୍ଷ ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ବେଳାଭୂମିରେ ଆୟୋଜିତ ଏକ ସଭାରେ ବ୍ରହ୍ମପୁର ଏମ୍‌ପି ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ସୁନାପୁର ଇକୋ ରିଟ୍ରିଟ୍‌ରୁ ପର୍ଯ୍ୟଟକମାନେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଭଲ ରୂପେ ଉପଭୋଗ କରିପାରିବେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବେଳାଭୂମିରେ ପର୍ଯ୍ୟଟକମାନଙ୍କ ପାଇଁ ୨୫ଟି ତମ୍ବୁ ଘର ନିର୍ମାଣ କରାଯାଇଛି। ସେଥିରୁ ୨୦ଟି ଡିଲକ୍ସ, ୫ଟି ପ୍ରିମିୟମ ବର୍ଗର ରହିଛି। ଏହା ଶୀତତାପନିୟନ୍ତ୍ରିତ କକ୍ଷ ହୋଇଥିବାବେଳ ରେଷ୍ଟୁରାଣ୍ଟ ଓ ସମ୍ମିଳନୀ କକ୍ଷ ସୁବିଧା ରହିଛି। ଭଡ଼ା ଯଥାକ୍ରମେ ୪୫୦୦ ଓ ୬ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଶନିବାର ପ୍ରଥମ ଦିନରେ ୧୩ଟି ରୁମ ବୁକିଂ ହୋଇଛି।


Khadi India




ସ୍ୱଦେଶୀ ଏବଂ ସୂକ୍ଷ୍ମ ଉଦ୍ୟୋଗ ପ୍ରତି ଆତ୍ମନିର୍ଭର
**ଆନ୍ତରିକ କୃତଜ୍ଞତା**
ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ
ଗର୍ବରେ କୁହନ୍ତୁ - ଏହା ସ୍ୱଦେଶୀ



- ବ୍ୟବସାୟ କରିବାରେ ସହଜତା ସିଧାସଳଖ ଜନସାଧାରଣଙ୍କୁ ପ୍ରଦାନ କରି ଆତ୍ମନିର୍ଭରଶୀଳତା ଏବଂ ଆତ୍ମନିର୍ଭର ଭାରତକୁ ପ୍ରୋତ୍ସାହନ ।
- ହସ୍ତତନ୍ତ ଓ ହାତବୁଣା ଉତ୍ପାଦନକୁ ସହାୟତା ଯୋଗାଇବା ପାଇଁ ଏଭଳି ଉତ୍ପାଦଗୁଡ଼ିକ ଉପରେ ଜିଏସ୍‌ଟି ଛାଡ଼ ।
- ତୃଣମୂଳ ସ୍ତରର ଉଦ୍ୟୋଗୀଙ୍କ ସଶକ୍ତୀକରଣ: ଗ୍ରାମୀଣ କାରିଗରଙ୍କ ଦ୍ୱାରା ନିର୍ମିତ ଉତ୍ପାଦଗୁଡ଼ିକ ଉପରେ ମାତ୍ର ୫% ଜିଏସ୍‌ଟି, ଯଥା: ସାବୁନ, ପ୍ରସାଧନ ଏବଂ ବ୍ୟକ୍ତିଗତ ଯତ୍ନ ଓ ଖାଦ୍ୟ, କୃଷି ଓ ପ୍ରକ୍ରିୟାକୃତ ଉତ୍ପାଦ ତଥା ହସ୍ତଶିଳ୍ପ ଉତ୍ପାଦ ।

ଜିଏସ୍‌ଟି ସଞ୍ଚୟ ଉତ୍ସବ
ସରଳତର ଜିଏସ୍‌ଟି ସହିତ ଅଧିକ ସଞ୍ଚୟ

ଖଦି ରେଡିମେଡ୍ ପୋଷାକ ସ୍ଲାବ୍ ପରିମାଣକୁ ବୃଦ୍ଧି କରାଯାଇଛି (ଟ.୧୦୦୦/-ରୁ ଟ.୨୫୦୦/-)
ପୂର୍ବବର୍ତ୍ତୀ ଜିଏସ୍‌ଟି: ଟ.୧୦୦୦/- ପର୍ଯ୍ୟନ୍ତ ପାଇଁ ୫% ଓ ଟ.୧୦୦୦ରୁ ଉର୍ଦ୍ଧ୍ୱ ପାଇଁ ୧୨%, ବର୍ତ୍ତମାନ: ଟ.୨୫୦୦/- ପର୍ଯ୍ୟନ୍ତ ପାଇଁ ୫% ଓ ଟ.୨୫୦୦/-ରୁ ଅଧିକ ପାଇଁ ୧୮%

| | ପୁରୁଣା ଜିଏସ୍‌ଟି ହାର | ନୂଆ ଜିଏସ୍‌ଟି ହାର |
|---|---|---|
| ଧୋତି ଓ ତଉଲିଆ | ୫% | ୦% |
| **ସାବୁନ, ପ୍ରସାଧନ ଓ ବ୍ୟକ୍ତିଗତ ଯତ୍ନ ସାମଗ୍ରୀ** | ପୁରୁଣା ଜିଏସ୍‌ଟି ହାର | ନୂଆ ଜିଏସ୍‌ଟି ହାର |
| ସାବୁନ | ୧୨% | ୫% |
| ହର୍ବାଲ ଶାମ୍ପୁ | ୧୮% | ୫% |
| ଟୁଥ୍‌ପେଷ୍ଟ | ୧୨-୧୮% | ୫% |
| ସିସାମ୍ ଅଏଲ୍ କାଜଳ | ୧୮% | ୦% |
| ହେୟାର କଣ୍ଡିସନର | ୧୨% | ୫% |
| ଆୟୁର୍ବେଦିକ ଔଷଧି ହେୟାରୱାଶ୍ | ୧୨% | ୫% |
| ହର୍ବାଲ ମେହେନ୍ଦୀ | ୧୨% | ୫% |
| ଭୃଙ୍ଗରାଜ ହେୟାର ଅଏଲ୍ | ୧୨% | ୫% |
| ଫେସ୍ ପାଉଡର | ୧୮% | ୫% |
| ଟଏଲେଟ୍ କ୍ଲିନର୍ | ୧୮% | ୫% |
| **ଖାଦ୍ୟ, କୃଷିଗତ ଓ ପ୍ରକ୍ରିୟାକୃତ ଉତ୍ପାଦ** | ପୁରୁଣା ଜିଏସ୍‌ଟି ହାର | ନୂଆ ଜିଏସ୍‌ଟି ହାର |
| ଖାଖ୍‌ରା | ୫% | ୦% |
| ପାମ୍ପଡ଼ (ହାତତିଆରି) | ୫% | ୦% |
| ଆଚାର, ସସ୍ | ୧୨% | ୫% |
| ଅଁଳା ଉତ୍ପାଦ (କ୍ୟାଣ୍ଡି, ଜୁସ୍) | ୧୨-୧୮% | ୫% |
| ଚ୍ୟବନପ୍ରାଶ | ୧୨% | ୫% |
| ହିଙ୍ଗୱାଷ୍ଟିକ ଚୂରନ୍ | ୧୨% | ୫% |
| ଜୱାର ଭୁଜିଆ | ୧୨% | ୫% |
| ଚିପ୍ସ | ୧୮% | ୫% |
| ମସଲା | ୧୨% | ୫% |
| **ହସ୍ତଶିଳ୍ପ ସାମଗ୍ରୀ** | ପୁରୁଣା ଜିଏସ୍‌ଟି ହାର | ନୂଆ ଜିଏସ୍‌ଟି ହାର |
| କାଠ ସାମଗ୍ରୀ | ୧୨% | ୫% |
| ମହମବତି (ମହମ) | ୧୨% | ୫% |

ଖଦି ସଂକଳ୍ପ
ମାତୃଭୂମିର ଅଭିବନ୍ଦନା ସହ, ସ୍ୱଦେଶୀର ଭାବନା ଦ୍ୱାରା ପ୍ରେରିତ ହୋଇ, **ଆମେ ଖଦି ଓ ଗ୍ରାମୋଦ୍ୟୋଗକୁ ଆପଣାଇବା ପାଇଁ ସଂକଳ୍ପ ନେଉଛୁ ।** ଏକ ଆତ୍ମନିର୍ଭର ଏବଂ ବିକଶିତ ରାଷ୍ଟ୍ର ଗଢ଼ିବା ପାଇଁ ଆମେ ଶାରୀରିକ ଏବଂ ଆର୍ଥିକ ଯୋଗଦାନ ପ୍ରଦାନ କରିବୁ । ଭୋକାଲ୍ ଫର୍ ଲୋକାଲ୍‌ର ଭାବନାରେ ଆମେ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ପ୍ରସାରିତ କରିବୁ । ଖଦି ପିନ୍ଧି ଆମେ ଆମ କାରିଗରମାନଙ୍କୁ ନ୍ୟାଯ୍ୟ ସ୍ୱୀକୃତି ପ୍ରଦାନ କରିବୁ ଏବଂ ରାଷ୍ଟ୍ରର ଅର୍ଥନୈତିକ ଶକ୍ତିକୁ ସୁଦୃଢ଼ କରିବୁ । ସ୍ୱଦେଶୀ ଉତ୍ପାଦ ଆପଣାଇ, **ଆମେ ଏକ ସମୃଦ୍ଧ, ଆତ୍ମନିର୍ଭର ଏବଂ ନୂଆ ଭାରତ ଗଢ଼ିବାରେ ସହଯୋଗ କରିବୁ ।**

ପ୍ରତି ଘର ସ୍ୱଦେଶୀ | ଘରେ ଘରେ ସ୍ୱଦେଶୀ

VOCAL FOR LOCAL

Visit Khadi India's e-com portal | Please visit us kvic.gov.in

ଅଧିକ ବିବରଣୀ ପାଇଁ ଅନୁସରଣ କରନ୍ତୁ @kvicindia | kvic.gov.in
ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ
ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର

ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ -ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି-ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି - ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାଗ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। - ଶ୍ରୀଅରବିନ୍ଦ

ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା



# ନୂତନ ଭାରତର ସ୍ଥିତି



ଆକାର ପଟେଲ

କିଛିବର୍ଷ ପୂର୍ବେ ନୀତି ଆୟୋଗ କହିଥିଲେ, ଭାରତର ର୍ୟାଙ୍କ ସୂଚିତ ହୋଇଥିବା ସମସ୍ତ ଅଣତିରିଶ (ପରବର୍ତ୍ତୀ ସମୟରେ ୩୨ ହୋଇଛି) ବିଶ୍ୱ ସୂଚକାଙ୍କ ପାଇଁ ଗୋଟିଏ ଏକକ, ସୂଚନାପ୍ରଦାନକାରୀ ବୋର୍ଡ ପ୍ରସ୍ତୁତ କରିବେ। ଏହି ନିରୀକ୍ଷଣ କାର୍ଯ୍ୟ କେବଳ ସ୍ଥାନାଙ୍କରେ ଉନ୍ନତି ପାଇଁ ନୁହେଁ ବରଂ ବ୍ୟବସ୍ଥାରେ ଉନ୍ନତି ଓ ସଂସ୍କାର ଦ୍ୱାରା ନିବେଶକୁ ଆକର୍ଷିତ କରିବା ତଥା ବିଶ୍ୱସ୍ତରରେ ଭାରତର ଦୃଷ୍ଟିକୋଣର ବିକାଶ ସକାଶେ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏହା ଘଟିଲା ନାହିଁ। ମୋର ଏକ ପୁସ୍ତକରେ, ୨୦୧୪ ତୁଳନାରେ ଭାରତର ସ୍ଥିତି ଏବେ କେଉଁଠି ଅଛି ତାହା ତୁଳନା କରିବା ପାଇଁ ମୁଁ ଚାରି ଡଜନରୁ ଅଧିକ ବିଶ୍ୱ ସୂଚକାଙ୍କ ଉପରେ ଅନୁଧ୍ୟାନ କରିଥିଲି। ତେବେ ଦେଶର ସ୍ଥିତି ସମ୍ପର୍କରେ ଜାଣିବା ଅତ୍ୟନ୍ତ ଶିକ୍ଷଣୀୟ। ଆସନ୍ତୁ ସେହି ସୂଚକାଙ୍କଗୁଡ଼ିକୁ ଦେଖିବା। ମାନବ ବିକାଶ ସୂଚକାଙ୍କରେ, ୨୦୧୪ରେ ଭାରତର ସ୍ଥାନ ଥିଲା ୧୩୦ ଏବଂ ଆଜି ତାହା ଅପରିବର୍ତ୍ତିତ ଅଛି। ଜାତିସଂଘ ରିପୋର୍ଟରେ କୁହାଯାଇଛି, ଅସମାନତା ଭାରତର ମାନବ ବିକାଶ ସୂଚକାଙ୍କକୁ ୩୦.୭% ହ୍ରାସ କରିଛି, ଯାହା ଦେଶର ସବୁଠୁ ବଡ଼ କ୍ଷତି। ଅନ୍ୟପଟେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଅସମାନତାରେ ଉନ୍ନତି ଘଟିଥିବାବେଳେ ଆୟ ଏବଂ ଲିଙ୍ଗଗତ ବୈଷମ୍ୟ ଅତ୍ୟଧିକ ରହିଛି। ସିଭିକସ୍ ମନିଟର ଦର୍ଶାଇଛି, ଭାରତର 'ଅବରୋଧିତ' ନାଗରିକ ସୁଯୋଗ ଏବେ 'ଦମିତ' ହୋଇ ରହିଛି। ଏହା ବ୍ୟତୀତ କୁହାଯାଇଛି, ବିଶ୍ୱରେ ମୋଟ ୪୯ଟି ଦେଶ ଏହି 'ଦମିତ' ବର୍ଗରେ ଅଛନ୍ତି। ଏହି ବର୍ଗରେ ଥିବା ଦେଶଗୁଡ଼ିକରେ ନାଗରିକ ସୁଯୋଗକୁ କ୍ଷମତାଧାରୀମାନେ ଅତ୍ୟଧିକ ସୀମିତ କରିଦେଇଥାନ୍ତି।

ଲୋୱି ଇନ୍‌ଷ୍ଟିଚ୍ୟୁଟ୍‌ର ଏସିଆ ପାୱାର ଇଣ୍ଡେକ୍ସ ଦୃଢ଼ ଶକ୍ତିର ମୂଲ୍ୟାଙ୍କନ କରିଥାଏ। ଏଥିରେ ଭାରତର ସ୍କୋର ବା ପ୍ରାପ୍ତାଙ୍କ ୪୧.୫ରୁ ୩୯.୧କୁ ଖସି ଆସିଛି, ଫଳରେ ଏହା 'ପ୍ରମୁଖ ଶକ୍ତି' ମାନ୍ୟତା ହରାଇଛି। ଫ୍ରିଡମ୍ ହାଉସ୍‌ର ଫ୍ରିଡମ୍ ଇନ୍ ଦି ୱାର୍ଲ୍ଡ ବିଶେଷକରି ଆଇନର ଶାସନ, ଶାନ୍ତିପୂର୍ଣ୍ଣ ରାଜନୈତିକ ସହାବସ୍ଥାନ ଓ ନିର୍ବାଚନ, ସରକାରଙ୍କ କାର୍ଯ୍ୟଦକ୍ଷତା, ନାଗରିକ ସ୍ୱାଧୀନତା ଇତ୍ୟାଦିକୁ ଅନୁଧ୍ୟାନ କରିଥାଏ। ୨୦୧୪ରେ ଭାରତ ଏଥିରେ ୭୭ ର୍ୟାଙ୍କ୍‌ରେ ଥିଲା ଓ ଏହାକୁ 'ସ୍ୱାଧୀନ' ଭାବରେ ଚିହ୍ନିତ କରାଯାଇଥିଲା। ୨୦୨୫ରେ ଏହା ୬୩କୁ ଖସି 'ଆଂଶିକ ସ୍ୱାଧୀନ' ବର୍ଗରେ ଅଛି। ଫ୍ରିଡମ୍ ହାଉସ୍ ପ୍ରକାଶ କରିଥିଲା, ଭାରତ ଏକ ବହୁଦଳୀୟ ଗଣତନ୍ତ୍ର ହୋଇଥିଲେ ମଧ୍ୟ ସରକାର ପକ୍ଷପାତପୂର୍ଣ୍ଣ ନୀତି ଏବଂ ମୁସଲିମ ଜନସଂଖ୍ୟାକୁ ପ୍ରଭାବିତ କରୁଥିବା ନିର୍ଯାତନା ବୃଦ୍ଧିକୁ ପ୍ରଶ୍ରୟ ଦେଇଛି। ୱାର୍ଲ୍ଡ ଜଷ୍ଟିସ ପ୍ରୋଜେକ୍ଟ ଆଇନର ଶାସନ ସୂଚକାଙ୍କ ପ୍ରକାଶ କରେ। ଏହା ଦେଶଗୁଡ଼ିକର ଅପରାଧ ଏବଂ ନାଗରିକ ନ୍ୟାୟ ବ୍ୟବସ୍ଥା, ମୌଳିକ ଅଧିକାର, ସରକାରୀ କ୍ଷମତା ଉପରେ ପ୍ରତିବନ୍ଧକ, ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ସରକାର, ଶୃଙ୍ଖଳା ଓ ସୁରକ୍ଷା ଏବଂ ନିୟାମକ ପ୍ରବର୍ତ୍ତନ ଅନୁଧ୍ୟାନ କରେ। ୨୦୧୪ରେ ଭାରତ ବିଶ୍ୱସ୍ତରରେ ୬୬ ସ୍ଥାନରେ ଥିଲା, ଏବେ ଖସି ୮୬ରେ ପହଞ୍ଚିଛି। ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟୱର୍କର ବିଶ୍ୱ ଖୁସି ରିପୋର୍ଟ ମୋଟ ମୁଣ୍ଡପିଛା ଉତ୍ପାଦ (ଜିଡିପି), ସାମାଜିକ ସମର୍ଥନ, ସୁସ୍ଥ ଜୀବନ ଆଶା, ଜୀବନ ପାଇଁ ପସନ୍ଦ କରିବାର ସ୍ୱାଧୀନତା, ସହାନୁଭୂତି, ଦୁର୍ନୀତି ଓ ଅନ୍ୟାୟ ଅତ୍ୟାଚାରର ଅବଧାରଣା ଉପରେ ଅନୁଧ୍ୟାନ କରିଥାଏ। ଏଥିରେ ଭାରତ ୨୦୧୪ରେ ୧୧୧ସ୍ଥାନରେ ଥିଲା ଏବଂ ଏବେ ୧୧୮କୁ ଖସିଛି। ରିପୋର୍ଟର୍ସ ୱିଦାଉଟ ବର୍ଡରର ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଭାରତ ୨୦୧୪ରେ ୧୪୦ ସ୍ଥାନରେ ଥିଲା, ଏବେ ୧୫୧କୁ ଖସି ଆସିଛି। ଏହା ପ୍ରକାଶ କରିଛି, ସାମ୍ବାଦିକଙ୍କ ବିରୋଧରେ ହିଂସା, ଅତ୍ୟଧିକ ମାଲିକାନାକୈନ୍ଦ୍ରିକ ଗଣମାଧ୍ୟମ ଏବଂ ରାଜନୈତିକ ବୁଝାମଣା ଯୋଗୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଗଣମାଧ୍ୟମ ସ୍ୱାଧୀନତା ସଙ୍କଟରେ ଅଛି। କାଟୋ ସଂସ୍ଥାର ମାନବ ସ୍ୱାଧୀନତା ସୂଚକାଙ୍କରେ ଭାରତ ୮୭ (୨୦୧୪ରେ) ସ୍ଥାନରୁ ଏବେ ୧୧୦କୁ ଖସି ଆସିଛି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବିଶ୍ୱ ଲିଙ୍ଗଗତ ପ୍ରଭେଦ ସୂଚକାଙ୍କରେ, ଭାରତ ୨୦୧୪ରେ ୧୧୪ ସ୍ଥାନରୁ ଖସି ୧୩୧ରେ ପହଞ୍ଚିଛି। ୨୦୨୫ରେ ସଂସଦରେ ମହିଳା ପ୍ରତିନିଧିତ୍ୱ ୧୪.୭%ରୁ ୧୩.୮%କୁ ହ୍ରାସପାଇଛି। ସେହିପରି, ମନ୍ତ୍ରୀ ଭାବେ ମହିଳାମାନଙ୍କ ଶେୟାର ୬.୫%ରୁ ୫.୬%କୁ ହ୍ରାସ ଘଟିଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଗ୍ଲୋବାଲ କରପ୍‌ସନ ପରସେପ୍ସନ ସୂଚକାଙ୍କ ବିଷୟରେ ପୂର୍ବରୁ ଭାରତର ଗଣମାଧ୍ୟମରେ ନିୟମିତ ଭାବେ ରିପୋର୍ଟ ପ୍ରକାଶ ପାଉଥିଲା, କିନ୍ତୁ ଏବେ ତାହା ଘଟୁନାହିଁ। ଏଥିରେ ଭାରତ ୮୫ (୨୦୧୪ରେ) ସ୍ଥାନରୁ ଖସିଆସି ୯୬ରେ ରହିଛି।

ହେରିଟେଜ ଫାଉଣ୍ଡେଶନର ଗ୍ଲୋବାଲ ଇକୋନୋମିକ ଫ୍ରିଡମ୍ ଇଣ୍ଡେକ୍ସ ଆଇନର ଶାସନ, ସରକାରୀ ଆକାର, ନିୟାମକ ଦକ୍ଷତା ଏବଂ ମୁକ୍ତ ବଜାର ସମ୍ପର୍କରେ ଅନୁଧ୍ୟାନ କରେ। ଭାରତ ୨୦୧୪ରେ ୧୨୦ ସ୍ଥାନରେ ଥିଲା ଏବଂ ଏବେ ଏହାର ସ୍ଥାନ ୧୨୮। ବଜାରକୈନ୍ଦ୍ରିକ ସଂସ୍କାରଗୁଡ଼ିକରେ ପ୍ରଗତିରେ ଅସମାନତା ଯୋଗୁ ଏହା ହୋଇଛି। ଏକ ଦକ୍ଷ କାର୍ଯ୍ୟକ୍ଷମ ଆଇନଗତ ଢାଞ୍ଚାର ଅଭାବରେ ଦୀର୍ଘକାଳୀନ ଅର୍ଥନୈତିକ ବିକାଶର ମୂଳଦୁଆ ଦୁର୍ବଳ ରହିଛି। ଉଦ୍ୟୋଗୀମାନେ ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଭାରତର ନିୟାମକ ଢାଞ୍ଚା ଏବେ ଅବଦମିତ। ଏହାସହ ବିଶ୍ୱ କ୍ଷୁଧା ସୂଚକାଙ୍କ କ୍ଷୁଧା, ବୟସ ଅନୁଯାୟୀ ଶିଶୁଙ୍କ ଉଚ୍ଚତା କମ୍ ତଥା ଅପପୁଷ୍ଟି ଉପରେ ଅନୁଧ୍ୟାନ କରେ। ୨୦୧୪ରେ ଭାରତ ୭୬ଟି ଦେଶ ମଧ୍ୟରୁ ୫୫ ସ୍ଥାନରେ ଥିଲା। ଏବେ ୧୨୩ଟି ଦେଶ ମଧ୍ୟରୁ ୧୦୨ତମ ସ୍ଥାନରେ ଅଛି। ରିପୋର୍ଟରେ କୁହାଯାଇଛି, ଭାରତରେ କ୍ଷୁଧା ସ୍ତର ଅତି ଗମ୍ଭୀର। ଯେତେବେଳେ କ୍ଷୁଧା ସୂଚକାଙ୍କରେ ଭାରତ ତଳକୁ ଖସିବା ଆରମ୍ଭ କଲା, ସେତେବେଳେ ୨୦୨୧ରେ ସରକାର ସଂସଦରେ କହିଥିଲେ ଯେ, ଭାରତୀୟମାନେ ଭୋକିଲା ରହିବା ସମ୍ଭବ ନୁହେଁ ଏବଂ ଆମେ ଏପରି ରିପୋର୍ଟ ପ୍ରତି ସମ୍ବେଦନଶୀଳ ହେବା ଉଚିତ ନୁହେଁ। ସମୟକ୍ରମେ ଏହି ସୂଚକାଙ୍କଗୁଡ଼ିକରୁ ଆମର ସ୍ଥିତି ସାମ୍ନାକୁ ଆସିଛି। ପ୍ରଥମେ ଆମେ ଧରିନେଇଥିଲୁ ଯେ, ସୁଶାସନ ଏକ ପରିବର୍ତ୍ତନ ଆଣିବ। ତା'ପରେ କହିଲୁ ଏହିସବୁ ସୂଚକାଙ୍କରେ ଖରାପ ତଥ୍ୟ ଅଛି ଏବଂ ଏଗୁଡ଼ିକୁ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକ ଆମ ପ୍ରତି ପକ୍ଷପାତ ନୀତି ଆପଣାଇଥିଲେ। ପରେ ଖବରଗୁଡ଼ିକୁ ଅଣଦେଖା କରିବାକୁ ନିଷ୍ପତ୍ତି ନିଆଯାଇଥିଲା; ଯଦିଓ ତଥ୍ୟ ବାରମ୍ବାର ଆସିଛି ଏବଂ ଏବେ ବି ଆସୁଛି। ହେଲେ ସାଧାରଣ ଗଣମାଧ୍ୟମର ଏଥିପ୍ରତି ଆଗ୍ରହ ରହୁନାହିଁ। ଏଣୁ ଦେଶର ସ୍ଥିତିରେ କ'ଣ ପରିବର୍ତ୍ତନ ଆସିଛି ଏବଂ ନୂତନ ଭାରତ କେଉଁ ଦିଗରେ ଗତି କରୁଛି ତାହା ଜାଣିବା ନାଗରିକ ଉପରେ ଛାଡ଼ି ଦିଆଯାଇଛି।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 1 | | | 8 | |
| | | 6 | | | 4 | | 3 | |
| | 1 | | | | | | | 6 |
| | | 5 | | 3 | | 1 | 9 | 8 |
| | 8 | 9 | | | | | | |
| | | 4 | | | | 7 | 5 | |
| | 5 | | | | | | | |
| | | 1 | | | 3 | | | |
| 2 | | | 1 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 4 | 8 | 6 | 9 | 5 | 7 |
| 9 | 8 | 5 | 3 | 2 | 7 | 4 | 6 | 1 |
| 4 | 7 | 6 | 1 | 9 | 5 | 8 | 3 | 2 |
| 2 | 3 | 8 | 5 | 1 | 4 | 6 | 7 | 9 |
| 6 | 5 | 9 | 2 | 7 | 8 | 1 | 4 | 3 |
| 7 | 1 | 4 | 9 | 6 | 3 | 5 | 2 | 8 |
| 8 | 4 | 2 | 7 | 5 | 9 | 3 | 1 | 6 |
| 5 | 6 | 7 | 8 | 3 | 1 | 2 | 9 | 4 |
| 3 | 9 | 1 | 6 | 4 | 2 | 7 | 8 | 5 |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର

# ବାଜେଲୋକଙ୍କ ଜୟଗାନ

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରଚଣ୍ଡ ଘୃଣା ସହ ଅଜସ୍ର ବିରକ୍ତି ସୂଚକ 'ବାଜେଲୋକ'ର ଏ ଉଚ୍ଚାରଣ ଯେଉଁ ଚରିତ୍ର ପାଇଁ ଅଭିପ୍ରେତ, ତାଙ୍କର ପୁଣି ଜୟଗାନ। ଜଣଙ୍କ ପ୍ରତି ଅତୃପ୍ତି ଓ ଅସନ୍ତୋଷ ସେତିକି ଉତ୍କଟ ନ ହେଲେ ତାଙ୍କୁ 'ବାଜେଲୋକ' କହି ସାଧାରଣତଃ ନାକ ଟେକାଯାଏନା। ତାଙ୍କ ମୁହଁ ଉପରେ ହେଉ ଅବା ପଛରେ, ଯାହାଙ୍କ ପାଇଁ କଥକର ତୂଣୀରର ନିକ୍ଷିପ୍ତ ଏହି ଶାଣିତ ଶବ୍ଦଶର ଉଦ୍ଦିଷ୍ଟ ସେ ଯେ ସବୁବେଳେ ଏହି ଶରାଘାତରେ ଆହତ ହୁଅନ୍ତି। ତାହା ନୁହେଁ, କିଛି ଲୋକଙ୍କ ମୋଟା ଚମଡ଼ା ଭେଦ କରୁ କରୁ ଶରମୁନ ବଙ୍କା ହୋଇଯାଏ ସିନା, ସେମାନେ ସେମାନଙ୍କ ବାଜେ ପଣିଆକୁ ସାଙ୍ଗରେ ଧରି ଆଗେଇ ଚାଲିଥାନ୍ତି। ମାତ୍ର ଆଉ ଏକ ଜାତୀୟ ବାଜେଲୋକଙ୍କୁ 'ବାଜେଲୋକ'ର ଏହି ଶବ୍ଦାଘାତ ଭୀଷଣ ଆହତ କରେ। ବାହାରକୁ ଅନାହତ, ଅବିଚଳିତ ଜଣାପଡୁଥିଲେ ବି ଭିତରେ ଏକ ଅବ୍ୟକ୍ତ ବେଦନାରେ ଦେହମନରେ କମ୍ପନ ସୃଷ୍ଟି ହୁଏ। ପ୍ରଶ୍ନ ଉଙ୍କିମାରେ– ମୁଁ କ'ଣ ସତରେ ବାଜେଲୋକଟାଏ! ମାତ୍ର ପରକ୍ଷଣରେ ସେ ସହଜ ହୋଇଯାଏ। ଆକ୍ଷେପର ଆକ୍ରମଣରେ ଆହତ ହୋଇଥିବା ତା' ବ୍ୟକ୍ତିତ୍ୱ ଦେହରେ ସମର୍ଥନ ଓ ସମ୍ବେଦନର ଚନ୍ଦନ ବୋଳିଦେବାକୁ କେହି ଯେ ଆଗେଇ ଆସିବେ। ଏଥିପାଇଁ ସେ ଅପେକ୍ଷା କରେନାହିଁ। ନିଜ ତଥାକଥିତ ବାଜେପଣିଆକୁ ଅନ୍ତର ମଧ୍ୟରେ ଲାଳିତ କରି ଅପସ୍ୱୀକୃତିର ଏହି ସନ୍ତକ ନାମଟିକୁ ଗଳାରେ ଝୁଲାଇ ସେ ତା' ନିଜ ରାସ୍ତାରେ ଆଗେଇ ଚାଲେ। ସାମ୍ପ୍ରତିକ ସମୟରେ ସାମାଜିକ ଜୀବନର ବିବର୍ତ୍ତନ ବିଘଟନ ମଧ୍ୟରେ ତଥାପି ନିଜ ବାଜେପଣିଆକୁ ଛାଡ଼ି ପାରୁ ନ ଥିବା କେଇଜଣ ବାଜେଲୋକଙ୍କ କଥା।

ନିକଟରେ ସରିଥିବା ଗଣେଶ ପୂଜା ଉପଲକ୍ଷେ ଚାନ୍ଦା ଆଦାୟ କରିବାକୁ କଲୋନୀସାରା ବୁଲୁଥାନ୍ତି କେଇଜଣ ଯୁବକ। ଆଜିକାଲି ଯେଉଁଠି ଚାନ୍ଦା ଦେଉଥିବା ଦାନକର୍ତ୍ତାଙ୍କ ଭକ୍ତି ଅପେକ୍ଷା ଚାନ୍ଦା ମାଗୁଥିବା ଆଦାୟକାରୀଙ୍କ ଶକ୍ତି ହିଁ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥାଏ। ସେଠି ଚାନ୍ଦା ଦେବାକୁ ପଛକରି ଉପଦେଶ ଦେଉଥିବା ଲୋକଙ୍କର ଯେ ଜଞ୍ଜାଳ ବଢ଼ିଯାଏ। ଏହି ସରଳ ସତ୍ୟଟିକୁ ଭୁଲି ଯାଇଥିଲେ କଲୋନୀର ସବୁଠୁ ବରିଷ୍ଠ ନାଗରିକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହୋଦୟ। ଯୁବକସଂଘର ନବଯୁବକଙ୍କୁ ସେ ନିଜର ଛାତ୍ର ଜ୍ଞାନ କରି ଗଣେଶଙ୍କ ଆରାଧନା ସକଳ ପବିତ୍ରତା ମଧ୍ୟରେ ଶୁଦ୍ଧ ଚେତନାର ସହ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ଏକଥା ବି କହିଥିଲେ ଯେ ପୂଜାମଣ୍ଡପରେ ଉଚ୍ଚଧ୍ୱନି ସୃଷ୍ଟିକାରୀ ଅଶ୍ଳୀଳ ସଙ୍ଗୀତ ବା ଭସାଣିରେ ଉଦ୍ଦଣ୍ଡ ନୃତ୍ୟ ନ କରିବାକୁ ବଚନବଦ୍ଧ ହେଲେ ସେ ସେମାନଙ୍କୁ ଚାନ୍ଦା ଦେବେ। ବାସ୍ ଏତିକି। ତାଙ୍କ ପରି ବାଜେଲୋକଙ୍କଠୁ ଚାନ୍ଦା ନେଇ ସେମାନେ ପୂଜା କରିବେନି ବୋଲି ସ୍ପଷ୍ଟ ଶୁଣାଇ ଦେଇ ଫେରିଯାଇଥିଲେ ଯୁବକମାନେ।

ଆଉ ଜଣେ ବାଜେଲୋକଙ୍କ କଥା। ସେ ଜଣେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ। ଅନ୍ୟ ଅଫିସରଙ୍କ ପରି ତାଙ୍କ ଟେବୁଲ ଉପରେ ଗଦା ଗଦା ଫାଇଲ ଶ୍ରୀହସ୍ତର ସ୍ୱାକ୍ଷର ପାଇଁ ଅପେକ୍ଷା କରେ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା କିଛି ନ୍ୟସ୍ତସ୍ୱାର୍ଥ ଲୋକଙ୍କ ପାଇଁ ତାଙ୍କର ପରିଚୟ ଥିଲା 'ନିହାତି ଟେଢ଼ା ବାଜେଲୋକଟାଏ'! ପ୍ରଶାସନରେ ଯାହା କିଛି ଲୋକକଲ୍ୟାଣ ପାଇଁ ସମର୍ପିତ ତଥା ଆଇନ ଅନୁମୋଦନ ତାହା କରିବାକୁ ତାଙ୍କୁ କହିବାକୁ ପଡ଼େ ନାହିଁ। ମାତ୍ର ଯାହା କିଛି ଅକରଣୀୟ, ବ୍ୟକ୍ତିସ୍ୱାର୍ଥ ସମ୍ବଳିତ ବା ଆଇନର ପରିପନ୍ଥୀ, ତାହା କରିବାକୁ କହିବା ପାଇଁ କେହି କ୍ଷମତା, ପ୍ରଭାବ ବା ପ୍ରତିପତ୍ତିଶାଳୀ ନେତା ବା ଜନତା ସାହସ କରିପାରନ୍ତି ନାହିଁ। ଏଇ ଅଫିସର ଜଣଙ୍କ ପ୍ରତି ସାଧାରଣ ଲୋକଙ୍କ ଅଶେଷ ଶୁଭେଚ୍ଛା ଝରିପଡୁଥିଲା ସିନା ନିଜ ଚାକିରିକାଳ ମଧ୍ୟରେ ସବୁଠୁ ବେଶି ଯାହା ଅର୍ଜନ କରିଥିଲେ ତାହା ଥିଲା ବାଜେଲୋକର ଏକ ସର୍ଭିସ ସାର୍ଟିଫିକେଟ୍।



ଏ ବାଜେଲୋକ ଜଣକ ଜଣେ ଅଧ୍ୟାପକ। ଶ୍ରେଣୀଗୃହରେ ଅଧ୍ୟାପନା କାଳରେ ସେ ବିଦ୍ୟାର୍ଥୀଙ୍କ ପାଇଁ ସାକ୍ଷାତ୍ ବ୍ରହ୍ମା ପାଲଟି ଯାଇଥାନ୍ତି। ଏମିତି ବୋଧେ କେହି ଜଣେ ଛାତ୍ରୀ ବା ଛାତ୍ର ମିଳିବେ ନାହିଁ, ଯିଏ ତାଙ୍କ ଶିକ୍ଷାଦାନରେ ମୁଗ୍ଧ ହୋଇ ନ ଥିବେ। କେବଳ ପାଠପଢ଼ା ନୁହେଁ କଲେଜର ଯେ କୌଣସି ଗଠନମୂଳକ କାର୍ଯ୍ୟରେ ତାଙ୍କ ସକ୍ରିୟତା ପାଇଁ ସେ ତାଙ୍କ ସହକର୍ମୀଙ୍କ ଲାଗି ପାଲଟି ଯାଇଥାନ୍ତି ଈର୍ଷାର ଈଶ୍ୱର। ନିଜ ଛାତ୍ରୀଛାତ୍ରଙ୍କ ମନରେ ଶୁଦ୍ଧ ଚେତନାର ବିକାଶ ନିମନ୍ତେ ସଦାସର୍ବଦା ସମର୍ପିତ ଥାଏ ତାଙ୍କ ଉଚ୍ଚାରଣ ଓ ଆଚରଣ। ଏ ସକଳ ସ୍ୱୀକୃତି ସତ୍ତ୍ୱେ ବେଶ୍ କିଛି ଛାତ୍ର ଓ ଅଧ୍ୟାପକଙ୍କ ପାଇଁ ତାଙ୍କର ପରିଚୟ ହେଉଛି– 'ସେ ଜଣେ ବାଜେଲୋକ'! ତା'ର ଏକମାତ୍ର କାରଣ ହେଉଛି ପରୀକ୍ଷା ମାମଲାରେ ସେ ବେଶ୍ କଠୋର ଓ ସାଲିସବିହୀନ। କୌଣସି ପିଲାଙ୍କୁ କପି କରାଇ ଦିଅନ୍ତି ନାହିଁ କି ପରୀକ୍ଷକ ଭାବେ କୋଡ଼ିଏ ମାର୍କକୁ ତିରିଶ କରନ୍ତି ନାହିଁ।

ଆଉ ଜଣେ ବାଜେଲୋକଙ୍କ କଥା ପ୍ରସଙ୍ଗରେ କୌଣସି ଏକ ରେଳଯାତ୍ରା ସମୟର ଘଟଣା। ଦୁଇଜଣ ସାଙ୍ଗ ବିନା ଟିକେଟ୍‌ରେ ରେଳଯାତ୍ରା କରୁଥିବା ବେଳେ ଭିନ୍ନ ଭିନ୍ନ ବଗିରେ ଦୁଇଜଣ ଭିନ୍ନ ଭିନ୍ନ ଟିକେଟ ପରୀକ୍ଷକଙ୍କ ହାତରେ ଧରାପଡ଼ିଲେ। ରେଳଯାତ୍ରା ଶେଷରେ ଦୁହେଁ ଯେତେବେଳେ ମିଳିତ ହୋଇ ନିଜ ନିଜର ଦୁର୍ଭାଗ୍ୟ ସମ୍ପର୍କରେ ସ୍ମୃତିଚାରଣ କରୁଥିଲେ, ଜଣେ କହିଲା ପ୍ରଥମେ ଟିଟିଇ ଭଡ଼ା ଓ ଜରିମାନା ବାବଦକୁ ପାଞ୍ଚଶହ ଟଙ୍କା ମାଗୁଥିଲା। ମାତ୍ର ପକେଟ୍‌ରେ ଶହେ ଟଙ୍କା ଗୁଞ୍ଜି ଦେବାରୁ ଚୁପ୍‌ଚାପ ଚାଲିଗଲା। ପ୍ରଥମ ଯୁବକର ଅନୁଭୂତି ପୁଣି ଦ୍ୱିତୀୟ ସାଙ୍ଗ କପାଳରେ ହାତମାରି ନିଜ ଭାଗ୍ୟକୁ ନିନ୍ଦିଲା ଓ କହିଲା – ତୋ ଭାଗ୍ୟ ସଳଖ, ତୁ ଜଣେ ଭଲ ଟିଟିଇ ହାବୁଡ଼ରେ ପଡ଼ିଲୁ। ମୋର ଦୁର୍ଭାଗ୍ୟ, ନିହାତି ବାଜେଲୋକଟା ହାତରେ ପଡ଼ିଗଲି। ଶହେ ଟଙ୍କା କ'ଣ ଦୁଇଶହ, ପୁଣି ଦୁଇଶହରୁ ତିନିଶହ ଯାଚିଲା ପରେ ବି ସେ ରାଜି ହେଲାନି। ଓଲଟି ଧମକ ଦେଲା ପାଞ୍ଚଶହ ଟଙ୍କା ପଇଠ କରି ରସିଦ ନିଅ, ନ ହେଲେ ଲାଞ୍ଚ ଯାଚୁଥିବା ଅଭିଯୋଗରେ ପୋଲିସରେ ଦେଇଦେବି। ପ୍ରଥମେ ବିନା ଟିକେଟ୍ ଯାତ୍ରା ତ ତାହା ସାଙ୍ଗକୁ ଲାଞ୍ଚ ଯାଚିବାର ଅପରାଧ। ଜାଣିଛ ତ ପରିଣାମ କ'ଣ ହେବ। ଛିଃ ଏତେ ବାଜେଲୋକଟା।

ଲକ୍ଷ୍ୟ କରିବାର କଥା, ସହରର ଛକ ରାସ୍ତାରେ ଗାଡ଼ି ଚାଳକମାନଙ୍କୁ ଯାବତୀୟ ବେନିୟମ କାମ କରିବାକୁ ଛାଡି ଦେଇ ବଟି ଆଦାୟ କରି ନିଜ ପକେଟ୍ ଭରୁଥିବା ଟ୍ରାଫିକ୍ ପୋଲିସ ଅତି ଭଲଲୋକର ସାର୍ଟିଫିକେଟ ପାଉଥିବା ବେଳ ବିନା ହେଲ୍‌ମେଟ ବା ସିଟ୍ ବେଲ୍ଟରେ ଗାଡି ଚାଳନା କରୁଥିବା ଅମାନିଆ ଚାଳକଙ୍କୁ ଦଣ୍ଡିତ କରୁଥିବା କର୍ତ୍ତବ୍ୟନିଷ୍ଠ ପୋଲିସ କର୍ମଚାରୀ ବାଜେଲୋକର ସମ୍ମାନ ପାଏ। ଜଙ୍ଗଲରୁ ଚୋରାରେ କାଠ କାଟି ଆଣୁଥିବା କେହି ତସ୍କର କୌଣସି ସାଧୁ, କର୍ତ୍ତବ୍ୟପରାୟଣ ବନ ରକ୍ଷକଙ୍କ ପ୍ରତିରୋଧର ସମ୍ମୁଖୀନ ହେଲେ ନିଃଶବ୍ଦରେ ମନ ମଧ୍ୟରେ ଉଚ୍ଚାରିତ ହୁଏ– ନିହାତ ବାଜେ ଲୋକଟା। ଏହାଙ୍କ ପୂର୍ବ ବାବୁ କେତେ ଭଲ ନ ଥିଲେ! ପାଉଣା ନେଇ ଆଖି ବୁଜି ଦେଉଥିଲେ। ପୁଣି ମାସକୁ କେଇ ହଜାର ଟଙ୍କା ବଟି ନେଇ ନଦୀଗର୍ଭରୁ ଲକ୍ଷ ଲକ୍ଷ ଟଙ୍କାର ବାଲି ଉଠାଇ ନେଉଥିବା ମାଫିଆଙ୍କୁ ନିର୍ବିଘ୍ନରେ ଛାଡି ଦେଉଥିବା ବିଭାଗୀୟ କର୍ମଚାରୀ ଭଲ ଲୋକର ମାନ୍ୟତା ଅର୍ଜନ କରୁଥିବା ବେଳେ ତାକୁ ଦଣ୍ଡିତ କରୁଥିବା କର୍ମଚାରୀଙ୍କୁ କୁହାଯାଏ– 'ବାଜେଲୋକଟା'!

ସାନ୍ତ୍ୱନା ଏତିକି, ସଂଖ୍ୟାରେ ଯେତେ କମ୍ ହେଲେ ବି କପାଳରେ 'ବାଜେଲୋକ'ର ତିଳକ ଆଙ୍କି ଏହି ତଥାକଥିତ ବାଜେଲାକମାନେ ସମାଜ ସଡ଼କରେ ଏକା ଏକା ବାଟ ଚାଲୁଥିଲେ ମଧ୍ୟ ସେମାନଙ୍କୁ ଆପଣାଇ ନେବା ପାଇଁ ଏଠାରେ ଏଯାଏ ବି କିଛି ଲୋକ ଅଛନ୍ତି। ଏମାନଙ୍କ ସଂଖ୍ୟା ସେଇ ବାଜେଲୋକଙ୍କ ସଂଖ୍ୟାଠାରୁ ଆହୁରି ନଗଣ୍ୟ ହୋଇପାରେ। ତଥାପି ଯେତେ ସୀମିତ ହେଲେ ମଧ୍ୟ ଏମାନେ ସେଇ ବାଜେ ଲୋକମାନଙ୍କୁ ଅନ୍ତର ଭିତରେ କୋଳେଇ ନିଅନ୍ତି ଓ ବଡ଼ ଆବେଗରେ ସେମାନଙ୍କ ଜୟଗାନ କରି କୁହନ୍ତି – 'ତୁମର ଏହି ବାଜେ ପଣିଆକୁ ନିଜ ଭିତରେ ବଞ୍ଚାଇ ରଖ ବାବୁ! ତୁମ ପାଇଁ ନ ହେଲେ ବି ସମାଜର ମୂଲ୍ୟବୋଧ ପାଇଁ, ଜଗତର କଲ୍ୟାଣ ପାଇଁ, ଆସନ୍ତାକାଲିର ଉଜ୍ଜ୍ୱଳ ସୂର୍ଯ୍ୟୋଦୟ ପାଇଁ।

-ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ-୮୮୯୫୬୭୨୪୧୦୫

# 'ଫ୍ଲେଶ୍'ର ସ୍ରଷ୍ଟା

ବ୍ୟକ୍ତିତ୍ୱ



ଡେଭିଡ୍ ସାଲାଏ

ସାହିତ୍ୟ କ୍ଷେତ୍ରରେ ବିଶ୍ୱର ସର୍ବମାନ୍ୟ ନୋବେଲ ପୁରସ୍କାର ପରେ ବୁକର୍ ପ୍ରାଇଜ୍‌ର ମର୍ଯ୍ୟାଦା ରହିଛି। ପ୍ରତିବର୍ଷ ଏହି ସମୟକୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଅନାଇ ବସିଥାଆନ୍ତି ଦେଖିବା ପାଇଁ ସେହି ସେଲିବ୍ରେଟେଡ୍ ରାଇଟର କିଏ ହେବାକୁ ଯାଉଛନ୍ତି। ୨୦୨୫ ପାଇଁ ଭାରତୀୟଙ୍କ ଲାଗି ଆଶା ଉଜ୍ଜ୍ୱଳ କରିଥିବା ଔପନ୍ୟାସିକା କିରନ୍ ଦେଶାଇଙ୍କୁ ପଛରେ ପକାଇ କାନାଡା ଜନ୍ମିତ ହଙ୍ଗେରୀୟ-ବ୍ରିଟିଶ ଲେଖକ ଡେଭିଡ୍ ସାଲାଏ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ଷଷ୍ଠ ଉପନ୍ୟାସ 'ଫ୍ଲେଶ୍' ଏହି ପୁରସ୍କାର ପାଇଥିବା ବେଳେ ହଙ୍ଗେରୀୟ ବଂଶୋଦ୍ଭବ ପ୍ରଥମ ଲେଖକ ଭାବେ ଡେଭିଡ୍ ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ବୁକର୍ ପୁରସ୍କାର ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ବଳୟ ବୃଦ୍ଧି ପାଇଛି।

ଡେଭିଡ୍ ଜାନୁଆରୀ ୧୯୭୪ରେ କାନାଡାର ମଣ୍ଟ୍ରିଏଲ୍‌ରେ କାନାଡୀୟ ମାତା ଓ ହଙ୍ଗେରୀୟ ପିତାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ। ଇହୁଦୀ ପରିବାରରେ ଜନ୍ମିତ ଡେଭିଡ୍‌ଙ୍କ ପରିବାର ବେରୁଟ୍ ଚାଲିଯାଇଥିଲେ। ଲେବାନନ୍‌ରେ ଗୃହଯୁଦ୍ଧ ଆରମ୍ଭ ହେବା ପରେ ସେମାନେ ସେହି ଦେଶ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଏହା ପରେ ସେମାନେ ଲଣ୍ଡନ ଚାଲିଯାଇଥିଲେ। ସେଠାକାର ସସେକ୍ସ ହାଉସ ସ୍କୁଲରେ ସେ ପଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଇଂଲିଶ୍ ସାହିତ୍ୟ ନେଇ ଅଧ୍ୟୟନ କରିଥିଲେ। ସେଠାରୁ ସ୍ନାତକ ହାସଲ କରିବା ପରେ ସେ ଲଣ୍ଡନର କେତେକ ସଙ୍ଗଠନରେ ସେଲ୍ସ କ୍ଷେତ୍ରରେ ଚାକିରି କରିଥିଲେ। ସେହି ଚାକିରି ତାଙ୍କୁ ଭଲ ନ ଲାଗିବାରୁ ସେ ବେଲଜିୟମ୍‌ର ବ୍ରସେଲ୍ସକୁ ଚାଲିଯାଇଥିଲେ। କିନ୍ତୁ ସେଠାରେ ସେ ବେଶି ସମୟ ରହିପାରିଲେ ନାହିଁ। ଶେଷରେ ଡେଭିଡ୍ ଲେଖକ ହେବାର ଉଚ୍ଚାକାଂକ୍ଷା ନେଇ ହଙ୍ଗେରୀର ପେଷ୍ଟକୁ ଚାଲିଯାଇଥିଲେ। ସେହିଠାରେ ହିଁ ତାଙ୍କ ସୃଜନଶୀଳତା ଶୀର୍ଷ ଛୁଇଁଥିଲା। ତାଙ୍କ ଉପନ୍ୟାସ 'ଅଲ୍ ଦାଟ ମ୍ୟାନ୍ ଇଜ୍' ଓ 'ଟର୍ବୁଲେନ୍ସ' ପାଠକୀୟ ସ୍ୱୀକୃତି ପାଇଥିଲା। ଏପରିକି ଅଲ୍ ଦାଟ ମ୍ୟାନ୍ ଇଜ୍ ୨୦୧୬ ମ୍ୟାନ ବୁକର୍ ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାଭୁକ୍ତ ହୋଇଥିଲା। ମାତ୍ର ତାହା ୨୦୧୬ ଗୋର୍ଡନ ବର୍ନ ପୁରସ୍କାର ଜିତିଥିଲା।

କେବଳ ଉପନ୍ୟାସ ନୁହେଁ, ଡେଭିଡ୍ ମଧ୍ୟ ବିବିସି ପାଇଁ ଅନେକ ରେଡିଓ ନାଟକ ଲେଖିଛନ୍ତି। ତାଙ୍କର ୨୦୧୮ରେ ସଂକ୍ଷିପ୍ତ କାହାଣୀ ପୁସ୍ତକ 'ଟର୍ବୁଲେନ୍ସ' ବିବିସି ରେଡିଓ-୪ ପାଇଁ ୧୫ ମିନିଟ୍ କାର୍ଯ୍ୟକ୍ରମରେ ପ୍ରସାରିତ ହୋଇ ବହୁ ଶ୍ରୋତା ସୃଷ୍ଟି କରିଥିଲା। ଟର୍ବୁଲେନ୍ସ ଅନ୍ତର୍ଭୁକ୍ତ ୧୨ଟି କାହାଣୀ ଅନ୍ତର୍ଜାତୀୟ ଉଡ଼ାଣରେ ଲୋକଙ୍କ ହାବଭାବକୁ ଅନୁସରଣ କରିଥିବା ବେଳେ ଏକବିଂଶ ଶତାବ୍ଦୀରେ ପରିବାର ଓ ବନ୍ଧୁତ୍ୱର ବିଶ୍ୱାୟନକୁ ଅନୁସନ୍ଧାନ କରିଥିବା କୁହାଯାଏ। ତେବେ ସେ ତାଙ୍କର ପ୍ରଥମ ଉପନ୍ୟାସ 'ଲଣ୍ଡନ ଆଣ୍ଡ୍ ଦି ସାଉଥ-ଇଷ୍ଟ' ପାଇଁ ବେଟି ଟ୍ରାସ୍କ ପୁରସ୍କାର ସହ ଜେଫ୍ରି ଫାବର୍ ମେମୋରିଆଲ ପୁରସ୍କାର ଜିତିଥିଲେ। ତା'ପରେ ସେ ଇନୋସେଣ୍ଟ (୨୦୦୯), ସ୍ପ୍ରିଙ୍ଗ (୨୦୧୧) ଓ ଫ୍ଲେଶ (୨୦୨୫) ନାମରେ ତିନୋଟି ଉଚ୍ଚକୋଟୀର ଉପନ୍ୟାସ ଲେଖିଛନ୍ତି। କୁହାଯାଇଥାଏ ଏକ ଟ୍ରାନ୍ସଆଟଲାଣ୍ଟିକ୍ ପୃଷ୍ଠଭୂମି ଡେଭିଡ୍‌ଙ୍କ ବ୍ୟକ୍ତିଗତ ଇତିହାସ ବହନ କରୁଥିବା ବେଳେ ତାଙ୍କ କଥାବସ୍ତୁର ବ୍ୟାପ୍ତି ଅନ୍ତରାଷ୍ଟ୍ରୀୟ। ସେ କାନାଡାରେ ଜନ୍ମ ହୋଇ ଲଣ୍ଡନ୍‌ରେ ବଢ଼ିବା ଓ ହଙ୍ଗେରୀରେ ସୃଜନଶୀଳତାକୁ ସ୍ପଷ୍ଟ ଅକାର ଦେବା ପରେ ଏବେ ଭିଏନାରେ ସହଧର୍ମିଣୀଙ୍କ ସହ ରହୁଛନ୍ତି। ଭ୍ରମଣଶୀଳ ଜୀବନ ତାଙ୍କ ସୃଜନ କାର୍ଯ୍ୟକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ସମୀକ୍ଷକମାନେ କହିଥାଆନ୍ତି। ତାଙ୍କ ବୁକର୍ ବିଜୟୀ ଉପନ୍ୟାସ 'ଫ୍ଲେଶ' ଜଣେ ହଙ୍ଗେରୀୟଙ୍କ ଜୀବନୀ ଉପରେ ଆଧାରିତ। ଏହା ଏକ ସମ୍ମୋହନକାରୀ ଉପନ୍ୟାସ, ଯେଉଁଥିରେ ନାୟକ ହେଉଛନ୍ତି ଇଷ୍ଟଭାନ୍। ସେ ପରବର୍ତ୍ତୀ ସମୟରେ ଲଣ୍ଡନ ଯାଇ ସେଠାରେ ବିପୁଳ ସମ୍ପତ୍ତିର ମାଲିକ ହୋଇଛନ୍ତି। କାହାଣୀ ହଙ୍ଗେରୀର ସେହି ଲାଜକୁଳା କିଶୋରଠାରୁ ଆରମ୍ଭ ହୁଏ, ଯାହାଙ୍କ ଜୀବନ ଜଣେ ବୟସ୍କ ତଥା ବିବାହିତା ପଡ଼ୋଶୀଙ୍କ ସହ ଏକ ଗୋପନ ସମ୍ପର୍କରେ ପରିବର୍ତ୍ତିତ ହୁଏ। ଏକ ସମ୍ପର୍କ ଯାହା ସେ ବୁଝିପାରୁ ନାହାନ୍ତି, କିନ୍ତୁ ତାହା ତାଙ୍କ ଜୀବନକୁ ଏକ ବିନାଶକାରୀ ପଥ ଆଡ଼କୁ ଠେଲି ହୋଇଯାଉଥିବା ଲେଖକ ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି। ଇଷ୍ଟଭାନ୍ ଏକବିଂଶ ଶତାବ୍ଦୀର ଧନ ଓ କ୍ଷମତାର ଜୁଆରରେ ଭାସିଯାଉଛନ୍ତି। ନିଜର ପ୍ରେମ, ଅନ୍ତରଙ୍ଗତା, ସ୍ଥିତି ଓ ସମ୍ପତ୍ତି ପାଇଁ ପ୍ରତିଯୋଗିତାମୂଳକ ଆବେଗଗୁଡ଼ିକ ତାଙ୍କୁ ଅକଳ୍ପନୀୟ ଧନ ଜିତାଏ, ଯଦିଓ ସେଗୁଡ଼ିକ ତାଙ୍କୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଉଥିବା ଅନୁଭବ ହୁଏ। ଉଚ୍ଚାକାଂକ୍ଷା ଓ ଅଧଃପତନର ଫେଣ୍ଟାଫେଣ୍ଟି କଥାବସ୍ତୁ ଫ୍ଲେଶକୁ ଭିନ୍ନ ଏକ ପାଠକୀୟ ଆଦୃତି ଦେଇଛି ବୋଲି ସମୀକ୍ଷକମାନେ କହିଥାଆନ୍ତି।

ଡେଭିଡ୍ ତାଙ୍କ ପୁରସ୍କାର ଗ୍ରହଣ ଅବସରରେ କହିଛନ୍ତି, ପୁସ୍ତକଟି ତାଙ୍କ ପାଇଁ ଏକ ବିପଦପୂର୍ଣ୍ଣ ଉଦ୍ୟମ ଭଳି ଅନୁଭବ ହୋଇଥିଲା, ଏଇ ଯେମିତି ଅନ୍ତରଙ୍ଗ ବିଷୟବସ୍ତୁଠାରୁ ଏହାର ସିଧାସଳଖ ଶିରୋନାମା ପର୍ଯ୍ୟନ୍ତ। ରୋଡି ଡୋଇଲଙ୍କ ଅଧ୍ୟକ୍ଷତାରେ ବୁକର୍ ବିଚାରକମଣ୍ଡଳୀ 'ଫ୍ଲେଶ୍'କୁ ଏହାର ପୂର୍ଣ୍ଣ ଏକକତା ପାଇଁ ପ୍ରଶଂସା କରିଥିଲେ। ଡେଭିଡ୍ କହନ୍ତି ଯେ, ସେ ବର୍ଷ ବର୍ଷ ଧରି କାମ କରିଥିବା ଅନ୍ୟ ଏକ ଉପନ୍ୟାସ ପରିତ୍ୟାଗ କରିବା ପରେ ଫ୍ଲେଶ୍ ଲେଖିବା ଆରମ୍ଭ କରିଥିଲେ। କିନ୍ତୁ ଏହା ତାଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର ଦେଇଥିବାରୁ ସେ ଆଗକୁ ଆହୁରି ଅଧିକ ଭଲ ଲେଖିବେ ବୋଲି କହିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସାଧାରଣତଃ ବଗିଚାରେ ଔଷଧୀୟ ଗଛ ଘିକୁଆଁରୀ ରଖାଯାଇଥାଏ। ହେଲେ ଏହାର ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି ହୃଷୀକେଶ ଜୟସିଂହ ଧାନେ। ମହାରାଷ୍ଟ୍ର ସତାରା ଜିଲା ପଡାଲି ଗାଁର ଏହି କୃଷକ ଘିକୁଆଁରୀ ଚାଷ କରି ବର୍ଷକୁ ୩.୫ କୋଟି ଟଙ୍କା ବିଜ୍‌ନେସ କରିବା ସହ ୩୦% ଲାଭ ପାଉଛନ୍ତି। ହୃଷୀକେଶ ୮ ଏକରରେ ଘିକୁଆଁରୀ ଚାଷ କରୁଛନ୍ତି। ହାରାହାରି ୮୦୦୦ ଲିଟର ଘିକୁଆଁରୀ ରସ ସଂଗ୍ରହ କରି ସେଥିରୁ ସାବୁନ, ଶାମ୍ପୁ, ଜୁସ୍ ଓ ଜୈବିକ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ହୃଷୀକେଶଙ୍କ ଜୀବନ ଯାତ୍ରା ଉତ୍ଥାନପତନ ଦେଇ ଗତି କରିଛି। ସେ ଅର୍ଥାଭାବ ଭିତରେ ଦଶମ ପାସ୍ କରିବା ପରେ ଏକ କମ୍ପାନୀରେ ଚାକିରି କରିଥିଲେ। ସେଥିରୁ ଯାହା ପାଉଥିଲେ ତାହା ଯଥେଷ୍ଟ ନ ହେବାରୁ ସେ ଏକ ନର୍ସରି କରିଥିଲେ। ରୋଜଗାରରେ ଏହା ମଧ୍ୟ ତାଙ୍କୁ ସହଯୋଗ କରିପାରି ନ ଥିଲା। ଫଳରେ ଘିକୁଆଁରୀ ଚାଷ କରିବାକୁ ମନସ୍ଥ କରିଥିଲେ। ୨୦୦୭ରେ ପ୍ରାୟ ୪୦୦୦ ଘିକୁଆଁରୀ ଗଛ ଲଗାଇଥିଲେ। ତାଙ୍କ ଅଞ୍ଚଳରେ ଘିକୁଆଁରୀ ଚାଷୀମାନେ ଫିଙ୍ଗି ଦେଇଥିବା ଗଛଗୁଡ଼ିକୁ ସଂଗ୍ରହ କରିଥିଲେ। ଘିକୁଆଁରୀ ଚାଷ ଓ ସେଥିରୁ ଉତ୍ପାଦ ପ୍ରସ୍ତୁତ କରିବା କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ଚିରନ୍ତନୀ

କିପାଁଇ ସ୍ୱେଦ ବିନ୍ଦୁ ଉଠଇ ଭାଲେ
ରକତ ଛଟା ନାହିଁ ଫୁଟଇ ଗାଲେ ?
କୋମଳ ବାହୁଲତା ଦେହରେ ଅବନତା
କୁସୁମ ଗନ୍ଧ ରାଶି ପବନ ଢାଳେ,
କିପାଁଇ ସ୍ୱେଦ ତବ ଉଠଇ ଭାଲେ ?
-(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜାତିସଂଘ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ

ମହାଶୟ,
ବିଶ୍ୱରେ ମାନବଜାତିର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଦେଶ ଦେଶ ମଧ୍ୟରେ ସଂହତି ସ୍ଥାପନ ଏବଂ ଯୁଦ୍ଧ-ବିଭୀଷିକାର ଦୂରୀକରଣ ନିମିତ୍ତ ବିଶ୍ୱାସର ବାତାବରଣ ପ୍ରତିଷ୍ଠାର ଆବେଗମୟ ଇଚ୍ଛାରୁ ଜନ୍ମଲାଭ କରିଥିବା ମିଳିତ ଜାତିସଂଘ ବର୍ତ୍ତମାନ ପ୍ରାୟ କ୍ଷେତ୍ରରେ କେବଳ ବିକାଶଶୀଳ ରାଷ୍ଟ୍ରମାନଙ୍କ ଦ୍ୱାରା ପରିଚାଳିତ ହୋଇ ତା'ର କାର୍ଯ୍ୟକାରିତାକୁ ସଙ୍କୁଚିତ କରାଯାଉଛି। କେତେକ ବିକାଶଶୀଳ ଦେଶର ରାଷ୍ଟ୍ରନାୟକଙ୍କର ଅନ୍ୟଦେଶ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାର ମନବୃତ୍ତି ପୃଥିବୀରେ ବହୁ ଖଣ୍ଡଯୁଦ୍ଧର କାରଣ ହୋଇଥିବା ଆଜି ବିଶ୍ୱକୁ କରିଛନ୍ତି ଅଶାନ୍ତମୟ। ଆମେରିକା ଏବଂ ତା' ସହଯୋଗୀ ରାଷ୍ଟ୍ରମାନଙ୍କ ହାତରେ ଜାତିସଂଘ କ୍ରୀଡ଼ନକ ସାଜିଛି। ମନେହେଉଛି, ଯେପରି ଆମେରିକା ହିଁ ଜାତିସଂଘର ଭାଗ୍ୟବିଧାତା ଏବଂ ଆମେରିକାର ନିଷ୍ପତ୍ତି ହିଁ ଜାତିସଂଘରେ ଥିବା ଆର୍ଥିକ ଓ ସାମାଜିକ ସ୍ୱାସ୍ଥ୍ୟ ନ୍ୟାୟ ସୁରକ୍ଷା ପରିଷଦ, ନିରାପତ୍ତା ପରିଷଦ ଓ ଆନ୍ତର୍ଜାତିକ ବିଚାରାଳୟର ନିଷ୍ପତ୍ତି। ବିଶ୍ୱର ବହୁରାଷ୍ଟ୍ରୀୟ ସୈନ୍ୟମାନେ ଇରାକ ଧ୍ୱଂସ କରି ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ଅକାରଣେ ଯୁଦ୍ଧାପରାଧରେ ଫାଶୀ ଦେଇପାରିଲେ। ମାତ୍ର ଇସ୍ରାଏଲ ଦ୍ୱାରା ପାଲେଷ୍ଟାଇନରେ ହେଉଥିବା ଗଣହତ୍ୟା ବନ୍ଦ ନିମନ୍ତେ ପଦକ୍ଷେପ ନ ନେବା ଦୁର୍ଭାଗ୍ୟପୂର୍ଣ୍ଣ ନୁହେଁ କି ? ଏହାକୁ କେବଳ ଦୁର୍ଭାଗ୍ୟପୂର୍ଣ୍ଣ ନିନ୍ଦନୀୟ ଘଟଣା ବୋଲି କହି ନୀରବ ରହିବା ଜାତିସଂଘର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜାତିସଂଘ ମୁଖ୍ୟତଃ କେବଳ ବିକାଶଶୀଳ ସାମରିକ କ୍ଷମତାଶାଳୀ ଦେଶଗୁଡ଼ିକର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ବୋଲି ଭାବି ନିରପେକ୍ଷତା ସହିତ କାର୍ଯ୍ୟ ସମ୍ପାଦନ କରିବା ଉଚିତ।

– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭ୍ରମାତ୍ମକ ଖବର ଓ ଗଣମାଧ୍ୟମର ବିଶ୍ୱସନୀୟତା

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ ସଦା ଦେଶ ଓ ସମାଜ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସୁଛି। ସତ୍ୟର ସନ୍ଧାନ, ନିରପେକ୍ଷ ଖବର ପ୍ରସାରଣ ଓ ଜନମତ ଗଠନ ହେଉଛି ଏହାର ମୂଳ ଲକ୍ଷ୍ୟ। ଆଜିର ଯୁଗ ହେଉଛି ତଥ୍ୟ ବିସ୍ଫୋରଣର ଯୁଗ। କିନ୍ତୁ ତଥ୍ୟ ଓ ପ୍ରଯୁକ୍ତି ଯୁଗରେ ଆଜିର ଗଣମାଧ୍ୟମ ଯେଉଁ ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛି, ତାହା ହେଲା ଭ୍ରମାତ୍ମକ ଖବର ବା ଫେକ୍ ନ୍ୟୁଜ୍‌ର ବିପଜ୍ଜନକ ପ୍ରସାର। ସାମାଜିକ ଗଣମାଧ୍ୟମ ଆସିବା ପରେ ଏହା ଆହୁରି ବିସ୍ତାରିତ ହୋଇଛି ସତ, କିନ୍ତୁ ତା' ସହିତ ବଢ଼ିଛି ତଥ୍ୟ ବିକୃତି ଓ ଚାଲାକିପୂର୍ଣ୍ଣ ଖବରର ହାର। ଏବେ ତୁରନ୍ତ ଖବର ଦେବା ଓ ପ୍ରଥମେ ପ୍ରସାରଣ କରିବାର ଦୌଡ଼ ସତ୍ୟତାର ଯାଞ୍ଚ ଅନେକ ସମୟ ଉପେକ୍ଷିତ ହୋଇପଡୁଛି।

ସୋସିଆଲ ମିଡିଆ ଓ ଡିଜିଟାଲ୍ ମାଧ୍ୟମର ପ୍ରଭାବରେ ସତ୍ୟ ଓ ମିଥ୍ୟାକୁ ପରଖିବା କେତେ ଅସୁବିଧାଜନକ ତାହା ଆମେ ସମସ୍ତେ ଉପଲବ୍ଧି କରିଛନ୍ତି। ସତ୍ୟ ଓ ଭ୍ରମ ମିଶିଗଲା ପରେ ସାଧାରଣ ଜନତା ଏବେ ଅନେକ ଖବର ପ୍ରତି ସନ୍ଦେହୀ। ସତ ବୋଲି ଆମେ ଯାହାକୁ ପୂର୍ବରୁ ଭାବୁଥିଲୁ, ଏବେ ତାହା ମିଛ ବୋଲି ଜାଣିବାକୁ ପାଉଛୁ। ଏହି ପରିପ୍ରେକ୍ଷୀରେ ଭ୍ରମାତ୍ମକ ଖବର ହେଉଛି ଏକ ଚିନ୍ତାର ବିଷୟ। ପ୍ରତିଦିନ ବିଭିନ୍ନ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମରେ ଗୋଟିଏ ଖବର ଉପରେ ଭିନ୍ନ ଭିନ୍ନ ତଥ୍ୟ ବା ସୂଚନା ମିଳିଥାଏ। ତା' ମଧ୍ୟରୁ କେଉଁଟା ଠିକ୍ ଆଉ କେଉଁଟି ଭୁଲ୍ ତାହା ପାଠକ ବା ଦର୍ଶକଙ୍କୁ ଦ୍ୱନ୍ଦ୍ୱରେ ପକାଏ। ବ୍ରେକିଂ ନ୍ୟୁଜ୍ ଆଜି ସଞ୍ଚାର ଜଗତର ନୂଆ ମନ୍ତ୍ର ହୋଇ ଯାଇଛି। ତ୍ୱରିତ ଖବର ଦେବାର ମୋହ ଏତେ ବଢ଼ିଛି ଯେ, ତଥ୍ୟର ସତ୍ୟତା ଯାଞ୍ଚ ଅନେକ ସମୟେ ଅବହେଳିତ ହେଉଛି। ଫଳରେ ଭ୍ରମାତ୍ମକ ଖବର ଲୋକମାନଙ୍କ ମନୋଭାବ ଓ ବିଶ୍ୱାସକୁ ହାନି ପହଞ୍ଚାଉଛି। ଭ୍ରମାତ୍ମକ ଖବର ମାତ୍ର ଏକ ତ୍ରୁଟିଯୁକ୍ତ ତଥ୍ୟ ନୁହେଁ ବରଂ ଏହା ଏକ ଅସତ୍ୟ ପ୍ରଚାର, ଯାହା ସମାଜକୁ ବିଭକ୍ତ କରୁଛି, ଘୃଣା ସୃଷ୍ଟି କରୁଛି ଓ ଜନମତକୁ ବିପର୍ଯ୍ୟସ୍ତ କରୁଛି। ଫଳରେ ଗଣମାଧ୍ୟମ ପ୍ରତି ଲୋକଙ୍କ ଆସ୍ଥା ହ୍ରାସ ପାଉଛି ଓ ଚତୁର୍ଥ ସ୍ତମ୍ଭ ପରିଭାଷା ଦୁର୍ବଳ ହେଲା ପରି ଲାଗୁଛି।



ଆଜି ଭ୍ରମାତ୍ମକ ଶବ୍ଦ ନିଜେ ଅସ୍ତ୍ର ପାଲଟି ଯାଇଛି। ଆଜି ଆମକୁ ବ୍ରେକିଂ ନ୍ୟୁଜ୍‌ର ଶବ୍ଦ ଅତିରଞ୍ଜିତ ଲାଗୁଛି। ଯେଉଁ ଖବର ରାଜନୀତିଜ୍ଞ ବା ଅଧିକାରୀଙ୍କ ପାଇଁ ଅସୁବିଧାଜନକ, ତାହାକୁ ଫେକ୍ ବା ଅସତ୍ୟ ବୋଲି ଅଭିହିତ କରାଯାଉଛି। ଏହା ଗଣମାଧ୍ୟମର ନିରପେକ୍ଷତାକୁ ଆହୁରି ଆଘାତ ଦେଉଛି। ଭ୍ରମାତ୍ମକ ଖବର ଲୋକତନ୍ତ୍ରର ମୂଳ ଧାରାକୁ ବିକୃତ କରୁଛି। ନିର୍ବାଚନ ସମୟରେ ମନଗଢ଼ା ତଥ୍ୟ ଜନମତକୁ ପ୍ରଭାବିତ କରୁଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଭ୍ରମାତ୍ମକ ସୂଚନା ଲୋକମାନଙ୍କୁ ଭୁଲ୍ ଚିକିତ୍ସା ଅନୁସରଣ କରିବାକୁ ପ୍ରେରିତ କରୁଛି। ବ୍ୟବସାୟ ଓ ଆର୍ଥିକ କ୍ଷେତ୍ରରେ ଏହି ଭ୍ରମାତ୍ମକ ଖବର ଅର୍ଥ ଓ ପ୍ରତିଷ୍ଠାନ ଉଭୟର କ୍ଷତି କରୁଛି। କେତେକ ସ୍ଥଳେ ଭୁଲ୍ ଖବର ବା ଗୁଜବ ମାନବୀୟ ହିଂସା ଓ ଦଙ୍ଗା ସୃଷ୍ଟି କରି ଜନମାନସରେ କ୍ଷତି ପହଞ୍ଚାଉଛି। ଫଳସ୍ୱରୂପ, ଲୋକମାନଙ୍କ ମନରେ ଗଣମାଧ୍ୟମ ପ୍ରତି ଆସ୍ଥା ହ୍ରାସ ପାଉଛି।

ଏଥିପାଇଁ ଆଜିର ସମୟରେ ପ୍ରଧାନ ଦାୟିତ୍ୱ ହେଉଛି ଗଣମାଧ୍ୟମର ବିଶ୍ୱସନୀୟତାକୁ ସଂରକ୍ଷିତ କରିବା। ପ୍ରତ୍ୟେକ ସମାଚାର ପ୍ରସ୍ତୁତି ପୂର୍ବରୁ ଏହାର ଉତ୍ସ ଠିକ୍ କି ନୁହେଁ ତାହାର ତଥ୍ୟ ଯାଞ୍ଚ ନିହାତି ଆବଶ୍ୟକ। ତଥ୍ୟ ଯାଞ୍ଚ ମାନେ ହେଉଛି ଖବର ପ୍ରକାଶନ ଅବା ପ୍ରସାରଣ ପୂର୍ବରୁ ସତ୍ୟ କି ମିଥ୍ୟା ତାହା ପରଖିବା ପ୍ରକ୍ରିୟା। ଯେଉଁଥିରେ ଗଣମାଧ୍ୟମ କିମ୍ବା ସମ୍ପାଦନା ମଣ୍ଡଳୀ ତଥ୍ୟଗୁଡ଼ିକୁ କେଉଁ ନିଶ୍ଚିତ ଉତ୍ସରୁ ଆସିଛି ତାହା ସମୀକ୍ଷା କରନ୍ତି। ବ୍ରେକିଂ ନ୍ୟୁଜ୍ ପରିବର୍ତ୍ତେ ଆମର ଆବଶ୍ୟକ ରହିଛି ଭେରିଫାଏଡ୍ ନ୍ୟୁଜ୍‌ର ପୁନଃ ସ୍ଥାପନ। ସେଥିପାଇଁ ପ୍ରତ୍ୟେକ ଗଣମାଧ୍ୟମ ପ୍ରତିନିଧିଙ୍କର କିଛି କର୍ତ୍ତବ୍ୟ ରହିଛି ଯାହା ଠିକ୍ ଭାବେ ଅନୁପାଳନ ହେବା ଦରକାର। ଏଠାରେ ଡିଜିଟାଲ ମିଡିଆ ସାକ୍ଷରତା କଥା ନିଶ୍ଚୟ କହିବା ଉଚିତ ମନେହେବ। ଜନସାଧାରଣ କିପରି ଭ୍ରମାତ୍ମକ ଖବରକୁ ଚିହ୍ନିପାରିବେ ତାହା ସେମାନଙ୍କୁ ଶିଖାଇବା ଆବଶ୍ୟକ। ଏହା ଏକ ସାମାଜିକ ଦାୟିତ୍ୱ। ଭ୍ରମାତ୍ମକ ତଥ୍ୟର ଶୃଙ୍ଖଳା ସେତେବେଳେ ଭାଙ୍ଗିବ ଯେତେବେଳେ ସାଧାରଣ ପାଠକ ଅବା ଦର୍ଶକଟିଏ ସତ୍ୟ ଓ ଅସତ୍ୟର ଭେଦ ଜାଣି ପାରିବ। ସାମ୍ବାଦିକତା ମାନେ କେବଳ ଖବର ଦେବା ନୁହେଁ, ଏହା ଏକ ଦାୟିତ୍ୱ, ଏକ ଆହ୍ୱାନ, ଏକ ଜନସେବା। ସତ୍ୟ କେବେ ଲୁଚିଯାଏ ନାହିଁ, ଯଦି ଗଣମାଧ୍ୟମ ତାହାକୁ ନିଷ୍ଠାରେ ପାଳନ କରେ ତେବେ ଜନତାର ଆସ୍ଥା ପୁନଃ ସ୍ଥାପନ ହୋଇପାରିବ।

**– ସରୋଜ କୁମାର ଶତପଥୀ**
ମୋ:୯୩୩୮୧୨୭୪୪୭

**ଗଣତନ୍ତ୍ରକୁ ବଜାୟ ରଖିବା ଏବଂ ସ୍ୱଚ୍ଛ ଯୋଗାଯୋଗକୁ ପ୍ରୋତ୍ସାହିତ କରିବାରେ ପ୍ରେସ୍(ଗଣମାଧ୍ୟମ)ର ଭୂମିକାକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ନଭେମ୍ବର ୧୬ରେ ପାଳିତ ହୋଇଆସୁଛି 'ଜାତୀୟ ପ୍ରେସ ଦିବସ'। ସୂଚନାଯୋଗ୍ୟ, ୧୯୬୬ ମସିହାର ଏହି ଦିବସରେ ପ୍ରେସ୍ କାଉନ୍‌ସିଲ ଅଫ ଇଣ୍ଡିଆ ଏକ ସ୍ୱାଧୀନ, ସାମ୍ବିଧାନିକ ସଂସ୍ଥା ଭାବରେ ପ୍ରତିଷ୍ଠିତ ହୋଇଥିଲା। ଏହି ଅବସରରେ ଗଣମାଧ୍ୟମର ଭୂମିକା, ସ୍ୱାଧୀନତା, ନିରପେକ୍ଷତା ଆଦି ଦାୟିତ୍ୱଗୁଡ଼ିକୁ ଠିକ୍ ଭାବରେ ପରିବେଷଣ କରିବା ଦିଗରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର କେତେକ ବିଦ୍ୟାର୍ଥୀ ଓ ଅଧ୍ୟାପକଙ୍କ ମତାମତକୁ ନେଇ ଉପସ୍ଥାପନା...**

## ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ବିସ୍ତୃତ ଆଲୋଚନା ଆବଶ୍ୟକ



ଜାତୀୟ ପ୍ରେସ ଦିବସରେ ଆମେ ମୂଲ୍ୟବୋଧ ସହିତ ପ୍ରେସ୍ ମୁକ୍ତି ଓ ନୈତିକତା ପ୍ରତି ଯତ୍ନବାନ ହେବା ଲାଗି ସମସ୍ତଙ୍କୁ ଉତ୍ସାହିତ କରିବା ଆବଶ୍ୟକ। ଏହି ଦିନ ଆମକୁ ଗଣମାଧ୍ୟମର ସ୍ୱାଧୀନତା ସହିତ ପକ୍ଷପାତ ଓ ସାଲିସବିହୀନ, ସତ୍ୟ ଓ ନିଃସ୍ୱାର୍ଥପର ଖବର ପରିବେଷଣ ପାଇଁ ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି ତା' ଉପରେ ଚିନ୍ତନ ମନ୍ଥନ କରାଯାଏ। ପ୍ରେସ ମୁକ୍ତି ଓ ନୈତିକତାର ସମନ୍ୱୟ ଦେଶର ଉନ୍ନତ ଭବିଷ୍ୟତର ଆଧାର। ଏହି ଦିନରେ ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ବିସ୍ତୃତ ଆଲୋଚନା କରି ଗଣତାନ୍ତ୍ରିକ ଉପାୟରେ ସେଗୁଡ଼ିକର ମୁକାବିଲା କରାଯିବା ଉଚିତ।

**–ଡ. ନଳିନୀ ପାତ୍ର,** ଅଧ୍ୟାପକ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ

## ଖବର ନିରପେକ୍ଷ, ଗ୍ରହଣୀୟ ହେବା ଜରୁରୀ



ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହିସାବରେ ପ୍ରେସ୍(ଗଣମାଧ୍ୟମ)ର ଅବଦାନ ଅତୁଳନୀୟ। ସାଂପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତିବିଶେଷ ନିଜର ମତାମତ ଦେବା ସହ ସୂଚନା କମ୍ ସେକେଣ୍ଡରେ ଉପସ୍ଥାପନ କରିପାରୁଛନ୍ତି। କିନ୍ତୁ ଏହି ସୂଚନା ନିରପେକ୍ଷ, ନିର୍ଭୀକ ଓ ଗ୍ରହଣୀୟ ହେବା ଦରକାର ; ଯଦ୍ୱାରା ଲୋକଙ୍କର ଆଶା ଓ ବିଶ୍ୱାସ ସର୍ବଦା ବଜାୟ ରହିପାରିବ।

**–ପ୍ରଜ୍ଞା ପାରମିତା ମିଶ୍ର,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ଛାତ୍ରୀ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ

## ସ୍ୱାଧୀନ ଗଣମାଧ୍ୟମ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ



ଆଜିର ପରିବର୍ତ୍ତନଶୀଳ ସମାଜରେ ଏକ ସ୍ୱାଧୀନ, ଦାୟିତ୍ୱଶୀଳ ଓ ନୈତିକ ପ୍ରେସ୍‌ର ଅପରିହାର୍ଯ୍ୟ ଭୂମିକାକୁ ସ୍ମରଣ କରାଏ। ସାମାଜିକ ଗଣମାଧ୍ୟମର ବ୍ୟାପକ ବ୍ୟବହାର ଯୋଗୁ ଜାଲି ଖବର ବ୍ୟାପକ ବେଗରେ ପ୍ରସାରିତ ହେଉଛି। ଆଜିର ପରିସ୍ଥିତିରେ ପ୍ରେସ୍‌ର କର୍ତ୍ତବ୍ୟ କେବଳ ଖବର ପହଞ୍ଚେଇବା ନୁହେଁ, ସମାଜରେ ସତ୍ୟ, ସ୍ୱଚ୍ଛତା ଓ ଦାୟିତ୍ୱକୁ ରକ୍ଷା କରିବା ମଧ୍ୟ ଜରୁରୀ। ସେଥିପାଇଁ ସ୍ୱାଧୀନ ଗଣମାଧ୍ୟମ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ।

**–ଦିବଲିନ ବେହେରା,** ଆଇଆଇଏମ୍‌ସି, ଢେଙ୍କାନାଳ

## ଜାଗ୍ରତ ପ୍ରହରୀ ଦାୟିତ୍ୱ ନିଭାଇବାକୁ ପଡ଼ିବ



ସମାଜର ଉନ୍ନୟନ ଯାତ୍ରାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ। ସ୍ୱାଧୀନତା ଆନ୍ଦୋଳନର ଜ୍ୱଳନ୍ତ ଇତିହାସ ହେଉ କି ଜମ୍ମୁ-କଶ୍ମୀରରୁ ଧାରା ୩୭୦ର ଅବସାନ ଏସବୁରେ ଗଣମାଧ୍ୟମ ଏକ ଶକ୍ତିଶାଳୀ ସେତୁ ସାଜିଛି। ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ। ଏହା କଣ୍ଟାଏ କଣ୍ଟାଏ ପାଳନ କରିବାକୁ ହେବ। ଯଦି ଏହି ପ୍ରହରୀ ନିଜ ଦାୟିତ୍ୱରୁ ବିମୁଖ ହୁଏ, ତେବେ ସମାଜର ଅଗ୍ରଗତି ବନ୍ଦ ହୋଇଯିବ। ନିର୍ଭୀକ ଓ ନିଷ୍ପତ୍ତିପୂର୍ଣ୍ଣ ସାମ୍ବାଦିକତା ପ୍ରତ୍ୟେକ ସାମ୍ବାଦିକଙ୍କ ପ୍ରତିଜ୍ଞା ହେବା ଉଚିତ।

**–ସ୍ୱାଗତିକା ମୁଦୁଲି,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ

ରିପୋର୍ଟ: ଶୁଚିସ୍ମିତା ସାହୁ, ଭୁବନେଶ୍ୱର

# ଡିଏସ୍‌ପି, ଆଇଆଇସିଙ୍କ ବଦଳି ଅଙ୍କ ଛିଣ୍ଡୁନି

ଭୁବନେଶ୍ୱର,୧୫।୧୧(ତ୍ରିନାଥ ମହାନ୍ତି)

ରାଜ୍ୟ ପୋଲିସ ବିଭାଗରେ ସବୁକିଛି ଠିକ୍‌ଠାକ୍ ଚାଲିନାହିଁ। ଡିଏସ୍‌ପି, ଆଇଆଇସିଙ୍କ ବଦଳି ଓ ନୂଆ ଦାୟିତ୍ୱକୁ ନେଇ ଅଙ୍କ ଛିଣ୍ଡୁନି। ଫଳରେ ପଦୋନ୍ନତି ପାଇବାର ୬ ମାସ ବିତିଯାଇଥିଲେ ମଧ୍ୟ ଡିଏସ୍‌ପିମାନେ ଏବେବି ଥାନା ଦାୟିତ୍ୱରେ ରହିଛନ୍ତି। ସେହିପରି ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିବା କେତେଜଣ ଇନ୍ସପେକ୍ଟରଙ୍କୁ ବଦଳି ସହ ଅନ୍ୟତ୍ର ନିଯୁକ୍ତି ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେମାନେ ଥାନା ଛାଡୁନାହାନ୍ତି। ଅନ୍ୟପକ୍ଷରେ ଗତମାସରେ ଏସ୍‌ଆଇରୁ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇଥିବା ୪୨୭ଜଣ ପୋଲିସ ଅଧିକାରୀଙ୍କୁ ବଦଳି କିମ୍ବା ନୂଆ ଦାୟିତ୍ୱ ଦିଆଯାଉନାହିଁ। କାନ୍ଧରେ ୩ ତାରକା ଲାଗିଲେ ମଧ୍ୟ ସେମାନେ ଥାନାରେ ଏସ୍‌ଆଇ ଭଳି କାମ କରୁଛନ୍ତି। ଫଳରେ ଏବେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଥାନାରେ ୩ରୁ ଅଧିକ ପଦୋନ୍ନତି ପାଇଥିବା ଇନ୍ସପେକ୍ଟରଙ୍କୁ ଦେଖିବାକୁ ମିଳୁଛି। ଭୁବନେଶ୍ୱରର ପାହାଳ ଥାନାରେ ୩ଜଣ, ଭରତପୁରରେ ୩ଜଣ, ଶହୀଦନଗର ଥାନାରେ ୪ଜଣ, ମଞ୍ଚେଶ୍ୱରରେ ୩ଜଣ, ନୟାପଲ୍ଲୀ ଥାନାରେ ୩ଜଣ, ଚନ୍ଦ୍ରଶେଖରପୁର ଥାନାରେ ୩ଜଣ, ନନ୍ଦନକାନନ ଥାନାରେ ୨ଜଣ, ଚନ୍ଦକାରେ ୩ଜଣ, ଖଣ୍ଡଗିରି ଥାନାରେ ୩ଜଣ, କ୍ୟାପିଟାଲ ଥାନାରେ ୩ଜଣ ଓ ବଡ଼ଗଡ଼ ଥାନାରେ ୨ଜଣ ଇନ୍ସପେକ୍ଟର ଅଛନ୍ତି। ଏହିଭଳି ରାଜ୍ୟର ଅନେକ ଥାନାରେ ୨ରୁ ଅଧିକ ଇନ୍ସପେକ୍ଟର ରହିଥିବାବେଳେ ଏମାନଙ୍କ ବଦଳି ଓ ନୂଆ ଦାୟିତ୍ୱ ମିଳିବାରେ କାହିଁକି ବିଳମ୍ବ ହେଉଛି ତାହାକୁ ନେଇ ପ୍ରଶ୍ନ ଉଠୁଛି। ମନ ମୁତାବକ ଚୌକି ପାଇଁ ବଡ଼ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତାମନ୍ତ୍ରୀଙ୍କ ପାଖରେ ଲବି ଚାଲୁଥିବାରୁ ଏ ପରିସ୍ଥିତି ସୃଷ୍ଟି ହୋଇଥିବା ବିଭାଗୀୟ ମହଲରେ ହେଉଥିବା ଚର୍ଚ୍ଚାରୁ ଶୁଣିବାକୁ ମିଳୁଛି। ଏସ୍‌ଆଇ ପରୀକ୍ଷା ଜାଲିଆତିକୁ ନେଇ ରାଜ୍ୟ ପୋଲିସ ବିଭାଗ ବଦନାମ ମୁଣ୍ଡାଇଥିବାବେଳେ ଏବେ ପଦୋନ୍ନତି, ବଦଳି ଓ ଦାମୀ ଚୌକି ପାଇଁ ଲବି ଆଉ ଏକ ବିବାଦ ସୃଷ୍ଟି କରିବାକୁ ଯାଉଛି।



ମିଳିଥିବା ସୂଚନାନୁସାରେ, ପଦୋନ୍ନତି ପାଇଥିବା ଅଧିକାଂଶ ପୋଲିସ ଅଧିକାରୀ ରାଜଧାନୀ ଭୁବନେଶ୍ୱର ଭଳି ବଡ଼ ସହରରେ ରହିବାକୁ ଚାହୁଁଛନ୍ତି। ସେହିପରି ଏଠାରେ ରହୁଥିବା ପୋଲିସ ଅଧିକାରୀମାନେ ପିଲାଙ୍କ ପାଠ ଓ ପରିବାର ପାଇଁ ଅନ୍ୟତ୍ର ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଗୋଟିଏ ପୋଲିସ ଜିଲାରେ ସେମାନେ ୩ ବର୍ଷ ରହିଥିଲେ ମଧ୍ୟ ନାନା ସମସ୍ୟା ଦେଖାଇ ନିଜ କ୍ଷମତା ଅନୁସାରେ ଲବି ଚଳାଇଛନ୍ତି। ଏଥିପାଇଁ ଏବେ ଅଧିକାଂଶ ଥାନାରେ ବିଭିନ୍ନ ପ୍ରକାର ସମସ୍ୟା ଉପୁଜୁଛି। ଗୋଟିଏ ଥାନାରେ ଇନ୍ସପେକ୍ଟର ର୍‍ୟାଙ୍କର ୩ଜଣ ଅଧିକାରୀ ରହୁଥିବାରୁ ଥାନାକୁ ଆସୁଥିବା ଅଭିଯୋଗକାରୀ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଏପରିକି ବଦଳି ଅର୍ଡରକୁ ଅପେକ୍ଷା କରି ସମ୍ପୃକ୍ତ ଅଧିକାରୀମାନେ ମଧ୍ୟ ଥାନାରେ ଠିକ୍ ଭାବେ କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି।

ଅନ୍ୟପକ୍ଷରେ ପଦୋନ୍ନତିକୁ ନେଇ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଏଥିରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ ଉଠୁଛି। ଗତ ଏପ୍ରିଲ ୨୩ରେ ୧୬୮ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ର୍‍ୟାଙ୍କକୁ ପଦୋନ୍ନତି ଦିଆଗଲା। ପରେ ଆଉ ଜଣେ ଇନ୍ସପେକ୍ଟରଙ୍କୁ ପଦୋନ୍ନତି ଦିଆଗଲା। ପରବର୍ତ୍ତୀ ନିର୍ଦ୍ଦେଶନାମା ନ ବାହାରିବା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ କୁହାଗଲା। ଦୁଇ ମାସ ପରେ ମାତ୍ର ୭୯ଜଣ ଡିଏସ୍‌ପିଙ୍କୁ ନୂଆ ସ୍ଥାନକୁ ବଦଳି କରାଯାଇ ନୂଆ ଦାୟିତ୍ୱ ମିଳିଥିଲା। ହେଲେ ବାକି ୯୯ଜଣ ଡିଏସ୍‌ପି ଏବେବି ନିଜର ପୂର୍ବ ସ୍ଥାନରେ କାର୍ଯ୍ୟ କରୁଛନ୍ତି। ତେବେ ଡିଏସ୍‌ପି ନିଯୁକ୍ତି କ୍ରମାନ୍ୱୟରେ ଅର୍ଥାତ୍ ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ ହୋଇ ନ ଥିବା ଶୁଣିବାକୁ ମିଳିଛି। ଅନେକ କନିଷ୍ଠଙ୍କୁ ପଦୋନ୍ନତି ମିଳିଥିବାରୁ ପଦୋନ୍ନତି ପାଇ ନ ଥିବା ବରିଷ୍ଠ ଅଧିକାରୀଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳୁଛି। ପଦୋନ୍ନତି ପାଇଥିବା ୪୨୭ ଇନ୍ସପେକ୍ଟର ଏବଂ ୯୯ଜଣ ଡିଏସ୍‌ପିଙ୍କୁ ନୂଆ ପଦ ଓ ଦାୟିତ୍ୱ ଦିଆଯାଉ ନ ଥିବାରୁ ସେମାନଙ୍କ ମନୋବଳ ଭାଙ୍ଗିଯାଉଛି। ରାଜ୍ୟରେ ବହୁ ଇନ୍ସପେକ୍ଟର ଓ ଡିଏସ୍‌ପି ପଦବୀ ଫାଙ୍କା ଥିବାବେଳେ କାହା ନିର୍ଦ୍ଦେଶରେ ନିଯୁକ୍ତିରେ ବିଳମ୍ବ ହେଉଛି। ପଦୋନ୍ନତି ପରେ ଯଦି ଗୋଟିଏ ଥାନାରେ କାମ କରିବେ ତାହା ହେଲେ ପଦୋନ୍ନତି କ'ଣ ପାଇଁ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି।

ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, ଦକ୍ଷତା ଅନୁସାରେ ଥାନାରେ ପଦୋନ୍ନତି ଓ ନିଯୁକ୍ତି ଦିଆଯାଉଛି। ଡିଜିପିଙ୍କ ଅଫିସରୁ ବଦଳି ଅର୍ଡର ହେଲେ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

# ଅସୁସ୍ଥ ହାତୀର ଚିକିତ୍ସା

ବଣ୍ଟଅଁରପାଳ,୧୫।୧୧(ସୁବାସ ସାହୁ)

ଅନୁଗୋଳ ଜିଲା ତାଳଚେର ରେଞ୍ଜ ଏଫ୍‌ସିଆଇ ସେକ୍ସନ ଗଣ୍ଡିଗାଡ଼ିଆ ବିଟ୍ ତୁଳସୀପାଳ ଗ୍ରାମରେ ଶନିବାର ଏକ ଅସୁସ୍ଥ ହାତୀର ଚିକିତ୍ସା କରାଯାଇଛି। ସୂଚନା ଅନୁଯାୟୀ, ଦୀର୍ଘ ମାସ ହେବ ହାତୀପଲ ତୁଳସୀପାଳ ଅଞ୍ଚଳରେ ରହି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ପଲରେ ଥିବା ଗୋଟିଏ ହାତୀ ଅସୁସ୍ଥ ଥିବା ଜଣାପଡ଼ିଥିଲା। ହାତୀଟି ଛୋଟେଇ ଛୋଟେଇ ଚଳପ୍ରଚଳ କରୁଥିଲା। କିଛିଦିନ ତଳେ ବନ ବିଭାଗ ହାତୀର ଚିକିତ୍ସା କରିଥିବାବେଳେ ପୁନର୍ବାର ଆବଶ୍ୟକତା ପଡ଼ିବାରୁ ହାତୀକୁ ଟ୍ରାଙ୍କୁଲାଇଜ୍ କରାଯାଇ ଆଘାତ ଗୋଡ଼ର ଚିକିତ୍ସା କରାଯାଇଥିଲା। ଏହି ପ୍ରକ୍ରିୟା ପ୍ରାୟ ୪ ଘଣ୍ଟା ଧରି ଚାଲିଥିଲା। ଚିକିତ୍ସାବେଳେ ଭେଟେରିନାରି ଡା. ପ୍ରଦୀପ୍ତ ସିଂହ, ଏସିଏଫ୍ କୃଷ୍ଣଚନ୍ଦ୍ର ସାହୁ, ରେଞ୍ଜର ଚାରୁଲତା ନାୟକ, ଫରେଷ୍ଟର ପଙ୍କଜ ନାୟକ, ବାୟୋଲୋଜିଷ୍ଟ ମନୋରଞ୍ଜନ ପରିଡ଼ା, ଗଜସ୍କ୍ୱାଡ୍, ଗଜମିତ୍ର, ରାପିଡ ଫୋର୍ସ ପ୍ରମୁଖ ଉପସ୍ଥିତ ଥିଲେ।


No.B-694

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I : CUTTACK**
E-Mail I.D. - eepwdcuttack@gmail.com, Tel./Fax No.(0671)-2304128
GOVERNMENT OF ODISHA 'e' Procurement Notice
e-procurement Notice for Building (E.I.) works
Bid Identification No. S.E. CTC(R&B)- 51 of 2025-26

The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for Building work (E.I) as mentioned below.

1. No. of the Work : **12 (Twelve) Nos. of E.I Works**
2. Date & time of availability of bid document in the portal : **From dt.18.11.2025 to 5 P.M. of dt.03.12.2025**
3. Last date / time of receipt of bids in the portal : **5 P.M. of dt.03.12.2025**
4. Date & time of opening of bids : **11 A.M. of dt.04.12.2025**
5. Name and address of the Officer Inviting Bid : **Superintending Engineer, Cuttack (R&B) Division No.I, Cuttack**

Further details can be seen from the e-procurement portal **"https://tendersodisha.gov.in**

OIPR-
Sd./- Superintending Engineer, Cuttack (R&B) Division No.I



No.T-103

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.17.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-


# 'ଲୋକଙ୍କ ଆଶା ପୂରଣ ରାଜସ୍ୱ କର୍ମଚାରୀଙ୍କ କର୍ତ୍ତବ୍ୟ'




ମା' ସମଲେଶ୍ୱରୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରୁଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

## ସମ୍ବଲପୁରରେ ଆର୍‌ଡିସିସ୍ତରୀୟ ପ୍ରଶାସନିକ କର୍ମଶାଳା

ସମ୍ବଲପୁର,୧୫।୧୧(ପ୍ରମୋଦ ବହିଦାର)

ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣକୁ ପ୍ରାଥମିକତା ଦେବା ପ୍ରତ୍ୟେକ ରାଜସ୍ୱ ବିଭାଗ କର୍ମଚାରୀଙ୍କ ପ୍ରାଥମିକ କର୍ତ୍ତବ୍ୟ। ତେଣୁ ରାଜସ୍ୱ ଆଇନର ଉପଯୁକ୍ତ ସମୀକ୍ଷା ଲୋକଙ୍କୁ ନ୍ୟାୟ ଦେବାକୁ ହେବ। ସ୍ଥାନୀୟ ଏକ ହୋଟେଲ୍‌ରେ ଶନିବାର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ଡିଭିଜନସ୍ତରୀୟ ଦୁଇଦିନିଆ ପ୍ରଶାସନିକ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମସ୍ତ ରାଜସ୍ୱ ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି। ଆର୍‌ଡିସି ସଚିନ ରାମଚନ୍ଦ୍ର ଜାଧବ ସ୍ୱାଗତ ଅଭିଭାଷଣ ଦେଇ ପାରଦର୍ଶିତା ଅବଲମ୍ବନ ପୂର୍ବକ ରାଜସ୍ୱ ସେବାକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି କହିଥିଲେ।

କର୍ମଶାଳାରେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନ ସମସ୍ତ ୧୨ ଜିଲାର ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ତହସିଲଦାର, ରାଜସ୍ୱ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଯୁଗ୍ମ ଓ ଅତିରିକ୍ତ ସଚିବସ୍ତରୀୟ ଅଧିକାରୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଜମି ବନ୍ଦୋବସ୍ତ, ନକ୍ସଲ ଓ ଖାସମାହାଲ ସମସ୍ୟାର ସମାଧାନ ଆଇନ ୧୯୭୨ ଅନୁସାରେ ଅନଧିକୃତ ଦଖଲ ହଟାଇବା, ଡିଜିଟାଲ ଆପ୍ଲିକେଶନ୍‌ର ବ୍ୟବହାର, କୃଷି ଜମିର ପରିବର୍ତ୍ତନ, ଜଳାଶୟ କିସମ ଜମି ସୁରକ୍ଷା, ସୀମା ପରିବର୍ତ୍ତନ, ହାଇଟେକ୍ ସର୍ଭେ, ଭୂ-ନକ୍ସା ଡିଜିଟାଇଜେସନ୍, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ଉପଯୁକ୍ତ ମନିଟରିଂ, ଇନପୁଟ୍ ସବ୍‌ସିଡି ଫସଲ ବୀମା ବଣ୍ଟନ ଓ ଉପଗ୍ରହ ଓ ଡିଜିଟାଲ କ୍ରପ ସର୍ବେକ୍ଷଣ, ଜାତି ପ୍ରମାଣପତ୍ର ପ୍ରଦାନ ତଥା ନକଲି ଜାତି ପ୍ରମାଣପତ୍ର ସମ୍ବନ୍ଧୀୟ ସମସ୍ୟା ପ୍ରସଙ୍ଗରେ ଆଲୋଚନା ହୋଇଥିଲା।


No.O-1442

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
(eerw_kpd@yahoo.com)
1st Corrigendum to
Tender call Notice No - Tender Online RWD/KPD - 10 of 2025-26, Dated : 30.10.2025

Due to unavoidable circumstances the change as detailed below are hereby made in the above NIT.

1. Decision to conduct Lottery- if required to decide the agency, transparent Lottery shall be coducted on dt 09.12.2025 at 11.00 A.M. respectively in Office Chamber of the undersigned.
2. Period of availability of tenders online / Date of time bidding online / Date of opening of tender papers : The details are as follows

| Procurement Officer | Place of opening | Availability of tender on line for bidding in online | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 19.11.2025 At 11:00 A.M. | Up to 5.00 P.M. on Dt.01.12.2025 | Up to 5:00 P.M. on 29.12.2025 | 02.12.2025 At 11:00 A.M. |

1. All other terms and conditions of the said Tender Call Notice shall remain unaltered.

OIPR-
Sd./- Executive Engineer
Rural Works Division, Kendrapara



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
Phone : 9438660004, e-mail : eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.12.11.2025

**No.C-1477** : The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Single Bid system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply, Installation Testing & Commissioning of DG Sets (CPCB IV + GEN set with AMF Pannel) with Movable Trolley including shed for Soro Town | SEPHBLS-28 dt.12.11.2025 | 47.58 | 02 (two) calendar month | 11:00 Hrs. of dt.18.11.2025 | 17:00 Hrs. of dt.03.12.2025 | 17:00 Hrs. of dt.28.11.2025 | 11:00 Hrs. of dt.04.12.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.
**Name and Address of the officer inviting bid : The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004**

OIPR-
Sd./- Superintending Engineer, P.H.Division, Balasore



No.O-1423

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
"e" Procurement Notice for Weir on Bridge Work
Identification No.- Online Tender- Weir on Bridge N.C.B. No.398 for 2025-26.
Letter No.5167/Date 11.11.2025//

1. Name of the work : Construction of Weir adjacent to Bridge in the District of Mayurbhanj, 2. Total No. of work : 04 Nos. (Four), 3. Estimated Cost : **Rs.100.45 Lakhs to Rs.127.61 Lakhs (approximately)**. 4. Eligible Class of Contractor : **As per annexure**, 5. Period of Completion : **As per annexure**, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge On-line N.C.B. No.398 | Dt.17.11.2025 at 11.00 A.M. | Dt.01.12.2025 up to 5.00 P.M. | Dt.29.11.2025 up to 5.00 P.M. | Dt.02.12.2025 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum / Addendum will be displayed in the above e_tender website only.

OIPR-
Sd./- Er. A.K Naik
Chief Construction Engineer,
R.W. Circle, Baripada



No. RR-27

**ବିଜ୍ଞାପନ**
**ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**
ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର – ୭୫୧୦୧୩
Email:gkcmorc@gmail.com, Website: gkcmorc.org

ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ଼ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ । ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲର ସୁବିଧା ସହିତ ମାସିକ ଟ.୫୦୦୦/- ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୩୦ଦିନ ମଧ୍ୟରେ (ତା.୧୬.୧୧.୨୦୨୫ ରିଖ ଠାରୁ ତା.୧୫.୧୨.୨୦୨୫) ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ୍ୟ ଆବେଦନ କରିପାରିବେ ।
ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ । ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ୍ୟ ପ୍ରଶିକ୍ଷଣ ଦିଆଯିବ ।

**ଆବଶ୍ୟକୀୟ ଯୋଗ୍ୟତା**

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ । (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ । (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ । (୪) ଶିକ୍ଷାମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

ବିଶେଷ ଦ୍ରଷ୍ଟବ୍ୟ : ଏହି ପାଠ୍ୟକ୍ରମ ୨୦୨୬ ଜାନୁୟାରୀ ମାସରୁ ଆରମ୍ଭ କରାଯିବ । ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ ।

OIPR:
ମୁଖ୍ୟ ନିର୍ବାହୀ



**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
Tel. No. 06724-223485, mail - rwssjspur@gmail.com
e-Procurement Notice
Bid Identification No. 35 of 2025-26

**No.O-1415** : The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump sum composite bids in Double Cover system in online mode for Execution of RPWS scheme on Turnkey basis from eligible Class of contractors.

1. Name of work : Execution of PWS
2. No. of work : 02 Nos
3. Estimated Cost : Rs. 1,06,45,932/- to Rs. 1,47,04,949/-
4. Cost of Tender paper : Rs. 10000/- Each
5. Class of contractor : 'B' & 'A'
6. Availability of Tender in website : 17.11.2025 to 26.11.2025
7. Submission of Bid in online : 17.11.2025 to 26.11.2025
8. Date of seeking clarification : 17.11.2025 to 24.11.2025
9. Date of opening of bids : 27.11.2025 (11.00 A.M.)
10. Name and address of O.I.T : Superintending Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and Bid security should be submitted in online mode
13. Subsequent corrigendum/addendum if required shall only be appeared in above website.

OIPR-
Sd./- Executive Engineer
RWS&S Divn., Jagatsinghpur


See Career Appointment on every Wednesday & Saturday

# ଜନଜାତୀୟ ଗୌରବ ଦିବସ ବୀରତ୍ୱ, ତ୍ୟାଗ ପ୍ରତି ଉତ୍ସର୍ଗୀକୃତ: ମୁଖ୍ୟମନ୍ତ୍ରୀ

**ରାଉରକେଲା, ୧୫।୧୧ (ସଙ୍ଗୀତା ଜେନା)**

ବିର୍ସା ମୁଣ୍ଡା ଦେଶପ୍ରେମୀ ଥିଲେ। ଦେଶ ସ୍ୱାଧୀନତାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଇଂରେଜ ଉପନିବେଶକଙ୍କ ଦ୍ୱାରା ଆଦିବାସୀଙ୍କ ଜଙ୍ଗଲ ଜମି ହଡପ, ବନଜାତ ଦ୍ରବ୍ୟ ବ୍ୟବହାର ଉପରେ ଅଙ୍କୁଶ, ଧର୍ମାନ୍ତରୀକରଣକୁ ବିରୋଧ କରି ଧରତୀ ଆବା ଭଗବାନ ବିର୍ସା ମୁଣ୍ଡା ସଂଗ୍ରାମ କରିଥିଲେ। ତାଙ୍କ ଜନ୍ମଭୂମି ଝାଡ଼ଖଣ୍ଡର ଖୁଣ୍ଟି ସମେତ ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗରେ ବସବାସ କରୁଥିବା ହଜାର ହଜାର ଆଦିବାସୀଙ୍କୁ ସଙ୍ଗଠିତ କରି ଆନ୍ଦୋଳନ ଆରମ୍ଭ କରିଥିଲେ। ଜନଜାତୀୟ ଗୌରବ ଦିବସ ବୀରତ୍ୱ ଏବଂ ତ୍ୟାଗ ପ୍ରତି ଉତ୍ସର୍ଗୀକୃତ। ଏଥିପାଇଁ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଭଳି ଆଦିବାସୀବହୁଳ ଜିଲାରେ ଏହି ଅଭିଯାନ ଚାଲିଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀଙ୍କ ପାଇଁ ଜୈବ ଓ ସାଂସ୍କୃତିକ ବିବିଧତା ରକ୍ଷା କରିବା ଉପରେ ପ୍ରାଥମିକତା ଦେଇଛନ୍ତି। ଆଦିବାସୀଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ତରରେ ସାମିଲ କରାଯାଉଛି। ରାଷ୍ଟ୍ରପତି, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀଗଣରେ ଆଦିବାସୀଙ୍କୁ ସୁଯୋଗ ଦେବା ଏହାର ବଳିଷ୍ଠ ଉଦାହରଣ। ଶନିବାର ଅପରାହ୍ନରେ ସେକ୍ଟର-୧୩ ପ୍ରଦର୍ଶନୀ ପଡ଼ିଆରେ ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ ଆହୁରି କହିଥିଲେ, ଜନଜାତି ଗୌରବ ଦିବସ ଉପଲକ୍ଷେ ଅନେକ ସ୍ଥାନରେ ଶ୍ରଦ୍ଧାଞ୍ଜଳି, ସେମାନଙ୍କ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ, ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରାଉରକେଲା ଓ ସୁନ୍ଦରଗଡ଼ ଜିଲା ପାଇଁ ୧୩୪୫.୨୭ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ କରାଯିବା ସହିତ ୬୦୯ କୋଟି ଟଙ୍କାର ପ୍ରକଳ୍ପଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଉରକେଲା ହନୁମାନ ବାଟିକା ଛକରୁ ପାୱାର ହାଉସ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସା ମୁଣ୍ଡା ସଡ଼କ ଏବଂ କୋଏଲନଗରରେ ଏକ ପାର୍କକୁ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରାଯାଇଛି। ଜନଜାତିଙ୍କ ସାକ୍ଷରତା ହାର ବୃଦ୍ଧି କରିବା ସହ କୃଷି ଓ ଅଣକୃଷି, ପଶୁପାଳନରେ ଆର୍ଥିକ ପ୍ୟାକେଜ ଦିଆଯାଇଛି। ଜନଜାତି ଛାତ୍ରୀଛାତ୍ରଙ୍କ ସ୍କୁଲ ଡ୍ରପ୍ ଆଉଟ୍ ରୋକିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ବାବଦରେ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ୨୦୨୫-୨୬ରେ ୧ ଲକ୍ଷ ୫୦ ହଜାର ଜନଜାତି ପରିବାର ପାଇଁ ୫ଶହ କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରାଯାଉଛି। ସମୃଦ୍ଧ ଓଡ଼ିଶା ବିକଶିତ ଓଡ଼ିଶାରେ ୪ ଭାଗରୁ ଏକ ଭାଗ ଆଦିବାସୀଙ୍କ ପାଇଁ ରହିଛି। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରାଥମିକତା ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନଜାତିଙ୍କ କଲ୍ୟାଣ ପାଇଁ ପିଏମ୍ ଜନମନ୍ ଯୋଜନା, ଧରତୀ ଆବା ଜନଭାଗିଦାରି ଅଭିଯାନ, ଆଦି କର୍ମଯୋଗୀ ଅଭିଯାନ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ଜନଜାତି ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଉଦ୍ୟମ କରୁଛନ୍ତି। ପିଏମ୍ ଜନଜାତି ଗ୍ରାମ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହା ଅଧୀନରେ ଜନଜାତି ସାଥୀ ଓ କର୍ମନିୟୋଜନ, ଜଳସେଚନ, ପଶୁପାଳନ ଓ ଲଘୁ ଉଦ୍ୟୋଗ କ୍ଷେତ୍ରରେ ୪୯୮୦ ଜଣ ଯୁବତୀଯୁବକଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରି ସଶକ୍ତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ କହିଥିଲେ।

କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଏସ୍‌ଟି ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ଅମ୍ରିତପାଲ କୌର ପ୍ରମୁଖ ମଞ୍ଚାସୀନ ଥିଲେ। ଏସ୍‌ଟି/ଏସ୍‌ସି ଉନ୍ନୟନ ବିଭାଗ କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଏବଂ ସୁନ୍ଦରଗଡ଼ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଅପରାହ୍ନ ୧ଟା ୨୦ରେ ରାଉରକେଲା ବିମାନବନ୍ଦରରେ ପହଞ୍ଚିଥିଲେ। ପରେ ସେ ଅପରାହ୍ନ ୨ଟା ୨୦ରେ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।



ରାଉରକେଲାରେ ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମଞ୍ଚାସୀନ ଅତିଥିଗଣ।

# ସଚେତନତା ଜରିଆରେ ରୋକିହେବ ଦୁର୍ଘଟଣାଜନିତ ମୃତ୍ୟୁ: ମନ୍ତ୍ରୀ ବିଭୂତି ଜେନା

**ଭୁବନେଶ୍ୱର, ୧୫।୧୧ (ସୁନିତ୍ ମିଶ୍ର)**



ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ବ୍ୟାପକ ଜନସଚେତନତା ମାଧ୍ୟମରେ ଏହି ସଂଖ୍ୟା ହ୍ରାସ କରିହେବ। ଏଥିପାଇଁ ନଭେମ୍ବର ୧୬ରୁ ୩୦ ପର୍ଯ୍ୟନ୍ତ ଶୂନ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଥିନେଇ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମୟରେ ୪ଟି 'ଇ' ଯଥା- ଏନ୍‌ଫୋର୍ସମେଣ୍ଟ, ଇଞ୍ଜିନିୟରିଂ, ଏଜୁକେଶନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଶନିବାର ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଜେନା ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହ ଆଲୋଚନା କରିବା ସହ ଶୂନ ମୃତାହତ ପକ୍ଷ ପାଳନକୁ ସଫଳ କରିବା ନେଇ ବିଭିନ୍ନ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଂଘକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ। ସାରା ରାଜ୍ୟରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯିବ। ଏଥିପାଇଁ ସବୁ ଜିଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ସେହିଭଳି ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ରାସ୍ତା ଉପରେ ମଧ୍ୟ ବିଶେଷ ନଜର ରହିବ। କିଭଳି ସେଠାରେ ଦୁର୍ଘଟଣାକୁ ହ୍ରାସ କରାଯାଇପାରିବ ସେଥିପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଜିଲା ପ୍ରଶାସନଙ୍କୁ କୁହାଯାଇଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି।

# ଅନ୍ୟ ଉପନିର୍ବାଚନ ତୁଳନାରେ ଭଲ କଲୁ: ଭକ୍ତ

**ଭୁବନେଶ୍ୱର, ୧୫।୧୧ (ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନରେ ହାରିବା ପରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଦଳ ୨ ନମ୍ବର ହେବା କଥାରେ ଖୁସି ହୋଇଯାଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ସେ ଶନିବାର ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାରୁ ମଧ୍ୟ ସେକଥା ଲକ୍ଷ୍ୟ କରାଯାଇଛି। ଭକ୍ତ କହିଛନ୍ତି, କଂଗ୍ରେସ ଓଡ଼ିଶାରେ ଭାଜପାର ବିକଳ୍ପ। ଆଗକୁ ଏହା ହେବାକୁ ଯାଉଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରଚାର କରିବାକୁ ୨ ଥର ଯାଇ ଆସିଲେ। ତଥାପି ତାଙ୍କ ଦଳ ତୃତୀୟ ସ୍ଥାନରେ ରହିଲା। କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଛି। ଅନ୍ୟ ଉପନିର୍ବାଚନ ତୁଳନାରେ କଂଗ୍ରେସ ଏଥର ଭଲ କରିଛି ବୋଲି ଭକ୍ତ କହିଛନ୍ତି। ସୂଚନାଯୋଗ୍ୟ, ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କଠାରୁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୮୩ ହଜାର ୭୪୮ ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ଏପରିକି ଘାସିରାମ ସ୍ୱାଧୀନରେ ୨୦୨୪ରେ ପ୍ରାର୍ଥୀ ହୋଇ ଯେତିକି ଭୋଟ୍ ପାଇଥିଲେ ଉପନିର୍ବାଚନରେ ତା'ଠାରୁ ୧୦ ହଜାର ୮୨୦ ଖଣ୍ଡ କମ୍ ଭୋଟ୍ ପାଇଲେ। ଅର୍ଥାତ୍ କଂଗ୍ରେସ ପ୍ରାର୍ଥୀ ଭାବେ ଘାସିରାମଙ୍କୁ ସେଠାରେ ଏକ ପ୍ରକାର ସ୍ଥାନୀୟ ଭୋଟର ପ୍ରତ୍ୟାଖ୍ୟାନ କରିଛନ୍ତି। ତଥାପି ଭକ୍ତଙ୍କ ପ୍ରତିକ୍ରିୟା ୨ ନମ୍ବର ସ୍ଥାନରେ ରହି ଖୁସି ଅଛନ୍ତି ବୋଲି ଜଣାଇବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# ବିବାହ ବାର୍ଷିକୀରେ ବାପା ହେଲେ ରାଜକୁମାର



**ମୁମ୍ବାଇ:** ଅଭିନେତା ରାଜକୁମାର ରାଓ ପିତା ହୋଇଛନ୍ତି। ସ୍ତ୍ରୀ ପତ୍ରଲେଖା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି। ରାଜକୁମାର ଏବଂ ପତ୍ରଲେଖାଙ୍କ ବିବାହର ଚାରିବର୍ଷ ପୂରଣ ହେଉଥିବା ଦିନ ଏକ କନ୍ୟାସନ୍ତାନର ଆଗମନ ଅଭିନେତାଙ୍କ ଖୁସିକୁ ଦ୍ୱିଗୁଣିତ କରିଛି। ୪୧ ବର୍ଷ ବୟସରେ ପିତା ହୋଇଥିବା ରାଜକୁମାର ଇନ୍‌ଷ୍ଟାଗ୍ରାମରେ ଏହି ଖୁସି ଖବର ଶେୟାର କରି ଲେଖିଛନ୍ତି, ଆମର ଚତୁର୍ଥ ବିବାହ ବାର୍ଷିକୀରେ ଭଗବାନ୍ ଆମକୁ ସବୁଠାରୁ ବଡ଼ ଆଶୀର୍ବାଦ 'କନ୍ୟାସନ୍ତାନ' ରୂପେ ଦେଇଛନ୍ତି। ପତ୍ରଲେଖାଙ୍କୁ ୧୫ ନଭେମ୍ବର ୨୦୨୧ରେ ବିବାହ କରିଥିଲେ ରାଜକୁମାର।

# ଭଞ୍ଜ ରାଜବଂଶ ପ୍ରତିଷ୍ଠା କରିଥିବା ମନ୍ଦିରରୁ କୋଟିଏ ଟଙ୍କାର ମୂର୍ତ୍ତି ଚୋରି

**ଭଞ୍ଜନଗର, ୧୫।୧୧ (ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ନାରାୟଣପାଟଣାସ୍ଥିତ ନାରାୟଣ ସ୍ୱାମୀ ମନ୍ଦିରରୁ ଶୁକ୍ରବାର ରାତିରେ ଏକ ବଡଧରଣର ଚୋରି ହୋଇଛି। ପ୍ରାୟ ୩ଶହ ବର୍ଷ ତଳର ଅଷ୍ଟଧାତୁ ନିର୍ମିତ ୪ଟି ରାଧାକୃଷ୍ଣ ମୂର୍ତ୍ତି, ୨ଟି ନର୍ତ୍ତକୀ ମୂର୍ତ୍ତି ସମେତ ଅନ୍ୟାନ୍ୟ ଜିନିଷ ଚୋରି ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ତାରସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ, ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସ୍‌ଡିପିଓ ଡ. ଦୀପକ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଚୋରିରେ ଏକ ବଡଧରଣର ରାକେଟ ଜଡ଼ିତ ଥିବା ଆଶଙ୍କା କରାଯାଉଛି। ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରିଥିବା ଜଣାପଡିଛି। ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଘୁମୁସର ରାଜା ଭଞ୍ଜ ରାଜବଂଶ ପକ୍ଷରୁ ୧୭୬୦ରେ ଘୁମୁସରର ରାଜଧାନୀ କୁଲାଡ ଏବଂ କୁଲାଡକୁ ଲାଗି ଥିବା ନାରାୟଣ ପାଟଣାରେ ଏକାଧିକ ମନ୍ଦିର ନିର୍ମାଣ ହୋଇଥିଲା। ସେଥିମଧ୍ୟରୁ କୁଲାଡ ଜଗନ୍ନାଥ ମନ୍ଦିର ଏବଂ ନାରାୟଣ ମନ୍ଦିର ଅନ୍ୟତମ ଥିଲା। ୧୯୯୩ରେ କୁଲାଡ ଜଗନ୍ନାଥ ମନ୍ଦିରରୁ ସମସ୍ତ ଅଳଙ୍କାର ଚୋରି ହୋଇଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ଲୁଟ ଅଳଙ୍କାରର କୌଣସି ସନ୍ଧାନ ମିଳୁନାହିଁ। ଏଭଳି ପରିସ୍ଥିତିରେ ଶୁକ୍ରବାର ରାତିରେ ନାରାୟଣସ୍ୱାମୀ ମନ୍ଦିରରୁ ଚୋରି ହୋଇଛି। ଚୋରି ମୂର୍ତ୍ତିଗୁଡ଼ିକ ପ୍ରାୟ ସାଢ଼େ ୪ ଫୁଟରୁ ଅଢେଇ ଫୁଟ ମଧ୍ୟରେ ହେବ। ରାତି ସାଢ଼େ ୮ଟାରେ ନୀତି ଶେଷ ପରେ ପୂଜାରୀ ମନ୍ଦିର ତାଲା ପକାଇ ଯାଇଥିଲେ। ଶନିବାର ସକାଳେ ମନ୍ଦିର ଖୋଲିବାକୁ ଆସିବା ସମୟରେ ମନ୍ଦିରରୁ ଚୋରି ହୋଇଥିବା ଜାଣିଥିଲେ। ପରେ ସେ ଥାନାରେ ଏନେଇ ଅଭିଯୋଗ କରିଥିଲେ। ତଦନ୍ତ ଆରମ୍ଭ କରିଥିବା ପୋଲିସ ଚୋରିର କିଛିଟା ସୁରାକ ପାଇଛି। ସପ୍ତାହେ ମଧ୍ୟରେ ଘଟଣାର ରହସ୍ୟ ଉନ୍ମୋଚିତ ହେବ ବୋଲି ପୋଲିସ କହିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆତଙ୍କ ବେଳେ ଯାଚନ୍ତି କୁକୁଡ଼ା**
**ଆତଙ୍କ ଗଲେ ଦିଅନ୍ତି ନେଫେଡା।**

ସାଧାରଣତଃ ଜନସାଧାରଣଙ୍କର ଭଗବାନଙ୍କ ପ୍ରତି ବିଶ୍ୱାସ ରହିଥାଏ। ଅନେକ ସମୟରେ କିଛି ବ୍ୟକ୍ତି ବିପଦରେ ପଡ଼ିଥିବାବେଳେ ଏଥିରୁ ବର୍ତ୍ତିବା ନିମନ୍ତେ ଭଗବାନଙ୍କ ପାଖରେ କିଛି ମାନସିକ ଯାଚୁଥିବାର ଦେଖିବାକୁ ମିଳିଥାଏ। ବିପଦ ଟଳିଗଲା ପରେ ସେମାନେ କିନ୍ତୁ ଏଥିପ୍ରତି ଆଉ ସେତେଟା ଧ୍ୟାନ ବା ନଜର ଦେଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆଗୁଳି ଚଳେ, ପଛୁଳି ବୋଲେ,**
**ମଝୁଳି ବନ୍ଧୁ ଦର୍ଶନ କରେ।**

ଗୋଡ଼ର ଆଗ ଅଂଶ କୁଣ୍ଡାଇ ହେଲେ ଭ୍ରମଣ ଯୋଗ ରହିଥାଏ। ସେହିପରି ଗୋଡ଼ର ପଛ ଅଂଶ କୁଣ୍ଡାଇ ହେଲେ କଳି ଏବଂ ମଝି ଅଂଶ କୁଣ୍ଡାଇ ହେଲେ ବନ୍ଧୁ ଦର୍ଶନ କରାଏ ବୋଲି ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ହାତୀ ଶାବକର ମୃତଦେହ ଠାବ

**ବାରିପଦା, ୧୫।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ତଥା ରେଞ୍ଜ୍ ଅଧୀନ ହଳଦୀବଣୀ ଜଙ୍ଗଲରେ ଏକ ହାତୀ ଶାବକର ମୃତଦେହ ଶନିବାର ଠାବ ହୋଇଛି। ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରାଇ ନମୁନା ସଂଗ୍ରହ କରିଛନ୍ତି। ୧୫ ଦିନ ମଧ୍ୟରେ ୨ଟି ହାତୀ ଶାବକର ଅସ୍ୱାଭାବିକ ମୃତ୍ୟୁକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ୧୩ ଟିକିଆ ହାତୀପଲ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଛନ୍ତି। ହାତୀପଲରେ ଥିବା ଏକ ଶାବକର କୌଣସି କାରଣରୁ ମୃତ୍ୟୁ ଘଟିଛି। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ଅକ୍ଟୋବର ୩୦ରେ ବାଙ୍ଗିରିପୋଷି ଅଞ୍ଚଳରେ ସେହି ହାତୀପଲରୁ ଏକ ଶାବକର ମୃତ୍ୟୁ ଘଟିଥିଲା। ଗୋଟିଏ ପରେ ଗୋଟିଏ ହାତୀ ଶାବକଙ୍କ ମୃତ୍ୟୁ ଘଟୁଥିବାରୁ ହାତୀଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ହାତୀ ମୃତ୍ୟୁର କାରଣ ଖୋଜିବା ସହ ସୁରକ୍ଷା ଓ ସଂଖ୍ୟା ବୃଦ୍ଧି ଦିଗରେ ବନ ବିଭାଗ ପକ୍ଷରୁ ପଦକ୍ଷେପ ଜରୁରୀ ହୋଇପଡ଼ିଛି ବୋଲି ପରିବେଶବିତ୍‌ମାନେ ଦାବି କରିଛନ୍ତି। କାରଣ ଖୋଜି ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟ ହାତୀଶୂନ୍ୟ ହୋଇପଡ଼ିବ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ମତପ୍ରକାଶ କରିଛନ୍ତି।


ବାରିପଦା ରେଞ୍ଜ୍ ହଳଦୀବଣି ଜଙ୍ଗଲରେ ଠାବ ହୋଇଥିବା ମୃତ ହାତୀ ଶାବକ।

# ୧୨ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା ପାଇଁ ସମନ

**ପୋଲିସ ଏସ୍‌ଆଇ କେଳେଙ୍କାରି ମାମଲା**

**ଭୁବନେଶ୍ୱର, ୧୫।୧୧ (ତ୍ରିନାଥ ମହାନ୍ତି)**

ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା କେଳେଙ୍କାରି ମାମଲାରେ ସିବିଆଇ ତଦନ୍ତ ଜାରି ରଖିଛି। ଏହି ଘଟଣା ପଛରେ କେଉଁମାନଙ୍କ ହାତ ରହିଛି, ତାହା ଜାଣିବା ପାଇଁ ସିବିଆଇ ପ୍ରାଥମିକ ଭାବେ ୧୨ଜଣ ପରୀକ୍ଷାର୍ଥୀଙ୍କୁ ସମନ କରିଥିବା ଜଣାପଡ଼ିଛି। ସେମାନେ ସିବିଆଇ ଅଫିସରେ ହାଜର ହେବା ପରେ ପଚରାଉଚରା କରିବେ ତଦନ୍ତ ଅଧିକାରୀ। ସେମାନଙ୍କୁ ବସ୍‌ରେ ନେବା ପଛରେ କାହାର ହାତ ରହିଥିଲା। ଶଙ୍କର ଏବଂ ମୁନ୍ନାସହ ସିଧାସଳଖ କଥା ହୋଇଥିଲେ କି? ଆଦି ଅନେକ ବିଷୟରେ ତଦନ୍ତ ଅଧିକାରୀ ଜାଣିବାକୁ ଚେଷ୍ଟା କରିବେ। ଆହୁରି ମଧ୍ୟ ଏହି ମାମଲାରେ ସିବିଆଇ ସ୍କାନରରେ୨୬ ଜଣ ଦଲାଲ ରହିଛନ୍ତି। ସେଥିରୁ କିଛି ଗିରଫ ହୋଇ ଜେଲରେ ରହିଥିବାବେଳେ ବାକି ଫେରାର ରହିଛନ୍ତି। ତେଣୁ ସେମାନଙ୍କୁ ଗିରଫ କରିବା ପାଇଁ ସିବିଆଇ ଟିମ୍ ଲାଗି ପଡିଛି। ସିବିଆଇ ଗଠନ କରିଥିବା ସ୍ପେଶାଲ ଟିମ୍ ଏକ ତାଲିକା ପ୍ରସ୍ତୁତ କରିଛି। ଏହି ତାଲିକା ଆଧାରରେ ସେମାନେ ଛାନ୍‌ଭିନ କରିବେ। ସୋମବାର ସିବିଆଇର ଏକ ଟିମ୍ ବ୍ରହ୍ମପୁର ଯାଇ ଶଙ୍କରଙ୍କ ଅଫିସ ଏବଂ ଅନ୍ୟାନ ସ୍ଥାନରେ ଛାନ୍‌ଭିନ କରିବ ବୋଲି ଜଣାପଡ଼ିଛି। ପୋଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର ଆଇଟିଆଇ ସଂସ୍ଥାକୁ ଟେଣ୍ଡର ମିଳିଥିଲା। ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ ଟେକଲ୍ୟାବ୍ ପ୍ରାଇଭେଟ ଲିମିଟେଡ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ ଏହାକୁ ସବ୍‌ଲେଟ୍‌ରେ ବ୍ରହ୍ମପୁରର ପଞ୍ଚସଫ୍ଟକୁ ସଂସ୍ଥାକୁ ଦାୟିତ୍ୱ ଦେଇଥିଲା। କେଉଁ ଭରସାରେ ସିଲିକନ ସଂସ୍ଥା ପଞ୍ଚସଫ୍ଟ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ସିବିଆଇ ଆଇଟିଆଇ, ସିଲିକନ୍ ଟେକ୍ ଲ୍ୟାବ୍ ସଂସ୍ଥାକୁ ହାଜର ପାଇଁ ନୋଟିସ୍ କରିଥିବା ଜଣାପଡ଼ିଛି। ଆଶାୟୀ ପ୍ରାର୍ଥୀଙ୍କୁ ଯୋଗାଡ଼ କରୁଥିଲେ ମୁନା। ଆଶାୟୀଙ୍କଠାରୁ ମୁନା ଆଗୁଆ ଅରିଜିନାଲ ସାର୍ଟିଫିକେଟ ହାତେଇବା ସହ ଶଙ୍କର ସହ ଯୋଗାଯୋଗ କରି ଏହାକୁ ସେ ହାଇଦ୍ରାବାଦ ସଂସ୍ଥା ପାଖକୁ ପଠାଉଥିଲା। ମୁନା ୧୧୪ ଜଣ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ ପରେ ସେମାନଙ୍କୁ ହାଇଦ୍ରାବାଦର ଏକ ସଂସ୍ଥାରେ ପ୍ରଶ୍ନପତ୍ର ସମ୍ପର୍କରେ ତାଲିମ ଦେଇଥାନ୍ତା। ଯୋଜନା ମୁତାବକ ଆଶାୟୀମାନେ ପ୍ରଥମେ ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ରହିଥିଲେ। ଏଠାରେ ବିଭିନ୍ନ ସ୍ଥାନକୁ ପ୍ରଶ୍ନପତ୍ର ଅଭ୍ୟାସ ପାଇଁ ପଠାଇଥାନ୍ତେ। ହେଲେ ତାହାପୂର୍ବରୁ ୩୦ ତାରିଖରେ ବ୍ରହ୍ମପୁର ପୋଲିସ ଏହି ବସ୍‌ଗୁଡିକୁ ଜବତ କରିବା ସହ ୧୧୪ ଆଶାୟୀ ଓ ୩ ଦଲାଲଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଥିଲା।

# ଫୁଲବାଣୀରୁ ରାଜଧାନୀକୁ ଆସୁଛି ଗଞ୍ଜେଇ

**ଭୁବନେଶ୍ୱର, ୧୫।୧୧ (ତ୍ରିନାଥ ମହାନ୍ତି)**

## ୬ଜଣ ଚାଲାଣକାରୀ ଗିରଫ, ୨ କାର ଜବତ

ଫୁଲବାଣୀରୁ ରାଜଧାନୀକୁ ଆସୁଛି ପୁଳା ପୁଳା ଗଞ୍ଜେଇ। ଏହି ଗଞ୍ଜେଇ ଚାଲାଣ ପଛରେ ଫୁଲବାଣୀର କିଛି ବାହୁବଳୀ ବ୍ୟକ୍ତିଙ୍କ ହାତ ରହୁଛି। ସେମାନେ ଟଙ୍କା ଦେଇ ଚାଲାଣକାରୀଙ୍କୁ ଯୋଗାଡ଼ କରି କାର ମାଧ୍ୟମରେ ଚାଲାଣ କରୁଛନ୍ତି। ଏହିଭଳି ଭୁବନେଶ୍ୱରକୁ ଚାଲାଣ କରୁଥିବା ୬ଜଣ ଚାଲାଣକାରୀଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିବା ସହ ୨ଟି କାରରକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଓଡ଼ଗାଁ ଥାନା କୃଷ୍ଣପ୍ରସାଦର ସୁରେନ୍ଦ୍ର କୁମାର ଦାସ (୩୦), ଧଖୋଲାର ଲୁନା ନାୟକ (୩୦), କନ୍ଧମାଳ ଖଜୁରୀପଡ଼ାର ସ୍ୱନ୍ଦନ ମିଶ୍ର (୩୪), ବାଲିପାଟଣା ଥାନା ବନମାଳୀପୁର ଅଞ୍ଚଳର ଜମିଲ ଅଲ୍ଲୀ କାଲା ବାବୁ (୪୪), ରାଧାକାନ୍ତ ସାହୁ (୬୨) ଓ ନରଦାର ଟୁକୁନା ବେହେରା (୩୨)।

ସୂଚନାନୁସାରେ, ଦୁଇଟି କାରରେ ଫୁଲବାଣୀରୁ ଭୁବନେଶ୍ୱରକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ଖଣ୍ଡଗିରି ଥାନା ପୋଲିସକୁ ଖବର ମିଳିଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ବରମୁଣ୍ଡା ରମାମଣି ପେଟ୍ରୋଲ ପମ୍ପ ନିକଟରେ ଚଢ଼ଉ କରି ଦୁଇଟି ସନ୍ଦିଗ୍ଧ ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚ ପରେ ଦୁଇଟି କାର ଭିତରେ ଜରି ବ୍ୟାଗରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ପ୍ରଥମ କାରରୁ ସୁରେନ୍ଦ୍ର, ଲୁନା ଓ ସ୍ୱନ୍ଦନକୁ ଗିରଫ କରି ୨୧ କିଲୋ ୪୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲା। ଆଉ ଏକ କାରରୁ ୨୧ କିଲୋ ୩୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରି ମୀର ଜମିଲ ଅଲ୍ଲୀ, ରାଧାକାନ୍ତ ଓ ଟୁକୁନାକୁ ଗିରଫ କରିଥିଲା। ସେମାନେ ଫୁଲବାଣୀରୁ ଗଞ୍ଜେଇ ସଂଗ୍ରହ କରି ଆଣି ରାଜଧାନୀର ବ୍ୟବସାୟୀଙ୍କୁ ଯୋଗାଉଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ।

# ଜାତି ପାଇଁ ଦିନେ ପଡ଼ିରହିଲା ମୃତଦେହ


ଫାଉଣ୍ଡେଶନ କର୍ମକର୍ତ୍ତା ଅନ୍ତିମ ସଂସ୍କାର ପାଇଁ ନେଉଛନ୍ତି।

**ଜଳେଶ୍ୱର, ୧୫।୧୧ (ନବୀନ ସାହୁ)**

## ମୁଖାଗ୍ନି ଦେବା ପାଇଁ ଆସିଲେନି ପୁଅ

ଏବେବି ଲୋକଙ୍କ ମନରେ ବସା ବାନ୍ଧିଛି ଛୁଆଁଅଛୁଆଁ ମନୋଭାବ। ଜାତିଭେଦ ପାଇଁ ଗୋଟିଏ ଦିନ ମୃତଦେହ ପଡି ରହିଥିଲେ ମଧ୍ୟ ଗ୍ରାମବାସୀ କାନ୍ଧ ଦେଲେନାହିଁ। ଅନ୍ୟପଟେ ପୁଅ ମଧ୍ୟ ମୁଖାଗ୍ନି ଦେବାକୁ ଆସିଲେନି। ଶେଷରେ ଖବରପାଇ ଶନିବାର ସକାଳେ ହେଲ୍ପ ଫର୍ ୟୁ ଫାଉଣ୍ଡେଶନ କର୍ମକର୍ତ୍ତା ପହଞ୍ଚି ମୃତଦେହକୁ କାନ୍ଧ ଦେବା ସହ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଧାନ ସିମୁଳିଆ ଗ୍ରାମରେ।

ଗ୍ରାମର ବିଶ୍ୱନାଥ ଦେହୁରୀ (୬୦) ଜ୍ୱର ଓ କାଶରେ ପୀଡ଼ିତ ହୋଇ ମାସେ ହେବ ବିଛଣାରେ ପଡ଼ି ରହିଥିଲେ। ଶୁକ୍ରବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବିଶ୍ୱନାଥଙ୍କ ସ୍ତ୍ରୀ ମାନସିକ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ବେଳେ କିଛି ଶୁଣିପାରନ୍ତି ନାହିଁ। ତାଙ୍କର ପୁଅ ଥାଇ ବି ନ ଥିଲା ଭଳିଆ। ସେ ବାପାଙ୍କୁ ମୁଖାଗ୍ନି ଦେବା ପାଇଁ ଆସିଲେ ନାହିଁ। ବିଶ୍ୱନାଥ ଅନୁସୂଚିତ ଜାତିର ହୋଇଥିବାରୁ ଏପରିକି ପଡ଼ୋଶୀ ତଥା ଗ୍ରାମବାସୀ ଅନ୍ତିମ ସଂସ୍କାର କରିବାକୁ ମନା କରି ଦେଇଥିଲେ। ହେଲ୍ପ ଫର ୟୁ ଫାଉଣ୍ଡେଶନ କର୍ମକର୍ତ୍ତାମାନେ ଅନ୍ତିମ ସଂସ୍କାର କରି ମହାନତାର ପରିଚୟ ଦେଇଛନ୍ତି।



ନୌଗାମ୍ ଥାନା ବିସ୍ଫୋରଣ ଘଟଣାର ମୃତକମାନଙ୍କ ପାଇଁ ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରିୟଜନଙ୍କୁ ହରାଇଥିବା ଶୋକାକୁଳ ପରିବାର ସଦସ୍ୟ।

# ଅପରେଶନ ସିନ୍ଦୂରରୁ କିଛି ଲାଭ ମିଳିନି: ଫାରୁକ୍

## ଥାନାରେ ବିସ୍ଫୋରଣ ପାଇଁ କର୍ତ୍ତୃପକ୍ଷଙ୍କୁ ଦୋଷ ଦେଲେ

ଶ୍ରୀନଗର,୧୫।୧୧

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ ଏବଂ ଅପରେଶନ ସିନ୍ଦୂରକୁ ନେଇ ଶନିବାର ୨ଟି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଡାକ୍ତରମାନେ କାହିଁକି ଆତଙ୍କବାଦ ପନ୍ଥା ଆପଣାଉଛନ୍ତି, ତାହାର କାରଣ ଖୋଜି ବାହାର କରିବାକୁ ଫାରୁକ୍ ଆହ୍ୱାନ ଦେଇଛନ୍ତି। ଏଥିପାଇଁ କିଏ ଦାୟୀ ଓ ଏହାର କାରଣ କ'ଣ ଜାଣିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଆବଶ୍ୟକ। ସଦ୍ୟତମ ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ୍ ପରେ ଆଉ ଏକ ଅପରେଶନ ସିନ୍ଦୂର ଘଟିବା ସମ୍ଭାବନା ନେଇ ସେ ଚିନ୍ତାପ୍ରକଟ କରିଛନ୍ତି। ସେ ଆହୁରି କହିଛନ୍ତି, ଗତ ମେ' ମାସରେ ଭାରତୀୟ ସେନା ପାକିସ୍ତାନୀ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ଚଳାଇଥିବା ଅପରେଶନ ସିନ୍ଦୂରରୁ କୌଣସି ଫାଇଦା



ଫାରୁକ୍ ଅବଦୁଲ୍ଲା

ମିଳିନାହିଁ। ଏଥିରେ ଆମର ୮ ଜଣ ଲୋକଙ୍କ ମୃତ୍ୟୁ ଘଟିଲା ଓ ଆମ ସୀମାକୁ ନେଇ ବୁଝାମଣା କରାଗଲା। ଉଭୟ ଦେଶ ସମ୍ପର୍କ ବଢ଼ାଇବା ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ଆଶା କରୁଛନ୍ତି। ବନ୍ଧୁ ବଦଳିପାରନ୍ତି, କିନ୍ତୁ ପଡୋଶୀ ବଦଳିପାରିବେ ନାହିଁ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ କହିଥିଲେ, ଯାହାର ପୁନରାବୃତ୍ତି ହେବା ଫାରୁକ୍ ଚାହାନ୍ତି ବୋଲି କହିଛନ୍ତି। ତେବେ ବାଜପେୟୀଙ୍କ ପ୍ରତି ବିଶ୍ୱାସଘାତ କରି ପାକିସ୍ତାନ କାର୍‌ଗିଲକୁ ସୈନ୍ୟ ପଠାଇବାରୁ ଯୁଦ୍ଧ ହୋଇଥିଲା।

ଶୁକ୍ରବାର ରାତିରେ ଶ୍ରୀନଗରର ନୌଗାମ ଥାନା ପରିସରରେ ରହିଥିବା ବିସ୍ଫୋରକର ଭୁଲ୍ ପରିଚାଳନାରୁ ବିସ୍ଫୋରଣ ହୋଇ ୯ ଜଣଙ୍କ ଜୀବନ ଗଲା। ଏଥିପାଇଁ ଫାରୁକ୍ କର୍ତ୍ତୃପକ୍ଷଙ୍କୁ ସମାଲୋଚନା କରିଛନ୍ତି। ଯେଉଁମାନେ ବିସ୍ଫୋରକ ସମ୍ପର୍କରେ ଭଲ ଭାବେ ଜାଣନ୍ତି ସେମାନଙ୍କ ସହ ଏହାର ପରିଚାଳନାକୁ ନେଇ ଆଲୋଚନା କରିଥିଲେ ଭଲ ହୋଇଥାନ୍ତା। ଦିଲ୍ଲୀ ସଙ୍କଟ ପାଇଁ ପ୍ରତି କଶ୍ମୀରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଉଛି। ଆମକୁ ଭାରତୀୟ ବୋଲି ସେମାନେ କେବେ ଗ୍ରହଣ କରିବେ ଓ ଏଭଳି କାର୍ଯ୍ୟ ପାଇଁ ଦାୟୀ କରିବେ ନାହିଁ, ସେଦିନ କେବେ ଆସିବ ବୋଲି ଫାରୁକ ପ୍ରଶ୍ନ କରିଛନ୍ତି।

## ଲାଲ୍‌କିଲ୍ଲା ବିସ୍ଫୋରଣ

# ଆଫଗାନିସ୍ତାନ, ତୁର୍କୀରୁ ଷଡ଼ଯନ୍ତ୍ର ସନ୍ଦେହ

ନୂଆଦିଲ୍ଲୀ,୧୫।୧୧

ଦିଲ୍ଲୀ ବିସ୍ଫୋରଣରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଉଦ୍ଦେଶ୍ୟମୂଳକ ଭାବେ ଇସ୍‌ଲାମାବାଦକୁ ଆତଙ୍କବାଦୀ ଆକ୍ରମଣ ପରିଚାଳନାରୁ ନିଜ ଦେଶକୁ ଦୂରେଇ ରଖିବା ପାଇଁ ଆଫଗାନିସ୍ତାନ ଓ ତୁର୍କୀରୁ ଆକ୍ରମଣ ଯୋଜନା କାର୍ଯ୍ୟକାରୀ କରିଥିବା ତଦନ୍ତରୁ ଜଣାପଡ଼ିଛି। ଗତ ଏପ୍ରିଲରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତ ଅପରେଶନ ସିନ୍ଦୂର ଚଳାଇଥିଲା ଏବଂ ଏହା ପରେ ଯେକୌଣସି ଆତଙ୍କବାଦୀ ଆକ୍ରମଣକୁ ଯୁଦ୍ଧ ବିବେଚନା କରାଯିବ ବୋଲି କହିଥିଲା। ଏହା ବ୍ୟତୀତ ପାକିସ୍ତାନ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍)ର ଯାଞ୍ଚ ପରିସର ମଧ୍ୟରେ ରହିଛି। ବର୍ତ୍ତମାନ ଇସ୍‌ଲାମାବାଦର ଆର୍ଥିକ ସ୍ଥିତି ଯାହା ଏଫ୍‌ଏଟିଏଫ୍‌ର ଧୂସର କିମ୍ବା କଳା ତାଲିକା ଅନ୍ତର୍ଭୁକ୍ତ ହେଲେ ତାହା ଆହୁରି ସଙ୍ଗିନ୍ ହୋଇଯିବ। ତେଣୁ ଫରିଦାବାଦ ଟେରର ମଡ୍ୟୁଲ ଏବଂ ଦିଲ୍ଲୀ ବିସ୍ଫୋରଣ ଯୋଜନାରେ ପାକିସ୍ତାନ ସିଧାସଳଖ ସମ୍ପୃକ୍ତ ନ ହେବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ଅନ୍ୟ ଦେଶରୁ ଏହାକୁ ପରିଚାଳନା କରିଥିବା ଗୋଇନ୍ଦା ବ୍ୟୁରୋ ଅଧିକାରୀମାନେ କହିଛନ୍ତି। ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଗତ ୧୦ ତାରିଖରେ ଏକ କାର୍ ବିସ୍ଫୋରଣ ହୋଇଥିବାବେଳେ ଏହାକୁ ଡା. ଉମର ନବୀ ଚଳାଉଥିଲେ। ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ସହ ସମ୍ପୃକ୍ତ ଉମର ଆକ୍ରମଣର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ଇତିମଧ୍ୟରେ ଜମ୍ମୁ-କଶ୍ମୀର ପ୍ରଶାସନ ଉମରଙ୍କ ପୁଲୱାମାସ୍ଥିତ ଘରକୁ ବିସ୍ଫୋରଣରେ ଉଡାଇଦେଇଛି। ଆକ୍ରମଣ ସହ ଫରିଦାବାଦର ଅଲ୍-ଫଲାହ ୟୁନିର୍ଭର୍ସିଟି ଜଡ଼ିତ ଥିବା ନେଇ ତଦନ୍ତ ଚାଲିଛି।

## ୩ ଡାକ୍ତର, ୨ ସାର ବ୍ୟବସାୟୀ ଅଟକ

### ୪ ଡାକ୍ତରଙ୍କ ପଞ୍ଜୀକରଣ ରଦ୍ଦକଲା ଏନ୍‌ଏମ୍‌ସି

ଚଣ୍ଡିଗଡ଼,୧୫।୧୧

ଦିଲ୍ଲୀ ଲାଲ୍‌କିଲ୍ଲା ନିକଟରେ ଘଟିଥିବା ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତି ସନ୍ଦେହରେ ଶନିବାର ୩ ଜଣ ଡାକ୍ତର ଓ ୨ ସାର ଦୋକାନୀଙ୍କୁ ଅଟକ ରଖାଯାଇଛି। ସେମାନଙ୍କ ମଧ୍ୟରେ ପୂର୍ବରୁ ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟିରେ କାର୍ଯ୍ୟ କରୁଥିବା ପଞ୍ଜାବ ପଠାନକୋଟ୍‌ର ଜଣେ ସର୍ଜନ ଅଛନ୍ତି। ହରିୟାଣାର ନୁହରୁ ଅନ୍ୟ ୨ ଡାକ୍ତରଙ୍କୁ ଓ ସୋହନାରୁ ୨ ସାର ଓ ମଞ୍ଜି ବ୍ୟବସାୟୀଙ୍କୁ ପୋଲିସ ଉଠାଇ ନେଇଛି। ଅଲ୍-ଫଲାହ ୟୁନିଭର୍ସିଟି ତଦନ୍ତର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ କେନ୍ଦ୍ର ଓ ରାଜ୍ୟର ଅନେକ ତଦନ୍ତକାରୀ ସଂସ୍ଥା ସେଠାରେ ଖୋଳତାଡ଼ ଚଳାଇଛନ୍ତି। ୟୁନିର୍ଭର୍ସିଟିର ଜମି ରେକର୍ଡ ଏବଂ ମାପର ଯାଞ୍ଚ ରାଜସ୍ୱ ଅଧିକାରୀମାନେ କରୁଛନ୍ତି। ଇତିମଧ୍ୟରେ ନ୍ୟାଶନାଲ ମେଡିକାଲ



କମିଶନ (ଏନ୍‌ଏମ୍‌ସି) ପୂର୍ବରୁ ଗିରଫ ହୋଇଥିବା ୪ ଡାକ୍ତରଙ୍କ ପଞ୍ଜୀକରଣକୁ ବାତିଲ କରିଦେଇଛି। ନଭେମ୍ବର ୧୦ ଦିଲ୍ଲୀ ବିସ୍ଫୋରଣ ପଛରେ ଥିବା ଟେରର ମଡ୍ୟୁଲରେ ଉକ୍ତ ଡାକ୍ତରମାନେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେମାନେ ହେଲେ ଡା. ମୁଜାଫର ଅହମଦ, ଡା. ଆଦିଲ ଅହମଦ ରାଠେର, ଡା. ମୁଜାମିଲ୍ ଶକିଲ ଏବଂ ଡା. ଶାହିନ ସୟିଦ।

ପଠାନକୋଟ୍‌ସ୍ଥିତ ହ୍ୱାଇଟ୍ ମେଡିକାଲ କଲେଜରେ ସର୍ଜନ ଥିବା ୪୫ ବର୍ଷୀୟ ଡା. ରାୟିସ୍ ଅହମଦ ଭଟ୍ଟଙ୍କୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଅଟକ ରଖି ବିସ୍ଫୋରଣର ମୁଖ୍ୟ ମାଷ୍ଟରମାଇଣ୍ଡ ଡା. ଉମର ନବୀଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ପଚରାଉଚରା କରୁଛି। ୨୦୨୦ରୁ ୨୦୨୧ ମଧ୍ୟରେ ଭଟ୍ଟ ଅଲ୍-ଫଲାହ ୟୁନିଭର୍ସିଟିରେ କାର୍ଯ୍ୟ କରୁଥିଲେ। ସେ ନିୟମିତ ଭାବେ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ସହ ଯୋଗାଯୋଗରେ ରହିଥିବା ତଦନ୍ତକାରୀ ଅଫିସର ଜାଣିବାକୁ ପାଇଛନ୍ତି। ସେହିପରି ନୁହ ଜିଲାର ସୁନହେରା ଗ୍ରାମରୁ ଡାକ୍ତର ମୁସ୍ତକିମ୍‌ଙ୍କୁ ପୋଲିସ ଜେରା ପାଇଁ ନେଇଛି। ସେ ଏମ୍‌ବିବିଏସ୍ ଡିଗ୍ରୀ ଶେଷ କରି ଅଲ୍-ଫଲାହ ୟୁନିଭର୍ସିଟିରେ ଟ୍ରେନି ଡାକ୍ତର ଭାବେ କାର୍ଯ୍ୟ କରୁଥିଲେ। ନୁହର ଏକ ଘରୋଇ ହସ୍ପିଟାଲରେ ନିଯୁକ୍ତ ଅଲ୍-ଫଲାହ ୟୁନିର୍ଭର୍ସିଟିର ପୂର୍ବତନ ଛାତ୍ର ଡା. ରେହାନଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ଏହା ବ୍ୟତୀତ ସୋହନାସ୍ଥିତ ନୂଆ ଶସ୍ୟ ବଜାରରୁ ୨ ସାର ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି। ସେମାନେ ଟେରର ମଡ୍ୟୁଲ୍ ସହ ଜଡ଼ିତ ଲୋକଙ୍କୁ ସାର ବିକ୍ରି କରିଥିବା ସନ୍ଦେହ କରାଯାଉଛି।

# ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କଲେ ଓମାର

## ଥାନା ବିସ୍ଫୋରଣ

ଶ୍ରୀନଗର,୧୫।୧୧(ପି.ଟି.)

ନୌଗାମ୍ ଥାନାରେ ଆକସ୍ମିକ ବିସ୍ଫୋରଣ ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଥିବାବେଳେ ଏହି ଘଟଣାରେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସମେତ ବହୁ ରାଜନେତା ଶୋକବ୍ୟକ୍ତ କରିଛନ୍ତି। ଉପରାଜ୍ୟପାଳ ସିହ୍ନା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଓମାର ମୃତାହତଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଓମାର ଘୋଷଣା କରିଛନ୍ତି। ବିସ୍ଫୋରଣରେ କ୍ଷତିଗ୍ରସ୍ତ ହୋଇଥିବା ଆଖପାଖର ବିଲ୍ଡିଂଗୁଡ଼ିକର ମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ବିସ୍ଫୋରଣରେ ମୃତକଙ୍କ ପରିବାର ସହ ସରକାର ଛିଡ଼ା ହୋଇଛନ୍ତି ଓ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ। ଆହତମାନଙ୍କୁ ଯେପରି ସବୁଠୁ ଭଲ ଚିକିତ୍ସା ମିଳିବ ତାହା ସୁନିଶ୍ଚିତ କରିବା ପାଇଁ ଓମାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନୌଗାମ୍ ଥାନା ବିସ୍ଫୋରଣରେ ୯ ଜଣଙ୍କ ମୃତ୍ୟୁ ଘଟଣାରେ ଜମ୍ମୁ-କଶ୍ମୀର ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧରୀ ଗଭୀର ଦୁଃଖପ୍ରକାଶ କରିବା ସହ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ମୂଳପୋଛ କରାଯିବା ଜରୁରୀ ବୋଲି କହିଛନ୍ତି। ସବୁ ରାଜନୈତିକ ଦଳ ଏକାଠି ହୋଇ ଆତଙ୍କବାଦ ବିରୋଧରେ ଛିଡ଼ା ହେବା ଉଚିତ, ଯେପରି ଜମ୍ମୁ-କଶ୍ମୀର ଜନସାଧାରଣ ଶାନ୍ତିପୂର୍ଣ୍ଣ ଜୀବନ ଜିଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଗୁଲାମ ନବୀ ଆଜାଦ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ମୃତ ଦରଜି ଥିଲେ ପରିବାରର ଏକମାତ୍ର ରୋଜଗାରକ୍ଷମ

ଶ୍ରୀନଗର,୧୫।୧୧

ନୌଗାମ୍ ଥାନା ବିସ୍ଫୋରଣ ଘଟଣାରେ ପ୍ରାଣ ହରାଇଥିବା ଦରଜି ମହମ୍ମଦ ଶାଫି ପରାୟ ଜଣେ ସଚେତନ ନାଗରିକ ଭାବରେ ତଦନ୍ତକାରୀ ପୋଲିସ ଅଫିସରଙ୍କୁ ବିସ୍ଫୋରକ ନମୁନା ସଂଗ୍ରହରେ ସହାୟତା କରିବା ପାଇଁ ଶୁକ୍ରବାର ସକାଳେ ଘରୁ ବାହାରି ଯାଇଥିଲେ। ୪୭ ବର୍ଷୀୟ ପରାୟ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାବେଳ ତାଙ୍କର ସ୍ତ୍ରୀ ଓ ୩ ପିଲା ରହିଛନ୍ତି। ପରାୟ ପୂର୍ବରୁ ମଧ୍ୟ ଅନେକ ଥର ପୋଲିସକୁ ତଦନ୍ତରେ ସହାୟତା କରିଥିଲେ। ଶୁକ୍ରବାର ସକାଳେ ସେ ଥାନାରେ ତଦନ୍ତକାରୀ ଟିମ୍ ସହ ସାମିଲ ହୋଇ ସେଠାରେ ରହିଥିଲେ। ଘରକୁ ଯାଇ ରାତ୍ରିଭୋଜନ ପରେ ଶୀତବସ୍ତ୍ର ଧରି ପୁନର୍ବାର ଥାନାକୁ ଆସିଥିଲେ। ଫରିଦାବାଦରୁ ଜବତ ବିସ୍ଫୋରକ ସାମଗ୍ରୀରୁ ନମୁନା ସଂଗ୍ରହରେ ପୋଲିସ ଓ ଫୋରେନ୍‌ସିକ୍ ଟିମ୍‌କୁ ପରାୟ ସହାୟତା କରୁଥିବାବେଳେ ବିସ୍ଫୋରଣ ଘଟିଥିଲା।

# ମହୁଆଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିବ ସିବିଆଇ

## ପ୍ରଶ୍ନ ପାଇଁ ଲାଞ୍ଚ ମାମଲା

କୋଲକାତା,୧୫।୧୧

ପାର୍ଲାମେଣ୍ଟରେ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ମାମଲାରେ ଅଭିଯୁକ୍ତ ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ ସିବିଆଇ ୪ ସପ୍ତାହ ମଧ୍ୟରେ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିବାକୁ ଯାଉଛି। ଅଭିଯୋଗ ଫର୍ଦ୍ଦ ଦାଖଲ ପାଇଁ ଲୋକପାଳଙ୍କଠାରୁ ଅନୁମତି ମିଳିବା ପରେ ସିବିଆଇ ଏମ୍‌ପିଙ୍କ ବିରୋଧରେ ଆଇନଗତ ପ୍ରକ୍ରିୟା ଆରମ୍ଭ କରିଛି। ବ୍ୟବସାୟୀ ଦର୍ଶନ ହୀରାନନ୍ଦନୀଙ୍କଠାରୁ ଟଙ୍କା ଓ ଉପହାର ନେଇ ମହୁଆ



ମହୁଆ ମୋଇତ୍ର

ଲୋକ ସଭାରେ ଶିଳ୍ପପତି ଗୌତମ ଆଦାନୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟମାନଙ୍କ ଉପରେ ପ୍ରଶ୍ନ କରିଥିବା ଅଭିଯୋଗ ହୋଇଥିଲା। ଏହାର ସିବିଆ ତଦନ୍ତ ପାଇଁ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଦାବି କରିଥିଲେ। ଗତ ୧୨ ତାରିଖରେ ଲୋକପାଳ ବୈଠକ ବସି ସିବିଆଇକୁ ଚାର୍ଜଶିଟ୍ ଦାଖଲ ଅନୁମତି କରାଯାଇଛି।

# ଖାର୍ଗେଙ୍କ ସହ ଆଲୋଚନ କଲେ ରାହୁଲ

## ବିହାର ପରାଜୟ ପରେ ମାନସ ମନ୍ଥନ

ନୂଆଦିଲ୍ଲୀ,୧୫।୧୧

ବିହାର ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଦଳର ନେତା ରାହୁଲ ଗାନ୍ଧୀ ଶନିବାର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କୁ ଭେଟିଛନ୍ତି। ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଏଆଇସିସି ମୁଖ୍ୟାଳୟରେ ରାହୁଲ ଦଳର ଶୀର୍ଷ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ଦଳର କୋଷାଧ୍ୟକ୍ଷ ଅଜୟ ମାକେନ ଏବଂ ବିହାର ଦାୟିତ୍ୱରେ



ରାହୁଲ ଗାନ୍ଧୀ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଆଲୋଚନା କରୁଛନ୍ତି।

ଥିବା କ୍ରିଷ୍ଣା ଅଲ୍ଲାଭରୁ ଉପସ୍ଥିତ ଥିଲେ। ବିହାର ନିର୍ବାଚନରେ କଂଗ୍ରେସ ୬୧ ଆସନରେ ଲଢ଼ିଥିବାବେଳେ ମାତ୍ର ୬ଟିରେ ବିଜୟୀ ହୋଇଛି। ୨୦୧୦ ପରେ ଏହା ଦଳର ସବୁଠୁ ଖରାପ ପ୍ରଦର୍ଶନ। ବିହାର ନିର୍ବାଚନ ଫଳାଫଳ ବିସ୍ମୟକର ଏବଂ ନିର୍ବାଚନ ଆରମ୍ଭରୁ ହିଁ ସ୍ୱଚ୍ଛ ନ ଥିଲା ବୋଲି ରାହୁଲ ଶୁକ୍ରବାର କହିଥିଲେ।

# ବିବାହ ଉତ୍ସବ ପୂର୍ବରୁ କନ୍ୟାକୁ ହତ୍ୟାକଲେ ବର

ଅହମଦାବାଦ,୧୫।୧୧

ଗୁଜରାଟର ଭାବନଗରରେ ଶନିବାର ସକାଳେ ଏକ ବିବାହ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର କିଛି ସମୟ ପୂର୍ବରୁ ବର ସାଜନ ବରାଇୟା ୨୨ ବର୍ଷୀୟ କନ୍ୟା ସୋନି ରାଠୋଡଙ୍କୁ ଲୁହା ପାଇପ୍‌ରେ ପିଟି ହତ୍ୟା କରିଛନ୍ତି। ଖାଦ୍ୟ ଓ ଟଙ୍କାକୁ ନେଇ ବଚସା ପରେ ସାଜନ ସୋନିଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଛନ୍ତି। ଉଭୟେ ପୂର୍ବରୁ ଅନେକ ମାସ ଧରି ଲିଭ୍-ଇନ୍ ରିଲେଶନ୍‌ଶିପ୍‌ରେ ରହିଥିଲେ। ପ୍ରଭୁଦାସ ଲେକ୍ ଅଞ୍ଚଳର ଟେକ୍ରି ଚୌକ ନିକଟରେ ଏହି ହତ୍ୟାକାଣ୍ଡ ଘଟିଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ଖାଦ୍ୟସାମଗ୍ରୀ ଶୁଳ୍କ ହଟାଇଲେ ଟ୍ରମ୍ପ୍

ୱାଶିଂଟନ,୧୫।୧୧

ଆମେରିକାରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ନେଇ ଜନ ଅସନ୍ତୋଷ ବଢ଼ିବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ୨୦୦ରୁ ଊର୍ଦ୍ଧ୍ୱ ଖାଦ୍ୟସାମଗ୍ରୀ ଉପରୁ ଶୁଳ୍କ ଛାଡ଼ କରିଛନ୍ତି। ଟ୍ରମ୍ପ୍ ବିଦେଶରୁ ଆମଦାନୀ ସାମଗ୍ରୀ ଉପରେ ଟାରିଫ୍ ବଢ଼ାଇବା ଫଳରେ ସ୍ଥାନୀୟ ବଜାରରେ ଦରଦାମ୍ ବୃଦ୍ଧି ପାଇଥିଲା। ତେବେ ଆମଦାନୀ ଶୁଳ୍କ ବୃଦ୍ଧି ମୁଦ୍ରାସ୍ଫୀତିକୁ ପ୍ରଭାବିତ କରୁ ନ ଥିବା ଟ୍ରମ୍ପ୍ ପୂର୍ବରୁ କହିଥିଲେ। ଭିର୍ଜିନିଆ, ନ୍ୟୁଜର୍ସି ଏବଂ ନ୍ୟୁୟର୍କ ସିଟିରେ ରାଜ୍ୟ ଓ ସ୍ଥାନୀୟ ନିର୍ବାଚନରେ ଡେମୋକ୍ରାଟ୍‌ଙ୍କ ବିଜୟ ହୋଇଥିଲା। ସେଠାରେ ଭୋଟରଙ୍କ ମଧ୍ୟରେ ମୁଦ୍ରାସ୍ଫୀତିକୁ ନେଇ ଅସନ୍ତୋଷର ତୀବ୍ର ପ୍ରତିଫଳନ ଦେଖିବାକୁ ମିଳିଥିଲା, ଯାହାକି ନିର୍ବାଚନର ମୁଖ୍ୟ ପ୍ରସଙ୍ଗ ଥିଲା।

# ଉତ୍ଥାନ ପତନ ଅବଶ୍ୟମ୍ଭାବୀ

## ପରାଜୟ ପରେ ଆର୍‌ଜେଡିର ପ୍ରଥମ ପ୍ରତିକ୍ରିୟା

ପାଟନା,୧୫।୧୧

ବିହାର ବିଧାନସଭା ନିର୍ବାଚନରେ ଆର୍‌ଜେଡି ପରାଜିତ ହେବା ପରେ ଉତ୍ଥାନ, ପତନ ଅବଶ୍ୟମ୍ଭାବୀ ବୋଲି ଦଳ ପ୍ରଥମ ପ୍ରତିକ୍ରିୟାରେ କହିଛି। ରାଜ୍ୟରେ କ୍ଷମତାକୁ ଫେରିବା ପାଇଁ ଲକ୍ଷ୍ୟ ରଖିଥିବା ଆର୍‌ଜେଡିକୁ ନିର୍ବାଚନ ଫଳାଫଳ ବଡ଼ ଝଟକା ଦେଇଛି। ଶାସକ ଏନ୍‌ଡିଏ ୨୦୨ ଆସନରେ ଜିତି ଐତିହାସିକ ସଫଳତା ହାସଲ କରିଥିବାବେଳେ ଆର୍‌ଜେଡି ନେତୃତ୍ୱାଧୀନ ମହାମେଣ୍ଟକୁ ୩୫ ଆସନରେ ସୀମିତ ରହିବାକୁ ପଡ଼ିଛି। ପରାଜୟ ସତ୍ତ୍ୱେ ଆର୍‌ଜେଡି ନିରାଶ ନୁହେଁ ବୋଲି ଦଳର X ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି। ଫଳାଫଳ ସାଧାରଣ ଜୀବନରେ ସ୍ୱାଭାବିକ ଉତ୍ଥାନ ପତନର ଏକ ଅଂଶ। ଜନସେବା ଏକ ନିରନ୍ତର ପ୍ରକ୍ରିୟା ଏବଂ ଅନ୍ତହୀନ ଯାତ୍ରା। ତେଣୁ ପରାଜୟରେ ହତାଶ ହେବାର କାରଣ ନାହିଁ। ଆର୍‌ଜେଡି ଗରିବମାନଙ୍କ ଦଳ ଏବଂ ସେମାନଙ୍କ ଉତ୍ଥାନ ପାଇଁ ସ୍ୱର ଉତ୍ତୋଳନ ଜାରି ରଖିବ ବୋଲି ଉକ୍ତ ବାର୍ତ୍ତାରେ କୁହାଯାଇଛି।

୨୦୨୦ ନିର୍ବାଚନରେ ଆର୍‌ଜେଡି ୭୫ ଆସନ ଜିତିଥିବାବେଳେ ଏଥର ୨୫ ଆସନରେ ସୀମିତ ରହିଛି। ୨୦୨୦ ପରେ ଏହା ଦଳର ସବୁଠୁ ନୈରାଶ୍ୟଜନକ ପ୍ରଦର୍ଶନ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରି ତାଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ୁଥିଲା ଓ କ୍ଷମତାକୁ ଫେରିବା ଲାଗି ଆଶାବାଦୀ ଥିଲା।

# ଭାଜପାରୁ ଆର୍.କେ. ସିଂଙ୍କ ଇସ୍ତଫା

## ଦଳବିରୋଧୀ କାର୍ଯ୍ୟ ପାଇଁ ଅନ୍ୟ ୨ ନେତା ନିଲମ୍ବିତ

ପାଟନା,୧୫।୧୧

ବିହାରରେ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବିରୋଧରେ ବିସ୍ଫୋରକ ବୟାନ ଦେଇଆସୁଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜକୁମାର ସିଂଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ଶନିବାର ଦଳରୁ ନିଲମ୍ବନ କରାଯାଇଛି। ତାଙ୍କୁ କାହିଁକି ଦଳରୁ ବହିଷ୍କାର କରା ନ ଯିବ ଏହାର କାରଣ ଦର୍ଶାଇବାକୁ ଦଳ ପକ୍ଷରୁ



ରାଜକୁମାର ସିଂ | ଅଶୋକ କୁମାର ଅଗ୍ରୱାଲ | ଉଷା ଅଗ୍ରୱାଲ

ତାଙ୍କୁ କୁହାଯାଇଛି। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସିଂଙ୍କୁ ନିଲମ୍ବନ କରାଯିବାର କିଛି ସମୟ ପରେ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେହିପରି ବିଧାନ ପରିଷଦ ସଦସ୍ୟ ଅଶୋକ କୁମାର ଅଗ୍ରୱାଲ ଏବଂ ତାଙ୍କ ସ୍ତ୍ରୀ ତଥା କଟିହାର ମେୟର ଉଷା ଅଗ୍ରୱାଲଙ୍କ ବିରୋଧରେ ମଧ୍ୟ ଅନୁରୂପ ପଦକ୍ଷେପ ନିଆଯାଇଛି। ସେମାନଙ୍କ ପୁଅ କଟିହାର ବିଧାନସଭା ଆସନରୁ ବିକାଶଶୀଳ ଇନ୍‌ସାନ୍ ପାର୍ଟି ଟିକେଟରେ ଭାଜପା ବିଧାୟକ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରକିଶୋର ପ୍ରସାଦଙ୍କ ବିରୋଧରେ ଲଢ଼ୁଥିବାବେଳେ ଅଗ୍ରୱାଲ ଦମ୍ପତି ତାଙ୍କ ପାଇଁ ପ୍ରଚାର କରୁଥିଲେ।

ସୂଚନାଯୋଗ୍ୟ, ରାଜକୁମାର ସିଂ ସ୍ୱରାଷ୍ଟ୍ର ସଚିବ ପଦରୁ ଅବସର ନେବା ପରେ ୨୦୧୪ରେ ଭାଜପାରେ ଯୋଗଦେଇଥିଲେ। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କ ଭଳି ସେ ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ନେତା ଥିଲେ। ତେବେ ଗତ ଲୋକ ସଭା ନିର୍ବାଚନରେ ସେ ତାଙ୍କ ପୂର୍ବର ଆରା ଆସନକୁ ବଜାୟ ରଖିବାରେ ବିଫଳ ହୋଇଥିଲେ। ଭାଗଲପୁରରେ ବିଦ୍ୟୁତ୍ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ଆଦାନୀ ଗ୍ରୁପ୍ ସହ ରାଜ୍ୟ ସରକାରଙ୍କୁ ଚୁକ୍ତି ସ୍ୱାକ୍ଷରରେ ସିଂଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

ଧରିତ୍ରୀ 51 Years
ଧରିତ୍ରୀ DHARITRI


# ନିର୍ଣ୍ଣାୟକ ମୋଡ଼ରେ କୋଲକାତା ଟେଷ୍ଟ



ଉଇକେଟ ନେବାପରେ ରବୀନ୍ଦ୍ର ଜାଡେଜା (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**କୋଲକାତା, ୧୫।୧୧**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ମ୍ୟାଚ୍‌ର ପ୍ରଥମ ଦିନରେ ୧୧ ଉଇକେଟ ଓ ଦ୍ୱିତୀୟ ଦିନ ୧୫ ଉଇକେଟର ପତନ ଘଟିଛି। ଏଭଳି ଫଳାଫଳ ଉଭୟ ଦଳର ବୋଲରଙ୍କ ଆଧିପତ୍ୟକୁ ଦର୍ଶାଉଛି। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୧୫୯ ରନ କରିଥିବା ବେଳେ ଭାରତୀୟ ଦଳ ୧୮୯ ରନରେ ଅଲଆଉଟ୍ ହୋଇଯାଇଛି। ଫଳରେ ୩୦ ରନରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସରେ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୭ ଉଇକେଟ ହରାଇ ୯୩ ରନ କରିଛି। ଘରୋଇ ଦଳ ପାଇଁ ରବୀନ୍ଦ୍ର ଜାଡେଜା ୪ ଓ କୁଲଦୀପ ଯାଦବ ୨ ଉଇକେଟ ଅକ୍ତିଆର କରିଛନ୍ତି। ଭ୍ରମଣକାରୀ ଦଳ ବର୍ତ୍ତମାନ ୬୩ ରନରେ ଆଗୁଆ ଥିବାବେଳେ ହାତରେ ୩ ଉଇକେଟ ସୁରକ୍ଷିତ ରଖିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେମ୍ବା ବଭୁମା ୨୯ ଓ କର୍ବିନ ବୋଶ୍ଚ ୧ ରନରେ ଅପରାଜିତ ରହିଛନ୍ତି।

ମ୍ୟାଚ୍‌ର ଦ୍ୱିତୀୟ ଦିନ ତଥା ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୭/୧ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ ଓ ୱାଶିଂଟନ ସୁନ୍ଦର ଧୈର୍ଯ୍ୟର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ୫୭ ରନ ଯୋଡ଼ିଥିଲେ। ରାହୁଲ ୩୯ (୪ ଚୌକା ଓ ୧ ଛକା) ଓ ସୁନ୍ଦର ୨୯ (୨ ଚୌକା ଓ ୧ ଛକା) ରନ କରି ପାଭିଲିଅନ ଫେରିଥିଲେ। ଅଧିନାୟକ ଶୁବମନ ଗିଲ (୪) ରିଟାୟର୍ଡ ହର୍ଟ ହୋଇଥିଲେ। ଏହାପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକଦା ୧୩୨ ରନରେ ୩ ଉଇକେଟ ହରାଇଥିବା ଭାରତୀୟ ଦଳ ପରବର୍ତ୍ତୀ ୫୭ ରନ ମଧ୍ୟରେ ବଳକା ୭ ଉଇକେଟ ହରାଇଥିଲା। ଫଳରେ ଭାରତୀୟ ଦଳ ୧୮୯ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଉପ ଅଧିନାୟକ ରିଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜା ୨୭ ଲେଖାଏ ରନ କରିଥିବା ବେଳେ ଧ୍ରୁବ ଜୁରେଲ ୧୪ ଓ ଅକ୍ଷର ପଟେଲ ୧୬ ରନ କରିଥିଲେ। ବୋଲିଂରେ ଭ୍ରମଣକାରୀ ଦଳ ପକ୍ଷରୁ ସିମନ ହାର୍ମର ୪ ଓ ମାର୍କୋ ଜାନସେନ ୩ ଉଇକେଟ ନେଇଥିବା ବେଳେ କେଶବ ମହାରାଜ ଓ କର୍ବିନ ବୋଶ୍ଚ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/ଅଲଆଉଟ୍। ଭାରତ ପ୍ରଥମ ଇନିଂସ: ୧୮୯/ଅଲଆଉଟ୍ (ଲୋକେଶ ରାହୁଲ-୩୯, ୱାଶିଂଟନ ସୁନ୍ଦର-୨୯, ରିଷଭ ପନ୍ତ-୨୭, ସିମନ ହାର୍ମର-୪/୩୦, ମାର୍କୋ ଜାନସେନ-୩/୩୫)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୩୫ ଓଭରରେ ୯୩/୭ (ଟେମ୍ବା ବଭୁମା-୨୯*, ରବୀନ୍ଦ୍ର ଜାଡେଜା-୪/୨୯, କୁଲଦୀପ ଯାଦବ-୨/୧୨)।



ଇଡେନ ଗାର୍ଡେନ୍ସରେ ଶନିବାର ଶୁବମନ ଗିଲ୍ ରିଟାୟର୍ଡ ହର୍ଟ ହୋଇ ପଡ଼ିଆ ଛାଡୁଛନ୍ତି।

# କିଟ୍ ଷ୍ଟାଡିୟମରେ ବଦଳିବ କି ଓଡ଼ିଶାର ଭାଗ୍ୟ

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଏହାର ୫ମ ମ୍ୟାଚ କିଟ୍ କ୍ରିକେଟ ଷ୍ଟାଡିୟମରେ ନାଗାଲାଣ୍ଡ ସହିତ ଖେଳିବ। ଏଲିଟ ଗ୍ରୁପ୍ 'ଏ'ର ଏହି ମ୍ୟାଚ ରବିବାର ପୂର୍ବାହ୍ନ ୯ଟାରେ ଆରମ୍ଭ ହେବ। ଚଳିତ ସିଜନରେ ଓଡ଼ିଶା ଦଳର ପ୍ରଦର୍ଶନ ଏପର୍ଯ୍ୟନ୍ତ ଅତି ଦୟନୀୟ ରହିଛି। ୪ଟି ମ୍ୟାଚ ଖେଳିସାରିଥିବା ଓଡ଼ିଶା ୩ ପରାଜୟ ଏବଂ ଗୋଟିଏ ଡ୍ର ସହ ମାତ୍ର ୧ ପଏଣ୍ଟ ପାଇଛି। ପଏଣ୍ଟ ଟେବୁଲର ନିମ୍ନ ୨ ସ୍ଥାନରେ ଓଡ଼ିଶା ଓ ନାଗାଲାଣ୍ଡ ଦଳ ରହିଛି। ଦୁଇଟି ଯାକ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଥିବାରୁ ଓଡ଼ିଶା ଲାଗି ଏହି ମ୍ୟାଚର ଗୁରୁତ୍ୱ ବଢ଼ିଛି। କାରଣ ଅପେକ୍ଷାକୃତ ଦୁର୍ବଳ ନାଗାଲାଣ୍ଡକୁ ଯଦି ଓଡ଼ିଶା ଏଠାରେ ପରାସ୍ତ କରି ନ ପାରେ ତେବେ ଆସନ୍ତା ସିଜନରେ ପ୍ଲେଟ ଡିଭିଜନକୁ ଖସିବା ବିପଦ ସୃଷ୍ଟି ହେବ। ମ୍ୟାଚ ପରେ ମ୍ୟାଚକୁ ନେଇ ଦଳର ଯୋଜନା ଓ ରଣନୀତି ସବୁକିଛି ଅସ୍ପଷ୍ଟ ରହିଛି। ପ୍ରଥମ ୩ ମ୍ୟାଚ ପରେ ଚୟନକର୍ତ୍ତାମାନେ ଦଳରେ ଖେଳାଳି ପରିବର୍ତ୍ତନ କରିଥିଲେ, ମାତ୍ର ଯଥା ପୂର୍ବଂ ତଥା ପରମ୍। ଅର୍ଥାତ୍ ବିଦର୍ଭ ବିପକ୍ଷ ଚତୁର୍ଥ ମ୍ୟାଚରେ ମଧ୍ୟ ପରାଜୟ ମିଳିଲା। ୫ମ ମ୍ୟାଚ ପାଇଁ ପୁଣି ଦଳରେ ପରିବର୍ତ୍ତନ କରାଯାଇ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଓ ଉଇକେଟ କିପର ସାୱନ ପହାରିଆଙ୍କୁ ସାମିଲ କରାଯାଇଛି। ବ୍ୟାଟର ସନ୍ଦୀପ ପଟ୍ଟନାୟକ, ଉଇକେଟ କିପର ରାଜେଶ ଧୂପର ଓ ବାମହାତୀ ସ୍ପିନର ଜାମଳା ଭଞ୍ଜନ ମହାପାତ୍ରଙ୍କୁ ଦଳରୁ ବାଦ୍ ଦିଆଯାଇଛି। ତେଣୁ କିଟ୍ କ୍ରିକେଟ ଷ୍ଟାଡିୟମରେ ଦଳର ଭାଗ୍ୟ ପରିବର୍ତ୍ତନ ହେବା ଆଶାରେ ରହିଛନ୍ତି ଓଡ଼ିଶାର କ୍ରିକେଟପ୍ରେମୀ। କାରଣ ଆଗକୁ ଅବଶିଷ୍ଟ ୨ଟି ମ୍ୟାଚରେ ଓଡ଼ିଶା ଶକ୍ତିଶାଳୀ ତାମିଲନାଡୁ ଓ ଝାଡ଼ଖଣ୍ଡକୁ ଭେଟିବା କାର୍ଯ୍ୟସୂଚୀ ରହିଛି। ତେଣୁ ଘରୋଇ ପିଚ୍ ଓ ପରିବେଶରୁ ଫାଇଦା ଉଠାଇ ନାଗାଲାଣ୍ଡ ବିପକ୍ଷରେ ନିଜକୁ ପ୍ରମାଣିତ କରିବାକୁ ବଡ଼ ସୁଯୋଗ ଆସିଛି ଓଡ଼ିଶା ଖେଳାଳିଙ୍କ ପାଇଁ। ଉଭୟ ଦଳ ଶନିବାର କିଟ୍ ଷ୍ଟାଡିୟମରେ କଡ଼ା ଅଭ୍ୟାସ କରିଛନ୍ତି।



ବିପ୍ଳବ ସାମନ୍ତରାୟଙ୍କ ବୋଲିଂ ଅଭ୍ୟାସ।

### ରେକର୍ଡ

ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଏହା ପୂର୍ବରୁ ମାତ୍ର ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଛି। ୨୦୨୩ ଜାନୁଆରୀ ୬ରୁ ୯ ପର୍ଯ୍ୟନ୍ତ କଟକର ଡ୍ରିମ୍ସ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ ଡ୍ର ରହିଥିଲା। ଚେତନ ବିସ୍ତ (୧୩୩ ରନ)ଙ୍କ ଶତକ ସହାୟତାରେ ନାଗାଲାଣ୍ଡ ପ୍ରଥମ ଇନିଂସରେ ୪୩୩ ରନ ସ୍କୋର କରିଥିଲା। ମାତ୍ର ଶାନ୍ତନୁ ମିଶ୍ର(୨୦୦)ଙ୍କ ଦ୍ୱିଶତକ ଓ ପ୍ରୟାସ ସିଂ (୧୦୪)ଙ୍କ ଶତକ ସହାୟତାରେ ଓଡ଼ିଶା ୮ ଉଇକେଟ ବିନିମୟରେ ୫୩୫ ରନର ବିଶାଳ ସ୍କୋର କରି ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିବାରୁ ୩ ପଏଣ୍ଟ ପାଇଥିଲା। ଏଥର ନାଗାଲାଣ୍ଡର ପ୍ରଦର୍ଶନ ମଧ୍ୟ ଭଲ ରହିନାହିଁ। ବିଦର୍ଭ ନିକଟରୁ ଏକ ଇନିଂସ ୧୭୯, ଝାଡ଼ଖଣ୍ଡଠାରୁ ଏକ ଇନିଂସ ୧୯୬ ଏବଂ ଉତ୍ତର ପ୍ରଦେଶଠାରୁ ଏକ ଇନିଂସ ୨୬୫ ରନରେ ହାରିଥିବାବେଳେ ତାମିଲନାଡୁ ବିପକ୍ଷ ମ୍ୟାଚକୁ ଡ୍ର ରଖି ପ୍ରଥମ ଇନିଂସ ପଛୁଆ ରହିବା ଭିତ୍ତିରେ ମାତ୍ର ୧ ପଏଣ୍ଟ ପାଇଛି। ତାମିଲନାଡୁ ବିପକ୍ଷରେ ଡେଗା ନିଶ୍ଚଳ (୧୭୫) ଓ ଇମଲିୱାତି ଲେମଟୁର (୧୪୬) ବଡ଼ ଇନିଂସ ଖେଳିଥିଲେ ହେଁ ପରବର୍ତ୍ତୀ ୨ଟି ମ୍ୟାଚରେ ତାହାକୁ ପୁନରାବୃତ୍ତି କରିପାରି ନାହାନ୍ତି। ତେଣୁ ଓଡ଼ିଶା ଟିମ୍ ମ୍ୟାନେଜମେଣ୍ଟ ଯୋଜନାବଦ୍ଧ ଭାବେ ରଣନୀତି ପ୍ରସ୍ତୁତ କରି ଆଗାମୀ ମ୍ୟାଚଲାଗି ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ। ସେସନ ଭିତ୍ତିରେ ମ୍ୟାଚର ସ୍ଥିତିକୁ ଦୃଷ୍ଟିରେ ରଖି ରଣନୀତିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ନ ହେଲେ ଦଳ ପାଇଁ ଏଲିଟ ଗ୍ରୁପ୍‌ରେ ତିଷ୍ଠି ରହିବା କଷ୍ଟକର ହୋଇପଡ଼ିବ।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ ଅଧିନାୟକ), ଗୌରବ ଚୌଧୁରୀ, ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ସାୱନ ପହାରିଆ, ସୌରଭ ଗୌଡ଼ା, ଅନିଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ରାଜେଶ ମହାନ୍ତି, ତରନି ସା, ତାପସ ଦାସ ଓ ପ୍ରଶାନ୍ତ କୁମାର ରଣା।

**ନାଗାଲାଣ୍ଡ ଦଳ:** ରଙ୍ଗସେନ ଜୋନାଥନ (ଅଧିନାୟକ), ଚେତନ ବିସ୍ତ, ଦୀପ୍ ବୋରା, ହେମ ଚେତ୍ରି, ଓଡିଲେମ୍ବୁ କିଚୁ, ସୌରଭ କୁମାର, ଇମଲିୱାତି ଲେମଟୁର, ରୋନିତ ମୋରେ, ନାଜାଙ୍ଗୁଙ୍ଗ ମୋଙ୍ଖୁଇ, ଡେଗା ନିଶ୍ଚଳ, ସେଦେଝାଲି ରୁପେରୋ, ତହମିଦ ରହମନ, ଯୁଗନ୍ଧର ସିଂ, ତୋହୁକା ଝିମୋ, ଭିନୋ ଝିମୋନି।

### ୨୦୨୫-୨୬ ରଣଜୀ ସିଜନ

**(ଏପର୍ଯ୍ୟନ୍ତ ଖେଳିଛି ୪ ମ୍ୟାଚ)**

- ବନାମ ବରୋଦା: ୭ ଉଇକେଟରେ ପରାସ୍ତ
- ବନାମ ଉତ୍ତର ପ୍ରଦେଶ: ମ୍ୟାଚ ଡ୍ର, ୧ ପଏଣ୍ଟ
- ବନାମ ଆନ୍ଧ୍ର ପ୍ରଦେଶ: ଏକ ଇନିଂସ ୫୦ ରନରେ ପରାସ୍ତ
- ବନାମ ବିଦର୍ଭ: ୧୦୦ ରନରେ ପରାସ୍ତ

# ଗିଲ୍ ଆହତ

**କୋଲକାତା, ୧୫।୧୧(ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟର ଅବଶିଷ୍ଟାଂଶ ଖେଳ ଲାଗି ଭାରତୀୟ ଅଧିନାୟକ ଶୁବମନ ଗିଲ ଉପଲବ୍ଧ ହେବେ କି ନାହିଁ, ସେ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ମ୍ୟାଚ୍‌ର ଦ୍ୱିତୀୟ ଦିନ ତଥା ଶନିବାର ରିଟାୟର୍ଡ ହର୍ଟ ହୋଇଥିବା ଗିଲ ବେକରେ ସର୍ଭିକାଲ କଲାର ଲଗାଇଥିବା ଦେଖିବାକୁ ମିଳିଥିଲା। ଭାରତୀୟ ଇନିଂସର ୩୫ତମ ଓଭରରେ ଦକ୍ଷିଣ ଆଫ୍ରିକୀୟ ସ୍ପିନର ସିମନ ହାର୍ମରଙ୍କ ଏକ ବଲ୍‌କୁ ସ୍ଲଗ-ସୁଇପ୍ ମାରିବାକୁ ଉଦ୍ୟମ କଲାବେଳେ ଗିଲ୍‌ଙ୍କ ବେକରେ ଆଘାତ ଲାଗିଥିଲା। ଫିଜିଓ ତାଙ୍କର ଚିକିତ୍ସା କରିବା ପରେ ସେ ପଡ଼ିଆ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସନ୍ଧ୍ୟାରେ ପରିସ୍ଥିତି ଅଧିକ ଜଟିଳ ହୋଇଯାଇଥିଲା। ଗିଲ୍ ବେକ୍‌ରେ ସର୍ଭିକାଲ କଲାର ଲଗାଇଥିବା ନଜର ଆସିଥିଲା। ଏ ସମ୍ପର୍କରେ ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ମର୍ନି ମୋର୍କେଲ କହିଛନ୍ତି, ଆମକୁ ପ୍ରଥମେ ନିର୍ଣ୍ଣୟ କରିବାକୁ ପଡ଼ିବ ଯେ ତାଙ୍କ ବେକରେ ଆଘାତ କେଉଁ ଭଳି ଲାଗିଲା। ମୋ ମତରେ ସେ ଗତ ରାତିରେ ଠିକ୍ ଭାବେ ଶୋଇ ନାହାନ୍ତି। ସେ ଜଣେ ଖୁବ୍ ଫିଟ୍ ଖେଳାଳି। ସେ ନିଜର ଭଲ ଯତ୍ନ ନିଅନ୍ତି। ଦୁର୍ଭାଗ୍ୟର ବିଷୟ ଯେ, ଶନିବାର ସକାଳେ ଉଠିଲା ବେଳେ ସେ ବେକରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହି ସମସ୍ୟା ସହିତ ସେ ଖେଳିଥିଲେ। କାରଣ ଶନିବାର ମ୍ୟାଚ୍‌ଟି ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା।

# ମନ୍ଧାନାଙ୍କୁ ୫୦ ଲକ୍ଷ ପୁରସ୍କାର

**ମୁମ୍ବାଇ, ୧୫।୧୧(ପି.ଟି.)**

ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ପକ୍ଷରୁ ଶନିବାର ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳର ଓପନର ତଥା ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏମ୍‌ସିଏ ପକ୍ଷରୁ ମନ୍ଧାନାଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଭାରତୀୟ ମହିଳା ଦଳର ବିଶ୍ୱକପ୍ ବିଜୟରେ ମନ୍ଧାନାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ୮ ମ୍ୟାଚ୍‌ରେ ୫୪.୨୫ ଆଭରେଜରେ ୪୩୪ ରନ କରିଥିଲେ।









4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୧୦+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ (୧୦+୮=୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 16/2025 | Page 18 | ₹ 7.00
୫୧ଶ ଭାଗ ୩୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 350 | ମୂଲ୍ୟ ₹୭/-

# ରାଜନୈତିକ ପରିବର୍ତ୍ତନର ସମ୍ଭାବନା

**ଭୁବନେଶ୍ୱର,୧୫।୧୧(ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ଫଳାଫଳ ଆସିବା ପରେ ଓଡ଼ିଶା ରାଜନୀତିରେ ଅନେକ ରାଜନୈତିକ ଅଙ୍କ ବଦଳିବା ନେଇ ଏବେଠାରୁ ଚର୍ଚ୍ଚା ହେଲାଣି। ଯଦିଓ ଏବେ ବିରୋଧୀ ଆସନରେ ବସୁଛି ତଥାପି ବିଜେଡିର ଭବିଷ୍ୟତ ଏବଂ ଆଭ୍ୟନ୍ତରୀଣ ରାଜନୀତି ବିଷୟରେ ଜାଣିବା ପାଇଁ ଅଧିକାଂଶ ଲୋକ ବିଶେଷ ରୁଚି ରଖୁଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ଉପନିର୍ବାଚନରେ ବିଜେଡି ଫଳାଫଳ ଦେଖିବା ପରେ ଗାଁ ଗହଳିରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାର ଏକ ଗଭୀର ପ୍ରଭାବ ରାଜ୍ୟବ୍ୟାପୀ ବିଜେଡି ନେତା ଓ କର୍ମୀଙ୍କ ଉପରେ ପଡ଼ିଥିବା କୁହାଯାଉଛି। ଧରିତ୍ରୀ ପକ୍ଷରୁ ନୂଆପଡ଼ା ଉପନିର୍ବାଚନକୁ ନେଇ ଅନେକ ଖବର ପ୍ରକାଶ କରାଯାଇଥିଲା। ଜୟ ଢୋଲକିଆ ବିଜେଡିରୁ ପ୍ରାର୍ଥୀ ହେଉନାହାନ୍ତି, ଏପରି ଏକ ଖବର ଧରିତ୍ରୀରେ ଅକ୍ଟୋବର ୯ ରେ 'ଢୋଲକିଆ ଯିବେ କୁଆଡ଼େ' ଶୀର୍ଷକରେ ପ୍ରକାଶ ପାଇଥିଲା। ଏହାର ଗୋଟିଏ ଦିନ ପରେ ୧୧ ତାରିଖରେ ଢୋଲକିଆ ଭାଜପାରେ ସାମିଲ ହୋଇଥିଲେ। ସେହିପରି ଧରିତ୍ରୀ ପକ୍ଷରୁ ଅକ୍ଟୋବର ୧୮ରେ ଆଉ ଏକ ଖବର '୩ ନମ୍ବର ହେଲେ ସରିଲା' ଶୀର୍ଷକରେ ପ୍ରକାଶ ପାଇଥିଲା। ଏଥିରେ ଉଲ୍ଲେଖ କରାଯାଇଥିଲା, ବିଜେଡି ଏହି ଉପନିର୍ବାଚନରେ ଯଦି ୩ ନମ୍ବର ସ୍ଥାନକୁ ଖସିଯାଏ ତେବେ ସାଧାରଣ ଲୋକମାନେ ଭବିଷ୍ୟତରେ ଯଦି କୌଣସି ନିର୍ବାଚନରେ ସରକାର ବିରୋଧରେ ଭୋଟ୍ ଦେବାକୁ ଚିନ୍ତା କରନ୍ତି ତେବେ ୨ ନମ୍ବର ଦଳ ପ୍ରତି ଅଧିକ ଆକୃଷ୍ଟ ହେବା ସମ୍ଭାବନା ବଢ଼ିଯାଇପାରେ।

ରାଜନୈତିକ ମହଲରେ ନୂଆପଡ଼ା ଫଳାଫଳକୁ ନେଇ ଚାଲିଥିବା ଚର୍ଚ୍ଚା ମୁତାବକ, ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ୧,୨୩,୮୬୯ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୪୦ ହଜାର ୧୨୧ ଖଣ୍ଡ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮,୪୦୮ ଖଣ୍ଡ ଭୋଟ୍ ପାଇ ୩ ନମ୍ବର ହୋଇଛନ୍ତି। ଅର୍ଥାତ୍ ଘାସିରାମ ୮୩ ହଜାର ୭୪୮ ଖଣ୍ଡ ଭୋଟ୍‌ରେ ଜୟଙ୍କଠାରୁ ପରାଜିତ ହୋଇଛନ୍ତି। ଯେଉଁଠି ସ୍ନେହାଙ୍ଗିନୀଙ୍କଠାରୁ ଘାସିରାମ ମାତ୍ର ୧୭୧୩ ଖଣ୍ଡ ଭୋଟ୍‌ରେ ଆଗେଇପାରିଛନ୍ତି। ବିଜେଡିକୁ ପଛରେ ପକାଇବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଏକମାତ୍ର ଖୁସିର ବିଷୟ ହୋଇପାରେ। ହେଲେ ୨୦୨୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ଯେଉଁ ଭୋଟ୍ ପାଇଥିଲେ, ଏଥର କଂଗ୍ରେସକୁ ଯାଇ ୧୦ ହଜାର ୮୨୦ ଖଣ୍ଡ କମ୍ ଭୋଟ୍ ପାଇଲେ। ଭକ୍ତଙ୍କ ନେତୃତ୍ୱକୁ ଭରସା କରିଥିବା ଘାସିରମ ଗତଥର ତୁଳନାରେ ଲୋକଙ୍କ ପାଖରେ ଆହୁରି କମ୍ ଗ୍ରହଣୀୟ ହେଲେ। ଏପରି ସ୍ଥିତିରେ ବିଜେଡିଠାରୁ ଯଦି ତୃଣମୂଳସ୍ତରର କର୍ମୀମାନେ ମୁହଁ ଫେରାଇବା ପ୍ରକ୍ରିୟା ବୃଦ୍ଧି ପାଇପାରେ ବୋଲି ଯେଉଁ ଆକଳନ କରାଯାଉଛି ତା'ର ଫାଇଦା ସିଧାସଳଖ ଶାସକ ଦଳ ପାଖକୁ ଯାଇପାରେ। କାରଣ ଭାଜପା ଓଡ଼ିଶାରେ ସରକାରକୁ ଆସିସାରିଥିଲେ ମଧ୍ୟ ପଞ୍ଚାୟତ, ଜୋନ୍ ଏବଂ ବ୍ଲକ୍‌ସ୍ତରରେ ନିଜର ସଙ୍ଗଠନକୁ ସେତିକି ମଜଭୁତ କରିପାରିନାହିଁ। ଆଗକୁ ଏଥିରେ ଭାଜପା ସୁଧାର ଆଣିପାରେ ବୋଲି ରାଜନୈତିକ ବିଶାରଦମାନେ ନୂଆପଡ଼ା ଫଳାଫଳକୁ ଦେଖି ବିଚାର କରୁଛନ୍ତି।

ଅନ୍ୟପକ୍ଷରେ ନୂଆପଡ଼ାର ଫଳ ବିଜେଡିର ଆଗଧାଡ଼ିର ନେତାମାନଙ୍କ ଭିତରେ ଏକ ଅଜଣା ଭୟ ସୃଷ୍ଟି କରିଥିବା ଶୁଣିବାକୁ ମିଳୁଛି। ବିଜେଡିର କେତେଜଣ ନେତାଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନୂଆପଡ଼ା ଫଳାଫଳ ଯାହା ହେଲା ଏହାପରେ ଗଣମାଧ୍ୟମ ଆଗକୁ ଆସି କିଛି କହିବାକୁ କାହା ପାଖରେ ସାହସ ହେଲା ନାହିଁ। ଦଳର ସଭାପତି ନବୀନ ପଟ୍ଟନାୟକ ନିର୍ବାଚନ ଏମିତି ଆସିବ ଓ ଯିବ ବୋଲି କହିବା ସତ୍ତ୍ୱେ ଶନିବାର ସୁଦ୍ଧା ବିଜେଡିର ଅନ୍ୟ କୌଣସି ନେତା ଉପନିର୍ବାଚନ ବାବଦରେ ପଦୁଟିଏ ମୁହଁ ଖୋଲିପାରୁନାହାନ୍ତି। ପ୍ରଥମେ ନିର୍ବାଚନରେ ୩ ନମ୍ବର ସ୍ଥାନ ପାଇବା ଯୋଗୁ ରାଜ୍ୟବ୍ୟାପୀ କର୍ମୀମାନଙ୍କ ଭିତରେ ନାକାରାତ୍ମକ ଚିନ୍ତା ସୃଷ୍ଟି ହୋଇସାରିଛି, ଏହାପରେ ଯଦି ଦଳର କେଉଁ ନେତା ଗଣମାଧ୍ୟମ ଆଗକୁ ଯାଇ ମୁହଁ ନ ଖୋଲି ଘରେ ରହିବେ, ତେବେ ବିଜେଡି ସମର୍ଥକ କାହିଁକି ଆଉ ସେମାନଙ୍କ ସାଙ୍ଗରେ ରହିବେ ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପଟେ ନୂଆପଡ଼ା ଫଳାଫଳ ପରେ ଦଳର ଆଗାମୀ ରଣନୀତି କ'ଣ ହେବ ଏବଂ ନବୀନଙ୍କ ନେତୃତ୍ୱକୁ ଭରସାକରି ସେମାନେ କେତେଦୂର ଆଗକୁ ବଢ଼ିପାରିବେ, ଏପରି ଅନେକ ପ୍ରଶ୍ନ ସେମାନଙ୍କ ଭିତରେ ଉଠିଲାଣି। ଅର୍ଥାତ୍ ଦଳର ମୁଖ୍ୟ ନେତୃତ୍ୱ ଉପରେ ଆଗଧାଡ଼ିର ନେତାମାନେ ପ୍ରଶ୍ନ ଉଠାଇବା ଆରମ୍ଭ କଲେଣି ବୋଲି ଶୁଣାଯାଉଛି, ଯାହା ରାଜନୀତିର ଏକ ବିରାଟ ସମସ୍ୟା ବୋଲି କୁହାଯାଇପାରେ। କାରଣ ଗାଁ ଗହଳିର ରାଜନୀତି କରୁଥିବା ଅନେକ ଲୋକ ରାଜନୈତିକ ଦଳ ସହ ରହି କେବଳ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ପତିଆରା ବଢ଼ାଇବା ସେମାନଙ୍କ ମୂଳ ଲକ୍ଷ୍ୟ ରହିଥାଏ। ବିଜେଡି ପ୍ରଥମେ ସରକାରରୁ ଯିବା ସହ ଏବେ ଯେତେବେଳେ ଉପନିର୍ବାଚନରେ ଆହୁରି ଖରାପ ପ୍ରଦର୍ଶନ କରୁଛି, ଏହାର କୁପ୍ରଭାବ ମଧ୍ୟ ଦଳର ଗ୍ରାମାଞ୍ଚଳ ନେତାଙ୍କ ଉପରେ ପଡ଼ିବା ସମ୍ଭାବନା ରହିଛି। ଅନ୍ୟପଟେ ଉପନିର୍ବାଚନ ଲଢ଼ିବା ଲାଗି ଯେତିକି ଅର୍ଥ ଦେବା ପାଇଁ ଦଳ ପକ୍ଷରୁ କୁହାଯାଇଥିଲା ସେତିକି ମଧ୍ୟ ମିଳି ନ ଥିବା ନୂଆପଡ଼ାର ବିଜେଡି ମହଲରେ ଆଲୋଚନା ହେଉଛି। ୨ଥର ଗସ୍ତ କରିବା ପରେ ନବୀନଙ୍କ ଲୋପ୍ରିୟତା ଆଉ ପୂର୍ବଭଳି ନ ଥିବାର ଏକ ବାର୍ତ୍ତା ମଧ୍ୟ ଏହି ଫଳାଫଳ ପରେ ତୃଣମୂଳସ୍ତରକୁ ଯାଇସାରିଛି।

ଭକ୍ତଚରଣ ଦାସ ପୂର୍ବରୁ ଲଢ଼ିଥିବା କଳାହାଣ୍ଡି ଲୋକ ସଭା କ୍ଷେତ୍ର ଅଧୀନରେ ରହିଛି ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ। ଓଡ଼ିଶା ପିସିସି ସଭାପତି ଭାବେ ଭକ୍ତଙ୍କୁ ଦାୟିତ୍ୱ ମିଳିବା ପରେ ତାଙ୍କ ନେତୃତ୍ୱରେ କଂଗ୍ରେସ ପ୍ରଥମ ଉପନିର୍ବାଚନର ସାମ୍ନାକଲା। ହେଲେ ନିଜ ଲୋକ ସଭା କ୍ଷେତ୍ରରେ ନେତୃତ୍ୱ ନେଇ ଭକ୍ତ ଏତେ ନୈରାଶ୍ୟଜନକ ଫଳ ଆଣିବା ଯୋଗୁ ରାଜ୍ୟବ୍ୟାପୀ କଂଗ୍ରେସ ନେତାମାନେ ପିସିସି ସଭାପତିଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଉଥିବା ଚର୍ଚ୍ଚା ହେଉଛି। ଯିଏ ନିଜ ନିର୍ବାଚନମଣ୍ଡଳୀରେ ଲୋକପ୍ରିୟ ହୋଇପାରୁନାହାନ୍ତି ସେ ରାଜ୍ୟରେ ଦଳକୁ କେତେ ଆଗକୁ ନେବେ ତାକୁ ରାଜନୈତିକ ମହଲରେ କୁହାକୁହି ହେଲେଣି। ଏସବୁ ସ୍ଥିତିରେ ବିଜେଡିର ପରବର୍ତ୍ତୀ ଆଭିମୁଖ୍ୟ କ'ଣ ହେବ ଏବଂ ରାଜ୍ୟରେ ଭାଜପା ବିରୋଧରେ କଂଗ୍ରେସ କିପ୍ରକାର ରଣନୀତି କରିବ ଏହା ଉପରେ ବିଶେଷ ଦୃଷ୍ଟି ରହିବ। ସୂଚନାଯୋଗ୍ୟ, ବିଜେଡି ସରକାର ସମୟରେ ୨୦୧୯ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକ ଉଭୟ ହିଞ୍ଜିଳି ଏବଂ ବିଜେପୁର ଆସନରୁ ଲଢ଼ି ବିଜୟୀ ହୋଇଥିଲେ। ଏହାପରେ ସେ ବିଜେପୁର ଆସନରୁ ଇସ୍ତଫା ଦେବାପରେ ସେଠାରେ ଉପନିର୍ବାଚନ ହୋଇଥିଲା। ସେଥିରେ ରୀତା ସାହୁ ବିଜେଡି ପ୍ରାର୍ଥୀ ହୋଇ ଭାଜପା ପ୍ରାର୍ଥୀ ସନତ ଗଡତିଆଙ୍କଠାରୁ ୯୭ ହଜାର ୯୯୦ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଥିଲେ। ସେଥର ଭାଜପା ପ୍ରାର୍ଥୀ ୩୭,୯୬୭ ଖଣ୍ଡ ଭୋଟ୍ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡା ମାତ୍ର ୫,୮୭୬ ଖଣ୍ଡ ଭୋଟ୍ ପାଇଥିଲେ।



## ୩ ନମ୍ବର ହେଲେ ସରିଲା

- ନାମାଙ୍କନ କଲେ ଜୟ, ଘାସିରାମ
- ଆଜି ସ୍ନେହାଙ୍ଗିନୀଙ୍କ ପ୍ରାର୍ଥୀପତ୍ର ଦାଖଲ

ଜୟ ଢୋଲକିଆ | ଘାସିରାମ ମାଝୀ | ସ୍ନେହାଙ୍ଗିନୀ ଛୁରିଆ

**ନୂଆପଡ଼ା ଉପନିର୍ବାଚନ**

ଭୁବନେଶ୍ୱର, ୧୮।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ୩ ଦଳର ଅଧିକାଂଶ ନେତା ସେଠାରେ ପହଞ୍ଚି ସାରିଛନ୍ତି। ଶନିବାର ଭାଜପାରୁ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନାମାଙ୍କନ ଦାଖଲ ସରିଛି। ରବିବାର ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ନାମାଙ୍କନ ଦାଖଲ କରିବେ। ସ୍ନେହାଙ୍ଗିନୀଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ବିଜେଡିର ପ୍ରମୁଖ ନେତାମାନେ ନୂଆପଡ଼ାରେ ପହଞ୍ଚିଛନ୍ତି। ବିଜେଡି ଲାଗି ଏହି ଉପନିର୍ବାଚନ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ନିଜେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟେଲିଫୋନ କରି ବହୁ ନେତାଙ୍କୁ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପନିର୍ବାଚନକୁ ଭଲରେ ଲଢ଼ିବା ପାଇଁ ସେ କହିଛନ୍ତି। ବର୍ତ୍ତମାନ ଏହା ସମ୍ମାନର ପ୍ରଶ୍ନ ବୋଲି ଦଳୀୟ ନେତାଙ୍କୁ ନବୀନ କହିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ ☞ପୃଷ୍ଠା–୨

ଅକ୍ଟୋବର ୧୯ରେ ଧରିତ୍ରୀରେ ପ୍ରକାଶିତ ଖବରର ଫଟୋଚିତ୍ର।

# କାର୍ଯ୍ୟକାରୀ ହେଲା ଡେଟା ସୁରକ୍ଷା ଆଇନ

**ନୂଆଦିଲ୍ଲୀ,୧୫।୧୧**

ଡେଟା ସୁରକ୍ଷା ବିଲ୍ ଆଇନରେ ପରିଣତ ହେବାର ୨ ବର୍ଷ ପରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। କେନ୍ଦ୍ର ସରକାର ଶୁକ୍ରବାର ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ (ଡିପିଡିପି) ଆଇନ, ୨୦୨୩ ପୂର୍ଣ୍ଣ କାର୍ଯ୍ୟକାରିତା ନେଇ ଡିପିଡିପି ନିୟମାବଳୀ, ୨୦୨୫ ବିଜ୍ଞପିତ କରିଛନ୍ତି। ଏଥିସହିତ ୪ ସଦସ୍ୟ ବିଶିଷ୍ଟ ଏକ ଡେଟା ସୁରକ୍ଷା ବୋର୍ଡ ଗଠନ କରାଯାଇଛି। ବ୍ୟକ୍ତିଗତ ଡିଜିଟାଲ ଡେଟାର ଦାୟିତ୍ୱସମ୍ପନ୍ନ ବ୍ୟବହାର ପାଇଁ ଉକ୍ତ ଆଇନ ଓ ନିୟମାବଳୀ ଏକ ସରଳ, ନାଗରିକ କୈନ୍ଦ୍ରିକ ଓ ନବାଚାର ଅନୁକୂଳ ଢାଞ୍ଚା ପ୍ରସ୍ତୁତ କରିବ। ୨୦୨୩ ଅଗଷ୍ଟ ୧୧ରେ ପାର୍ଲାମେଣ୍ଟରେ ଡେଟା ସୁରକ୍ଷା ବିଲ୍ ଗୃହୀତ ହୋଇଥିଲା।

ବିଜ୍ଞପିତ ନୟମାବଳୀ ଅନୁଯାୟୀ କମ୍ପାନୀଗୁଡ଼ିକୁ ୧୨ରୁ ୧୮ ମାସ ମଧ୍ୟରେ ଆଇନର ବ୍ୟବସ୍ଥାଗୁଡ଼ିକୁ ଅନୁପାଳନ କରିବାକୁ ହେବ। ଏଥିପାଇଁ ସେମାନେ କନ୍‌ସେଣ୍ଟ ମ୍ୟାନେଜର, ଡେଟା ପ୍ରୋଟେକ୍ସନ ଅଫିସର ନିଯୁକ୍ତ କରିବା ସହ ୟୁଜର ଅନୁମତି ଦର୍ଶାଇବା ପାଇଁ ବ୍ୟବସ୍ଥା କରିବେ ଏବଂ ଡେଟା ପ୍ରିଭେସି ଉଲ୍ଲଂଘନ ହେଲେ ୭୨ ଘଣ୍ଟା ମଧ୍ୟରେ ଏହାର ରିପୋର୍ଟ କରିବେ। ୧୮ ବର୍ଷରୁ କମ୍ ବୟସର ୟୁଜରଙ୍କ ପାଇଁ ପ୍ଲାଟ୍‌ଫର୍ମଗୁଡ଼ିକ ସେମାନଙ୍କ ମାତାପିତାଙ୍କୁ ଅନୁମତି ନିଶ୍ଚୟ ନେବେ। ପ୍ଲାଟ୍‌ଫର୍ମ ବିଜ୍ଞାପନ ପାଇଁ ନିର୍ଦ୍ଦିଷ୍ଟ ଡେଟାକୁ ବ୍ୟବହାର କରିପାରିବ ନାହିଁ।

DSPL - 356
International Year of Cooperatives 2025
Cooperatives Build a Better World

ରାଜ୍ୟ ସମବାୟ ନୀତି-୨୦୨୫
ଚୂଡ଼ାନ୍ତ ପ୍ରକ୍ରିୟା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଚିଠା ସମବାୟ ନୀତି-୨୦୨୫ ଉପରେ
ଆଲୋଚନା ଚକ୍ର ଓ ମତାମତ ଗ୍ରହଣ

ମୁଖ୍ୟ ଅତିଥି
ଶ୍ରୀ ପ୍ରଦିପ ବଳ ସାମନ୍ତ
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ

ଅଂଶ ଗ୍ରହଣ କରିବେ ରାଜ୍ୟର ବିଶିଷ୍ଟ ସମବାୟବିତ୍, ଶିକ୍ଷାବିତ୍, ସମବାୟ କର୍ମକର୍ତ୍ତା ଓ ବରିଷ୍ଠ ଅଧିକାରୀ

କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ | ୧୭ ନଭେମ୍ବର ୨୦୨୫ | ସକାଳ ୧୦ ଘଟିକା





ସମବାୟ ବିଭାଗ, ଓଡ଼ିଶା ସରକାର
OIPR:

# ଦୁଇ ଆନ୍ତଃରାଜ୍ୟ ବିହାରୀ ବନ୍ଧୁକ ବେପାରୀ ଗିରଫ

**ଗୋଟିଏ କାର୍ବାଇନ୍ ସହ ୫ ବନ୍ଧୁକ,୯ ଗୁଳି ଜବତ**

- ମୁଙ୍ଗେର୍‌ରୁ ବନ୍ଧୁକ ଆଣି ୫ ଜିଲାକୁ ଚାଲାଣ କରିଛନ୍ତି
- ଖଣି, ବାଲି ମାଫିଆ ଓ ହାର୍ଡକୋର ଅପରାଧୀ କିଣିଛନ୍ତି ବନ୍ଧୁକ




ଗିରଫ ହୋଇଥିବା ଦୁଇ ବନ୍ଧୁକ ବେପାରୀ। ଜବତ କାର୍ବାଇନ ସହ ଅନ୍ୟ ବନ୍ଧୁକ, ଗୁଳି ଓ ମୋବାଇଲ।

ଭୁବନେଶ୍ୱର, ୧୫।୧୧(ତ୍ରିନାଥ ମହାନ୍ତି)

ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାକୁ ବନ୍ଧୁକ ଚାଲାଣ କରୁଥିବା ଦୁଇଜଣ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ସେମାନଙ୍କ ନିକଟରୁ ଗୋଟିଏ କାର୍ବାଇନ୍ (ରାଇଫଲ ବର୍ଗର ବନ୍ଧୁକ), ୫ଟି ସେମି ଅଟୋମେଟିକ୍ ପିସ୍ତଲ, ୯ଟି ଗୁଳି ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବିହାର ଖଗରିଆ ଜିଲାର ବିଦ୍ୟାଶ୍ରୀ କୁମାର ଏବଂ ଚନ୍ଦନ କୁମାର। ସେମାନଙ୍କୁ ଶୁକ୍ରବାର ରାତିରେ ଖାରବେଳନଗର ଥାନା ୟୁନିଟ୍-୩ ମାଳିସାହି ନିକଟରୁ ପୋଲିସ ଗିରଫ କରିଛି ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ କିଛି ମାସ ହେବ ଭୁବନେଶ୍ୱର, ଖୋର୍ଦ୍ଧା ଏବଂ କଟକକୁ ବେଆଇନ ଭାବେ ବନ୍ଧୁକ ଚାଲାଣ କରାଯାଉଥିବା ନେଇ ପୋଲିସ ଖବର ପାଇଥିଲା। ପୋଲିସ ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଏହି ବନ୍ଧୁକ ଚାଲାଣ ର୍ୟାକେଟ ନିକଟରେ ପହଞ୍ଚିଥିଲା। ଗିରଫ ଦୁଇ ଅଭିଯୁକ୍ତ ଭୁବନେଶ୍ୱର,ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ, କେନ୍ଦ୍ରପଡ଼ା ଆଦି ୫ଟି ଜିଲାକୁ ବନ୍ଧୁକ ଚାଲାଣ କରୁଥିଲେ। ସେମାନେ ବିହାରର ମୁଙ୍ଗେରରୁ ବନ୍ଧୁକ ଆଣି ଏଠାରେ ୬୦ରୁ ୮୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ବନ୍ଧୁକ ପାଇଁ ସେମାନେ ସପ୍ତାହେ ପୂର୍ବରୁ ଅଗ୍ରୀମ ଟଙ୍କା ନେଉଥିଲେ। ତେବେ ଏନେଇ ସୂଚନା ପାଇବା ପରେ ପୋଲିସ ସେମାନଙ୍କୁ ଧରିବାକୁ ଯୋଜନା କରିଥିଲା। ଏଥିପାଇଁ ଦୁଇ ଅଭିଯୁକ୍ତଙ୍କ ସହ ପୂର୍ବରୁ ପରିଚିତ ଥିବା ଜଣେ ବ୍ୟକ୍ତିଙ୍କୁ ମାଧ୍ୟମ କରିଥିଲେ। ବ୍ୟକ୍ତି ଜଣକ ଚନ୍ଦନ ଏବଂ ବିଦ୍ୟାଶ୍ରୀଙ୍କୁ ବନ୍ଧୁକ ଡିଲ୍ ଅର୍ଡର ଆସିଥିବା କହିଥିଲେ। ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ୩ଜଣ ବ୍ୟକ୍ତି ଗ୍ରାହକ ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ଅଗ୍ରୀମ ଆକାରରେ ୧ଲକ୍ଷରୁ ଅଧିକ ଟଙ୍କା ଦେଇଥିଲେ। ବନ୍ଧୁକ ଦେବା ପରେ ବାକି ୪ଲକ୍ଷ ନେବ ବୋଲି କହିଥିଲେ। ଟଙ୍କା ନେଇ ଦୁଇ ଅଭିଯୁକ୍ତ ଯିବା ପରେ ପୋଲିସ ସେମାନଙ୍କୁ ଟ୍ରାକ୍ କରିଥିଲା। ଗୋଟିଏ ସପ୍ତାହ ପରେ ଦୁଇ ଅଭିଯୁକ୍ତ ଗତକାଲି ଟ୍ରେନ୍‌ରେ ବନ୍ଧୁକ ଆଣି ମାଳିସାହି ନିକଟରେ ଅପେକ୍ଷା କରିଥିଲେ। ଗ୍ରାହକ ଭାବେ ସ୍ପେଶାଲ କ୍ରାଇମବ୍ରାଞ୍ଚ ୟୁନିଟ୍‌ର ୩ଜଣ କର୍ମଚାରୀ ସେଠାରେ ପହଞ୍ଚି ଦୁଇ ଅଭିଯୁକ୍ତଙ୍କ ସହ ଡିଲ୍ କରୁଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ପୋଲିସ ଟିମ୍ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଜାବୁଡ଼ି ଧରିଥିଲା। ସେମାନେ କାନ୍ଧରେ ଝୁଲାଇଥିବା ଏୟାର ବ୍ୟାଗ୍‌କୁ ଯାଞ୍ଚ କରିଥିଲେ। ସେଥିରୁ ଗୋଟିଏ କାର୍ବାଇନ୍, ୫ ବନ୍ଧୁକ ଏବଂ ୯ ରାଉଣ୍ଡ ଗୁଳି ଜବତ କରାଯାଇଥିଲା। ସ୍ପେଶାଲ କ୍ରାଇମ୍ ୟୁନିଟ୍ ତଦନ୍ତରୁ ଜାଣିବାକୁ ପାଇଛି ଯେ, ସେମାନେ ପୂର୍ବରୁ ଓଡ଼ିଶାରେ ଏକାଧିକ ବନ୍ଧୁକ ବିକ୍ରି କରିଛନ୍ତି। ବିଶେଷକରି ଖଣି ମାଫିଆ, ବାଲି ମାଫିଆ ଏବଂ ହାର୍ଡକୋର ଅପରାଧୀଙ୍କୁ ବନ୍ଧୁକ ଚାଲାଣ କରିଛନ୍ତି। ତେଣୁ ପୋଲିସ ଏହି ରାକେଟ୍‌ର ଶେଷ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ତାର ତଦନ୍ତକୁ ଜୋରଦାର କରିଥିବା ସୂଚନା ଦିଆଯାଇଛି।

## ଦେଢ଼ ଲକ୍ଷ ଟଙ୍କାରେ ବିକିଥାନ୍ତେ କାର୍ବାଇନ ବନ୍ଧୁକ

ଗିରଫ ବିହାରୀ ବନ୍ଧୁକ ବେପାରୀ ଆତଙ୍କବାଦୀ ଏବଂ ଏସ୍‌ପିରି ଧରୁଥିବା କାର୍ବାଇନ୍ ବନ୍ଧୁକ କେଉଁଠୁ ଆଣିଲେ ତାହାକୁ ନେଇ ପ୍ରଶ୍ନ ଉଠୁଛି। ପୂର୍ବରୁ ମଧ୍ୟ ଏହି କାର୍ବାଇନ୍ ବନ୍ଧୁକ ସେମାନେ ଓଡ଼ିଶାରେ ବିକ୍ରି କରିଛନ୍ତି। କାର୍ବାଇନ୍‌କୁ ସେମାନେ ଦେଢ଼ ଲକ୍ଷ ଟଙ୍କାରେ ବିକ୍ରି କରୁଥିଲେ। ୩ରୁ ଅଧିକ ବନ୍ଧୁକ କିଣିଲେ, ଡିସ୍କାଉଣ୍ଟ କରୁଥିଲେ। ତେବେ ସେମାନେ କାହାକୁ ବନ୍ଧୁକ ବିକ୍ରି କରିଛନ୍ତି ତାହାର ଖୋଲତାଡ଼ କରିବା ପାଇଁ ଉଭୟଙ୍କୁ ରିମାଣ୍ଡରେ ଅଣାଯିବ। ଦେଖାଯାଉଛି ଅନ୍ୟପକ୍ଷରେ ଉଭୟଙ୍କ ଆର୍ଥିକ କାରବାର ଓ ଆପରାଧିକ ରେକର୍ଡ, ସମ୍ପର୍କ ଚେନ୍ ଏବଂ ଆପରାଧିକ ନେଟ୍‌ୱାର୍କ ସମ୍ପର୍କରେ ପୋଲିସ ତଦନ୍ତ କରିବ। ତେବେ ଏହାକୁ ମିଶାଇ ୨ ମାସ ମଧ୍ୟରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୧୯ ବନ୍ଧୁକ ଏବଂ ଗୋଟିଏ କାର୍ବାଇନ୍ ଜବତ କରିଛି ବୋଲି ପୋଲିସ କମିଶନର ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

# ଜେଲରେ ୮ ଅଭିଯୁକ୍ତଙ୍କ ହେଲା ଟିଆଇ ପରେଡ

**ପୀତବାସ ହତ୍ୟା ମାମଲା**

ବ୍ରହ୍ମପୁର,୧୫।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡା ହତ୍ୟା ମାମଲାର ତଦନ୍ତ କରୁଥିବା ବ୍ରହ୍ମପୁର ପୋଲିସ ପକ୍ଷରୁ ଶନିବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୮ ଜଣ ଅଭିଯୁକ୍ତଙ୍କ ଟିଆଇ ପରେଡ କରାଯାଇଛି। ମାଜିଷ୍ଟ୍ରେଟ, ପୋଲିସ ସହ ୨ ଜଣ ପ୍ରତ୍ୟକ୍ଷଦର୍ଶୀ ଜେଲ ଭିତରକୁ ଯାଇ ଏହି ୮ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଟିଆଇ ପରେଡରେ ସାମିଲ ହୋଇଥିବା ଅଭିଯୁକ୍ତମାନେ ହେଲେ ଶାର୍ପସୁଟର ବୁଲୁପତି ଭୂୟାଁ ଓ ବିଷ୍ଣୁ ପ୍ରଧାନ, ବିହାରର ଶିଶୁପାଳ ପାଶ୍ୱାନ ଓ କୁନ୍ଦନ କୁମାର, ଷଡଯନ୍ତ୍ରକାରୀଙ୍କ ମୁଖ୍ୟ ସହଯୋଗୀ ଉମା ବିଷୋୟୀ, ଯୋଗୀ ରାଉତ, ସାମାଞ୍ଜଳନାୟକ ଏବଂ ବିପିନ ସ୍ୱାଇଁ। ଶନିବାର ଅପରାହ୍ନରେ ମାଜିଷ୍ଟ୍ରେଟ ଭାବେ ଜେଏମ୍‌ଏଫ୍‌ସି ଦୀପିକା ବରମାଳି ଓ ମାମଲାର ତଦନ୍ତ ଅଧିକାରୀ ଗାଡନ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଏହି ହତ୍ୟା ମାମଲାର ୨ ଜଣ ପ୍ରତ୍ୟକ୍ଷ ଦର୍ଶୀଙ୍କୁ ଧରି ଜେଲ ଭିତରେ ପହଞ୍ଚିଥିଲେ। ପୂର୍ବରୁ ଜେଲ କର୍ତ୍ତୃପକ୍ଷ ଉପରୋକ୍ତ ୮ ଜଣ ଅଭିଯୁକ୍ତଙ୍କୁ ଆଣି ଧାଡିରେ ଛିଡା କରାଇଥିଲେ। ପ୍ରତ୍ୟକ୍ଷଦର୍ଶୀମାନେ ଅଭିଯୁକ୍ତମାନଙ୍କୁ ଦେଖି ଅଧିକାରୀଙ୍କ ସମ୍ମୁଖରେ ନିଜ ମତ ରଖିଥିଲେ। ଏହି ହତ୍ୟା ମାମଲାରେ ମୋଟ ୧୬ ଜଣ ଅଭିଯୁକ୍ତଙ୍କୁ ପୋଲିସ ପର୍ଯ୍ୟାୟକ୍ରମେ ଗିରଫ କରି ମଣ୍ଡଳ କାରାଗାରକୁ ପଠାଇଥିଲା। ସୁରକ୍ଷା ଦୃଷ୍ଟିରୁ ଉକ୍ତ ଜେଲରେ ଥିବା ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କୁ ଫୁଲବାଣୀ କାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ବ୍ରହ୍ମପୁର କାରାଗାରରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳେଇଙ୍କ ସମେତ ୧୫ ଜଣ ରହୁଛନ୍ତି।

# ଅଳିଆଗଦାରୁ କନ୍‌ଷ୍ଟେବଲଙ୍କ ମୃତଦେହ ଜବତ

**ପଥରରେ ଛେଚି ହତ୍ୟା, ଅଭିଯୁକ୍ତ ଗିରଫ**

ହରଭଙ୍ଗା,୧୫।୧୧ (ନରେନ୍ଦ୍ର କୁମାର ସାହୁ)



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅଧୀନ ଯାଜପୁର ବାଲିସାହି ଗ୍ରାମରେ ଜଣେ କନଷ୍ଟେବଲଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତକ ହେଲେ ପୋଲିସ କନଷ୍ଟେବଲ ଉଦୟ ରଞ୍ଜନ ପଟ୍ଟନାୟକ (୫୪)। ସେ କନ୍ଧମାଳ ଜିଲା ବାଲିଗୁଡ଼ା ଥାନାରେ କାର୍ଯ୍ୟରତ ଥିଲେ। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସଞ୍ଜୟ ନାଏକ। ଏ ନେଇ ପୁରୁଣାକଟକ ଥାନାରେ ଏକ ମାମଲା (ନଂ.୧୯୪/୨୫) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, କିଛିଦିନ ତଳେ ମୃତ କନଷ୍ଟେବଲ ଉଦୟ ରଞ୍ଜନ ନିଜ ଗ୍ରାମ ଯାଜପୁର ବାଲିସାହିକୁ ଆସିଥିଲେ। ଏହି ସମୟରେ ସେ ସଞ୍ଜୟଙ୍କ ସହିତ ମିଳାମିଶା କରୁଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସଞ୍ଜୟ ତାଙ୍କୁ ଏକ ପଥରରେ ଛେଚି ହତ୍ୟା କରିବା ପରେ ଘର ପଛପଟ ଏକ ଅଳିଆ ଗଦାରେ ପୋତିଦେଇଥିଲେ। ମୃତଦେହ ପଚି ଗନ୍ଧ ହେବାରୁ ଶନିବାର ଗ୍ରାମବାସୀ ପୋଲିସଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସାହାଯ୍ୟରେ ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ସଞ୍ଜୟଙ୍କୁ ଗିରଫ କରିଛି। ଗତ ୪ଦିନ ତଳେ ଅଭିଯୁକ୍ତ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ପୁରୁଣାକଟକ ଥାନାଧିକାରୀ ଅରୁଣ କୁମାର ସିଂ ସୂଚନା ଦେଇଛନ୍ତି।

# ୧୨୦ ବୋତଲ କଫ ସିରପ୍ ଜବତ, ୨ କୋର୍ଟଚାଲାଣ

ଝାରସୁଗୁଡ଼ା, ୧୫।୧୧(ଆଶିଷ ରଞ୍ଜନ ଦାଶ)

ବେଆଇନ ଭାବେ କଫସିରପ୍ ଓ ନିଶା ବଟିକା ବିକ୍ରି ଅଭିଯୋଗରେ ବ୍ରଜରାଜନଗର ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ରାଜପୁରର ପ୍ରକାଶ କନ୍ଦାରା ଓ ଆକାଶ କନ୍ଦାରା। ସେମାନଙ୍କ ନିକଟରୁ ୧୨୦ ବୋତଲ କଫସିରପ୍, ୪୦ ଷ୍ଟ୍ରିପ୍ ନିଶା ବଟିକା, ୨୦୭୦ ଟଙ୍କା ଏବଂ ନମ୍ବର ବିହୀନ ଏକ ବାଇକ୍ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ରାଜପୁର ନିକଟରେ ଶୁକ୍ରବାର ରାତିରେ ଅଭିଯୁକ୍ତ ଦ୍ୱୟ ବେଆଇନ ଭାବେ କଫସିରପ୍ ଓ ନିଶା ବଟିକା ବିକ୍ରି କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ମାମଲା(ନଂ.୨୫୫/୨୫) ରୁଜୁ ହୋଇଛି।



ଜବତ କଫ ସିରପ୍ ଓ ନିଶା ବଟିକା।

# ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମଦ, ସାମଗ୍ରୀ ଜବତ

ବନ୍ତଲା,୧୫।୧୧(ସୁଶିତ ସାହୁ)

ଅନୁଗୋଳ ବ୍ଲକ ପୁରୁଣାକୋଟ ଓ ଗଞ୍ଜରା ସାହିରେ ଅନୁଗୋଳ ଅବକାରୀ ବିଭଗ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ, ବ୍ୟାପକ ମହୁଲ ପୋଚ ନଷ୍ଟ ସହ ଅନେକ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ଏଥିସହ ସନ୍ତୋଷ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୬ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉବେଳେ ଅବକାରୀ ଅଧିକାରୀ ନୀଳାଦ୍ରି ନାୟକ, ଗାୟତ୍ରୀ ମାଝୀ, ଯୋଗେଶ୍ୱର ସାହୁ, ରଞ୍ଜନ ସାହୁ ସମୀର ମହାଳିକ ଓ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଥିଲେ।

# ପ୍ରେମିକାଙ୍କୁ ଆଇଫୋନ୍ ଗିଫ୍ଟ ଦେବାକୁ ଗଞ୍ଜେଇ ଚାଲାଣ: ୨ ଗିରଫ

ଏମ୍‌ଭି ୭୯,୧୫।୧୧(ଭିକି ବାରିକ)

ପ୍ରେମିକାଙ୍କୁ ଜନ୍ମଦିନରେ ଆଇଫୋନ୍ ଉପହାର ଦେବାକୁ ଟଙ୍କା ଯୋଗାଡ଼କରିବା ଆଶାରେ ଗଞ୍ଜେଇ ଚାଲାଣ କରୁଥିବା ୨ ଯୁବକ ମାଲକାନଗିରି ଜିଲା ଏମ୍‌ଭି-୭୯ ଥାନା ପୋଲିସ ହାତରେ ଶନିବାର ଧରାପଡ଼ିଛନ୍ତି। ଅଭିଯୁକ୍ତମାନେ ହେଲେ ତେଲଙ୍ଗାନା ଖମ୍ମାମ ଜିଲାର ଟି.ତ୍ରିନାଥ କୁମାର ଓ ବି. ଯୁବାଚାରଣ ଆଦିତ୍ୟ।

ସୂଚନାନୁଯାୟୀ, ଶନିବାର ଏମ୍‌ଭି ୭୯ ଥାନା ପୋଲିସ ଲଛିପେଟା ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ସ୍କୁଟି ଦ୍ରୁତଗତିରେ ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ଏଥିରେ ଏକ ବସ୍ତାରେ ମୋଟ ୨୨ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମଧ୍ୟରାତିରେ ସେମାନେ ଗଞ୍ଜେଇକୁ ଅନ୍ୟ ଅଞ୍ଚଳକୁ ନେଇ ଉଚ୍ଚ ମୂଲ୍ୟରେ ବିକ୍ରିକରି ଟଙ୍କା ଯୋଗାଡ଼କରିବାକୁ ଚେଷ୍ଟା କରୁଥିବା ସୂଚନା ରହିଛି। ପୋଲିସ ସ୍କୁଟି ସହ ଗଞ୍ଜେଇ ଜବତକରି ୨ ଯୁବକଙ୍କୁ ଥାନାକୁ ନେଇଥିଲା। ଏ ନେଇ ଏମ୍‌ଭି ଥାନାରେ କେସ୍ ନଂ.୧୬୮/୨୫ରେ ମାମଲା ରୁଜୁ ହୋଇଛି। ପୋଲିସ ଉଭୟଙ୍କୁ ପଚରାଉଚରା କରିବାରୁ ସେମାନଙ୍କ ପ୍ରେମିକାମାନଙ୍କୁ ଜନ୍ମଦିନରେ ଆଇଫୋନ୍ ଉପହାର ଦେବା ପାଇଁ ଗଞ୍ଜେଇ ଚୋରାଚାଲାଣ କରୁଥିବା କହିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୫୦ ହଜାର ହେବା ସୂଚନା ରହିଛି। ଶନିବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ପ୍ରକାଶ କରିଛନ୍ତି।

# ମରଣାନ୍ତକ ଆକ୍ରମଣ: ୪ ଜଣଙ୍କୁ ୭ବର୍ଷର କାରାଦଣ୍ଡ

ଯାଜପୁର,୧୫।୧୧
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଗ୍ରାମରେ ୨୦୧୯ ଅଗଷ୍ଟ ୮ ସନ୍ଧ୍ୟାରେ ଜମିବାଡିକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ଘଟିଥିଲା। ଏହି ମାମଲାରେ ୪ ଜଣଙ୍କୁ ଯାଜପୁର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ କମ୍ ଆସିଷ୍ଟାଣ୍ଟ ସେସନ୍ ଜଜ୍ ସର୍ବେଶ୍ୱର ଦାସ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ହୋଇଛି। ଦୋଷୀମାନେ ହେଲେ ସେହି ଗ୍ରାମର ସୁଦର୍ଶନ ମଲ୍ଲିକ, ଲମ୍ବୋଦର ମଲ୍ଲିକ, ନନ୍ଦୀ ମଲ୍ଲିକ(କବିତା) ଓ ଦାମୋଦର ମଲ୍ଲିକ। ପ୍ରତ୍ୟେକ ଦୋଷୀଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଅନାଦାୟ କ୍ଷେତ୍ରରେ ସମସ୍ତଙ୍କୁ ଅତିରିକ୍ତ ଏକ ବର୍ଷ କାରାଦଣ୍ଡ ଦେବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ସବିତା ମଲ୍ଲିକଙ୍କ ଅଭିଯୋଗ ଅନୁସାରେ ଜମିବାଡିକୁ କେନ୍ଦ୍ର କରି ତାଙ୍କ ସ୍ୱାମୀ ଲମ୍ବୋଦର ମଲ୍ଲିକଙ୍କୁ ଉପରୋକ୍ତ ୪ ଜଣ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଲମ୍ବୋଦରଙ୍କ ମୁଣ୍ଡରେ ଗୁରୁତର ଆଘାତ ହୋଇଥିଲା। ଏନେଇ ବିଞ୍ଝାରପୁର ଥାନାରେ ଆଇପିସି ଦଫା ୩୪୧/ ୨୯୪/୩୨୩/୩୦୭/ ୫୦୬/୩୪ ଅନୁଯାୟୀ ୧୯୧/୨୦୧୯ ନମ୍ବରରେ ମାମଲା ରୁଜୁ ହୋଇଥିଲା। ବିଚାରପତି ୧୧ ଜଣ ସାକ୍ଷ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ ଆଧାର କରି କାରାଦଣ୍ଡାଦେଶ ଶୁଣାଇଛନ୍ତି। ସମସ୍ତ ଦୋଷୀ ଏକା ସାଙ୍ଗରେ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଏହି ମାମଲାକୁ ଅଦାଲତରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବିରଜା ପରିଡ଼ା ପରିଚାଳନା କରୁଥିଲେ।

**OFFICE OF THE MUNICIPAL COUNCIL, BHAWANIPATNA, DIST.-KALAHANDI, PIN-766001**

'e' Procurement NOTICE. No.3598 dtd. 15.11.2025

Bid Identification No. BPM/03/2025-26

No.C-1486 : The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works : **20 (Twenty) numbers**
2. Estimated Costs : **3.32 lakhs to 16.95 lakhs**
3. Period of completion : As per NIT
4. Date and time of availability of the bid documents in the portal : **From 10.00 A.M. of 17.11.2025 to 04.00 P.M. of 28.11.2025**
5. Last Date/Time for receipt of bids in the portal : **04.00 P.M. of 28.11.2025**
6. Bids will be opened on : **5.00 P.M. of Dt.28.11.2025**
7. Name and address of the officer inviting bid : **Executive Officer, Bhawanipatna Municipality.**

Sd./- Executive Officer
Bhawanipatna Municipality
OIPR-

**OFFICE OF THE DEAN & PRINCIPAL**
**M.K.C.G. MEDICAL COLLEGE, BERHAMPUR - 760004 (GANJAM)**
Tel. (0680) 2292746, FAX: (0680) 2292809
E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com, Website: www.mkcgmcb.org
No. 22162/MCB-2025/Welfare/Dated, Berhampur the 15th November, 2025

**CORRIGENDUM**

No. E-515: As per recruitment advertisement No. 21937 Dt.07.11.2025 the last date for submission of application for the post of Lab Technician & Data Manager for National Programme on AMR Containment at MKCG Medical College, Berhampur was on 20.11.2025 which is extended upto Dt.27.11.2025 by 05.00 P.M. The other terms & conditions in the advertisement remains unaltered.

Sd./- Dean & Principal
MKCG Medical College, Berhampur
OIPR-

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel : 2545586/2545852, email- serifedodisha@gmail.com, website-www.serifedodisha.in

**INVITATION FOR BIDS (e-Procurement)**

**Bid identification no:- VI-10(10)/SERIFED/2025-26/2005/Dt.15.11.2025**

**No.CAD-2334** : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, from the registered contractors for the work 01 (One) no. of work at Bargarh. The bid documents such as DTCN/ BOQ etc. can be seen/downloaded from the government website www.tendersodisha.gov.in. during the period dt. 19.11.2025 to 17.00 hours up to dt. 05.12.2025. Online bids shall be received till 17.00 hours dt. 05.12.2025 & shall be opened at 11.30 AM on Dt.06.12.2025. Any addendum / corrigendum / cancellation of tender can also be seen in the sid website.

OIPR- Sd./- Managing Director

**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT
POST: BALIMELA, DIST.: MALKANGIRI (ODISHA), PIN - 764051
Phones: 06861-232581(O)/232641(R), Fax: 06861-232541
E-Mail: unit.head_balimela@yahoo.com

**REGD. OFFICE: ODISHA HYDRO POWER CORPORATION LIMITED**
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR - 751022
Tel.: 91-0674-2542983, 2542802, 2545526, Fax: 2542102, GRAM: HYDROPOWER
E-MAIL: ohpc.co@gmail.com / md@ohpcltd.com, Web: www.ohpcltd.com
CIN: U40101OR1995SGC003963, GSTIN: 21AAACO2575P1Z9

**TENDER CALL NOTICE**
**TENDER CALL NOTICE NO.: BHEP/TECH/41/2025-26 Dtd.15.11.2025**

No. CAD-2321: The Sealed tenders are invited in single bid basis from the Manufacturer/Reputed firms/Authorised Dealers for the work as detailed below.

| Sl. No. | Description of Items | Cost of Tender Paper in Rs. |
|---|---|---|
| 1 | Installation & Commissioning of HYDAC make Presure Switches with supply of required valves, fittings, shielded cables etc. for BHEP, Balimela | Rs.7080/- inclusive of GST @ 18% |

The sale of tender paper will be from : 18.11.2025 to 05.12.2025 (upto 11.00 hrs.)
The last date & time of receipt of tenders : Upto 11.30 Hrs. of 05.12.2025
Date and time of opening of the Bid : At 12.00 hrs. 05.12.2025
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**.

OIPR- Sd./- C&P Head, BHEP, Balimela

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୨୦୯ — **ବିଜ୍ଞାପନ** — ତା:୨୫।୯।୨୫

No. CAD-2328: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏଲ୍.ଆଇ.ଜି.-୨୭୫ (LIG-275), ବରମୁଣ୍ଡା, ୧ମ ପର୍ଯ୍ୟାୟ, ଗୃହ ନିର୍ମାଣ ପ୍ରକଳ୍ପ ଭୁବନେଶ୍ୱରରେ ୧. ବୈଜୟନ୍ତୀ ପଟ୍ଟନାୟକ, ସ୍ୱା.: ଶ୍ରୀମନ୍ତ ପଟ୍ଟନାୟକ, ସା: ଭୀମପୁର, ପୋ: ପଳାସପଲ୍ଲୀ, ଥାନା: ଏୟାରପୋର୍ଟ, ଜିଲ୍ଲା: ଖୋର୍ଦ୍ଧା, ୨. ଦମୟନ୍ତୀ ପଟ୍ଟନାୟକ, ସ୍ୱା.: ପ୍ରବୋଧ କୁମାର ଦାସ, ସା/ପୋ: ଘାଟିକିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ୩. ଗାୟତ୍ରୀ ପଟ୍ଟନାୟକ, ସ୍ୱା: ତ୍ରିଦିପ ମହାନ୍ତି, ସା: ଏକାମ୍ର ବିହାର, ସୁନ୍ଦରପଦା, ପୋ: ଓଲ୍ଡଟାଉନ, ଥାନା: ଏୟାରଫିଲ୍ଡ, ଜିଲ୍ଲା: ଖୋର୍ଦ୍ଧା, ୪. ଗୀତା ପଟ୍ଟନାୟକ, ପିତା: ୰ଭୀମକ୍ରିଷ୍ଣ ପଟ୍ଟନାୟକ, ସା: ଏଲ୍.ଆଇ.ଜି.-୨୭୫, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ପୋ: ବରମୁଣ୍ଡା, ଥାନା: ଭରତପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତାମାନେ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସଂଗ୍ରାମ କେଶରୀ ବେହେରା, ପିତା: ବିପିନ ବିହାରୀ ବେହେରା, ସା: ପ୍ଲଟ୍ ନଂ. ୧୦୦, ଲେନ୍ ନଂ. ୧୩, ମହାବୀର ନଗର, ତାଳବଣିଆ, ପୋ: ସାମନ୍ତରାପୁର, ଥାନା: ଲିଙ୍ଗରାଜ, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-

**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/P.O.: BARINIPUT, DIST.: KORAPUT - 764006
PHONE: (06854) 242001 (O), FAX: (06854) 242038, E-mail: sgmel.ukhep@gmail.com
No. OHPC:SGM:UKHEP:C&P:5615 Dated, Bariniput the 13.11.25

**NOTICE INVITING TENDER No. 36/25-26 Date: 13.11.25**

No. CAD-2316: Sealed tenders are invited in single bid basis from vehicle Owners/Travel Agencies/Individuals fulfilling the eligibility criteria as per the tender specification for the work as mentioned below:

| Sl. No. | Description of Materials | Cost of Tender Paper (Non-refundable) | EMD (in Rs.) (Refundable) |
|---|---|---|---|
| 01 | Hiring of one number of MAHINDRA Scorpio Classic/ Scorpio-N or equivalent with A.C. under Generation Division, UKHEP, Bariniput for Four (04) years i.e. 2025-26 to 2028-29. | Rs.7080/- (Rs.6000/- + 18% GST) | Rs.31,000/- |

Sale of tender paper : From 18.11.25 to 11.00 hrs. of 03.12.2025
Last date of submission of tender : Upto 12.00 hrs. of 03.12.2025
Date & time of opening of tender : At 12.30 hrs. of 03.12.2025
For details of the tender documents, terms and conditions please visit our website **www.ohpcltd.com**.

OIPR- Sd./- C&P HEAD, UKHEP, Bariniput

**OFFICE OF THE CHIEF ENGINEER, MEGA LIFT, BHUBANESWAR**
Plot No. A-8/2, Bhoinagar, Bhubaneswar, Odisha, PIN - 751022
E-Mail: cemlpwr.od@gmail.com

**Government of Odisha "e" Procurement Notice**
**Bid Identification No. 05ML/2025-26**

No. A-892: Online open tender is invited for EPC Contract (Turn Key Basis) for Mega Lift, Odisha.

1. **Name of Work:** Execution of 03 Nos. of Lift Irrigation Schemes with intake points on Kanpur Main Canal, Ardei Nadi & Balisudra River having command area between 500Ha. to 2000Ha. in Cluster No. XXXVIII in the district of Keonjhar & Mayurbhanj including its distribution network, upto 1 Ha. Chak having total planned Culturable Command Area of 4,280 Ha. on "EPC-Turn Key" basis including power system connectivity and Operation & Maintenance of complete commissioned schemes for fiteen years.
2. Period of Completion : 24 (Twenty Four) Calendar months including rainy season.
3. Date & time of availability of bid document in the portal : 20.11.2025, 10 A.M.
4. Last date/time for receipt of bids in the portal : 10.12.2025 upto 5.00 P.M.
5. Name & address of the Officer Inviting Bid : Chief Engineer, Megalift, A-8/2 Bhoi Nagar, Bhubaneswar, PIN - 751022

Further details can be seen from the e-procurement portal "**https://tendersodisha.gov.in**".

OIPR: Sd./- Chief Engineer, Megalift, Bhubaneswar

No.E-516

DEAN & PRINCIPAL
SLN MEDICAL COLLEGE HOSPITAL, KORAPUT

**TENDER PAPER FOR PURCHASE OF LABORATORY REAGENTS / CHEMICALS / KITS / GLASS WARE / PLASTIC WARE**

**Bid Reference No. 6440** — **Dated : 14.11.2025**

| | | |
|---|---|---|
| 1 | Period of Availability of Tender Documents | From Dt.15.11.2025 to 06.12.2025 (11.00 A.M. to 5.00 P.M.) Download From Website : www.koraput.odisha.gov.in |
| 2 | Last date and time for Submission Tender (Through the Regd. / Speed Post) | Date.08.12.2025 Time_upto 5 P.M. Address for Submission Of Bid Dean & Principal SLN Medical College & Hospital, Koraput |
| 3 | Date, Time and place of opening of Tender | Technical Bid (Cover-A) Opening Date 09.12.2025 Time 12.00 Noon Financial Bid (Cover-B) The date of opening of Financial Bid will be intimated to qualify bidders after technical Evaluation |

Sd./- Dean & Principal,
SLN Medical College Hospital, Koraput
OIPR-

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
Bid Identification No.S.E.E.C (R&B) 17/2025-26
No. 4046 / Date 14.11.2025

**No.B-708** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in : https://tendersorissa.gov.in. The details of bid documents will be available in the above website from dt.18.11.2025 at 05.00 P.M. to dt.01.12.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.02.12.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-

**Government of Odisha "e" Procurement Notice**
No.C-1472 **Bid Identification No. 47/2025-26**

| | | |
|---|---|---|
| 1 | Name of the work | 06 Nos. of work |
| 2 | Estimated cost | 19.35 Lakh to 39.35 Lakh |
| 3 | Period of completion | Two to Three months |
| 4 | Date and Time of availability of Bid document in the portal | From 11.00 A.M. of 17.11.2025 to 5.00 P.M. of 27.11.2025 |
| 5 | Last date / Time for receipt of bids in the portal | 5.00 P.M. of 27.11.2025 |
| 6 | Name and address of the officer inviting Bid | Superintending Engineer, P.H. Division, Bhubaneswar |

Further details can be seen from the e-procurement portal in the Website (http://tendersorissa.gov.in)

Sd./- Superintending Engineer,
P.H. Division, Bhubaneswar
OIPR-

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରଳୟ



@ ରଜତ



@ ସତ୍ୟବ୍ରତ



@ ସୁପ୍ରିୟା



@ ସୁଶୀଳ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଗ୍ନିଶମ ବିଭାଗରେ ଖୋଲିବ ଅତ୍ୟାଧୁନିକ ନିୟନ୍ତ୍ରଣ କକ୍ଷ

ଭୁବନେଶ୍ୱର, ୧୫।୧୧(ତ୍ରିନାଥ ମହାନ୍ତି)

### ଦମକଳ ଗାଡ଼ିରେ ଲାଗିବ ଏଆଇ କ୍ୟାମେରା, ରହିବ ଜିପିଏସ୍ ବ୍ୟବସ୍ଥା

ରାଜ୍ୟର ଅଗ୍ନିଶମ ବିଭାଗ ଏବେ ଆହୁରି ସଶକ୍ତ ହେବାକୁ ଯାଉଛି। ନିଆଁଲିଭା କାର୍ଯ୍ୟରେ ରୋବୋଟ୍ ସାମିଲହେବା ପରେ ଏବେ ଅତ୍ୟାଧୁନିକ ଟେକ୍ନୋଲୋଜି ସହାୟତାରେ ବ୍ୟାପକ ପରିବର୍ତ୍ତନ ହେବାକୁ ଯାଉଛି। ଏଥର ଅନ୍ୟ ଦେଶ ଭଳି ଅଗ୍ନିଶମ ବିଭାଗରେ ଯୋଡ଼ିହେବ ଅତ୍ୟାଧୁନିକ ନିୟନ୍ତ୍ରଣ କକ୍ଷ। ଏଥିସହ ରାଜ୍ୟର ସମସ୍ତ ଅଗ୍ନିଶମ ଗାଡ଼ିରେ ଏଆଇ କ୍ୟାମେରା ଲଗାଯିବ। ଏହି କକ୍ଷରୁ ଓଡ଼ିଶା ସାରା ଅଗ୍ନିଶମ କେନ୍ଦ୍ର ଏବଂ ଦମକଳ ଗାଡ଼ି କ'ଣ କରୁଛି, କୁଆଡ଼େ ଯାଉଛି ସବୁ କିଛି ଜାଣିହେବ। ଏହାକୁ ମନିଟରିଂ କରିବାକୁ କକ୍ଷରେ ଆବଶ୍ୟକ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ସିସିଟିଭି ଫୁଟେଜ ଆଧାରରେ ସେମାନେ ଉପରିସ୍ଥ ଅଧିକାରୀଙ୍କୁ ତଥ୍ୟ ଓ ସୂଚନା ଦେବେ। ଏହି ଅତ୍ୟାଧୁନିକ ନିୟନ୍ତ୍ରଣ କକ୍ଷ ପାଇଁ ୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ଜଣାପଡ଼ିଛି।

ଅଗ୍ନିଶମ ଗାଡ଼ି ଠିକ୍ ସମୟରେ ଘଟଣାସ୍ଥଳରେ ପହଞ୍ଚିପାରୁ ନ ଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଫଳରେ ଅଗ୍ନିକାଣ୍ଡ ହେଉ ଅବା ଅନ୍ୟ ଦୁର୍ଘଟଣା ଓ ବିପର୍ଯ୍ୟୟରେ ଅଧିକ କ୍ଷୟକ୍ଷତି ଘଟୁଛି। ସିସିଟିଭି ଲାଗିଲେ ନିୟନ୍ତ୍ରଣ କକ୍ଷରେ ବସିଥିବା ଅଧିକାରୀମାନେ ପ୍ରକୃତ ଘଟଣା ଜାଣିପାରିବେ ଓ କର୍ମଚାରୀମାନେ ଆହୁରି ସଚେତନ ତଥା ଦକ୍ଷତାର ସହ କାର୍ଯ୍ୟ କରିବେ। ସେହିପରି ଅଗ୍ନିଶମ କେନ୍ଦ୍ର ବା ଗାଡିରେ ସମସ୍ୟା ଥିଲେ ନିକଟରେ ଥିବା ଅନ୍ୟ ଅଗ୍ନିଶମ କେନ୍ଦ୍ରରୁ ଗାଡିକୁ ତୁରନ୍ତ ପଠାଯାଇପାରିବ। ବିଶେଷକରି ବାତ୍ୟା ଓ ବନ୍ୟା ସମୟରେ ଏହି ଅତ୍ୟାଧୁନିକ ନିୟନ୍ତ୍ରଣ କକ୍ଷ ସହାୟକ ହେବ। ବାତ୍ୟା ସମୟରେ ସବୁ ଯୋଗାଯୋଗ ବ୍ୟବସ୍ଥା ଫେଲ୍ ମାରିଯାଉଛି। ହେଲେ ଅଗ୍ନିଶମ ଗାଡ଼ିରେ ଲାଗିଥିବା ସିସିଟିଭି କ୍ୟାମେରା ବ୍ୟାଟେରି ମାଧ୍ୟମରେ ଚାଲୁଥିବାରୁ ଏହା ଫେଲ୍ ମାରିବ ନାହିଁ। ଫଳରେ କେଉଁଠି କିଛି ସମସ୍ୟା ହେଲେ ନିୟନ୍ତ୍ରଣ କକ୍ଷରେ ଥିବା ଅଧିକାରୀମାନେ ଏହା ଜାଣିପାରି ତ୍ୱରିତ ଢଙ୍ଗରେ ସମାଧାନ କରିବେ। ସେହିପରି ଅଗ୍ନିଶମ ଗାଡ଼ିରେ ମଧ୍ୟ ଜିପିଏସ୍ ବ୍ୟବସ୍ଥା ରହିବ। ଅନେକ ସମୟରେ ଘଟଣାସ୍ଥଳ ଜଣା ନ ଥିବାରୁ ଦମକଳ ବାହିନୀ ଅନ୍ୟ ବାଟରେ ଚାଲିଯାଇ ବିଳମ୍ବରେ ପହଞ୍ଚିଥାନ୍ତି। କିନ୍ତୁ ଜିପିଏସ୍ ସିଷ୍ଟମ ଓ ସିସି କ୍ୟାମେରା ମାଧ୍ୟମରେ ଠିକ୍ ବାଟ ବତାଇବ ନିୟନ୍ତ୍ରଣ କକ୍ଷ।

ଏନେଇ ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାସ କହିଛନ୍ତି, ଅତ୍ୟାଧୁନିକ ନିୟନ୍ତ୍ରଣ କକ୍ଷ ଯୋଡ଼ିହେବା ପରେ ଅଗ୍ନିଶମ ବିଭାଗ ଅଧିକ ସଶକ୍ତ ହେବ। ଫଳରେ ବାଟରେ ଦମକଳ ଗାଡ଼ିକୁ କିଛି ସମସ୍ୟା ହେଲେ ନିୟନ୍ତ୍ରଣ କକ୍ଷରେ ଜଣାପଡ଼ିବ। ଉଦ୍ଧାର କାର୍ଯ୍ୟରେ ଅଧିକ ଫୋର୍ସ ଆବଶ୍ୟକ ହେଉଥିଲେ ଦମକଳ ଗାଡ଼ିରେ ଲାଗିଥିବା କ୍ୟାମେରାରୁ ଜଣାପଡ଼ିବା ଓ ତୁରନ୍ତ ଅଧିକ ଅଗ୍ନିଶମ କର୍ମଚାରୀଙ୍କୁ ପଠାଯିବ। ଏହି ବ୍ୟବସ୍ଥା ଓଡ଼ିଶାରେ ଲାଗୁହେବା ପରେ ଅନେକ ସୁବିଧା ମିଳିବ ବୋଲି ସେ କହିଛନ୍ତି।

# ୪୪୩୩ ନର୍ସିଂ ଅଫିସର ପଦ ସୃଷ୍ଟି

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଧିକ ସରଳ, ଶୃଙ୍ଖଳିତ ଏବଂ ଲୋକାଭିମୁଖୀ କରିବା ପାଇଁ ୪୪୩୩ଟି ନୂତନ 'ନର୍ସିଂ ଅଫିସର' ପଦ ସୃଷ୍ଟି କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅନୁମୋଦନ ପରେ ଓଡିଶା ନର୍ସିଂ ସେବା କ୍ୟାଡରର ଏହି ପଦବୀଗୁଡିକ ସୃଷ୍ଟି କରାଯାଇଛି। ଏହି ପଦବୀରେ ନିଯୁକ୍ତ ଅଧିକାରୀମାନେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍‌ହେଲଥ ସେଣ୍ଟରଗୁଡିକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟ କରିବେ। ସରକାରଙ୍କ ଏହି ନିଷ୍ପତ୍ତି ଓ ପଦକ୍ଷେପ ଫଳରେ ରୋଗୀ ସେବା ବିଶେଷକରି ନର୍ସିଂ ସେବା ପରିଚାଳନାରେ ଶୃଙ୍ଖଳାବଦ୍ଧତା ବୃଦ୍ଧି ପାଇବ। ହସ୍ପିଟାଲ ପ୍ରତିଷ୍ଠାନରେ ନର୍ସିଂ ସେବାର ଗୁଣୋନ୍ନତି ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ରାଜ୍ୟର ସ୍ୱାସ୍ଥ୍ୟ ପରିବେଶକୁ ଆଗାମୀ ଦିନରେ ଅଧିକ ଦକ୍ଷ ଓ ପ୍ରତିବଦ୍ଧ କରିବାରେ ସହାୟକ ହେବ। ସୂଚନା ଅନୁସାରେ, ଏହି ପଦବୀଗୁଡ଼ିକୁ ଅର୍ଥ ବିଭାଗ ସହମତି ଦେଇଛି। ପରୀକ୍ଷା, ପ୍ରଶିକ୍ଷଣ, ପୋଷ୍ଟିଂଗୁଡିକ ପାଇଁ ଆଗାମୀ ନିୟମାବଳୀ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ପ୍ରକାଶ କରାଯିବ ବୋଲି ସୂଚନା ଦିଆଯାଇଛି।

# ଶହୀଦ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣକଲେ ମୁଖ୍ୟମନ୍ତ୍ରୀ, ବାଚସ୍ପତି



ଭୁବନେଶ୍ୱର,୧୫।୧୧ (ସୌମ୍ୟରଞ୍ଜନ ରାଉତ)

ବିର୍ସା ମୁଣ୍ଡା ମାତ୍ର ୨୫ ବର୍ଷ ବୟସରେ ଶହୀଦ ହୋଇଥିଲେ। ତାଙ୍କ ସହ ହାତ ମିଳାଇ ହଜାର ହଜାର ସଂଗ୍ରାମୀ ଦେଶ ପାଇଁ ଲଢ଼ିଥିଲେ। ତାଙ୍କୁ ଭଗବାନ୍ ଭଳି ପୂଜା ଓ ସମ୍ମାନ କରିବା ସହ ତାଙ୍କ ଭଳି ଜୀବନକୁ ବଳିଦାନ ଦେଇଥିଲେ। ଏଥିଲାଗି ଆଜି ବିର୍ସାଙ୍କୁ ସମ୍ମାନ କରାଯାଉଛି। ସେ 'ବିର୍ସା ଭଗବାନ' ଭାବେ ଓଡ଼ିଶାରେ ଓ ବିଭିନ୍ନ ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ପୂଜା ପାଉଛନ୍ତି। ଆମେ ଭାରତୀୟମାନେ ଗର୍ବିତ ଯେ ଆମ ମାତୃଭୂମିରେ ଏପରି ଜଣେ ତେଜସ୍ୱୀ ବୀର ସନ୍ତାନ ଭୂମିଷ୍ଠ ହୋଇଥିଲେ। ଗୋତି ତଥା କ୍ରୀତଦାସ ପ୍ରଥା ବିରୋଧରେ ଜଣେ ଯୋଦ୍ଧା ଭାବେ ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ସେ ଗଣା ହୁଅନ୍ତି। ଆଜି ସେ ଆଦିବାସୀଙ୍କ ପାଇଁ ଗୌରବମୟ ପରିଚିତ ଓ ଭବିଷ୍ୟତ ପିଢ଼ିଙ୍କ ଲାଗି ଆଲୋକବର୍ତ୍ତିକା ବୋଲି ମତପ୍ରକାଶ ପାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶନିବାର ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ବିଧାନସଭା ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ଏହି ଅବସରରେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଇରାଶିଷ ଆଚାର୍ଯ୍ୟ, ହିମାଂଶୁ ଶେଖର ସାହୁ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# କ୍ରୀଡ଼ା ଆତ୍ମବିଶ୍ୱାସ ବୃଦ୍ଧିର ଶକ୍ତିଶାଳୀ ମାଧ୍ୟମ

### ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ 'ଉତ୍ସାହ' ଉଦ୍‌ଯାପିତ

ଭୁବନେଶ୍ୱର,୧୫।୧୧(ସୁଚିସ୍ମିତା ସାହୁ)

ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଦ୍ୱାରା ଆୟୋଜିତ ପାଞ୍ଚଦିନିଆ ରାଜ୍ୟସ୍ତରୀୟ ଶିଶୁ କ୍ରୀଡା ମହୋତ୍ସବ 'ଉତ୍ସାହ ୨୦୨୫' ଶନିବାର କଳିଙ୍ଗ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ସମିତିର ଅତିରିକ୍ତ ନିର୍ଦ୍ଦେଶକ ମୋନାଲିସା ଦେବତା ସ୍ୱାଗତ ଭାଷଣ ଦେଇଥିଲେ। ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଯୋଗଦେଇ କହିଲେ, 'ଉତ୍ସାହ' ରାଜ୍ୟର କ୍ରୀଡା ପ୍ରଗତିର ଉଦ୍ୟମକୁ ପ୍ରତିପାଦନ କରେ। ସୁସ୍ଥ ରହିବା, ଆତ୍ମବିଶ୍ୱାସ ବୃଦ୍ଧି ଏବଂ ସାମାଜିକ ଅନ୍ତର୍ଭୁକ୍ତି ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ହେଉଛି କ୍ରୀଡା। ୟୁନିସେଫ୍ ଓଡ଼ିଶାର ମୁଖ୍ୟ ୱିଲିୟମ ହାନଲନ ଜୁନିୟର ରାଜ୍ୟର ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ପିଲାମାନଙ୍କୁ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ଜୀବନ ଗଠନ କରିବାରେ ଉତ୍ସାହ ଭଳି ପ୍ଲାଟ୍‌ଫର୍ମର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏସ୍‌ଏଲ୍‌ବିସିର ମୁଖ୍ୟ ମହାପ୍ରବନ୍ଧକ ତଥା ସହ ସଂଯୋଜକ ଗୌତମ ପାତ୍ର ଯୋଗଦେଇ କ୍ରୀଡା ମାଧ୍ୟମରେ ପିଲାଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ପ୍ରତିପାଳନ କରିବା ପାଇଁ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଏବଂ ଜିଲା ଦଳଗୁଡ଼ିକର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଜେତାମାନଙ୍କୁ ମାନପତ୍ର ଓ ପଦକ ପ୍ରଦାନ କରାଯାଇଥିଲା।

# ବ୍ରିଟିଶ ବିରୋଧରେ ଆଦିବାସୀଙ୍କ ଚେତନା ଜାଗ୍ରତ କରିଥିଲେ ବିର୍ସା



ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟିଙ୍କ ସହ ୩ ରାଜ୍ୟର ଅଧିକାରୀମାନେ।

ଭୁବନେଶ୍ୱର,୧୫।୧୧(ସୁଚିସ୍ମିତା ସାହୁ)

### ରାଜଭବନରେ ଜନଜାତି ଗୌରବ ଦିବସ , ଉତ୍ତରାଖଣ୍ଡ ଓ ଝାଡ଼ଖଣ୍ଡ ପ୍ରତିଷ୍ଠା ଦିବସ

ଜନଜାତି ଗୌରବ ଦିବସ ଝାଡ଼ଖଣ୍ଡର ମହାନ୍ ଆଦିବାସୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ସାହସିକ ବଳିଦାନ ଏବଂ ପ୍ରେରଣାଦାୟକ ଐତିହ୍ୟକୁ ମନେପକାଇବା ପାଇଁ ଉତ୍ସର୍ଗୀକୃତ ଏକ ଦିନ। ବିର୍ସା ମୁଣ୍ଡା ବ୍ରିଟିଶ ଅତ୍ୟାଚାର ବିରୋଧରେ ଆଦିବାସୀଙ୍କ ମନରେ ଚେତନା ଜାଗ୍ରତ କରିଥିଲେ। ସେ ଆତ୍ମସମ୍ମାନ, ମର୍ଯ୍ୟାଦା ଏବଂ ଆଦିବାସୀ ଅଧିକାରର ସୁରକ୍ଷା ପାଇଁ ସଂଗ୍ରାମ କରିଥିଲେ। ତାଙ୍କ ଜୀବନ ପ୍ରତ୍ୟେକ ଭାରତୀୟଙ୍କୁ ନ୍ୟାୟ ଏବଂ ସମାନତା ବଜାୟ ରଖିବା ପାଇଁ ପ୍ରେରଣା ଦେଇ ଆସୁଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିବା ସହ ଯେ କୌଣସି ଆହ୍ୱାନର ମୁକାବିଲା କରି ଦେଶର ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି।

ଜନଜାତୀୟ ଗୌରବ ଦିବସ, ଉତ୍ତରାଖଣ୍ଡ ଓ ଝାଡ଼ଖଣ୍ଡର ପ୍ରତିଷ୍ଠା ଦିବସ ଶନିବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଶନିବାର ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ଏହି ଦୁଇ ରାଜ୍ୟର ଅଧିବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଲେ, ଉତ୍ତରାଖଣ୍ଡ ହେଉଛି ଦିବ୍ୟ ପର୍ବତ ଏବଂ ପବିତ୍ର ନଦୀଗୁଡ଼ିକର ଏକ କ୍ଷେତ୍ର। ବରଫ ଆଚ୍ଛାଦିତ ହିମାଳୟଠାରୁ କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀର ପବିତ୍ର ମନ୍ଦିର ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ପ୍ରତ୍ୟେକ କୋଣ ଆଧ୍ୟାତ୍ମିକତା ଓ ପ୍ରାକୃତିକ କୃପାକୁ ପ୍ରତିବିମ୍ବିତ କରେ। ସେହିପରି ଜଙ୍ଗଲର ଭୂମି ଝାଡ଼ଖଣ୍ଡ ଖଣିଜ ସମ୍ପଦ, ଅନନ୍ୟ ସବୁଜିମା ଏବଂ ଏକ ସ୍ପନ୍ଦନଶୀଳ ଆଦିବାସୀ ଐତିହ୍ୟରେ ଆଶୀର୍ବାଦପ୍ରାପ୍ତ। ଏହା ବିର୍ସା ମୁଣ୍ଡାଙ୍କ ଜନ୍ମସ୍ଥାନ, ଯାହାଙ୍କ ଅଦମ୍ୟ ସଂଗ୍ରାମ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆକାର ଦେଇଥିଲା। ଓଡ଼ିଶା ଏକତାର ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ଠିଆ ହୋଇଛି। ଆମର ବିବିଧତା ଆମର ଦୁର୍ବଳତା ନୁହେଁ, ବରଂ ସର୍ବୋତ୍ତମ ସୌନ୍ଦର୍ଯ୍ୟ ଏବଂ ଅନନ୍ତ ଶକ୍ତି ବୋଲି ରାଜ୍ୟପାଳ କହିଛନ୍ତି।

ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ଏହି ସମାରୋହରେ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍ତରାଖଣ୍ଡର ରାଜ୍ୟପାଳ ଲ୍ୟୁଟ୍‌ନାଣ୍ଟ ଜେନେରାଲ (ରିଟାୟର୍ଡ) ଗୁର୍‌ମିତ ସିଂହଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ଏତଦବ୍ୟତୀତ ଭଗବାନ୍ ବିର୍ସା ମୁଣ୍ଡାଙ୍କ ପ୍ରେରଣାଦାୟୀ ଜୀବନୀ ସମ୍ପର୍କିତ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା। ଉତ୍ତରାଖଣ୍ଡର ମୂଳ ବାସିନ୍ଦା ତଥା ଓଡ଼ିଶାକୁ କର୍ମକ୍ଷେତ୍ର କରିଥିବା ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ସମେତ ଉଭୟ ରାଜ୍ୟର ମୂଳ ବାସିନ୍ଦା ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ କମିଶନର ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଦିଲ୍ଲୀରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଗଭୀର ଶୋକ ପ୍ରକାଶ କରାଯାଇଥିଲା।



## ସଂକ୍ଷେପରେ

### ୪ର୍ଥ ବାର୍ଷିକ ଚଣ୍ଡୀ ମହାଯଜ୍ଞ ଉଦ୍‌ଯାପିତ

**ଜଟଣୀ,୧୫।୧୧(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାର ପୋଷ୍ଟାଲ କଲୋନୀସ୍ଥିତ ମା' ବଗଳାମୁଖୀଙ୍କ ଚତୁର୍ଥ ବାର୍ଷିକ ଚଣ୍ଡୀ ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ଶାଳାଧିବାସ, ତୃତୀୟ ଦିବସରେ କଳସଯାତ୍ରା, ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନ ଅନୁଷ୍ଠିତ ହୋଇଥିଲା। ସେହିପରି ଚତୁର୍ଥ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ରୁଦ୍ରାଭିଶେକ, ଚଣ୍ଡୀପାଠ, ଆହୁତି ପ୍ରଦାନ କରାଯାଇଥିବା ବେଳେ ପଞ୍ଚମ ଦିବସରେ ସୂର୍ଯ୍ୟପୂଜା, ଧେନୁପୂଜା, ରୁଦ୍ରାଭିଷେକ,ଚଣ୍ଡୀପାଠ, ମା'ଙ୍କ ରାଜ ଉପଚାର ପୂଜା, ଆହୁତି ପ୍ରଦାନ ହୋଇଥିଲା। ଷଷ୍ଠ ଦିବସରେ ସୂର୍ଯ୍ୟପୂଜା, ଧେନୁପୂଜା, ରୁଦ୍ରାଭିଷେକ, ଶାଳାପୂଜା, ଚଣ୍ଡୀପାଠ, ଗୀତାପାଠ ଏବଂ ଆହୁତି ପ୍ରଦାନ କରାଯାଇଥିଲା। ଅନ୍ତିମ ଦିବସରେ ସୂର୍ଯ୍ୟପୂଜା, ଧେନୁପୂଜା, ଶାଳାପୂଜା, ଚଣ୍ଡୀପାଠ ସହ ଆହୁତି ପ୍ରାଦନ ଏବଂ ପୂର୍ଣ୍ଣାହୁତି ହୋଇଥିଲା। ପ୍ରତିଦିନ ପ୍ରବଚନ ଏବଂ ଭଜନ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

### ସରସ୍ୱତୀ ଶିଶୁ ମନ୍ଦିରରେ କନ୍ୟା ଶିବିର

**ଖୋର୍ଦ୍ଧା,୧୫।୧୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ପୌର ପରିଷଦ ଅଧୀନ ଗୁରୁଜଙ୍ଗ ସରସ୍ୱତୀ ଶିଶୁ ମନ୍ଦିର ବିଦ୍ୟାଳୟରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ଜଣ ଭଉଣୀ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦୁଷ୍ମନ୍ତ କୁମାର ସୁବୁଦ୍ଧିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଉମାକଲ୍ୟାଣୀ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନାରୀ ଶିକ୍ଷା ଓ ଉତ୍ତମ ଚରିତ୍ର ଗଠନ ଉପରେ ବକ୍ତବ୍ୟ ରଖିଥିଲେ। ଶିଶୁ ରୋଗ ବିଶେଷଜ୍ଞ ଡା. ସୁରେନ୍ଦ୍ର ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ପିଲାଙ୍କୁ ବିଭିନ୍ନ ପ୍ରସଙ୍ଗରେ ମାର୍ଗଦର୍ଶନ କରିଥିଲେ। କିଶୋର ଅବସ୍ଥାରେ ଶରୀରରେ ଅନେକ ପରିବର୍ତ୍ତନ ଆସିଥାଏ। ଏଥିରେ ବିଚଳିତ ନ ହେବାକୁ ପରାମର୍ଶ ଦେଇଥିଲେ। ଅଧିକ ଓଜନ କମାଇବା ପାଇଁ ରୋଗକୁ ଡାକି ଆଣନ୍ତି। ମନକୁ ସନ୍ତୁଳିତ ରଖ। କୌଣସି ପରିସ୍ଥିତିରେ ଭାଙ୍ଗି ନ ପଡ଼ି ଧର୍ଯ୍ୟର ସହ ସାମ୍ନା କର। ଉତ୍ତମ ପରିବେଶ, ଭଲ ପିଲାଙ୍କ ସହ ସାଙ୍ଗ ହୁଅ। ଲକ୍ଷ୍ୟ ସ୍ଥିର କରି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ବନ୍ଦନା ପ୍ରାର୍ଥନା ଅଭ୍ୟାସ ସହିତ ଶାରୀରିକ ଓ ଯୋଗ କାଳାଂଶ କରାଯାଇଥିଲା। ଏହା ସହିତ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ଦେବା ନିମନ୍ତେ ବ୍ରହ୍ମା କୁମାରୀ ପ୍ରତିଷ୍ଠାନ ଖୋର୍ଦ୍ଧାର ଆବାହକ ଜୟକୃଷ୍ଣ ଶତପଥୀ କାଳାଂଶ ନେଇ ଆଧ୍ୟାତ୍ମିକ ଭାବ ସୃଷ୍ଟି କରାଇଥିଲେ।

# ଡିସେମ୍ବର ୨୧ରୁ ଜଟଣୀ ପଥ ଉତ୍ସବ

## ପ୍ରତି ମାସର ତୃତୀୟ ରବିବାର ହେବ

**ଜଟଣୀ,୧୫।୧୧(ରବୀନ୍ଦ୍ରନାଥ ମହାକୁଡ଼)**



ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଆସନ୍ତା ଡିସେମ୍ବର ୨୧ରୁ ଜଟଣୀ ପଥ ଉତ୍ସବ ଆରମ୍ଭ ହେବ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଦିଗ୍‌ଦର୍ଶନରେ ପ୍ରତି ମାସର ତୃତୀୟ ରବିବାର ଏହି ପଥ ଉତ୍ସବ ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସ୍ଥାନୀୟ ହରିଭାଇନା ଛକଠାରୁ ମହୁଲଗୁଡ଼ିଆ ଛକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଶନିବାର ଜଟଣୀ ବ୍ଲକ ସଭାଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଥ ଉତ୍ସବ କମିଟି ଅଧ୍ୟକ୍ଷ ତଥା ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ସୂଚନା ଦେଇଛନ୍ତି। ଏହି ଉତ୍ସବରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ସହିତ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ଓଡ଼ିଶାର କଳା ସଂସ୍କୃତି, ପରମ୍ପରା ଆଧାରିତ ବିଭିନ୍ନ ନୃତ୍ୟ ସଙ୍ଗୀତ, ବିଭିନ୍ନ କ୍ରୀଡ଼ା, ସ୍ୱାସ୍ଥ୍ୟ ସେବା, ଯୋଗ, ସାଇକଲେ ଚାଳନା, ପଦଯାତ୍ରା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଭାଗନେବା ପାଇଁ କମିଟି ସଂଯୋଜକ ଡ.ଋଷି ପଟ୍ଟନାୟକଙ୍କ ମୋବାଇଲ (ନଂ.୯୩୩୭୦୫୨୭୦୬)କୁ ଯୋଗାଯୋଗ କରି ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇପାରିବେ। ଏହି ଖବରଦାତା ସମ୍ମିଳନୀରେ ତହସିଲଦାର ଶିବାଶିଷ ପରିଡ଼ା, ବିଡିଓ ବସନ୍ତ ହାତୀ, ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀକ୍ଷକ ଡା.ଜିତେନ୍ଦ୍ର କୁମାର ପଣ୍ଡା, ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ବେହେରା, ପୌର କନିଷ୍ଠ ଯନ୍ତ୍ରୀ ବ୍ରହ୍ମକୁମାରୀଙ୍କ, ଜଟଣୀ ବିକାଶ ପରିଷଦ ସଭାପତି ବିଜୟ କୁମାର ଛୋଟରାୟ, ସମ୍ପାଦକ ସୁଦର୍ଶନ ସୁନ୍ଦରାୟ, ମନୋଜ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ମହାପାତ୍ର, ଲିଟୁ ରଞ୍ଜନ ରାଉତରାୟ, ରବି ବେହେରା, ଶଶାଙ୍କ ଶେଖର ରାୟ, ବିଷ୍ଣୁ ସାହୁ, ବିଷ୍ଣୁ ପ୍ରସାଦ ଡେଙ୍ଗ, ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆୟୋଜକ କମିଟିର ସମସ୍ତ ପଦାଧିକାରୀ, ଥାନା ଅଧିକାରୀ ଏବଂ ଅଗ୍ନିଶମ ଅଧିକାରୀ ଆୟୋଜିତ ହେବାକୁ ଥିବା ପଥ ଉତ୍ସବ ସ୍ଥଳ ବୁଲି ସ୍ଥିତି ପରଖିଥିଲେ।

## ଜାତୀୟ ସେବା ଯୋଜନା ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର

**ନିରାକାରପୁର,୧୫।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୂଲ୍ୟରେ ଶୁକ୍ରବାର ତିନିଦିନିଆ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକୁ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ବ୍ରତତୀ ମିଶ୍ର ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା କମିଟିର ସଭାପତି ଡ.ସଞ୍ଜୟ କୁମାର ମହାପାତ୍ର, ଉଚ୍ଚ ଶିକ୍ଷା ବିଭାଗ ଉପଶାସନ ସଚିବ ଡ.ଉମେଶ ଚନ୍ଦ୍ର ବେହେରା, ଉତ୍କଳ ବିଶ୍ୱବିଦ୍ୟାଳୟ ସଂଯୋଜକ ଡ.ବ୍ରଜ ନାରାୟଣ ପାତ୍ର, ଖୋର୍ଦ୍ଧା ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ.ଜୟଶ୍ରୀ ବାଳା ମଲ୍ଲିକ ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଜାତୀୟ ସେବା ଶିବିର ସମ୍ପର୍କରେ କହିଥିଲେ। ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ସେବା ଶିବିରର ଦାୟିତ୍ୱରେ ଥିବା ଡ.କୈବଲ୍ୟ ଚରଣ ପତି, ଡ.ପ୍ରଭାତ କୁମାର ଦାଶଙ୍କ ସମେତ କଲେଜର ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ। ଅଧ୍ୟାପକ ସଞ୍ଜୀବ ଡୁଡୁକା ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ସେବା ଯୋଜନା ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

# ମଧୁମେହ ସଚେତନତା ପଦଯାତ୍ରା




**ଟାଙ୍ଗୀ,୧୫।୧୧(ରଘୁନାଥ ସାହୁ)**

ମିରାକିଲ୍ କ୍ଲିନିକ୍ ପକ୍ଷରୁ ଶୁକ୍ରବାର ମଧୁମେହ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଠିକ୍ ସମୟରେ ଖାଇବା, ସକାଳେ ପ୍ରତିଦିନ ଚାଲିବା, ଠିକ୍ ସମୟରେ ଔଷଧ ସେବନ କରିବା, ନିର୍ଦ୍ଧାରିତ ବ୍ୟବଧାନରେ ଡାକ୍ତରଙ୍କ ପରାମର୍ଶ ନେବା ଭଳି ଅନେକ ସ୍ଲୋଗାନ ଦେଇ ଏହି ପଦଯାତ୍ରା ବଜାର ପରିକ୍ରମା କରିଥିଲା। ମିରାକିଲ୍ ସଭାପତି ପ୍ରମୋଦ ପ୍ରଧାନଙ୍କ ନେତୃତ୍ୱରେ ଅତିଥିଭାବେ ବରିଷ୍ଠ ନାଗରିକ ମଞ୍ଚ ଚାନ୍ଦପୁରର ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ବରିଷ୍ଠ ସ୍ୱାସ୍ଥ୍ୟସେବକ ପଙ୍କଜ ଖମାରୀ, ଉପସଭାପତି ରାମଚନ୍ଦ୍ର ପ୍ରଧାନ, ଆଶିଷ ରାଉତରାୟ, ପବିତ୍ର ବାରିକ, ବିନାୟକ ଆଚାର୍ଯ୍ୟ, ରମେଶ, ଭରତ, ମିଟୁଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଡାଇବେଟିକ୍ସ ସଚେତନତା ପୋଷାକ ଓ କ୍ୟାପ୍ ପିନ୍ଧି ମିରାକିଲ୍‌ଠାରୁ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ, ମେଡିକାଲ ଛକ ଦେଇ ମେନ୍‌ରୋଡରେ ଚାନ୍ଦପୁର ବଜାର ଓ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ପ୍ଲାକାର୍ଡ ଏବଂ ବ୍ୟାନରରେ ଡାଇବେଟିକ୍ସ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

## ୯୮ ଛାତ୍ରୀଛାତ୍ରଙ୍କ ହେଲା ଚକ୍ଷୁ ପରୀକ୍ଷା

**ଟାଙ୍ଗୀ,୧୫।୧୧(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ମନୋରମା ସାହୁ, ରୂପାଲି ପାତ୍ରଙ୍କ ସହଯୋଗରେ ୯୮ଜଣ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଅଧିକ ପରୀକ୍ଷା ପାଇଁ ବ୍ଲକ ପକ୍ଷରୁ ହେବାକୁ ଥିବା ଚକ୍ଷୁ ପରୀକ୍ଷା ଶିବିରରେ ଯୋଗଦେବା ନିମନ୍ତେ ୫ଜଣ ପିଲାଙ୍କୁ ପରାମର୍ଶ ଦିଆଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ ଏବଂ ସ୍ୱାସ୍ଥ୍ୟ କର୍ମୀ କାହ୍ନୁ ଚରଣ ପରିଡ଼ା ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

**ବେଗୁନିଆ,୧୫।୧୧(ସନ୍ଧ୍ୟାରାଣୀ ମିଶ୍ର):** ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଘମାରୀ ଥାନା ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ତଳଗଡ ଗ୍ରାମର ବ୍ରଜ ଦେହୁରି (୭୦)। ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ବ୍ରଜଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ କହିଛନ୍ତି।

# ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ

**ବାଣପୁର,୧୫।୧୧(ଦିଲୀପ କୁମାର ସ୍ୱାଇଁ)**

ବାଣପୁରସ୍ଥିତ ନେହେରୁ ସେବା ସଂଘର କନକ ଭବନ ପରିସରରେ ଶନିବାର ମହାନ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ସରୋଜିନୀ ଦାସଙ୍କ ପରିଚାଳନା ଏବଂ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ନନ୍ଦ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରପ୍ରତାପ ନରେନ୍ଦ୍ର ସିଂହ ବର୍ମା ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଚିଲିକା ସାହିତ୍ୟ ସମାଜର ସଭାପତି କବି ବାଳ ମୁକୁନ୍ଦ ଦାସ, ସମ୍ମାନିତ ଅତିଥି ବରିଷ୍ଠ କବୟିତ୍ରୀ କ୍ରିଷ୍ଣା ମିଶ୍ର, ଅନୁଷ୍ଠାନର କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲ, ବୀରେନ୍ଦ୍ର କୁମାର ତ୍ରିପାଠୀ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଦେଶପ୍ରେମ, ତ୍ୟାଗ ଓ ବଳିଦାନ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ନୃସିଂହ ଚରଣ ମହାରଣାଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରୀମାନେ ଆବାହନ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ପ୍ରଦୀପ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

**ବେଗୁନିଆ,୧୫।୧୧(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ସେବା ସମବାୟ ସମିତି ପକ୍ଷରୁ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ସଭାପତି ପରମାନନ୍ଦ ମହାପାତ୍ର ବିଭାଗୀୟ ପତାକା ଉତ୍ତୋଳନ କରିବା ସହ ଚାଷର ଉନ୍ନତି ପାଇଁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥକୁ ଚାଷୀମାନଙ୍କୁ ସହଜରେ ଯୋଗାଇଦେଲେ ଆର୍ଥିକ କ୍ଷେତ୍ରରେ ଅଗ୍ରଗତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ମଦନ ମୋହନ ସାହୁ, ନିରଞ୍ଜନ ଦାଶ, ଡାଇରେକ୍ଟର ଅରୁଣ କୁମାର ମହାପାତ୍ର, ବଂଶୀଧର ପାଣିଗ୍ରାହୀ, ଦିବାକର ଶତପଥୀ, କାହ୍ନୁ ଚରଣ ସାହୁଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆଲୋକ ଶତପଥୀଙ୍କ ପରଲୋକ

**ମଙ୍ଗୁଳି-ଜଗତପୁର,୧୫।୧୧(ମାନସ ସାମଲ)**



ଚୌଦ୍ୱାରସ୍ଥିତ ଓଟିଏମ୍ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆଲୋକ ଶତପଥୀ(୮୩)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଗତ ୯ତାରିଖରେ ପରଲୋକ ଘଟିଛି। ସେ ୧୯୪୩ ଫେବୃଆରୀ ୭ରେ କଟକର ଆଡ୍‌ଭୋକେଟ ଇନ୍ଦ୍ରମଣି ମିଶ୍ର ଓ ରାଜମଣି ଦେବୀଙ୍କ କୋଳମଣ୍ଡମଣ୍ଡନ କରି ଜନ୍ମଲାଭ କରିଥିଲେ। ସ୍ୱର୍ଗତ ଶତପଥୀ ରେଭେନ୍‌ଶା ଗାର୍ଲସ ହାଇସ୍କୁଲ କଟକ, ଶୈଳବାଳା ମହିଳା ମହାବିଦ୍ୟାଳୟ କଟକ, ରାଧାନାଥ ଟ୍ରେନିଂ କଲେଜ, କଟକରେ ଉଚ୍ଚଶିକ୍ଷା ଲାଭକରିବା ପରେ ଦୀର୍ଘ ୩୩ ବର୍ଷ କାଳ ଓଟିଏମ ହାଇସ୍କୁଲ, ଚୌଦ୍ୱାରରେ ଶିକ୍ଷକତା କରିଥିଲେ। ଚାକିରୀରୁ ଅବସର ପରେ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ବାସଭବନରେ ରହୁଥିଲେ। ଜଣେ ଆଦର୍ଶ, କର୍ମଠ ତଥା ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଭାବରେ ତାଙ୍କର ସୁନାମ ରହିଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ମଧ୍ୟମ ପୁତ୍ର ଡ. ଅମ୍ବରୀଶ ଶତପଥୀ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ପୁତ୍ରବଧୂ ଅଧ୍ୟାପିକା ଡ. ଆର୍. ସରୂପା, ରୁବି ଶତପଥୀ, ନାତି ବୋଧିସତ୍ତ୍ୱ ଶତପଥୀ, ଦତ୍ତାତ୍ରେୟ ଶତପଥୀ, ନାତୁଣୀ ହର୍ଷା ଶତପଥୀ ସମେତ ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଓଟିଏମ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜିତେନ ରାଉତଙ୍କ ସମେତ ସମସ୍ତ ଷ୍ଟାଫ ଓ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## 'ସ୍ୱାଧୀନ ଭାରତର ମୁଖ୍ୟ କର୍ଣ୍ଣଧାର ଥିଲେ ପଣ୍ଡିତ ନେହେରୁ'

**ବେଗୁନିଆ,୧୫।୧୧(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ଆଦର୍ଶ କ୍ଲବ ସଭାଗୃହ ପରିସରରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ୧୩୬ତମ ଜନ୍ମତିଥି ଶୁକ୍ରବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାର ପ୍ରାରମ୍ଭରେ ନେହେରୁଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। କବୟିତ୍ରୀ ମାନସୀ ଦାସ ସ୍ୱରଚିତ 'ଚିର ଅମର, ଜବାହରଲାଲ' ସ୍ମୃତି ସଙ୍ଗୀତ ଗାନ କରିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ଡା. ଅମରେନ୍ଦ୍ର ନାଥ ମହାପାତ୍ର, କବି କେତନ ଗୌରଚରଣ ସାମନ୍ତସିଂହାର, ପ୍ରଧାନ ଶିକ୍ଷକ ଦିବାକର ସାହୁ, ଶିକ୍ଷାବିତ୍ ଶରତ କୁମାର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ନେହେରୁଙ୍କ ଦୂରଦୃଷ୍ଟି, ପଞ୍ଚଶୀଳ ନୀତି ଓ ଉଦାରତା ଭାରତକୁ ଏକ ବିକାଶମୁଖୀ ରାଷ୍ଟ୍ର ଭାବେ ଗଢ଼ିପାରିଥିଲା ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପଣ୍ଡିତ ଦୀନବନ୍ଧୁ ଦାଶ, ସରୋଜ ମହାପାତ୍ର, ରାମଚନ୍ଦ୍ର ସାହୁ, କୈଳାସ ନାଥ ପଟ୍ଟନାୟକ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, କୃଷ୍ଣଚନ୍ଦ୍ର ବଳବନ୍ତରାୟ, ସବିତା ରାୟ, ବିଶ୍ୱନାଥ ସାହୁ, ବିଭୁଚନ୍ଦ୍ର ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଉପଦେଷ୍ଟା ଶିକ୍ଷକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।


ଜବାହରଲାଲ ନେହେରୁଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

# 'ରାଷ୍ଟ୍ର ବିକାଶର ମାର୍ଗଦର୍ଶକ ହେଉଛନ୍ତି ଶିଶୁ'

**ବାଘମାରୀ,୧୫।୧୧(ମିହିର ରଞ୍ଜନ ମହାପାତ୍ର)**



ଶିଶୁ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ବାଘମାରୀ ଅଟ୍ରି ସ୍ଥିତ ହଟକେଶ୍ୱର ମହାଦେବଙ୍କ ସମ୍ମିଳନୀ କକ୍ଷରେ ଶିଶୁ ଉତ୍ସବ ପାଳିତ ହୋଇଯାଇଛି । ସଭାପତି ଅଶୋକ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ମୁଖ୍ୟ ବକ୍ତା ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ବିଶିଷ୍ଟ ଅତିଥି ରମାକାନ୍ତ ଜେନା, ସମ୍ମାନିତ ଅତିଥି ସାହିତ୍ୟିକ ସୁବାସ ଚନ୍ଦ୍ର ମହାପାତ୍ର, ସମାଜସେବୀ ପ୍ରତିମା ପ୍ରଧାନ, କବି ଜମ୍ବେଶର ମଙ୍ଗରାଜ, ଗୋଲଖ ସାହୁ, ଶିକ୍ଷକ ଉମାକାନ୍ତ ନାୟକ, ଏସ୍‌ବିଆଇ ମ୍ୟାନେଜର ବିମଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୩୦ଜଣ ଛାତ୍ରୀଛାତ୍ରଙ୍କୁ ମେଧାବୀ ସମ୍ମାନ, ୧୭ଜଣ ଛାତ୍ରୀଛାତ୍ରଙ୍କୁ ବୃତ୍ତି ସମ୍ମାନ, ରାଧେଶ୍ୟାମ ସ୍ମୃତି ସମ୍ମାନ, ଜେମାମଣି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଅଖିଳେଶ ମହାପାତ୍ର ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାପାତ୍ର, ଝୁନୁବାଳା ପୃଷ୍ଟି, ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ, ନିରଞ୍ଜନ ମାଟି, ପ୍ରଭାକର ମହାପାତ୍ର ଏବଂ ସିଆରସିସି ମାନେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଯାଁଳା (ବୁଲା ବାରିକ):** ଯାଁଳା ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଶୁକ୍ରବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିଭାବେ ସତ୍ୟବ୍ରତ ସ୍ୱାଇଁ ଏବଂ ଖବରଦାତା ବୁଲା ବାରିକ ଉପସ୍ଥିତ ଥିଲେ। ପ୍ରଧାନ ଗୁରୁଜୀ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରୀତା ସେଠୀ, ଗୁରୁମା ଶାନ୍ତିଲତା ବେହେରା, ପଦ୍ମିନୀ ଜେନା ଏବଂ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

**ବେଗୁନିଆ (ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବ୍ଲକ ସଭାପତି ଗଣେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ରତିକାନ୍ତ କହଳସିଂହ, ଶିକ୍ଷକ ବିଜୟ କୁମାର ପ୍ରଧାନ ଓ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରାଙ୍କ ସଂଯୋଜନାରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଉଦଘାଟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥି, ରାଜ୍ୟ ଓଷ୍ଟା ସମ୍ପାଦକ ରମାକାନ୍ତ ମହାପାତ୍ର ମୁଖ୍ୟବକ୍ତା, ଖୋର୍ଦ୍ଧା ଜିଲା ସମ୍ପାଦକ ସୁଧାକର ମହାପାତ୍ର, ଜିଲା ପୂର୍ବତନ ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ଉପେନ୍ଦ୍ର ଦାଶ, ଶିକ୍ଷାବିତ୍ ହରିବନ୍ଧୁ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥି, ପ୍ରଧାନଶିକ୍ଷକ ଦିବାକର ସାହୁ ମୁଖ୍ୟ ବକ୍ତା ଏବଂ ପରିଚାଳନା କମିଟି ସଭାପତି ଶିବ କୁମାର ମୁନି ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ।

**ଜଟଣୀ (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହିନ୍ଦୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ତୋଟା ବେଳପଡ଼ା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜବାହାରଲାଲ ସୁବୁଦ୍ଧି, ମୁଖ୍ୟ ବକ୍ତାଭାବେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି କିଶୋର ଚନ୍ଦ୍ର ପାଇକରାୟ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱନାଥ ସେଠୀ, କ୍ଷଣଦା ମିଶ୍ର, ସୁଫାଲି ନାୟକ, ପ୍ରିୟଙ୍କା ପ୍ରିୟଦର୍ଶନୀ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ବବିତା କୁଣ୍ଡୁ, ଉପାଧ୍ୟକ୍ଷ କାହ୍ନୁଚରଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ମମତା ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ଜଟଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ଦିବସ ସହିତ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁ ଭଉଣୀମାନେ ଚାରାରୋପଣ କରିଥିଲେ। ବାଣପୁରସ୍ଥିତ ନେହେରୁ ସେବା ସଙ୍ଘ ଦୃଷ୍ଟି ବାଧିତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କବିତା କୁମାରୀ ଦେବୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସେନାପତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିଶୁ ଭଉଣୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଡା.ମଧୁଛନ୍ଦା ମହାରଣା ଶିଶୁ ଭଉଣୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ମୂଳକ ମାର୍ଗଦର୍ଶନ କରିଥିଲେ। ଶେଷରେ ଡ.ରଶ୍ମିତା ନାୟକଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। କୃତୀ ଶିଶୁ ଭଉଣୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୫।୧୧(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍-୧ ଓ ୟୁନିଟ୍-୨ ବ୍ୟୁରୋ ପକ୍ଷରୁ ୩ ଦିନିଆ ଜିଲାସ୍ତରୀୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ରମାଦେବୀ ପ୍ରେକ୍ଷାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ନେତୃତ୍ୱରେ ସମାଜ ଗଠନ ସହ ସମାଜସେବାରେ ସେମାନଙ୍କ ପ୍ରତିବଦ୍ଧତା ଓ ଲୋକସେବାରେ ଅସାଧାରଣ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡିଚରଣ ରଥ ଯୋଗଦେଇ ଯୁବଶକ୍ତିର ସଶକ୍ତ ଅବିସ୍ମରଣୀୟ ଭୂମିକା, ସମାଜ ପରିଚାଳନାରେ ତାଙ୍କ ସୃଜନଯୋଗ୍ୟ ଅବଦାନ ଓ ଦାୟିତ୍ୱବୋଧ ଉପରେ ସେ କହିଥିଲେ। କାର୍ଯ୍ୟକ୍ରମର ଏନ୍‌ଏସ୍‌ଏସ୍ ବ୍ୟୁରୋର ସଂଯୋଜିକା ପ୍ରଫେସର ଅଲିଭା ମହାନ୍ତି ସ୍ୱାଗତ ଭାଷଣ ଦେଉଥିବା ବେଳେ ଏନ୍‌ଏସ୍‌ଏସ୍ ୟୁନିଟ୍-୧ର କାର୍ଯ୍ୟକ୍ରମ ଅଧିକାରୀ ଡ. ଗୀତାଞ୍ଜଳି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ଏସ୍‌ଏସ ୟୁନିଟ-୨ର କାର୍ଯ୍ୟକ୍ରମ ଅଧିକାରୀ ବି. ଆର୍. ଆଭା ଆୟୁଶ୍ରୀ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

# ବିର୍ସା ମୁଣ୍ଡା ଆଦିବାସୀଙ୍କ ସମୃଦ୍ଧ ଐତିହ୍ୟ, ସାହସର ପ୍ରତୀକ


ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥିଙ୍କ ସହ ଅନ୍ୟମାନେ।

## ଏସ୍‌ସିଏସ୍‌ଟିଆର୍‌ଟିଆଇରେ ଜନଜାତୀୟ ଗୌରବ ଦିବସ

ଭୁବନେଶ୍ୱର,୧୫।୧୧(ସୁଚିସ୍ମିତା ସାହୁ)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ)ରେ ଶନିବାର ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ ଯୋଗଦେଇ ବ୍ରିଟିଶରାଜ ବିରୋଧରେ ଭଗବାନ୍ ବିର୍ସା ମୁଣ୍ଡାଙ୍କ ଆନ୍ଦୋଳନକୁ ଆଦିବାସୀଙ୍କ ସମୃଦ୍ଧ ଐତିହ୍ୟ ଓ ସାହସର ପ୍ରତୀକ ବୋଲି କହିଛନ୍ତି। ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ସୁଧାକର ଶବର ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଆଦର୍ଶକୁ ସମସ୍ତେ ଅନୁସରଣ କରିପାରିଲେ ଜନଜାତୀୟ ଦିବସ ପାଳନ ସଫଳ ହେବ ବୋଲି କରିଥିଲେ। ଦେଶିଆ ଭାଷା ଗବେଷକ ପ୍ରଫେସର ବିଜୟ ଉପାଧ୍ୟାୟ ଯୋଗଦେଇ ମୟୂରଭଞ୍ଜରୁ ମାଲକାନଗିରି ଯାଏ ସଂଗଠିତ ଆଦିବାସୀ ବିଦ୍ରୋହ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାରେ ଆଦିବାସୀ ବିଦ୍ରୋହର ପରମ୍ପରା ରହିଆସିଛି। ଆଦିବାସୀ ପୁରୁଷଙ୍କଠାରୁ ମହିଳା ପର୍ଯ୍ୟନ୍ତ ସମସ୍ତେ ନିଜର ସାମାଜିକ ନ୍ୟାୟ ସହ ଓଡ଼ିଶାକୁ ସୁରକ୍ଷିତ ରଖିବା ପାଇଁ ବିଦ୍ରୋହ କରିଥିଲେ ବୋଲି ସେ କହିଛନ୍ତି। ରାଜଧାନୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ମନ୍ମଥ କୁଣ୍ଡୁ ଯୋଗଦେଇ କହିଲେ, ଭଗବାନ ବିର୍ସା ମୁଣ୍ଡାଙ୍କ ଆନ୍ଦୋଳନକୁ କେବଳ ଉପନିବେଶବାଦ, ଜମିଦାର ବିରୋଧରେ ... ଆନ୍ଦୋଳନ ବୋଲି କହିଲେ ହେବ ନାହିଁ, ବରଂ ଏହା ସାମାଜିକ, ଅର୍ଥନୈତିକ ଅନ୍ୟାୟ ବିରୋଧରେ ଆନ୍ଦୋଳନ ବୋଲି ସେ କହିଛନ୍ତି। ଛତ୍ରପୁର ସରକାରୀ ବିଜ୍ଞାନ କଲେଜ ଅଧ୍ୟକ୍ଷ ପ୍ରଫେସର ଅଜୟ କୁମାର ତ୍ରିପାଠୀ, ଏସ୍‌ସିଏସ୍‌ଟିଆର୍‌ଟିଆଇ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ସ୍ମୃତିରେ ଚାରାରୋପଣ କାର୍ଯ୍ୟକ୍ରମ ସହିତ ବିଭିନ୍ନ ଜିଲାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କ ସହିତ ପ୍ରତିଷ୍ଠାନର ପିଅନ, ସିକ୍ୟୁରିଟି ଗାର୍ଡ, ମାଳି, ଇଲେକ୍ଟ୍ରିସିଆନ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ଭୁବନେଶ୍ୱର ବାଲିଯାତ୍ରା ପାଇଁ ସହଯୋଗ କରିବେ ତିରୁପତି


ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ଭୁବନେଶ୍ୱର ମଞ୍ଚେଶ୍ୱର ନିକଟ କୁଆଖାଇ ନଦୀପଠାରେ ଚାଲିଥିବା ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ରାଜ୍ୟ ଭାଜପା ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର, ଭାଜପା ପ୍ରବକ୍ତା ସୁଦିପ୍ତ କୁମାର ରାଏ ଯୋଗଦେଇଥିଲେ। ୧୦ଦିନ ଧରି ବାଲିଯାତ୍ରା ପଡ଼ିଆରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛି। ଏଥିସହ ଆଗାମୀ ଦିନରେ ବାଲିଯାତ୍ରା ପାଇଁ ସହଯୋଗର ହାତ ବଢ଼ାଇବେ ବୋଲି ତିରୁପତି ପ୍ରତିଶ୍ରୁତି ଦେଇଥିବାବେଳେ ଏଥିପାଇଁ ବାଲିଯାତ୍ରା କମିଟି କର୍ମକର୍ତ୍ତା ତାଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ଆପୋଲୋ ହସ୍ପିଟାଲରେ ବିଶ୍ୱ ଡାଇବେଟିସ୍ ଦିବସ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ଆପୋଲୋ ହସ୍ପିଟାଲରେ ଶୁକ୍ରବାର ବିଶ୍ୱ ଡାଇବେଟିସ୍ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ରହିଛି 'ଡାଇବେଟିସ୍ ଏବଂ ସୁସ୍ଥତା'। ମେଡିକାଲ ସର୍ଭିସେସ୍ ଡାଇରେକ୍ଟର ଡା. ଆଲୋକ ଶ୍ରୀବାସ୍ତବ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରୋଗ ନିରୋଧ ଓ ପ୍ରତିଷେଧକ କ୍ଷେତ୍ରରେ ଆପୋଲୋ ହସ୍ପିଟାଲର ଭୂମିକା ଉପରେ କହିଥିଲେ। ମେଡିସିନ୍ ଏବଂ ଏଣ୍ଡୋକ୍ରାଇନୋଲୋଜି ବିଭାଗର ସିନିୟର କନ୍‌ସଲ୍‌ଟାଣ୍ଟ ଡା. ପୀତାମ୍ବର ପୃଷ୍ଟି ନିୟମିତ ଡାଇବେଟିସ୍ ସ୍କ୍ରିନିଂ, ଶୃଙ୍ଖଳିତ ଜୀବନଶୈଳୀ ଏବଂ ରୋଗର ପ୍ରାରମ୍ଭିକ ବିପଦ ଚିହ୍ନଟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଣ୍ଡୋକ୍ରାଇନୋଲୋଜି ଏବଂ ଡାଇବେଟୋଲୋଜି ବିଭାଗର ସିନିୟର କନ୍‌ସଲଟାଣ୍ଟ ଡା. ଅଭୟ କୁମାର ସାହୁ କହିଲେ, ରୋଗ ପ୍ରତିରୋଧ ଦୈନନ୍ଦିନ ଅଭ୍ୟାସରୁ ଆରମ୍ଭ ହୁଏ। ଆମର କର୍ମକ୍ଷେତ୍ରରେ ସଚେତନ ରୁଟିନ ଗ୍ରହଣକରି ଆମେ ଡାଇବେଟିସ୍‌ର ବିପଦ ଏବଂ ତା'ର ପରିଣାମକୁ ହ୍ରାସ କରିପାରିବା। ଡା. ରିତେଶ କୁମାର ଅଗ୍ରୱାଲ କହିଲେ, ନିରନ୍ତର ଔଷଧ, ନିୟମିତ ରକ୍ତ ଶର୍କରା ପରୀକ୍ଷା ଏବଂ ପରିବାର ମଧ୍ୟରେ ରୋଗ ସମ୍ପର୍କରେ ଆଲୋଚନା ଡାଇବେଟିସ୍ ମୁକାବିଲାର ମୁଖ୍ୟ ଚାବିକାଠି। ଏହି ଅବସରରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଡାଇବେଟିସ୍ ସମ୍ପର୍କରେ ସଚେତନତା ବଢ଼ାଇବା ପାଇଁ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା।



ଆପୋଲୋ ହସ୍ପିଟାଲରେ ଅନୁଷ୍ଠିତ ବିଶ୍ୱ ଡାଇବେଟିସ୍ ଦିବସରେ ଯୋଗଦେଇଥିବା ଅତିଥି।

## ଖବରଦାତାଙ୍କ ପିତୃ ବିୟୋଗ

ବାଲିଅନ୍ତା,୧୫।୧୧(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତା 'ଧରିତ୍ରୀ'ର ଖବରଦାତା ନୀଳମାଧବ ସାହୁଙ୍କ ବାପା ଲକ୍ଷ୍ମୀଧର ସାହୁ (ଟିକମ)ଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ବର୍ଷବୟସ ହୋଇଥିଲା। ଭୁବନପୁରସ୍ଥିତ ବାସଭବନରେ ରାତି ୮ଟାରେ ସେ ଟିଭି ଦେଖୁଥିବା ବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ବାଲିଅନ୍ତା ପଞ୍ଚାୟତର ପୂର୍ବତନ ୱାର୍ଡ ସଭ୍ୟ ଥିଲେ।


ଲକ୍ଷ୍ମୀଧର ସାହୁ

ଏଥିସହିତ ବାଲିଅନ୍ତା ପାଞ୍ଚଦେଶ କମିଟିର ସମ୍ପାଦକଭାବେ ଦୀର୍ଘ ଦିନ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ଜୟଦେବ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ସେ ଜଣେ ପ୍ରତିଷ୍ଠାତା ସଦସ୍ୟ ଥିଲେ। ନିଜର ସାଙ୍ଗଠନିକ ଦକ୍ଷତା ପାଇଁ ବିଜେଡିର ବାଲିଅନ୍ତା ପଞ୍ଚାୟତ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ସଫଳ ନେତୃତ୍ୱ ପାଇଁ ସେ 'ବିଜୁ ପ୍ରେମୀ ସମ୍ମାନ'ରେ ମଧ୍ୟସମ୍ମାନିତ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ ପୂର୍ବତନ ସମିତି ସଭ୍ୟ ଦିଲୀପ କୁମାର ସାହୁ ମୁଖାଗ୍ନି ଦେଇଥିଲେ।

ତାଙ୍କ ବିୟୋଗରେ ପୂର୍ବତନ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି , ବିଧାୟକ ନବକିଶୋର ମଲ୍ଲିକ, ସୁଶାନ୍ତ କୁମାର ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ବିଧାୟକ ରାଘବ ସେଠୀ, ଜିଲାପରିଷଦ ସଭ୍ୟ ମଙ୍ଗରାଜ ବେହେରା, ମହେଶ୍ୱର ଦାସ, ସରପଞ୍ଚ କୃଷ୍ଣ କେଶବ ଆପଟ, ସରପଞ୍ଚ ହୃଷୀକେଶ ପାତ୍ର, ସରପଞ୍ଚ ହୃଷୀକେଶ ବେହେରା ଓ ରଶ୍ମିତା ସାହୁ, କର୍ପୋରେଟର ସୁକୁମାର ସାହୁ, ବିପ୍ଳବ ବେହେରା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ଆଡଭୋକେଟ ବିନୋଦ କୁମାର ସାହୁ, ବିଭୂତି ଭୂଷଣ ମଦରାଜରାୟ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## 'ଭଲ ମଣିଷ ହେବାକୁ ବିଦ୍ୟାର୍ଥୀ ଚେଷ୍ଟା କରନ୍ତୁ'



କାର୍ଯ୍ୟକ୍ରମରେ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୫।୧୧(ସୁଚିସ୍ମିତା ସାହୁ)

### ଷ୍ଟୁଆର୍ଟ ସ୍କୁଲର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ

ଷ୍ଟୁଆର୍ଟ ସ୍କୁଲର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥିଭାବେ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ବର୍ତ୍ତମାନ ଛାତ୍ରୀଛାତ୍ରମାନେ ଖେଳକୁଦ ସହ ବହି ପଢ଼ିବା ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସେମାନେ ବହିପାଠପଢ଼ାଠାରୁ ଅଧିକ ମୋବାଇଲ ଫୋନ୍‌ରେ ପଢୁଛନ୍ତି। ଏହାଦ୍ୱାରା ସେମାନେ ମୋବାଇଲ ମାଧ୍ୟମରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ମଧ୍ୟ ସାମିଲ ହେଉଛନ୍ତି। ପିଲାମାନେ ସମାଜର ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କରନ୍ତୁ। ଏଥିପ୍ରତି ଶିକ୍ଷକଙ୍କଠାରୁ ଆରମ୍ଭକରି ଅଭିଭାବକମାନେ ସତର୍କ ରହିବା ଦରକାର ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ର ଆଲୁମ୍ନି ଡ. ଅମିତାଭ ରଥ ଓ ଡ. ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସକାଳ ଅଧିବେଶନରେ ଜିଏସ୍‌ଟି ଆସିଷ୍ଟାଣ୍ଟ କମିଶନର ସୁଧା ପଦ୍ମା ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡିଷ୍ଟ୍ରିକ୍ଟ ଅଡିଟ୍ ଅଫିସର କମ୍ ଡେପୁଟି ସେକ୍ରେଟାରି ଜଗତେନ୍ଦୁ ପ୍ରତାପ ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ଅଧ୍ୟକ୍ଷା ମଧୁସ୍ମିତା ପ୍ରମାଣିକ ନାୟକ ଏବଂ ସମ୍ପାଦକ ଏଫ୍.ସି .ନର୍ଥ ସହଯୋଗ କରିଥିଲେ।

## କସ୍ତୁରବା ଶିକ୍ଷାଶ୍ରମରେ ଶିଶୁ ଦିବସ

ଭୁବନେଶ୍ୱର, ୧୫।୧୧(ବନ୍ଦନା ସେଠୀ)

କସ୍ତୁରବା ଶିକ୍ଷାଶ୍ରମରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ କୌତୁକ ବେଶ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ୱାର୍ଡ ନଂ. ୩୭ର କର୍ପୋରେଟର ବନ୍ଦିତା ପାଲ୍ ଯୋଗଦେଇ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଜିର ଶିଶୁ ଆଗାମୀ କାଲିର ଦେଶ ଗଠନର କର୍ଣ୍ଣଧାର। ତେଣୁ ସେମାନଙ୍କୁ ଆରମ୍ଭରୁ ହିଁ ଶିକ୍ଷା ସମେତ ବିଭିନ୍ନ ଦିଗରେ ଆଗକୁ ବଢିବା ପାଇଁ ସୁଯୋଗ ମିଳିବା ଦରକାର। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସଭାପତି ତଥା ସାମାଜିକ କର୍ମୀ ଅର୍ଜୁନ ବେହେରା, ସମ୍ପାଦକ ମନୋରଞ୍ଜନ ବେହେରା ଓ କୋଷାଧ୍ୟକ୍ଷ ଅଜିତ୍ ବେହେରା ଶିଶୁମାନଙ୍କୁ ଆତ୍ମନିର୍ଭରଶୀଳ ହେବା ସହ ସୁଦୃଢ ଭାରତ ଗଠନ କରିବା ପାଇଁ ନିଜକୁ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଜ୍ୟୋତ୍ସ୍ନାରାଣୀ ନନ୍ଦ ଅତିଥି ପରିଚୟ ଓ ବରିଷ୍ଠ ଆଚାର୍ଯ୍ୟ ପ୍ରଭାତ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। ଆଚାର୍ଯ୍ୟ ଜ୍ୟୋତି ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।


କସ୍ତୁରବା ଶିକ୍ଷାଶ୍ରମରେ ଶିଶୁ ଦିବସ ପାଳନ ଅବସରରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ବାରଙ୍ଗ/ତ୍ରିଶୂଳିଆ,୧୫।୧୧(ଲିଙ୍ଗରାଜ ରାଉତ/ତୁଷାର କାନ୍ତ ବେହେରା)

ବାରଙ୍ଗ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଝୁନଝୁନୱାଲା ବିଦ୍ୟାପୀଠ ଖେଳପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିଆଳି ବିଧାୟକ ଛବି ମଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ମନିଷା ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତାଭାବେ ବିଡିଓ ସ୍ୱାଗତ ଦାସ, ସମ୍ମାନିତ ଅତିଥି ଡା. ଦେବାଶିଷ ଦାସ, ମନୋରଞ୍ଜନ ମହାପାତ୍ର, ଜିଲାପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ, ସରପଞ୍ଚ ଦିଲୀପ କୁମାର ବେହେରା, ସାଂସଦଙ୍କ ପ୍ରତିନିଧି ଭୁପତି ପାଣି ପ୍ରମୁଖ ଅତିଥିଭାବେ ଯୋଗଦେଇ ସରକାରୀ ପ୍ରୋତ୍ସାହନର ସୁବିଧା ଉଠାଇବାକୁ ପରାମର୍ଶ ଦେଇଥିଲେ। ୮ଜଣଙ୍କୁ ଶ୍ରେଷ୍ଠ ପ୍ରାଣୀପଳନ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାଜ୍ୟସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତାରେ ହାଇଟେକ୍ ଚାମ୍ପିୟନ



ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ ଭୁବନେଶ୍ୱର ଟିମ୍ ଅତିଥିଙ୍କଠାରୁ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଓଡ଼ିଶାର ଯୁକ୍ତ୨ ବିଦ୍ୟାର୍ଥୀଙ୍କୁ ନେଇ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଏହିଦଳ ଡିସେମ୍ବର ୨ରେ ହରିୟାଣାରେ ଜାତୀୟ ପ୍ରତିଯୋଗିତାରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଏହି ଅବସରରେ ହାଇଟେକ୍ ମେଡିକାଲରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ସମସ୍ତ କ୍ରୀଡ଼ାବିତଙ୍କୁ ସମ୍ମାନିତ କରିବା ସହ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ହାଇଟେକ୍ ଗ୍ରୁପ୍‌ର ଟ୍ରଷ୍ଟି ସାବିତ୍ରୀ ପାଣିଗ୍ରାହୀ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ. ରବୀନ୍ଦ୍ରନାଥ ବେହେରା, ମୁଖ୍ୟ ପ୍ରଶାସନିକ ଅଧିକାରିଣୀ ମାଲବିକା ବେହେରା, ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ ପ୍ରିନ୍ସିପାଲ ପ୍ରଫେସର ଡ. ଚିତ୍ତରଞ୍ଜନ ସାହୁ, ଉପାଧ୍ୟକ୍ଷ ବିଭୂତି ଭୂଷଣ ବେହେରା, ହାଇଟେକ୍ ଡେଣ୍ଟାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡ. ସଂଗ୍ରାମ ପାତ୍ର, ଫିଜିଓଥେରାପି କଲେଜ ପ୍ରିନ୍ସିପାଲ ପ୍ରଫେସର ଡ. ଦୀପକ ସାମନ୍ତରାୟ, ଫାର୍ମାସି କଲେଜ ଭାଇସ୍-ପ୍ରିନ୍ସିପାଲ ପ୍ରଫେସର ଡ. ବବିତା ସାହୁ, ହାଇଟେକ୍ ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂର ଡିନ୍ ଆଣ୍ଡ ଡାଇରେକ୍ଟର ଡ. ଆଶିଷ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର କ୍ରୀଡ଼ା ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଲଳିତ କୁମାର ମହାନ୍ତି, କ୍ରୀଡ଼ା ପ୍ରଶିକ୍ଷକ ସୁରେଶ କୁମାର ନାୟକ, ସୁମନ ମହାରଣା ଏବଂ ସତ୍ୟ ବିପ୍ଳବ ମିଶ୍ରଙ୍କ ସମେତ ମୋଟ ୧୪ ଜଣ କ୍ରୀଡ଼ାବିତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀ ପରିଚାଳନା କରିଥିଲେ।

## ସିଆଇଏସ୍‌ଏଫ୍‌ରେ ପାସିଂଆଉଟ୍ ପରେଡ୍



ବାରଙ୍ଗ/ତ୍ରିଶୂଳିଆ,୧୫।୧୧
(ଲିଙ୍ଗରାଜ ରାଉତ/ ତୁଷାର କାନ୍ତ ବେହେରା)

ମୁଣ୍ଡଳୀସ୍ଥିତ ସିଆଇଏସଏଫ୍ ଖାରବେଳ ଆଞ୍ଚଳିକ ତାଲିମ କେନ୍ଦ୍ରରେ ଶନିବାର ୪୭ତମ କନ୍‌ଷ୍ଟେବଲ ମୌଳିକ ପ୍ରଶିକ୍ଷାର୍ଥୀଙ୍କ ପାସିଂଆଉଟ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ୧୧୨୮ଜଣ କନ୍‌ଷ୍ଟେବଲ ଦୀର୍ଘ ୪୩ସପ୍ତାହ ଧରି ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ ନେଇଥିଲେ। ଏହି ପାସିଂଆଉଟ ପରେଡରେ ଉତ୍ତର ପୂର୍ବଖଣ୍ଡ କୋଲକାତାର ସିଆଇଏସଏଫ୍ ଆଇଜି ଶିଖର ସାହାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିବା ସହ ପରେଡରେ ଉତ୍ତମ ପ୍ରଦର୍ଶନ କରିଥିବା ଯବାନଙ୍କୁ ପୁରସ୍କୃତ କରିଥିଲେ। ପାସିଂଆଉଟ ପରେଡରେ ସିଆଇଏସଏଫ୍ ଡିଆଇଜି ଗଙ୍ଗା ଶଙ୍କର ସମସ୍ତ ଯବାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ବନ୍ୟା, ବାତ୍ୟା ଭଳି ବିଭିନ୍ନ ଆପାତକାଳୀନ ସମୟରେ ଉଦ୍ଧାର ଓ ସୁରକ୍ଷାକ୍ଷେତ୍ରରେ ନିଜ ଜୀବନକୁ ବାଜି ଲଗାଇ ଯେଉଁଭଳି ଭାବେ ପ୍ରଶଂସାକୁ ସାଉଁଟିଛନ୍ତି ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ଆଇଜି ତାଙ୍କ ଅଭିଭାଷଣ ମାଧ୍ୟମରେ ଯବାନମାନଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ଯବାନମାନେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିଥିଲେ।

## କେବେ ହେବ ପୋଲିସ ଏସ୍‌ଆଇ ପରୀକ୍ଷା

ଭୁବନେଶ୍ୱର,୧୫।୧୧(ସୁଚିସ୍ମିତା ସାହୁ)

### ଲିଖିତ ଭାବେ ଜଣାଇବାକୁ ଦାବିକଲେ ଆଶାୟୀ

କେବେ ହେବ ପୋଲିସ ଏସଆଇ ପରୀକ୍ଷା। କିଏ କରିବ ପରୀକ୍ଷା ପରିଚାଳନା। ଏଭଳି ବିଭିନ୍ନ ପ୍ରଶ୍ନକୁ ନେଇ ଆଶାୟୀ ପରୀକ୍ଷାର୍ଥୀମାନେ ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି। ପୋଲିସ ଏସ୍‌ଆଇ ଚାକିରି ବିକ୍ରି ର୍‍ୟାକେଟ ଧରାପଡ଼ିଲା। ଏହି ଘଟଣାର ତଦନ୍ତ କରିବା ପାଇଁ କ୍ରାଇମବ୍ରାଞ୍ଚଠାରୁ ମାମଲା ସିବିଆଇକୁ ଦିଆଗଲା। ହେଲେ ଏଯାବତ୍ ପରୀକ୍ଷା ନେଇ କୌଣସି ସୂଚନା ମିଳିନାହିଁ। ଏନେଇ ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି)କୁ ବାରମ୍ବାର ପଚରା ଯାଇଥିଲେ ସୁଦ୍ଧା କୌଣସି ଉତ୍ତର ନ ପାଇବା ପରେ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭୁବନେଶ୍ୱରରେ ଥିବା ଓପିଆର୍‌ବି କାର୍ଯ୍ୟାଳୟ ସମ୍ମୁଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆନ୍ଦୋଳନ କରୁଥିବା ଆଶାୟୀମାନେ ପରୀକ୍ଷା କେବେ ହେବ ସେନେଇ ସ୍ପଷ୍ଟୀକରଣ ଦେବାକୁ ଦାବି କରିଛନ୍ତି। ଆନ୍ଦୋଳନ କରୁଥିବା ଆଶାୟୀଙ୍କ କହିବାନୁସାରେ, ଚାକିରି ବିକ୍ରି ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ କେବେ ଏହା ଶେଷ ହେବ, ସେନେଇ କୌଣସି ସ୍ୱଷ୍ଟତା ନାହିଁ। ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇବାକୁ ପ୍ରାୟ ବର୍ଷେ ପୂରିବ। ଏହାରି ମଧ୍ୟରେ ଦୁଇଥର ପରୀକ୍ଷା ବାତିଲ ହେଲାଣି। ଅନିଶ୍ଚିତତା ମଧ୍ୟରେ ପରୀକ୍ଷା ପାଇଁ ପଢ଼ିବା ସହ ଶାରୀରିକ ପ୍ରସ୍ତୁତି ଜାରି ରଖିବା ପିଲାଙ୍କ ମାନସିକ ସ୍ଥିତିକୁ ଦୁର୍ବଳ କରୁଛି। ଗୋଟିଏ ପଟେ ତଦନ୍ତ ଚାଲୁଥିବାବେଳେ ସମାନ୍ତରାଳ ଭାବେ ପୁନଃ ପରୀକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନି। ଏଣୁ ତ୍ୱରିତ ପରୀକ୍ଷା ପାଇଁ ପଦକ୍ଷେପ ନେବା ସହ ପରୀକ୍ଷା କେବେ ହେବ ସେନେଇ ଲିଖିତ ଭାବେ ଜଣାଇବାକୁ ଆଶାୟୀମାନେ ଦାବି କରିଛନ୍ତି।


ଓପିଆର୍‌ବି ସମ୍ମୁଖରେ ପରୀକ୍ଷା ଆଶାୟୀମାନେ ଧାରଣା ଦେଇଛନ୍ତି।

## ସଂକ୍ଷେପରେ

### ଶହୀଦ ବିର୍ସା ମୁଣ୍ଡା ଜୟନ୍ତୀ

ଚୌଦ୍ୱାର,୧୫।୧୧(ଆଶୁତୋଷ ଦାସ): ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ସିପିଆଇ(ଏମ୍)ର ଟାଙ୍ଗୀ-ଚୌଦ୍ୱାର ବ୍ଲକ କମିଟି ତରଫରୁ କରଞ୍ଜି ପଞ୍ଚାୟତ ଅଧୀନ ସମଚିକରା ଗ୍ରାମ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ନାରୀନେତ୍ରୀ ପୁଷ୍ପା ଦାସ ମୁଖ୍ୟବକ୍ତାଭାବେ ଯୋଗଦେଇ ଭାରତର ସ୍ୱାଧୀନତା ସଂଗ୍ରାମରେ ଜୀବନ ଉତ୍ସର୍ଗ କରିଥିବା ତଥା ଇଂରେଜ ଶାସନ ବିରୋଧରେ ଲଢ଼େଇକରି ଶହୀଦ ହୋଇଥିବା ବିର୍ସା ମୁଣ୍ଡା ଆଦିବାସୀଙ୍କୁ ଏକତ୍ରିତ କରି ଇଂରେଜ ଶାସନ ବିରୋଧରେ ଲଢ଼ିବାର ପ୍ରେରଣା ଯୋଗାଇଥିଲେ ବୋଲି ପ୍ରକାଶ କରିଥିଲେ। ଏଥିସହ ଦେଶ ପାଇଁ ତଥା ଆଦିବାସୀ ଗୋଷ୍ଠୀର ସ୍ୱାର୍ଥ ଲାଗିଆଦିବାସୀମାନେ ଐକ୍ୟବଦ୍ଧ ହୋଇ ରହିବା ପାଇଁ ଦାଶ ପରାମର୍ଶ ଦେଇଥିଲେ। ସିପିଆଇ(ଏମ୍)ର କଟକ ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାଶ, ବିଷ୍ଣୁ ବେହେରା, ରମେଶ ବେହେରା, ଚନ୍ଦ୍ରମୋହନ ମାଝୀ, ନରେନ୍ଦ୍ର ହେମ୍ବ୍ରମ, ଡମ୍ବରୁଧର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଆଦିବାସୀ ଅଧିକାର ରାଷ୍ଟ୍ର ମଞ୍ଚର ସୁନାରାମ ହେମ୍ବ୍ରମ, ମୁକୁନ୍ଦ କୁଇଁକେଲ, ରାୟମନି ସିଂକୁ, ମାନସ ପୁର୍ତ୍ତି, ଦଶରଥ ସଏ, ପ୍ରତାପ ବାନରା, ଡମ୍ବରୁ ସିଂକୁ, ରାଜେନ୍ଦ୍ର ଚାମ୍ପିଆଙ୍କ ନେତୃତ୍ୱରେ ୫୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳାପୁରୁଷ ଶୋଭାଯାତ୍ରା କରି ଉତ୍ସବ ସ୍ଥଳକୁ ଆସି ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ସିଆଇଏସ୍ଏଫରେ ପାସିଂଆଉଟ ପରେଡ୍

ବାରଙ୍ଗ/ତ୍ରିସୁଳିଆ,୧୫।୧୧(ଲିଙ୍ଗରାଜ ରାଉତ/ତୁଷାର କାନ୍ତ ବେହେରା): ମୁଣ୍ଡଳୀସ୍ଥିତ ସିଆଇଏସଏଫ୍ ଖାରବେଳ ଆଞ୍ଚଳିକ ତାଲିମ କେନ୍ଦ୍ରରେ ଶନିବାର ୪୭ତମ କନ୍‌ଷ୍ଟେବଳ ମୌଳିକ ପ୍ରଶିକ୍ଷାର୍ଥୀଙ୍କ ପାସିଂଆଉଟ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ୧୧୨୮ଜଣ କନ୍‌ଷ୍ଟେବଳ ଦୀର୍ଘ ୪୩ସପ୍ତାହ ଧରି ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ ନେଇଥିଲେ। ଏହି ପାସିଂଆଉଟ ପରେଡରେ ଉତ୍ତର ପୂର୍ବଖଣ୍ଡ କୋଲକାତାର ସିଆଇଏସଏଫ୍ ଆଇଜି ଶିଖର ସାହାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିବା ସହ ପରେଡରେ ଉତ୍ତମ ପ୍ରଦର୍ଶନ କରିଥିବା ଯବାନଙ୍କୁ ପୁରସ୍କୃତ କରିଥିଲେ। ପାସିଂଆଉଟ ପରେଡରେ ସିଆଇଏସଏଫ୍ ଡିଆଇଜି ଗଙ୍ଗା ଶଙ୍କର ସମସ୍ତ ଯବାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ବନ୍ୟା, ବାତ୍ୟା ଭଳି ବିଭିନ୍ନ ଆପାତକାଳୀନ ସମୟରେ ଉଦ୍ଧାର ଓ ସୁରକ୍ଷାକ୍ଷେତ୍ରରେ ନିଜ ଜୀବନକୁ ବାଜି ଲଗାଇ ଯେଉଁଭଳି ଭାବେ ପ୍ରଶଂସାକୁ ସାଉଟିଛନ୍ତି ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ଆଇଜି ତାଙ୍କ ଅଭିଭାଷଣ ମାଧ୍ୟମରେ ଯବାନମାନଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ଯବାନମାନେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିଥିଲେ।

### ନିଆଁରେ ବଖରାଏ ଜଳିଗଲା

ବାଙ୍କୀ, ୧୫।୧୧( ଶୁଭେନ୍ଦୁ ମହାପାତ୍ର , ସୁବ୍ରତ କୁମାର ନାୟକ): ବାଙ୍କୀ ତହସିଲ ଅନ୍ତର୍ଗତ କଦଳୀ ବାଡି ପଞ୍ଚାୟତସ୍ଥିତ ମାଳ ବିହାରପୁର ଗ୍ରାମ ଶାଳ ବଣି ସାହିର ସ୍ୱର୍ଗତ ଅକ୍ଷୟ ସିଠଙ୍କ ସ୍ତ୍ରୀ ମୀନା ସିଠଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲାଗି ଏକ ବଖରା ଘର ପୋଡ଼ିଯିବା ସହିତ ବହୁ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ନିଆଁ ଲଗାଇଥିବା ମୀନା ସିଠ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକଙ୍କୁ ପଚାରିବାରୁ ଆର୍‌ଆଇଙ୍କୁ ପଠାଇ ତଦନ୍ତ କରି ପାଲ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

### ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ବାରଙ୍ଗ/ତ୍ରିସୁଳିଆ,୧୫।୧୧(ଲିଙ୍ଗରାଜ ରାଉତ/ତୁଷାର କାନ୍ତ ବେହେରା): ବାରଙ୍ଗ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଝୁନଝୁନୱାଲା ବିଦ୍ୟାପୀଠ ଖେଳପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଆଳି ବିଧାୟକ ଛବି ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ମନିଷା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟ ବକ୍ତାଭାବେ ବିଡିଓ ସ୍ୱାଗତ ଦାସ, ସମ୍ମାନିତ ଅତିଥିଭାବେ ଡା.ଦେବାଶିଷ ଦାସ, ମନୋରଞ୍ଜନ ମହାପାତ୍ର, ଜିଲାପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ, ସରପଞ୍ଚ ଦିଲୀପ କୁମାର ବେହେରା, ସାଂସଦଙ୍କ ପ୍ରତିନିଧି ଭୁପତି ପାଣି ପ୍ରମୁଖ ଅତିଥିଭାବେ ଯୋଗଦେଇ ସରକାରୀ ପ୍ରୋତ୍ସାହନର ସୁବିଧା ଉଠାଇବାକୁ ପରାମର୍ଶ ଦେଇଥିଲେ।

# 'ସାଇବର ଅପରାଧରୁ ସୁରକ୍ଷିତ ରୁହନ୍ତୁ ଯୁବପିଢ଼ି'

## ସାଇବର ଅପରାଧ ନିୟନ୍ତ୍ରଣର କୌଶଳ ବତାଇଲେ ଆର୍‌ଡିସି

କଟକ,୧୫।୧୧(କାର୍ତ୍ତିକ ସାହୁ):



କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହାପୁନମ୍ ତାପସ କୁମାର ଓ ଅନ୍ୟ ଅତିଥିମାନେ।

ସାଇବର ଅପରାଧ ନିୟନ୍ତ୍ରଣରେ ଜନସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ସାଇବର ସୁରକ୍ଷା ସମ୍ପର୍କିତ କର୍ମଶାଳା ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ସଚିବ ଗୁହା ପୁନମ୍ ତାପସ କୁମାର କର୍ମଶାଳାକୁ ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ସାଇବର ଅପରାଧ ନିୟନ୍ତ୍ରଣର କୌଶଳ ବତାଇଥିଲେ। ଏବେ ଡିଜିଟାଲ ଯୁଗରେ ସାଇବର ଆରେଷ୍ଟ, କଷ୍ଟ ଅର୍ଜିତ ସଞ୍ଚିତ ଅର୍ଥକୁ ଦ୍ୱିଗୁଣିତ କରିବା ପ୍ରଲୋଭନରେ ଅଜଣା ଲିଙ୍କ୍‌ରେ ପୁଞ୍ଜି ଲଗାଣ ଦ୍ୱାରା ସମସ୍ତ ଅର୍ଥ ହରାଇବା ଆଦି ଘଟଣା ଦୈନିକ ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ଦିଗରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ସେଥିପାଇଁ ସମଗ୍ର ରାଜ୍ୟରେ ଜିଲା ବ୍ୟାପୀ ସଚେତନତା ଅଭିଯାନ ଅନୁଷ୍ଠିତ ହେଉଛି। ବିଶେଷ କରି ଯୁବପିଢ଼ି ସାଇବର ଅପରାଧରୁ ସୁରକ୍ଷିତ ରୁହନ୍ତୁ ବୋଲି ଆର୍‌ଡିସି କହିଥିଲେ। ଅନ୍ୟତମ ଅତିଥି କ୍ରାଇମବ୍ରାଞ୍ଚ ଓ ରାଜ୍ୟ ଗୋଇନ୍ଦା ବିଭାଗ ଡିଏସ୍‌ପି ଅନିଳା ଆନନ୍ଦ କହିଲେ, ଯୁବପିଢ଼ି କିମ୍ବା ସମାଜରେ ପ୍ରତିଷ୍ଠିତ ବୟସ୍କ ବ୍ୟକ୍ତି ବିଶେଷଭାବେ ଡିଜିଟାଲ ଆରେଷ୍ଟର ଶିକାର ହେଉଛନ୍ତି। ଅନେକ କ୍ଷେତ୍ରରେ ସେମାନେ ମାନସମ୍ମାନ ହାନୀ ହେବା ଚିନ୍ତା କରି ଏହି ଘଟଣାକୁ ଲୋକଲୋଚନକୁ ନ ଆଣି ନିଜର ମାନସିକ ଭାରସାମ୍ୟ ହରାଉଛନ୍ତି। ଏହି ସମସ୍ୟାର ନିରାକରଣ ଦିଗରେ ସତର୍କ ରହିବା ସହ, ଅଜଣା ଲିଙ୍କ୍ ଡାଉନଲୋଡ ନ କରିବା, ବ୍ୟକ୍ତିଗତ ତଥ୍ୟ ଗୋପନ ରଖିବା ସହ କୌଣସି ଅଜଣା ନମ୍ବରରୁ କଲ ଗ୍ରହଣ ନ କରିବା, ହ୍ୱାଟ୍ସଆପ୍‌ରେ ନିଜର ପୁଞ୍ଜି ଲଗାଣ ନ କରିବା, ବ୍ୟକ୍ତିଗତ ସୂଚନା ଶେୟାର ନ କରିବା ଆଦି ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସାଇବର ଅପରାଧ ନିୟନ୍ତ୍ରଣ ଦିଗରେ କାର୍ଯ୍ୟ କରୁଥିବା ୧୯୩୦ ଟୋଲ୍ ଫ୍ରି ନମ୍ବରର ସହାୟତା ନେବାକୁ ସେ ଦର୍ଶାଇଥିଲେ। ଅନ୍ୟତମ ଅତିଥି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଜିଏମ୍ କୀର୍ତ୍ତି ସ୍ୱାଇଁ ନିଜର ସଞ୍ଚୟ ଅନ୍‌ଲାଇନ ଅପରାଧୀଙ୍କ ହାତରେ ନ ଦେବା ତଥା ସାଇବର ଅପରାଧ ରୋକିବା ଦିଗରେ ସୁରକ୍ଷିତ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା, ପ୍ରଫେସର ଏ. କେ. ଖିଲାର, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅତିରିକ୍ତ ସଚିବ ଦେବାଶିଷ ପଟ୍ଟନାୟକ, ଉପନିର୍ଦ୍ଦେଶକ ପରମାନନ୍ଦ ପୃଷ୍ଟି, ସଂକଳ୍ପ ସ୍ୱସ୍ତିକ ସାହୁ, ସହକାରୀ ସଚିବ ସ୍ନେହରତ୍ନ ମହାନ୍ତି ପ୍ରମୁଖ କର୍ମଶାଳାରେ ଯୋଗ ଦେଇଥିଲେ।

# ଷ୍ଟୁଆର୍ଟ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

କଟକ,୧୫।୧୧(କାର୍ତ୍ତିକ ସାହୁ):

ଷ୍ଟୁଆର୍ଟ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ସୃଜନଶୀଳତା, କୌତୂହଳ ଏବଂ ବୈଜ୍ଞାନିକ ମାନସିକତା ଆଧାରରେ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ସ୍କୁଲର ସଂଯୋଜିକା ରେଶମା ପ୍ରଧାନଙ୍କ ନେତୃତ୍ୱରେ ଉଦ୍‌ଘାଟନୀ ସଙ୍ଗୀତ, ବାଇବେଲ ପାଠ ଓ ପ୍ରାର୍ଥନା ହୋଇଥିଲା। ସ୍କୁଲର ସମ୍ପାଦିକା ଡକ୍ଟର. ଆର୍.ଆର୍. ସେନାପତି ସ୍ୱାଗତ ଭାଷଣ ଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମାନସିକତାର ବିକାଶ ପାଇଁ ଶିକ୍ଷା ସହିତ କୌଶଳର ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷା ଡି. ମାର୍ଟିନା ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହିତ ନିର୍ଭୀକ ଭାବେ ଉଦ୍ଭାବନ ଅନୁସରଣ କରିବାକୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ୍ରିମ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଫୋରେନ୍ସିକ ମେଡିସିନ ବିଭାଗର ପ୍ରଫେସର ଡକ୍ଟର ପୁଣ୍ୟାଂଶୁ ମହାନ୍ତି ଯୋଗ ଦେଇଥିଲେ। ସଂଯୋଜକ ଶିଳ୍ପା ସାହୁ ଅତିଥି ପରିଚୟ ଦେଇଥିଲେ। ଡ. ସନ୍ତୋଷ ନାଥ ଶର୍ମା, ଡ. ଋଷିକାନ୍ତ ଦାଶ, ଡ. ରଶ୍ମି ରଞ୍ଜନ ବେହେରା କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ।



ବିଜ୍ଞାନ ମେଳାରେ ଛାତ୍ରମାନେ ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।

# ଉଚ୍ଛେଦ ପାଇଁ ଉପଜିଲାପାଳଙ୍କୁ ସ୍ମାରକ ପତ୍ର

ଆଠଗଡ, ୧୫।୧୧ (ସତ୍ୟ ପ୍ରସାଦ ରଥ)

## ଜବରଦଖଲରେ କାଷ୍ଠ, ଲଘୁ ଶିଳ୍ପ ସମବାୟ ସମିତି ଗୃହ

ଆଠଗଡ ସହର ଏଲଆଇସି ଉପ୍ରା ବିଦ୍ୟାଳୟ ନିକଟରେ ପରିତ୍ୟକ୍ତ ଅବସ୍ଥାରେ ଥିବା କାଷ୍ଠ ଓ ଲଘୁ ଶିଳ୍ପ ସମବାୟ ସମିତିର ଗୃହକୁ କେତେଜଣ ବ୍ୟକ୍ତି ଜରଦଖଲ କରି ଘର ଭାଙ୍ଗିଦେବା ସହ ମୂଲ୍ୟବାନ କାଠ ଓ ଲୁହାକୁ ଲୁଟି ନେଇଛନ୍ତି। ଅଶୀ ଦଶକରେ ଏହି ସମିତି ଅନେକ କୃତି ଅର୍ଜନ କରି ରାଜ୍ୟ ତଥା ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିଲା। ଏନେଇ ତୁରନ୍ତ ସେଠାରୁ ଜବରଦଖଲ ଉଚ୍ଛେଦ ପାଇଁ ଆଠଗଡ ସାଧାରଣ ଜନତାଙ୍କ ପକ୍ଷରୁ ଉପ-ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତିଙ୍କ ନେତୃତ୍ୱରେ ଆଠଗଡ ଏନ୍‌ଏସିର ବିଭିନ୍ନ ୱାର୍ଡର କାଉନ୍‌ସିଲର ସିପ୍ରା ଦାଶ, ମାମିନା ଦଳେଇ, ଅଶୋକ କୁମାର ବାରିକ, ଶୈଳବାଳା ସାମନ୍ତ, ପାର୍ବତୀ ରଣା, ଜିଲା ପରିଷଦ ସଭ୍ୟ ବଳଭଲ ବାଘ, ପ୍ରଦୀପ୍ତ ଦାସ,ରଞ୍ଜନ ଜେନା ପ୍ରମୁଖ ଉପଜିଲାପାଳଙ୍କ କାର୍ଯ୍ୟାଳୟ ରେ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରାଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏ ପ୍ରସଙ୍ଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ।

# ଏଟିଏମ୍ ଭ୍ୟାନ୍‌ରୁ ଟଙ୍କା ଲୁଟ୍, ପୋଲିସକୁ ମାଡ଼ ଘଟଣା : ଅଭିଯୁକ୍ତ ଗିରଫ

ଟିଗିରିଆ,୧୫।୧୧(ଜାଫର ଖାଁ)

ବହୁଚର୍ଚ୍ଚିତ ଏଟିଏମ୍ ଭ୍ୟାନ୍ ଲୁଟ୍ ଓ ପୋଲିସକୁ ମାଡ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ଶନିବର ଟିଗିରିଆ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଟିଗିରିଆ ଥାନା ଜେମାଦେଈପୁର ପଞ୍ଚାୟତ ଅନ୍ତର୍ଗତ ପଙ୍କାଳ ଗ୍ରାମର ଏସ୍‌କେ ସଇଫୁର (୨୨)। ଏସ୍‌ଆଇ ପ୍ରିୟଦର୍ଶିନୀ ଈପ୍ସିତାଙ୍କ ସୂଚନା ଅନୁଯାୟୀ, ୨୦୨୨ ଡିସେମ୍ବର ୧ରେ ଢେଙ୍କାନାଳ ଜିଲାର ଜଣେ ଯୁବତୀଙ୍କୁ ଅପହରଣ ମାମଲାର ତଦନ୍ତ ପାଇଁ ଢେଙ୍କାନାଳ ସଦର ଥାନା ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ୬ ଜଣିଆ ପୋଲିସ ଟିମ୍ ସହ ଟିଗିରିଆ ଆସି ଅଭିଯୁକ୍ତ ସଇଫୁରଙ୍କ ଘରେ ପହଞ୍ଚିଥିଲେ। ଏହି ସମୟରେ ସେ ପୋଲିସକୁ କାଠ ଫାଳିଆରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏସ୍‌ଆଇ ସେଠୀ ମୁଣ୍ଡରେ ମାଡ଼ ବାଜିବାରୁ ସେ ଗୁରୁତର ହୋଇଥିଲେ। ଏହି ଘଟଣାରେ ଟିଗିରିଆ ପୋଲିସ ମାମଲା (ନଂ.୨୩୧/୨୨)ରୁଜୁ କରି ତଦନ୍ତ ଚଳାଇଥିଲା।

ସେହିପରି ଅଭିଯୁକ୍ତ ଏସ୍‌କେ ସଇଫୁର ୨୦୨୩ ନଭେମ୍ବର ୧୦ରେ ଟିଗିରିଆ ଥାନା ଅନ୍ତର୍ଗତ ଗୋଡିଝରିଆ ଓ ନୂଆସଡ଼କ ମଧ୍ୟରେ ହୋଇଥିବା ବହୁଚର୍ଚ୍ଚିତ ଏଟିଏମ୍ ଭ୍ୟାନ୍ ଲୁଟ ଘଟଣାରେ ମଧ୍ୟରେ ସମ୍ପୃକ୍ତ ଥିଲେ। ଅଭିଯୁକ୍ତ ଓ ତାର ସାଥୀମାନେ ଏଟିଏମ୍ ଭ୍ୟାନ ଅଟକାଇ ଡ୍ରାଇଭର, ସୁରକ୍ଷା କର୍ମୀ ଓ ଅନ୍ୟ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ୧ କୋଟି ୭୩ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଉକ୍ତ ଘଟଣାରେ ପୋଲିସ ମାମଲା (ନଂ.୨୨୬/୨୩)ରୁଜୁ କରି କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା। ମାତ୍ର ସଇଫୁର ପୋଲିସ ପୁନର୍ବାର ଚକ୍‌ମା ଦେଖାଇ ଖସିଯାଇଥିଲେ।

ଶନିବାର ଏସ୍‌ଆଇ ଈପ୍ସିତା ବିଶେଷ ସୂତ୍ରରୁ ସୂଚନା ପାଇ ସଦଳବଳ ପଙ୍କାଳ ଛକ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଚଢ଼ାଉ କରି ଅଭିଯୁକ୍ତ ସଇଫୁରଙ୍କୁ ଧରିଛି।

# ସେଣ୍ଟ ଜାଭିୟର୍ସ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

କଟକ,୧୫।୧୧(କାର୍ତ୍ତିକ ସାହୁ):

ନୂଆବଜାରସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲ ଓ ସିବିଏସ୍‌ଇ ସହୋଦୟ ସ୍କୁଲର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପ୍ରାଙ୍ଗଣରେ ବିଜ୍ଞାନ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶ ନିମିତ୍ତ ଏହା ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଡିପିଏସ୍ (ପାରାଦୀପ), ଡିଉ ପବ୍ଲିକ ସ୍କୁଲ(ଚଣ୍ଡିଖୋଲ), ସେଣ୍ଟ ଜାଭିୟର୍ସ ହାଇସ୍କୁଲ (ଆଠଗଡ଼), ଜଗତ୍‌ସିଂହପୁର ଦଧୀଚି ଇଂରାଜୀ ମିଡିୟମ ସ୍କୁଲ, ଏସ୍‌ବିଡି ସ୍କୁଲ, ମାକାଓଲି ପବ୍ଲିକ ସ୍କୁଲ, ଗୁରୁନାନକ ପବ୍ଲିକ ସ୍କୁଲ ଆଦିର ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସମ୍ମାନିତ ଅତିଥି ରୂପେ ଡ. ଚିନ୍ମୟ କୁମାର ନାୟକ, ଶ୍ରଦ୍ଧାଞ୍ଜଳି ନାୟକ, ମାନସ ରଞ୍ଜନ ପ୍ରଧାନ, ଦେବ ପ୍ରସାଦ ତ୍ରିପାଠୀ, ଇତିଶ୍ରୀ ବେହେରା, ଶବ୍ଦଲିପି ମହାନ୍ତି ଆଦି ପ୍ରମୁଖ ଯୋଗଦେଇ ଉନ୍ନତ ବିଜ୍ଞାନ ଚେତନା, ସୃଜନଶୀଳତା ଓ ଆବିଷ୍କାର ମୂଳକ ଚିନ୍ତାଧାରା ଉପରେ ଗୁରୁତ୍ୱାରୋପ କରିଥିଲେ।

# ସିନର୍ଜି ପକ୍ଷରୁ ୩ଦିନିଆ ଆଲୋଚନାଚକ୍ର

ଭୁବନେଶ୍ୱର,୧୫।୧୧ (ସତ୍ୟରଞ୍ଜନ ଦାସମହାପାତ୍ର):



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଫୁଲନଖରାସ୍ଥିତ ସିନର୍ଜି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ପରିସରରେ ଭୁବନେଶ୍ୱରର ବିଦ୍ୟୁତ୍ ବିଭାଗ ପକ୍ଷରୁ ଏଆଇସିଟିଇ ଦିଲ୍ଲୀ ଆନୁକୂଲ୍ୟରେ ଏକ ୩ଦିନିଆ "ଏନର୍ଜି ଫୋରକାଷ୍ଟିଂ ଡ୍ରିଭେନ ବାଏ ଏଆଇ ଫର୍ ସୋଲାର ଆଣ୍ଡ ଉଇଣ୍ଡ ଏନର୍ଜି ଚାର୍ଜିଂ ଷ୍ଟେଶନ ଫର୍ ଇଲେକ୍ଟ୍ରିକ ଭେଇକଲ " ନାମକ ଭାଣୀ ପ୍ଲାଟଫର୍ମ ମାଧ୍ୟମରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ୟୁଟିଆର ଭୁବନେଶ୍ୱରର କୁଳପତି ବିଭୂତି ଭୂଷଣ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏଥିରେ ସାରା ଭାରତର ଆଇଆଇଟି ତଥା ଏନ୍‌ଆଇଟି ଏବଂ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ସୁନାମଧନ୍ୟ ପ୍ରାଧ୍ୟାପକ, ଅଧ୍ୟାପକ ଏବଂ ଅଧ୍ୟାପିକା ଯୋଗଦେଇଥିଲେ। ଉକ୍ତ ଆଲୋଚନାଚକ୍ରକୁ ସିନର୍ଜି ଗ୍ରୁପ ଚେୟାରମ୍ୟାନ ବିନୋଦ ଦାଶ, ଅଧ୍ୟକ୍ଷ୍ୟ ଅଶ୍ୱିନୀ କୁମାର ମହାନ୍ତି, ଛାତ୍ର କଲ୍ୟାଣ ମୁଖ୍ୟା ଯୋଗେଶ୍ୱରୀ ରାଉତ, ନିର୍ଦ୍ଦେଶକ ତଥା ବିଦ୍ୟୁତ୍ ବିଭାଗୀୟ ମୁଖ୍ୟ ଅଜୟ କୁମାର ସ୍ୱାଇଁ, କୋଅର୍ଡିନେଟର ଶ୍ରୀନିବାସ ସ୍ୱାଇଁ, ପ୍ରଶାସନିକ ନିର୍ଦ୍ଦେଶକ ଚିତ୍ରସେନ ଜଗତଦେଓ, ଶୁଭକାନ୍ତ ବଳ, ବିବେକାନନ୍ଦ ପଟ୍ଟନାୟଜ, ସଙ୍ଗୀତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଆଲୋଚନାଚକ୍ର ୩ଦିନ ଧରି ଚାଲୁ ରହିବ। ଏହି ଆଲୋଚନାଦ୍‌ଚକ୍ରରେ ଆଇଆଇଟି ପାଟନା ରଞ୍ଜନ କୁମାର ବେହେରା ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସୌମ୍ୟରଞ୍ଜନ ମହାନ୍ତିଙ୍କ ଦ୍ୱାରା ବିଦ୍ୟୁତ୍ ଚାଳିତ ଯାନର ତିନୋଟି କାର୍ଯ୍ୟଧାରାର ଶୁଭାରମ୍ଭ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଭିସୁଟ ବୁର୍ଲାର ସିଦ୍ଧାର୍ଥ ପଣ୍ଡା, ସୋଆର ବିନୋଦ କୁମାର ସାହୁ, ଓପିଟିସିଏଲ୍ ନିର୍ଦ୍ଦେଶକ ବି. ବି. ମେହେଟ୍ଟା, ମୃତ୍ୟୁଞ୍ଜୟ ବିଶ୍ୱାଳ, ସରକାରୀ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ଦାଶ ଏବଂ ଶିକ୍ଷା ତଥା କଳକାରଖାନା ବିଭାଗରୁ ବରିଷ୍ଠ ପ୍ରବକ୍ତାମାନେ ଆଲୋଚନାଚକ୍ରରେ ଅତିଥି ଭାବେ ଯୋଗଦେଇଥିଲେ।

# ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ

ଚୌଦ୍ୱାର,୧୫।୧୧ (ଆଶୁତୋଷ ଦାସ):

ଚୌଦ୍ୱାରର ବିଭିନ୍ନ ସ୍ଥାନରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚୌଦ୍ୱାର ହିଙ୍ଗୁଳାଇ ସାହିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ମାନସ କୁମାର ସାହୁଙ୍କ ସଭାପତିତ୍ୱରେ ଶିଶୁ ଦିବସ ପାଳିତ ହୋଇଯାଇଛି। ସଫା ସରପଞ୍ଚ ନିବାସ କୁମାର ପଣ୍ଡା, ରୋଟାରିଆନ ବିଶ୍ୱନାଥ ପଣ୍ଡା, ପ୍ରଧାନ ଶିକ୍ଷକ ଗଣେଶ ହେମ୍ବ୍ରମ, କ୍ଷେତ୍ରବାସୀ ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁ ଦିବସର ତାତ୍ପର୍ଯ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର କୃତୀ ଛାତ୍ରୀ ସୁଶ୍ରୀ ଅପରାଜିତା ସ୍ୱାଇଁଙ୍କୁ ଶରତ ଚନ୍ଦ୍ର ରାଉତରାୟ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିକ୍ଷାକେନ୍ଦ୍ର ପକ୍ଷରୁ ପ୍ରବନ୍ଧ, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ସ୍ଥାନୀୟ ଶିଶୁ ସଦନରେ ଆୟୋଜିତ ଶିଶୁ ଉତ୍ସବରେ ଶିଶୁସଦନର ପିଲାମାନେ ଅଂଶଗ୍ରହଣ କରି ଶିଶୁ ଦିବସ ସମ୍ପର୍କରେ ବକ୍ତବ୍ୟ ରଖି ଚାଚା ନେହେରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ ବ୍ୟାରେଜ ରୋଡସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଅଧ୍ୟକ୍ଷ ଶକ୍ତି ପ୍ରସାଦ ମହାନ୍ତି, ବାଣିପଦାସ୍ଥିତ ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟକ୍ଷ ଗଣେଶ ପ୍ରସାଦ ବେହେରା, ଡାଏନା ଡ୍ୟାନ୍ସ ସ୍କୁଲର ପରିଚାଳିକା ଶୁଭମ ସରିତା କରଙ୍କ ପରିଚାଳନାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଗାନ୍ଧୀଛକସ୍ଥିତ ଜାଭିୟର ହାଇସ୍କୁଲ, ଡିଡିଆଇପିଏସ୍, ଏବିଏସ୍ ଇଣ୍ଟରନ୍ୟାଶନାଲ, ସ୍ପ୍ରିଙ୍ଗଡେଲ ସ୍କୁଲ, କଳିଙ୍ଗ ନୋଡାଲ ବିଦ୍ୟାପୀଠ ଆଦିରେ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ।

# ଭାଜପା ପାଳିଲା ବିଜୟ ଉତ୍ସବ

ଚୌଦ୍ୱାର/ସାଲେପୁର,୧୫।୧୧ (ଆଶୁତୋଷ ଦାସ/ ଅରବିନ୍ଦ ଭୂୟାଁ):

ବିହାର ଓ ଓଡ଼ିଶାର ନୂଆପଡ଼ା ଉପନିର୍ବାଚନରେ ଭାଜପାର ବିଜୟକୁ ନେଇ ସାରା ରାଜ୍ୟରେ ଦଳ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ଗାନ୍ଧୀ ଛକଠାରେ ଥିବା ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଭାଜପାର ଚୌଦ୍ୱାର ଓ ଇନ୍ଦ୍ରାଣୀପାଟଣା ମଣ୍ଡଳ ପକ୍ଷରୁ ବିଜୟ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି । ମଣ୍ଡଳ ସଭାପତି ମମତା ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ସଂପାଦକ ବୈରାଗୀ ଚରଣ ପ୍ରଧାନ, ୧୩ନଂ ୱାର୍ଡ ପାରିଷଦ ଇଂ.ସୁଜାତା ସାହୁ, ପୂର୍ବତନ ମଣ୍ଡଳ ସଭାପତି ଅଜିତ କୁମାର ସୁବୁଦ୍ଧିରାୟ, ରମେଶ ଚନ୍ଦ୍ର ନାୟକ, ପ୍ରଶାନ୍ତ କୁମାର ବିଶ୍ୱାଳ, ଚିନ୍ମୟ ବେହେରା, ପ୍ରକାଶ ବଡ଼ଜେନା, ଦାମୋଦର ନାୟକ,ଜିଲ୍ଲା ପ୍ରତିନିଧି ସନ୍ତୋଷ କୁମାର ସାହୁ, କ୍ରୀଷ୍ଣା ରାଓ, ସୁମିତ୍ରା ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇ ବିଜୟ ଉତ୍ସବ ପାଳନ କରିବା ସହିତ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ସେହିପରି ନୂଆପଡା ଏବଂ ବିହାରରେ ହୋଇଥିବା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ବିଜୟୀ ହେବା ପରେ ସାଲେପୁର ଭାଜପା ପକ୍ଷରୁ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ସାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ସାଲେପୁର ମଣ୍ଡଳ ସଭାପତି ଅସିତ ମହାନ୍ତିଙ୍କ ସଂଯୋଜନାରେ କଟକ ଗ୍ରାମୀଣ ଜିଲା ସଭାପତି ରାମନାରାୟଣ ମହାନ୍ତି ଯୋଗଦେଇ ଭୋଟର ଭାଇ ଭଉଣୀ ମାନଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ମିଶ୍ର, ତ୍ରିଲୋଚନ ପାତ୍ର, ଭାବଗ୍ରାହୀ ବେହେରା, ବିଜୟ କୁମାର ଜେନା, ମେଘୁ ସିଂ, ରଶ୍ମିରଞ୍ଜନ ପରିଡା,ଦିଲୀପ କୁମାର ଦାସ, ସନ୍ତୋଷ କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ।

# ଆଧୁନିକ ପ୍ରଣାଳୀରେ ଗୋ ପାଳନ, ମତ୍ସ୍ୟ ଚାଷକୁ ଗୁରୁତ୍ୱ

## ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣୀସମ୍ପଦ ମେଳା

ଆଠଗଡ,୧୫।୧୧(ସତ୍ୟ ପ୍ରସାଦ ରଥ)



ମତ୍ସ୍ୟ, ପ୍ରାଣୀସମ୍ପଦ ମେଳାରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଚାଷୀମାନେ ।

ଆଠଗଡ ବ୍ଲକ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆଠଗଡ ସହରସ୍ଥିତ ବିଶ୍ୱନାଥ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୋଟ ୧୨ଟି ଷ୍ଟଲରେ ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିଭିନ୍ନ ଯୋଜନା ପ୍ରଦର୍ଶିତ ହୋଇଥିଲା। ଏଥିରେ ଆଠଗଡ ବ୍ଲକର ୩୪ ପଞ୍ଚାୟତରୁ ଗୋ-ଚାଷୀ ପ୍ରାଣୀ ପାଳକ, ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜନ ସଚେତନତା ପାଇଁ ଲୋକ କଳା, ପାଲା, ସଂକୀର୍ତ୍ତନ ଆଦି ପ୍ରଦର୍ଶିତ ହୋଇଥିଲା। ପରେ ଆଠଗଡ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ବାରିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ନାୟକ, ଆଠଗଡ ଜୋନ ଉପନିର୍ଦ୍ଦେଶକ ବବିତା ମହାନ୍ତି, ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ ତହସିଲଦାର ନିକୁଞ୍ଜବିହାରୀ ବଡ଼ ଜେନା, ବାଙ୍କୀ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ଶିଶିର କୁମାର ସାହୁ, ଆଠଗଡ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଷ୍ଣୁ ପ୍ରସାଦ ଚୌଧୁରୀ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଆଧୁନିକ ପ୍ରଣାଳୀରେ ଗୋ ପାଳନ ଓ ମତ୍ସ୍ୟ ଚାଷ ପାଇଁ ପ୍ରୋତ୍ସାହିତ କରିବା ସହ ସରକାରୀ ଯୋଜନାରେ ସାମିଲ ହୋଇ ଅଧିକ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ।

**ସଂକ୍ଷେପରେ**

## ହରେକୃଷ୍ଣ ପ୍ରଧାନୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ପୁରୀ, ୧୫।୧୧ (ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ୧୯୭ତମ ମାସିକ ଆସର ଓ ଅନୁଷ୍ଠାନର ସଭାପତି ସ୍ୱର୍ଗତ ହରେକୃଷ୍ଣ ପ୍ରଧାନୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସୁଲେଖାର ସମ୍ପାଦକ ସଦାଶିବ ମିଶ୍ରଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅତିଥି ଭାବେ ଆଲୋକ ପ୍ରଧାନ, ଶିବସୁନ୍ଦର ମିଶ୍ର, ପଣ୍ଡିତ ସଦାଶିବ ମିଶ୍ର, ସୁରେଶ କୁମାର ପଟ୍ଟନାୟକ, ସତ୍ୟଭାମା ପ୍ରଧାନୀ, ରାଧାକୃଷ୍ଣ ପ୍ରଧାନୀ, ଭାରତୀ ଭୂଷଣ ଦାସ, ଡ. ସୁଚିତ୍ରା ରଥ, ରୋଜାଲିନ ପଣ୍ଡା, ମନୋରମା ଆଚାର୍ଯ୍ୟ, ସ୍ୱାଗତିକା ନନ୍ଦ, କମଳ କୁମାର ଦାଶ, ମଞ୍ଜୁଳା ଦେବୀ, ଦୀନବନ୍ଧୁ ଦାଶ, ବିପିନ ବିହାରୀ ମିଶ୍ର, ପୂଜା ପ୍ରଧାନ, ଅଶୋକ କୁମାର ମିଶ୍ର, କାଶୀନାଥ ଖୁଣ୍ଟିଆ ପ୍ରମୁଖ ସ୍ୱର୍ଗତ ପ୍ରଧାନୀଙ୍କ ସ୍ମୃତିଚାରଣ କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ଏକାଦଶାହରେ ଶୋକସଭା

ପୁରୀ, ୧୫।୧୧ (ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ବାସେଳିସାହି ସ୍ଥିତ ମୁଦୁଲି ଜାଗା କଲ୍ୟାଣମଣ୍ଡପ ଠାରେ ଖବରଦାତା ବିଶ୍ୱଜିତ ପଟ୍ଟନାୟକଙ୍କ ସ୍ତ୍ରୀ ସ୍ୱର୍ଗତା ସୁଚିତ୍ରାରାଣୀ ପଟ୍ଟନାୟକଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଂସ୍କୃତି ବିଭାଗ ଏବଂ ସୂଚନା ଲୋକସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ 'ଦୟାନିଧି ସଙ୍ଗୀତ ସୁଧା' ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ଅନୁଷ୍ଠାନ 'ଦୟାନିଧି ସଙ୍ଗୀତ ସୁଧା'ର କଣ୍ଠଶିଳ୍ପୀମାନେ ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଂସ୍କୃତି ବିଭାଗ ତଥା ଅଧିକାରୀ ହେମନ୍ତ କୁମାର ବେହେରା, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପୁରୀ ବାର ଆସୋସିଏସନ ପୂର୍ବତନ ସଭାପତି ଆଇନଜୀବୀ ଭଗବାନ ମିଶ୍ର, ବର୍ତ୍ତମାନ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ରାୟଗୁରୁ, ଆଇନଜୀବୀ ଗୋପାଳ ପଣ୍ଡାଙ୍କ ସମେତ ସହରର ବହୁ ଆଇନଜୀବୀ, ଖବରଦାତା, ବୁଦ୍ଧିଜୀବୀ, ଜିଲା କଂଗ୍ରେସ ସଭାପତି ରାଜେଶ କୁମାର ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ପ୍ରତିଭା ସମ୍ମାନ ଉତ୍ସବରେ ସମ୍ମାନିତ ହେଲେ ୨ ସାମାଜିକ କର୍ମୀ

ପିପିଲି, ୧୫।୧୧ (ଦୁର୍ଗା ମାଧବ ମିଶ୍ର)

ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଅବସରରେ ସଚେତନ ନାଗରିକ ମଞ୍ଚ ପିପିଲି ଏବଂ ଆମିତ୍ ଇଣ୍ଡିଆ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଜବାହର ବିଦ୍ୟାପୀଠ ପରିସରରେ ଆୟୋଜିତ ପ୍ରତିଭା ସମ୍ମାନ ଉତ୍ସବ ଆଇନଜୀବୀ ସୁରେଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ଖବରଦାତା ରାଜକିଶୋର ସ୍ୱାଇଁ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପଣ୍ଡିତ ଜବାହର ଲାଲ ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରାଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ରାମଚନ୍ଦ୍ର ଦାସ ଏବଂ ପରିବେଶବିତ୍ ଗଗନ ଦାସଙ୍କୁ ସେମାନଙ୍କର ନିଃସ୍ୱାର୍ଥପର ସେବା ପାଇଁ ସମ୍ମାନିତ କରାଯାଇଥିଲା।

# ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା

ପୁରୀ, ୧୫।୧୧ (ଅଜିତ୍ କୁମାର ମହାନ୍ତି)

ନିରନ୍ତର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ୧୭ଟି ଲକ୍ଷ୍ୟ ବା ଗୋଲ ଧାର୍ଯ୍ୟ କରାଯାଇଛି। ଏହାକୁ ସଫଳ କରିବା ଓ ସମସ୍ତଙ୍କୁ ଏହି ଲକ୍ଷ୍ୟରେ ସାମିଲ କରିବା ଆବଶ୍ୟକ। ଛାତ୍ରୀଛାତ୍ରଙ୍କ ମାଧ୍ୟମରେ ଏହି ଲକ୍ଷ୍ୟକୁ ପରିପ୍ରକାଶ କରିବା ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜିଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଅପରାହ୍ନ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୫୧ଟି ପ୍ରକଳ୍ପ ପ୍ରଦର୍ଶିତ ହେବା ସହ ଶ୍ରେଷ୍ଠ ପ୍ରତିଯୋଗୀ ଏବଂ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ଓ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ବେହେରା ଆଗାମୀ କାଲିର ଭାରତବର୍ଷକୁ ବିକଶିତ କରିବା ଲକ୍ଷ୍ୟରେ ଧାର୍ଯ୍ୟ କରାଯାଇଥିବା ଏହି ଲକ୍ଷ୍ୟକୁ ପୂରଣ ଦିଗରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରଙ୍କ ନିରନ୍ତର ପ୍ରୟାସ ଲକ୍ଷ୍ୟ ହାସଲକୁ ସୁନିଶ୍ଚିତ କରିବ ବୋଲି ବେହେରା ଆଶାବ୍ୟକ୍ତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଓ ବିକଶିତ ଭାରତ ଗଠନ ସମ୍ପର୍କରେ ଆଲୋକପାତ କରିଥିଲେ। ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରକଳ୍ପ ପ୍ରଦର୍ଶନୀରେ ମଦର୍ସ ପବ୍ଲିକ ସ୍କୁଲ ଗୋରୁଆଳର ସାଦ୍ୟାନ୍ତ ଶତପଥୀଙ୍କ ପ୍ରକଳ୍ପ ପ୍ରଥମ, ଜିଲା ସ୍କୁଲର ନିଖିଳ କୁମାର ସିଂ ଦ୍ୱିତୀୟ ଓ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ରୀତିକା ମହାରଣାଙ୍କ ପ୍ରକଳ୍ପ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ଡିଏଭି ପବ୍ଲିକ ସ୍କୁଲର ଅନୁରାଗ ଆଚାର୍ଯ୍ୟ ପ୍ରଥମ, ଜିଲା ସ୍କୁଲର ସମ୍ବିତ କୁମାର ଦାସ ଦ୍ୱିତୀୟ ଓ ସୁଖଲତା ମେମୋରିଆଲ ଉଚ୍ଚ ବିଦ୍ୟାଳୟର ମେଘନା ଦେବନାଥ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଇଂରାଜୀ ପ୍ରବନ୍ଧରେ ବାଲୁଖଣ୍ଡ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜିତେଶ ରୋଶନ ଜେନା ପ୍ରଥମ, ଡିଏଭି ପବ୍ଲିକ ସ୍କୁଲର ପ୍ରୟାଗ ଚନ୍ଦ୍ର ମିଶ୍ର ଦ୍ୱିତୀୟ ଓ ବାଲୁଖଣ୍ଡ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିଲେଶ ସ୍ୱାଇଁ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଜିଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ମହେଶ ପ୍ରସାଦ ମିଶ୍ର, ରାମଚନ୍ଦ୍ର ଗୁଡ୍ଡୁ, ଅର୍ଥ ବିଶେଷଜ୍ଞ ବିଶ୍ୱ ରଞ୍ଜନ ଜେନା, କ୍ଷୁଦ୍ର ଯୋଜନା ଏବଂ ଜୀବିକା ବିଶେଷଜ୍ଞ ସନ୍ଧ୍ୟାରାଣୀ ଦାଶ ଓ ଅର୍ଥନୀତିଜ୍ଞ ସୋନାଲିକା ମହାନ୍ତି ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।




ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ କରିଶ୍ମା ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ନୃତ୍ୟ ପ୍ରତଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁ କଳାକାରମାନେ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ୧୯ରୁ ୩ ଦିନ ଧରି ଶ୍ରୀମନ୍ଦିରରେ ଦେବଦୀପାବଳି ନୀତି




ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ସେବା ସଂସ୍ଥାନର କର୍ମକର୍ତ୍ତାମାନେ।

ପୁରୀ, ୧୫।୧୧ (ଅଜିତ୍ କୁମାର ମହାନ୍ତି)

ଆସନ୍ତା ୧୯ ତାରିଖ କୃଷ୍ଣ ଚତୁର୍ଦ୍ଦଶୀ ଠାରୁ ୨୧ ତାରିଖ ଶୁକ୍ଳ ପ୍ରତିପଦା ୩ଦିନ ଧରି ଶ୍ରୀମନ୍ଦିରରେ ଦେବ ଦୀପାବଳି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ନିଜ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଅର୍ପଣ ସହିତ ଦୀପଦାନ କରିବେ। ଏଥିସହିତ ସାରା ଓଡ଼ିଶାର ସମସ୍ତ ମନ୍ଦିରରେ ଦେବ ଦୀପାବଳି ଉତ୍ସବ ପାଳନ କରାଯିବ। ଶ୍ରୀଜଗନ୍ନାଥ ସେବା ସଂସ୍ଥାନ ପକ୍ଷରୁ ଏହି ୩ଦିନ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦେବ ଦୀପାବଳି ମହୋତ୍ସବ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ଏନେଇ ଶନିବାର ବାଲିସାହିସ୍ଥିତ ଗଙ୍ଗାମାତା ମଠ ପରିସରରେ ସଂସ୍ଥାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ସେବା ସଂସ୍ଥାନର ଅଧ୍ୟକ୍ଷ ତଥା ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରିଥାନ୍ତି। ମହାପ୍ରଭୁ ତାଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ, ଶ୍ରାଦ୍ଧ କରିଥାନ୍ତି। ମହାପ୍ରଭୁ ଚାରିଯୁଗର ପିତାମାତାଙ୍କୁ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ମହାପ୍ରଭୁଙ୍କ ଲୀଳା ପରମ୍ପରାକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ସେବା ସଂସ୍ଥାନ ପକ୍ଷରୁ ୩ଦିନ ଧରି ଏମାରମଠ ନିକଟରେ ଦେବ ଦୀପାବଳି ମହୋତ୍ସବ ପାଳନ କରାଯିବ। ପ୍ରତ୍ୟେହ ପୂର୍ବାହ୍ନରେ ଯୋଗ, ଚିତ୍ରାଙ୍କନ, ପାରମ୍ପରିକ ଭକ୍ତି ସଂଗୀତ ସହ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଅପରାହ୍ନରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହିତ ମାହାରୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ଓଡ଼ିଶୀ ନୃତ୍ୟ, ପାରମ୍ପରିକ ସଙ୍ଗୀତ ସହ କ୍ରୀଡ଼ାବିତ୍, ସେବାୟତ, ସାମାଜିକ କର୍ମୀ, ବିଭିନ୍ନ ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରାଯିବ। ଏହି ୩ଦିନ ସମସ୍ତ ବ୍ୟକ୍ତିବିଶେଷ, ଅନୁଷ୍ଠାନ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରି ବିଶ୍ୱବାସୀଙ୍କ ମଙ୍ଗଳକାମନା କରିବାକୁ ପାଟ୍ଟଯୋଶୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ମହିପ୍ରକାଶ ମଠର ମହନ୍ତ ସ୍ୱାମୀ ଶୁଭାନନ୍ଦ ପୁରୀଙ୍କ ସହ ବିଭିନ୍ନ ମଠର ମହନ୍ତ, ସାଧୁସନ୍ଥ, ସେବାୟତମାନେ ଉପସ୍ଥିତ ଥିଲେ।

## ଭାଗବତର ସ୍ୱର୍ଶ ମଣିଷକୁ ଈଶ୍ୱର ତୁଲ୍ୟ କରେ

ପୁରୀ, ୧୫।୧୧ (ଅଜିତ୍ କୁମାର ମହାନ୍ତି)

କେବଳ ଭାଗବତ ପାଠ ନୁହେଁ, ଭାଗବତର ସ୍ୱର୍ଶରେ ହିଁ ଶିଶୁ, କିଶୋର, ଯୁବ ଓ ବୃଦ୍ଧାବୃଦ୍ଧ ଈଶ୍ୱର ତୁଲ୍ୟ ପାଲଟିଯାଆନ୍ତି। ତେଣୁ ପିଲାଏ ଭାଗବତର ତତ୍ତ୍ୱ ବୁଝିବା ଅପେକ୍ଷା ବିଦ୍ୟାଳୟକୁ ଯିବାବେଳେ ଭାଗବତକୁ ସ୍ୱର୍ଶକରି ବିଦ୍ୟାବାନ୍ ହୁଅନ୍ତୁ ବୋଲି ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର କହିଛନ୍ତି। ଶିକ୍ଷାବିତ୍ ତଥା ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିରେଖା ରାୟଙ୍କ ଅଧ୍ୟକ୍ଷତା ଓ ବାମୁଣ୍ଡି ଭାଗବତ ଟୁଙ୍ଗିର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଟ୍ଟନାୟକଙ୍କ ପରିଚାଳନାରେ ସରକାରୀ ଉଚ୍ଚବିଦ୍ୟାଳୟ ଗଡ଼କୋକଲଠାରେ ଅନୁଷ୍ଠିତ ଶିଶୁ ଦିବସ ସମାରୋହ ଓ ଭାଗବତ ଜ୍ଞାନଯଜ୍ଞ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଶ୍ର ନେହେରୁ ଓ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ମୁଖ୍ୟବକ୍ତା ଶିକ୍ଷାବିତ୍ ତତ୍ତ୍ୱକବି ଭିକାରୀ ଚରଣ ଜେନା କହିଥିଲେ, ଭାଗବତ ଶ୍ରବଣ ଓ ପଠନ ସହ ଲୁପ୍ତପ୍ରାୟ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଆମର ଲକ୍ଷ୍ୟ ହେଉ। ଏହି ଅବସରରେ ଭାଗବତ ପାଠ, ଭାଗବତ ପ୍ରଶ୍ନୋତ୍ତର ଓ କୌତୁକ ପୋଷାକ ପ୍ରତିଯୋଗିତାରେ ସଫଳ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ବାମୁଣ୍ଡି ଭାଗବତ ଟୁଙ୍ଗି ପକ୍ଷରୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋତିରଞ୍ଜନ ବଳିଆରସିଂହ, ସୁବାସ ସାମଲ, ସନ୍ଧ୍ୟାରାଣୀ ବଡ଼ଜେନା, ବଦ୍ରିନାଥ ନାୟକ, ବନିତା ଜେନା, ସଞ୍ଜିତ ଦାସ, ପାର୍ବତୀ ସୋରେନ୍, ଦିଲୀପ କୁମାର ପୃଷ୍ଟି, ଅଭିଷେକ ଜେନା ଓ ରାଜନ କୁମାର ସ୍ୱାଇଁ ସହଯୋଗ କରିଥିବା ବେଳେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ପାଇକରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଜ୍ଞାନଯଜ୍ଞରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ମାଧ୍ୟମରେ ସ୍ଥାୟୀ ବିକାଶ ଲକ୍ଷ୍ୟ

ପୁରୀ, ୧୫।୧୧ (ଅଜିତ୍ କୁମାର ମହାନ୍ତି)

ସ୍ଥାୟୀ ବିକାଶ ଲକ୍ଷ୍ୟ ବା ସଷ୍ଟେନବଲ୍ ଡେଭଲପମେଣ୍ଟ ଗୋଲ୍ ସମ୍ପର୍କରେ ଏକ ବିଜ୍ଞାନ ପ୍ରଦର୍ଶନୀ ଶୁକ୍ରବାର ପୂର୍ବାହ୍ନରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୫୧ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏହାକୁ ଉଦ୍‌ଘାଟନକରିବା ସହ ନିରନ୍ତର ବିକାଶ ଲକ୍ଷ୍ୟରେ ଏହି ପ୍ରକଳ୍ପଗୁଡ଼ିକ ସହଯୋଗ କରିପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ପିଲାମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଓ ଦକ୍ଷତା ରହିଛି। ଏଭଳି ପ୍ରଦର୍ଶନୀ ତାହାର ପରିପ୍ରକାଶ ଦିଗରେ ସହାୟକ ହେବ ବୋଲି ସେ କହିଥିଲେ। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ଭୂଦାନ ଯଜ୍ଞର ସଂସ୍ଥାପକ ଥିଲେ ଆଚାର୍ଯ୍ୟ ବିନୋବା



ବରିଷ୍ଠ ନାଗରିକମାନେ ବିନୋବା ଭାବେଙ୍କ ଶ୍ରାଦ୍ଧବାର୍ଷିକକୁ ପାଳନ କରୁଛନ୍ତି।

ପୁରୀ, ୧୫।୧୧ (ଅଜିତ୍ କୁମାର ମହାନ୍ତି)

ସମ୍ବାଦ ସହଯୋଗୀ ଜାଗରଣ, ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପକ୍ଷରୁ ସର୍ବୋଦୟନଗର ଠାରେ ଶନିବାର ଆଚାର୍ଯ୍ୟ ବିନୋବା ଭାବେଙ୍କ ୪୩ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିନୋବାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ମତ ପ୍ରକାଶ ପାଇଥିଲା ଯେ, ବିନୋବା ଭାବେଙ୍କର 'ଭୂଦାନ ଆନ୍ଦୋଳନ'ର ଧାରଣା ୧୯୫୧ ମସିହାରେ ଜନ୍ମ ନେଇଥିଲା। ସେତେବେଳେ ସେ ଆନ୍ଧ୍ରପ୍ରଦେଶର ଗ୍ରାମଗୁଡ଼ିକରେ ଭ୍ରମଣ କରୁଥିଲେ। ସେଠାରେ ଯେତେବେଳେ ସେ ଭୂମିହୀନ ଅସ୍ପୃଶ୍ୟ ବା ହରିଜନ ଲୋକମାନଙ୍କ ପାଇଁ ଜମିଦେବା ଅନୁରୋଧ କଲେ, ତେବେ ଜଣେ ଜମିଦାର୍ ସେମାନଙ୍କୁ ଗୋଟିଏ ଏକର ଜମି ଦେବା ପାଇଁ ପ୍ରସ୍ତାବ ରଖିଲେ। ଏହି ଘଟଣା ପରେ ବିନୋବା ଭାବେ ଗ୍ରାମେ ଗ୍ରାମେ ଘୁରି ଭୂମିହୀନ ଲୋକଙ୍କ ପାଇଁ ଜମି ଦାନ କରିବାକୁ ଆହ୍ୱାନ କରିବା ଆରମ୍ଭ କଲେ ଏବଂ ଏହି ଦାନକୁ ସେ ଗାନ୍ଧୀଜୀଙ୍କ ଅହିଂସା ସିଦ୍ଧାନ୍ତ ସହ ସମ୍ପର୍କିତ କାର୍ଯ୍ୟ ବୋଲି କହିଥିଲେ। ଭାବେଙ୍କ ମତାନୁସାରେ, ଏହି ଭୂମି ସୁଧାର କାର୍ଯ୍ୟକ୍ରମଟି ହୃଦୟ ପରିବର୍ତ୍ତନର ମାଧ୍ୟମରେ ହେବା ଉଚିତ୍ ବୋଲି ଅତିଥିମାନେ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ପରିଷଦ ପକ୍ଷରୁ ଖବରଦାତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଗୌରାଙ୍ଗ ପରିଡ଼ା, ଉପେନ୍ଦ୍ର ସିଂହ, ସତ୍ୟ ନାରାୟଣ ମିଶ୍ର, ରାଘବା ନନ୍ଦ ଦାଶ, ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ, ନରସିଂହ ମହାନ୍ତି, ଗୋଲକ ଚନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ରାଉତ, ପ୍ରାକ୍ତନ ପୋଲିସ ଦେବେନ ଦାଶ, ସନ୍ତୋଷ କୁମାର ମହାନ୍ତି, କୃପାସିନ୍ଧୁ ରାଉତରାୟ, ଅଜୟ କୁମାର ଦାଶ, ବନମାଳୀ ପୃଷ୍ଟି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତପନ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏକଲବ୍ୟ ପାଠଶାଳାରେ ଶିଶୁ ଦିବସ

ପୁରୀ, ୧୫।୧୧ (ଅଜିତ୍ କୁମାର ମହାନ୍ତି)

ବଳିଆପଣ୍ଡା ଦାମୋଦର ରୋଡ଼ସ୍ଥିତ ଭାରତ ଯୋଗ କେନ୍ଦ୍ରରେ ଚାଲୁଥିବା ଏକଲବ୍ୟ ପାଠଶାଳାରେ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଛି। ପୁରୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଦି ବେଲ୍‌ର ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଏହି ଦିବସରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥିରେ ଅତିଥି ଭାବେ ଦି ବେଲ୍‌ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ସ୍ୱେଚ୍ଛାସେବୀ ସଂଗଠକ ସଞ୍ଜୟ ପ୍ରଧାନ, ବରିଷ୍ଠ ଖବରଦାତା ବିଜୟ ମିଶ୍ର, ସାମାଜିକ କର୍ମୀ ବନିତା ଦୀକ୍ଷିତ, ବରିଷ୍ଠ ସ୍ୱେଚ୍ଛାସେବୀ ରାଜଲକ୍ଷ୍ମୀ ଦାସ, ଯୁବ ଆଇନଜୀବୀ ସ୍ମୃତିରଞ୍ଜନ ପତି, ମଳୟ ଗଜେନ୍ଦ୍ର, ଆକାଶ ସିଂହ, ପ୍ରୀତି ପ୍ରିୟଦର୍ଶିନୀ ରାୟ, ଅନୁଷ୍ଠାନର ଗୁରୁ ଉମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ବୌଦ୍ଧିକ ଶକ୍ତି ବୃଦ୍ଧି ପାଇଲେ ଅନେକ ସଫଳତା ଆଣିଦେବ ବୋଲି ମତ ରଖିଥିଲେ। ପ୍ରାରମ୍ଭରୁ ଚାଚା ନେହରୁଙ୍କ ଫଟୋଚିତ୍ରରେ ଶିଶୁମାନେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଶିଶୁମାନଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ, ମରାଠୀ ନୃତ୍ୟ ବେଶ ଚିତ୍ତାକର୍ଷକ ହୋଇଥିଲା। ପରେ ଯୋଗ କରିବା ସହ ଗଣପତି ବାବା ଡ୍ୟାନ୍ସ ଓ ଭଜନ ପରିବେଷଣ କରିଥିଲେ। ଜୀବନଙ୍କ ଯୋଗ ଡ୍ୟାନ୍ସ ଅତିଥି ଓ ଅଭିଭାବକଙ୍କୁ ବିମୋହିତ କରିଥିଲା। ସେହିପରି ଦ୍ୱିତୀୟ ଦିନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଖବରଦାତା ଚନ୍ଦ୍ରଶେଖର ପାତ୍ର ଅତିଥି ଭାବେ ଯୋଗଦେଇ ଏହି ଅବସରରେ ଆୟୋଜିତ ବେଙ୍ଗ ଡିଆଁ, ଲେମ୍ବୁ ଚାମୁଚ, ଗଣିତ, ଦୌଡ଼ ଓ ଦଉଡ଼ି ଡିଆଁ ଖେଳ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ୟୁଥ୍ କ୍ଲବର ମୋନାଲିସା ଜେନା ସଂଯୋଜନା କରିଥିଲେ। ଶେଷରେ ଶିଶୁମାନଙ୍କୁ ଶୀତ ବସ୍ତ୍ର ,ଖାତା, ପେନ ଓ ବିସ୍କୁଟ ଇତ୍ୟାଦି ଅନୁଷ୍ଠାନ ତରଫରୁ ବଣ୍ଟନ କରାଯାଇଥିଲା।

## ମାତାପିତା ସହଭାଗିତା କାର୍ଯ୍ୟକ୍ରମ

ଡେଲାଙ୍ଗ, ୧୫।୧୧ (ରଶ୍ମିରଞ୍ଜନ ପ୍ରଧାନ)

ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗୁଆଳିପଡ଼ା ସେବାଶ୍ରମ ପରିସରରେ ମାତାପିତା ସହଭାଗିତା କାର୍ଯ୍ୟକ୍ରମ ତଥା ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। ପୁରୀ ଜିଲା ପ୍ରଶାସନ ତଥା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଗୋଲକ ବରାଳ ଅଧ୍ୟକ୍ଷତା କରିଥିବା ବେଳେ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରିଣୀ ସୁଲତା ପ୍ରଧାନ, ସଂଯୋଜକ ବସନ୍ତ କୁମାର ପ୍ରଧାନ, ସାଧନ କେନ୍ଦ୍ର ସଂଯୋଜକ ସୁଦୀପ୍ତ ପରିଡ଼ା, ସେବାଶ୍ରମର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର କୁଅଁର, ସାମାଜିକ କର୍ମୀ ହରେକୃଷ୍ଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କନ୍ୟାଶିଶୁ ଯତ୍ନ, ବାଲ୍ୟବିବାହ ନିରାକରଣ ଓ ଏହାର କୁପରିଣତି, ବାଲ୍ୟବିବାହ ଆଇନ, ଶିଶୁ ଶ୍ରମିକ ନିରାକରଣ ଆଇନ ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଅଭିଭାବକଙ୍କୁ ସଚେତନ କରାଇଥିଲେ। ବିର୍ସା ମୁଣ୍ଡା କିପରି ବ୍ରିଟିଶ୍ ସରକାରଙ୍କ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ଓ ମୁଣ୍ଡା ଲୋକମାନଙ୍କୁ ଏକାଠି କରି ରାଣୀଙ୍କ ଶାସନ ଶେଷ କରି ଆମ ସାମ୍ରାଜ୍ୟ ପ୍ରତିଷ୍ଠା କରିବାର ସ୍ଲୋଗାନ୍ ଦେଇଥିଲେ। ସେହିପରି ଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ କୁଇଜ୍ ସହିତ ନୃତ୍ୟ ପ୍ରତିଯୋଗିତା କରାଯାଇଥିବା ବେଳେ ଅଭିଭାବକଙ୍କ ମଧ୍ୟରେ ଝୋଟି, ମ୍ୟୁଜିକ୍ ଚେୟାର, ମାଣବସା ପୁସ୍ତକ ପଠନ ଓ ଅନୁବାଦୀକରଣ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ସେବାଶ୍ରମ ପ୍ରଧାନଶିକ୍ଷକ କୁଅଁର ସେବାଶ୍ରମର ଐତିହ୍ୟ, ସଫଳତା ଓ ସମସ୍ୟା ସମ୍ପର୍କରେ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ଶ୍ରୀଧର ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷକ ଦିଲୀପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

**ଫଟୋରେ ଖବର**




ଭାରତ ସେବାଶ୍ରମ ସଂଘର ଶତାବ୍ଦିକୀ ଉତ୍ସବରେ ଅତିଥିମାନେ 'ପୁରୀ ତୀର୍ଥାଶ୍ରମ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।




ହରଚଣ୍ଡୀ ସାହି ଶିଶୁ ମନ୍ଦିରର ଶିଶୁମାନେ ଶିଶୁଦିବସ ପାଳନ କରୁଛନ୍ତି।

## ୫ ମାସରେ ମୋବାଇଲ୍ ଚୋର ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୧୫।୧୧(ତ୍ରିନାଥ ମହାନ୍ତି): ଏକ ମୋବାଇଲ ଚୋରି ମାମଲାର ରାୟ ୫ ମାସରେ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜେଏମ୍‌ଏଫସି (୫ମ)ର ବିଚାରପତି ଇତିଶ୍ରୀ ମହାପାତ୍ର ଚୋରି ମାମଲାର ବିଚାର କରି ଆସାମୀ ବ୍ରଜମୋହନ କହଁରକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୋଲିସ ସୂଚନାନୁସାରେ, ଗତ ଜୁନ ୧୩ ତାରିଖ ଦିନ ଭରତପୁର ଭଗବତୀ କଲୋନୀର ବିକାଶ ନାୟକ ଘରେ ଶୋଇଥିଲେ। ସେହି ସମୟରେ ବ୍ରଜମୋହନ ତାଙ୍କ ଘରେ ପଶି ମୋବାଇଲ ଫୋନ, ବାଇକ ଚାବି ଓ ୨ ହଜାର ଟଙ୍କା ଚୋରି କରିନେଇଥିଲେ। ବିକାଶ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ସବ ଇନ୍ସପେକ୍ଟର ଶାନ୍ତନୁ କୁମାର ବେହେରା ବ୍ରଜମୋହନକୁ ଗିରଫ କରିବା ସହ ନିର୍ଦ୍ଧାରିତ ସମୟରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ।

ଅଦାଲତ ଘଟଣାର ସଂପୃକ୍ତ ସାକ୍ଷୀ ଓ ବିଭିନ୍ନ ଦସ୍ତାବିଜ ଆଧାରରେ ବ୍ରଜମୋହନକୁ ୫ ମାସର ଦଣ୍ଡାଦେଶ ଶୁଣାଇଛନ୍ତି ।

# କଳାଭୂମିରେ ପ୍ରଦର୍ଶିତହେଲା 'ସୁସମାନ୍', 'ଡେଡ୍ ମ୍ୟାନ୍'

### ଚଳଚ୍ଚିତ୍ର ସଂରକ୍ଷଣ, ପୁନରୁଦ୍ଧାର କର୍ମଶାଳାର ତୃତୀୟ ଦିବସ

ଭୁବନେଶ୍ୱର,୧୫।୧୧ (ସୌମ୍ୟରଞ୍ଜନ ରାଉତ)







ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ (ଏଫ୍‌ଏଚ୍‌ଏଫ୍) ପକ୍ଷରୁ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ କଳାଭୂମିଠାରେ ଚାଲିଥିବା ୧୦ମ ଚଳଚ୍ଚିତ୍ର ସଂରକ୍ଷଣ, ପୁନରୁଦ୍ଧାର କର୍ମଶାଳାର ଶନିବାର ଥିଲା ତୃତୀୟ ଦିବସ। କର୍ମଶାଳାରେ ଦେଶ ବିଦେଶରୁ ଯୋଗଦେଇଥିବା ୬୦ଜଣ ଶିକ୍ଷାର୍ଥୀ ପୁରୁଣା ଚଳଚ୍ଚିତ୍ରକୁ କିପରି ରଙ୍ଗିନ୍ ଭାବରେ ଉଦ୍ଧାର କରାଯିବ ଓ ନଷ୍ଟ ହୋଇଯାଇଥିବା ପୁରୁଣା ରିଲ୍ସଗୁଡ଼ିକୁ କେଉଁ ପ୍ରକାରର କେମିକାଲ୍ ମାଧ୍ୟମରେ ପୁନରୁଦ୍ଧାର କରାଯିବ ସେନେଇ ସ୍ୱତନ୍ତ୍ର ତାଲିମ୍ ପାଇଥିଲେ। ଦେଶ ବିଦେଶରୁ ଆସିଥିବା ଗେଷ୍ଟ୍ ଫାକଲ୍‌ଟି ଏ ସମ୍ପର୍କରେ ସୂଚନା ଦେବା ସହ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ କଳାଭୂମିଠାରେ ଶ୍ୟାମ୍ ବେନେଗଲ୍‌ଙ୍କ ନିର୍ଦ୍ଦେଶିତ ୧୯୮୭ ମସିହାର ହିନ୍ଦୀ ଚଳଚ୍ଚିତ୍ର 'ସୁସମାନ୍' ପ୍ରଦର୍ଶିତ ହୋଇଥିଲା। ଗ୍ରାମୀଣ ହସ୍ତତନ୍ତ ବୁଣାକାରଙ୍କ ସଂଘର୍ଷକୁ ଏହି ଚଳଚ୍ଚିତ୍ରରେ ଦର୍ଶାଯାଇଛି। ଏହି ଚଳଚ୍ଚିତ୍ରଟି ଭାରତୀୟ ଚଳଚ୍ଚିତ୍ର ମହୋତ୍ସବରେ ଭାରତୀୟ ପାନୋରାମା ପାଇଁ ମନୋନୀତ ହୋଇଥିଲା। ଏହାବାଦ୍ ଲଣ୍ଡନ ଚଳଚ୍ଚିତ୍ର ମହୋତ୍ସବ, ଚିକାଗୋ ଚଳଚ୍ଚିତ୍ର ମହୋତ୍ସବ, ଭାନକୁଭର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, ସିଡ୍‌ନୀ ଚଳଚ୍ଚିତ୍ର ମହୋତ୍ସବ ଏବଂ ମେଲବର୍ନ ଚଳଚ୍ଚିତ୍ର ମହୋତ୍ସବକୁ ନିମନ୍ତ୍ରିତ ହୋଇଥିଲା 'ସୁସ୍‌ମାନ'। ସେ ସମୟରେ ଏହାର ଲୋକପ୍ରିୟତା ଏତେ ଥିଲା ଯେ, ଏହାକୁ ନିର୍ଦ୍ଦେଶକ ପ୍ରିୟଦର୍ଶନ ତାମିଲ ଭାଷାରେ କାଞ୍ଚିଭରମ୍ ଭାବରେ ପୁନଃନିର୍ମାଣ କରିଥିଲେ। ସେହିପରି ୧୯୯୫ ମସିହାର ଆମେରିକୀୟ ୱେଷ୍ଟର୍ନ ଚଳଚ୍ଚିତ୍ର ଜିମ୍ ଜର୍ମୁସ୍‌ଙ୍କ ନିର୍ଦ୍ଦେଶିତ ଇଂଲିଶ୍ ଚଳଚ୍ଚିତ୍ର 'ଡେଡ୍ ମ୍ୟାନ୍' ପ୍ରଦର୍ଶିତ ହୋଇଥିଲା। ଏହି ଚଳଚ୍ଚିତ୍ରଟି ୱିଲିୟମ୍ ବ୍ଲେକ୍ ନାମକ ଜଣେ ନମ୍ର ହିସାବ ରକ୍ଷକଙ୍କ କାହାଣୀକୁ ବର୍ଣ୍ଣନା କରିଛି। ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବା ପରେ ସେ କିପରି ନିଜ ଜୀବନକୁ ରକ୍ଷା କରି ପଳାୟନ କରିବାକୁ ସମର୍ଥ ହୋଇଛନ୍ତି ଓ ସେ ସବୁଦିନ କିପରି ରହସ୍ୟମୟ ହୋଇଯାଇଛନ୍ତି, ତାହା ଏଥିରେ ଦେଖିବାକୁ ମିଳିଛି।

## ଜୋନାଥନ ଗ୍ରାନଫଙ୍କୁ 'କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର'



ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ବିଶ୍ୱ ଶାନ୍ତି, ପରମାଣୁ ନିରସ୍ତ୍ରୀକରଣ ଓ ଆଇନର ଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗ୍ଲୋବାଲ ସିକ୍ୟୁରିଟି ଇନ୍‌ଷ୍ଟିଚ୍ୟୁଟ୍‌ର ସଭାପତି ଜୋନାଥନ ଗ୍ରାନଫଙ୍କୁ ଶନିବାର 'କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଗ୍ରାନଫ ହେଉଛନ୍ତି ଜଣେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଇନଜ୍ଞ ଏବଂ ସେ ଦୀର୍ଘ ଦଶନ୍ଧି ଧରି ପରମାଣୁ ନିରସ୍ତ୍ରୀକରଣ ସପକ୍ଷରେ ବିଶ୍ୱବ୍ୟାପୀ ଅଭିଯାନ ଚଳାଇ ଆସୁଛନ୍ତି। ଏ ନେଇ ସେ ଆମେରିକା ସଂସଦ, ବ୍ରିଟେନ ସଂସଦ ଓ କାନା ସଂସଦରେ ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି। ଗ୍ରାନଫ ନୋବେଲ ଶାନ୍ତି ପୁରସ୍କାର ବିଜେତାଙ୍କ ବିଶ୍ୱ ସମ୍ମିଳନୀର ବରିଷ୍ଠ ପରାମର୍ଶଦାତା ଭାବେ କାମ କରିବା ସହ ଅନେକ ଆନ୍ତର୍ଜାତିକ ବୋର୍ଡରେ ବିଭିନ୍ନ ପଦବୀରେ ରହିଛନ୍ତି। ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଆମେରିକା ବାର୍ ଆସୋସିଏଶନ ୨୦୨୦ରେ ଜୀବନ ବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋଆରେ ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ହେବ

ଭୁବନେଶ୍ୱର,୧୫।୧୧(ସୁଚିସ୍ମିତା ସାହୁ)

ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ନେଇ ଶନିବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ୟାପିଟାଲ ହସ୍ପିଟାଲସ୍ଥିତ ରାଜ୍ୟ ଭିନ୍ନକ୍ଷମ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ନିର୍ଦ୍ଦେଶିକା ପଟୱାରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ବିଭିନ୍ନ ବିଭାଗ ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ମୁତୟନ କରିବା ଉପରେ ଗୁରୁତ୍ୱ ଦେବା ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ କହିଥିଲେ। ଆସନ୍ତା ଡିସେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ସୋଆ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସୋଆସ୍ଥିତ ଖେଳପଡ଼ିଆରେ ଦୃଷ୍ଟିବାଧିତ ମହିଳାଙ୍କ ମଧ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ। ଏହି ଅବସରରେ ଭିନ୍ନକ୍ଷମ ବ୍ୟକ୍ତି , ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନୁଷ୍ଠାନ ତରଫରୁ ବିଭିନ୍ନ ଷ୍ଟଲ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଷ୍ଟଲ ରେଜିଷ୍ଟ୍ରେଶନ ପାଇଁ ବିଭାଗୀୟ ୱେବ୍‌ସାଇଟ୍‌ରେ ଏକ ଆପ୍ ବ୍ୟବସ୍ଥା କରାଯାଇଛି। ବିଭାଗୀୟ ଅଧିକାରୀମାନେ ସୋଆ ବିଶ୍ୱବିଦ୍ୟାଳୟ ଗସ୍ତକରି ଏହି ଉତ୍ସବର ସଫଳ କାର୍ଯ୍ୟକାରିତା ନିମନ୍ତେ ଦାୟିତ୍ୱରେ ଥିବା ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କ ସହ ବୈଠକ କରିଥିଲେ। ବୈଠକରେ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତୋ ଓ ସନ୍ତୋଷ ବେହେରାଙ୍କ ସମେତ ସୋଆ ବିଶବିଦ୍ୟାଳୟର ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।



ଆଦିବାସୀ ପଡ଼ିଆରେ ଚାଲିଥିବା ଅନ୍ତର୍ଜାତୀୟ ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବର ଶନିବାର ଉଦ୍‌ଯାପନୀ ଅବସରରେ କ୍ରିସ୍‌ମସ୍ ଉତ୍ସବ ପାଳନ କରାଯାଉଛି।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆଲୋକ ଶତପଥୀଙ୍କ ପରଲୋକ

ମଙ୍ଗୁଳି-ଜଗତପୁର,୧୫।୧୧(ମାନସ ସାମଲ)



ଚୌଦ୍ୱାରସ୍ଥିତ ଓଟିଏମ୍ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆଲୋକ ଶତପଥୀ(୮୩)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଗତ ୯ତାରିଖରେ ପରଲୋକ ଘଟିଛି। ସେ ୧୯୪୩ ଫେବୃଆରୀ ୭ରେ କଟକର ଆଡ୍‌ଭୋକେଟ ଇନ୍ଦ୍ରମଣି ମିଶ୍ର ଓ ରାଜମଣି ଦେବୀଙ୍କ କୋଳମଣ୍ଡନ କରିଥିଲେ। ସ୍ୱର୍ଗତ ଶତପଥୀ ରେଭେନ୍‌ଶା ଗର୍ଲସ ହାଇସ୍କୁଲ କଟକ, ଶୈଳବାଳା ମହିଳା ମହାବିଦ୍ୟାଳୟ କଟକ, ରାଧାନାଥ ଟ୍ରେନିଂ କଲେଜ, କଟକରେ ଉଚ୍ଚଶିକ୍ଷା ଲାଭ କରିବା ପରେ ଦୀର୍ଘ ୩୩ ବର୍ଷ କାଳ ଓଟିଏମ୍ ହାଇସ୍କୁଲ, ଚୌଦ୍ୱାରରେ ଶିକ୍ଷକତା କରିଥିଲେ। ଚାକିରିରୁ ଅବସର ପରେ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ବାସଭବନରେ ରହୁଥିଲେ। ଜଣେ ଆଦର୍ଶ, କର୍ମଠ ତଥା ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଭାବରେ ତାଙ୍କର ସୁନାମ ରହିଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ମଧ୍ୟମ ପୁତ୍ର ଡ. ଅମ୍ବରୀଶ ଶତପଥୀ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ପୁତ୍ରବଧୂ ଅଧାପିକା ଡ. ଆର୍. ସ୍ୱରୂପା, ରୁବି ଶତପଥୀ, ନାତି ବୋଧିସତ୍ତ୍ୱ ଶତପଥୀ, ଦତ୍ତାତ୍ରେୟ ଶତପଥୀ, ନାତୁଣୀ ହର୍ଷା ଶତପଥୀ ସମେତ ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଓଟିଏମ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜିତେନ ରାଉତଙ୍କ ସମେତ ସମସ୍ତ ଷ୍ଟାଫ ଓ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ନିରଞ୍ଜନ, କାନ୍ତିଲତାଙ୍କୁ ବିଶେଷ ସମ୍ମାନ

### ଅନ୍ତର୍ଜାତୀୟ ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବ

ଭୁବନେଶ୍ୱର,୧୫।୧୧(ସୁଚିସ୍ମିତା ସାହୁ)



ସ୍ୱାଭିମାନ ପକ୍ଷରୁ ଆଦିବାସୀ ପଡ଼ିଆରେ ୪ଦିନ ଧରି ଚାଲିଥିବା ଅନ୍ତର୍ଜାତୀୟ ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବ ଶନିବାର ଆଦିବାସୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଡ. ଶ୍ରୁତି ମହାପାତ୍ର ଓ ଡ. ସଙ୍ଗୀତା ଗୋସାଇଁଙ୍କ ରଚିତ ସଙ୍ଗୀତ ମାଧ୍ୟମରେ ୪ର୍ଥ ଦିବସ ଉତ୍ସବର ଶୁଭାରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ, ଅତିଥିଭାବେ ସ୍ୱାଭିମାନର ପ୍ରତିଷ୍ଠାତା ଡ. ଶ୍ରୁତି ମହାପାତ୍ର, କ୍ୟୁରବୟର ପ୍ରତିଷ୍ଠାତା ପ୍ରିୟଦର୍ଶୀ ମହାପାତ୍ର, ଓରାଲ ଆଣ୍ଡ୍ ମ୍ୟାକ୍ସିଲୋଫେସିଆଲ ସର୍ଜନ ତଥା ଅଞ୍ଜଳିର ସ୍ୱେଚ୍ଛାସେବୀ ଡା. ତାପସ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଜଳି ଆୱାର୍ଡ ଦିଆଯିବା ସହ ଅଞ୍ଜଳି ସ୍କଲାର୍ସଙ୍କୁ ସମ୍ମାନିତ କରାଯାଇଥିଲା। ନିରଞ୍ଜନ ମୁଣ୍ଡା ଏବଂ କାନ୍ତିଲତା ଶୁଙ୍କୁ ବିଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ କ୍ୟାମ୍ପ ବୁଲେଟିନ ରିଲିଜ କରାଯାଇଥିଲା। ସ୍ପେଶାଲ ରିସୋର୍ସ ପର୍ସନ୍ସର ରାମ୍ପ ଚାଲି ପ୍ରଦର୍ଶନ ହୋଇଥିଲା। ତା'ପରେ ନୂଆଦିଲ୍ଲୀରୁ ଆସିଥିବା ଟିମ୍ ଦ୍ୱାରା 'ରାମାୟଣ ଅନ୍ ହ୍ୱିଲ୍ସ', 'ୱି ଆର୍ ୱାନ' ପରିବେଷଣ କରାଯାଇଥିଲା। ସେହିପରି ଅପରାହ୍ଣରେ ଅଞ୍ଜଳି କ୍ୟାମ୍ପରେ ଓଏସ୍‌ସିପିଆର୍ ଅଧ୍ୟକ୍ଷା ବବିତା ପାତ୍ର ଯୋଗଦେଇ ଅଞ୍ଜଳିରେ 'ଆନନ୍ଦ ଉତ୍ସବ ବା ଫେଷ୍ଟିଭାଲ ଅଫ୍ ଜୟ'କୁ ଉଦଘାଟନ କରିଥିଲେ। ଏହି ଉତ୍ସବ ପ୍ରେମ, ସହାନୁଭୂତି ଓ ଏକତାର ବାର୍ତ୍ତା ଦେଉଥିବା କହିଥିଲେ। ଅତିଥି ଭାବେ କସ୍ତୁରୀ ମିଶ୍ର, ଚନ୍ଦନା ଦାସ, ମନସ୍ମିତା ଖୁଣ୍ଟିଆ, ଡା. ଅମିତାଭ ବେହେରା, ପ୍ରଫେସର ସୁସ୍ମିତା ଜେନା, ରାଜେଶ ପଣ୍ଡା ଓ ପ୍ରିୟା ସାହୁ ପ୍ରମୁଖ ଯୋଗଦେଇ କ୍ରିସ୍‌ମସ୍ ଉତ୍ସବ ପାଳନ କରିଥିଲେ।

## ମେଲାଣି ନେଲେ କାର୍ତ୍ତିକେଶ୍ୱର

ବାରଙ୍ଗ/ତ୍ରିଶୁଳିଆ,୧୫।୧୧(ଲିଙ୍ଗରାଜ ରାଉତ/ତୁଷାର କାନ୍ତ ବେହେରା)



ବାରଙ୍ଗରେ ପ୍ରଭୁ କାର୍ତ୍ତିକେଶ୍ୱର ପୂଜାର ପ୍ରଥମ ପର୍ଯ୍ୟାୟ ଭସାଣି ଉତ୍ସବ ଶନିବାର ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଭସାଣି ଶୋଭାଯାତ୍ରାରେ ବଛିପୁରର ମା'ମଙ୍ଗଳା ସାହି, ଭୋଇସାହି, ବଛିପୁର, ଫୁଲପୋଖରି, କଣ୍ଟା ପାଟଣା, ଶ୍ରିବନ୍ତପୁର, ପଞ୍ଚୁପାଳ, ଗଦେଇକୁଦକୁ ମିଶାଇ ମୋଟ୍ ୮ଟି ମେଢ଼ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଆକର୍ଷଣୀୟ ଲାଇଟ ସହ ପାରମ୍ପରିକ ଦେଖିବାକୁମିଳିଥିଲା। ଭସାଣିଉତ୍ସବ ଦେଖିବା ପାଇଁ ବାରଙ୍ଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ନାହିଁ ନ ଥିବା ଭିଡ ରହିଥିଲା। ସୀତାରାମ ବଜାର ପୂଜା କମିଟି ପକ୍ଷରୁ ସମସ୍ତ ମେଢ଼ ମୁରବୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାରଙ୍ଗ ଥାନା ଆଇଆଇସି ଦେବେନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୋଲିସ ମୁତୟନ ହୋଇଥିଲେ। ବାରଙ୍ଗ ଥାନା ନିକଟରେ ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ପ୍ରତାପ ଚନ୍ଦ୍ର ପାଣି ଓ ସମ୍ପାଦକ ସୁରେଶ ମହାନ୍ତିଙ୍କ ସମେତ ବହୁସଦସ୍ୟମାନେ ସମସ୍ତ ମେଢ଼ ମୁରବୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୁଦ୍ରଙ୍ଗଗଡ ବାରଙ୍ଗ ମହୋତ୍ସବ ପକ୍ଷରୁ ତୁଷାର କାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ବାରଙ୍ଗ ଥାନା ନିକଟରେ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା।

## କଟୁରି ଦେଖାଇ ଖବରକାଗଜ କର୍ମଚାରୀଙ୍କୁ ଲୁଟ

### ଅଭିଯୋଗ ପରେ ବି ପୋଲିସ ହାତ ଖାଲି

ଭୁବନେଶ୍ୱର, ୧୫।୧୧(ତ୍ରିନାଥ ମହାନ୍ତି)

ଭରତପୁର ଥାନା ଅଞ୍ଚଳରେ ଏକ ଖବର କାଗଜର କର୍ମଚାରୀ ଅଭିଜିତ ମହାପାତ୍ର ଲୁଟ୍‌ର ଶିକାର ହୋଇଛନ୍ତି। ତାଙ୍କ ଠାରୁ ମୋବାଇଲ୍ ,ଘଣ୍ଟା ଏବଂ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ଥାନାରେ ଅଭିଯୋଗ କରିବା ପରେ ବି ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନି। ଶୁକ୍ରବାର ବିଳମ୍ବିତ ରାତିରେ ୨ ଲୁଟେରା ଖଣ୍ଡଗିରି ତପୋବନ ସ୍କୁଲ ରାସ୍ତାରେ ଆତଙ୍କ ଖେଳାଇଛନ୍ତି। ଅଭିଜିତ ଏକ ଖବର କାଗଜ ସଂସ୍ଥାରେ ଆଇଟି ସେକ୍ସନରେ କାମ କରୁଛନ୍ତି। ସେ ନାକାଗେଟ୍ ଛକ ନିକଟରେ ଭଡ଼ାଘରେ ରହୁଛନ୍ତି। ଗତକାଲି ରାତି ସାଢେ ୧୨ଟାରେ ଅଭିଜିତ ଜାଗମରା ଅଫିସରୁ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ତପୋବନ ସ୍କୁଲ ସାମ୍ନା ନିଛାଟିଆ ରାସ୍ତାରେ ୨ଜଣ ଲୁଟେରା ଏକ ସ୍କୁଟିରେ ଆସି ତାଙ୍କୁ ଅଟକାଇଥିଲେ। ଅଭିଜିତ୍ ଅଟକିବାରୁ ଅଭିଯୁକ୍ତମାନେ ତାଙ୍କୁ ଛୁରି ଓ ତେଲେଙ୍ଗା କଟୁରୀ ଦେଖାଇ ମୋବାଇଲ୍ ଫୋନ୍ ଏବଂ ଘଣ୍ଟା ଛଡ଼ାଇ ନେଇଥିଲେ। ଏହି ସମୟରେ ନାକା ଗେଟ ପଟୁ ଏକ କାର ସେହି ରାସ୍ତା ଦେଇ ଆସିଥିଲା। ଲୁଟେରାଦ୍ୱୟ କାର ଲାଇଟ୍ ଦେଖି ଖସି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ଅଭିଜିତ ଜଣେ ଲୁଟେରାକୁ କାବୁ କରିଥିଲେ। ହେଲେ ସେ ଛୁରୀରେ ଆକ୍ରମଣ କରି ଖସିଯିବାକୁ ସଫଳ ହୋଇଥିଲେ ଦୁଇ ଲୁଟେରା।

## ଓଡିଏମ୍‌ର ବାର୍ଷିକୋତ୍ସବ 'ସ୍ୱେକ୍ସା' ଉଦ୍‌ଯାପିତ

ଭୁବନେଶ୍ୱର,୧୫।୧୧ (ଅନୁରାଧା ମହାରଣା)



ଛାତ୍ରୀଛାତ୍ରଙ୍କୁ ଆରମ୍ଭରୁ ଉତ୍ତମ ମାର୍ଗଦର୍ଶନ ଦେଲେ ଦେଶ ଓ ଜାତିର ଉନ୍ନତି ହୋଇପାରିବ। ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ସହ ଛାତ୍ର ସମାଜର ଚରିତ୍ର ଗଠନ ତଥା ଦେଶ ଓ ଜାତିର ଉନ୍ନତିରେ ସହାୟକ ହୋଇପାରିବ। ଏ କ୍ଷେତ୍ରରେ ମାତାପିତା, ଜେଜେମାଆ ଜେଜେବାପା, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ୩୬ତମ ବାର୍ଷିକୋତ୍ସବ 'ସ୍ୱେକ୍ସା-୨୦୨୫' (ଲିଜେଣ୍ଡସ୍ ନେଭର୍ ଡାଏ) ତଥା ପୂଜ୍ୟପୂଜା ସମାରୋହରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଉତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଡ.ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳି ପ୍ରସନ୍ନ ମହାପାତ୍ର ଯୋଗଦେଇଥିବାବେଳେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୁରୀ ଏମପି ଡ. ସମ୍ବିତ୍ ପାତ୍ର ଏବଂ ମିଜୋରାମ ବାଟାଲିଆନ୍‌ର କମାଣ୍ଡିଂ ଅଫିସର କର୍ଣ୍ଣେଲ୍ ସାଗର କେ. ମହାନ୍ତି ଯୋଗଦେଇଥିଲେ। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ ସ୍ୱାଗତ ଭାଷଣ ଦେବା ସହ ଓଡିଏମ୍‌ର ସଫଳତା ଯାତ୍ରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେବାକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରମୁଖ କର୍ମକର୍ତ୍ତା ହିମାଂଶୁ ଶେଖର ନାୟକଙ୍କୁ 'ଓଡିଏମ୍ ସେବା ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ଓ ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ପି.କେ.ଦାସ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ୍ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା 'ଲିଜେଣ୍ଡସ୍ ନେଭର୍ ଡାଏ' ଥିମ୍‌ରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ପରିବେଷଣ ହୋଇଥିଲା ।

## ୪୦ ସ୍ଥାନରେ ୧୩ ହଜାର ଶିଶୁଙ୍କ ପାଇଁ ଚଳଚ୍ଚିତ୍ର ସ୍କ୍ରିନିଂ ବ୍ୟବସ୍ଥା

### 'ଲେଟ୍‌ସ ଅଲ୍ ଗୋ ଟୁ ସିନେପଲିସ୍' ଅଭିଯାନ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)



ଭୁବନେଶ୍ୱର ସିନେ ପଲିସ୍‌ଠାରେ 'ଲେଟ୍‌ସ ଅଲ୍ ଗୋ ଟୁ ସିନେପଲିସ୍' କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିଶୁମାନେ।

ରାଉଣ୍ଡ୍ ଟେବୁଲ୍ ଇଣ୍ଡିଆ(ଆର୍‌ଟିଆଇ) ସହଯୋଗରେ ସିନେପଲିସ୍ ଇଣ୍ଡିଆ ପକ୍ଷରୁ 'ଲେଟ୍‌ସ ଅଲ୍ ଗୋ ଟୁ ସିନେପଲିସ୍' ଅଭିଯାନର ଦଶମ ସଂସ୍କରଣ ଆୟୋଜନ କରାଯାଇଛି। ଏହା ଅଧୀନରେ ୪୦ଟି ସ୍ଥାନରେ ଥିବା ସିନେପଲିସ୍‌ରେ ୧୩ହଜାରରୁ ଅଧିକ ଶିଶୁଙ୍କ ପାଇଁ ଚଳଚ୍ଚିତ୍ରର କମ୍ପ୍ଲିମେଣ୍ଟାରି ମର୍ନିଂ ଶୋ' ଦେଖିବାର ସୁଯୋଗ ପ୍ରଦାନ କରାଯାଇଛି। ପିଲାମାନେ ହିନ୍ଦୀ ଓ ତେଲୁଗୁ ଭାଷାରେ 'ମହାଯୋଦ୍ଧା ରାମ' ଏବଂ ତାମିଲ ଓ କନ୍ନଡ ଭାଷାରେ 'କାନ୍ତାରା'ର ସ୍କ୍ରିନିଂ ଦେଖିଛନ୍ତି। ୨୦୧୪ରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଅଧୀନରେ ଆର୍ଥିକ ଅନଗ୍ରସର ପିଲାମାନଙ୍କୁ ବିଗ୍ ସ୍କ୍ରିନ୍ ଅନୁଭୂତି ପ୍ରଦାନ କରାଯାଉଛି। ଆର୍‌ଟିଆଇ ଏବଂ ସ୍କୁଲ ଓ ପିଲାମାନଙ୍କ ସହ ଜଡ଼ିତ ଅନୁଷ୍ଠାନଗୁଡ଼ିକର ମିଳିତ ଉଦ୍ୟମରେ ବର୍ତ୍ତମାନ 'ଲେଟ୍‌ସ ଅଲ୍ ଗୋ ଟୁ ସିନେପଲିସ୍' ଅଭିଯାନ ୪୫ହଜାରରୁ ଅଧିକ ଶିଶୁଙ୍କ ନିକଟରେ ପହଞ୍ଚିସାରିଛି। ଏନେଇ ସିନେପଲିସ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଦେବାଙ୍ଗ ସମ୍ପତ୍ କହିଛନ୍ତି, ପ୍ରତ୍ୟେକ ଶିଶୁଙ୍କୁ ଏକ ନିରାପଦ ପରିବେଶ ମଧ୍ୟରେ ବିଗ୍ ସ୍କ୍ରିନ୍ ଅନୁଭୂତି ଦେବା ପାଇଁ ଅଭିଯାନର ଆରମ୍ଭ ହୋଇଥିଲା। ୧୦ ବର୍ଷ ପୂରଣ ସହିତ ରାଉଣ୍ଡ୍ ଟେବୁଲ୍ ଇଣ୍ଡିଆ ଏବଂ ଆମର ଆଞ୍ଚଳିକ ସହଯୋଗୀମାନଙ୍କ ସହ ଏ ଉଦ୍ୟମକୁ ଜାରି ରଖି ସେ ଗର୍ବିତ ଥିବା କହିଛନ୍ତି। ରାଉଣ୍ଡ୍ ଟେବୁଲ୍ ଇଣ୍ଡିଆର ସଭାପତି ରଚିତ ବଂଶଲ କୁହନ୍ତି, ସିନେପଲିସ୍ ସହିତ ଆମର ସହଯୋଗିତା ମାଧ୍ୟମରେ ଅଧିକାଂଶ ସହରରେ ଥିବା ସିନେମା ଘରେ ଶିଶୁ ଦିବସକୁ ଜୀବନ୍ତ ରୂପ ଦିଆଯାଇପାରୁଛି। ଏହି ସହଯୋଗିତା ମାଧ୍ୟମରେ ପ୍ରତିବର୍ଷ ଶିଶୁମାନଙ୍କ ପାଇଁ ଏକ ସୁବ୍ୟବସ୍ଥିତ ଆଉଟିଂ ବ୍ୟବସ୍ଥା କରାଯାଉଥିବା ସୂଚନା ଦିଆଯାଇଛି।

# ‘ଗଡ଼ଜାତ ରାଜ୍ୟ ମିଶ୍ରଣ ପଟେଲଙ୍କ ଅଖଣ୍ଡତାର ପରିଚୟ ଦିଏ’

ଖୋର୍ଦ୍ଧା,୧୫।୧୧(ପ୍ରଭାତ ପାଣିଗ୍ରାହୀ)

ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଦେଶବ୍ୟାପୀ ଏକତା ମାର୍ଚ୍ଚ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଖୋର୍ଦ୍ଧାଠାରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଶନିବାର ଏକତା ପଦଯାତ୍ରା ଏବଂ ସଭା ଅନୁଷ୍ଠିତ ହୋଇଯାଇଛି। ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ ସଭାରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବିସ୍ମରଣୀୟ ଅବଦାନ ରହିଥିଲା। ସେ ଆଧୁନିକ ଭାରତର ନିର୍ମାତା ତଥା ଜଣେ ପ୍ରଚଣ୍ଡ ରାଷ୍ଟ୍ରଭକ୍ତ ଥିଲେ। ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। ଏହି ମାଟିରୁ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହ ପରବର୍ତ୍ତୀ ସମୟରେ ସମଗ୍ର ଭାରତବର୍ଷରେ ସଂଗ୍ରାମର ବୀଜ ବୁଣିଥିଲା। ଜୟୀ ରାଜଗୁରୁଙ୍କଠାରୁ ଆରମ୍ଭ କରି ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଙ୍ଗଠିତ ପାଇକ ବୀରଙ୍କ ବୀରତ୍ୱ ଦେଶମାତୃକା ପ୍ରତି ରହିଥିବା ପ୍ରତିବଦ୍ଧତାର ପ୍ରକାଶ କରୁଛି। ଦେଶର ସଂଗ୍ରାମରେ ବଳିଦାନ ଦେଇଥିବା ସମସ୍ତ ରାଷ୍ଟ୍ରନାୟକଙ୍କୁ ଯଥୋଚିତ ସମ୍ମାନ ଦେବା ବିକଶିତ ରାଷ୍ଟ୍ର ନିର୍ମାଣ ପାଇଁ ସଙ୍କଳ୍ପ ନେବାକୁ କହିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ୧୮୭୫ ଅକ୍ଟୋବର ୩୧ରେ ପଟେଲଙ୍କ ଜୟନ୍ତୀଙ୍କୁ ଜାତୀୟ ଏକତା ଦିବସ ପାଳନ କରାଯାଉଛି। ସ୍ୱାଧୀନତା ପରବର୍ତ୍ତୀ ସମୟରେ ୫୬୨ ଗଡ଼ଜାତ ରାଜ୍ୟକୁ ଭାରତ ସହ ସମ୍ମିଶ୍ରଣ କରି ଅଖଣ୍ଡ ଭାରତର ପରିକଳ୍ପନା କରିଥିଲେ। ତାହା ନ ହୋଇଥିଲେ ଭାରତର ମାନଚିତ୍ର କ'ଣ ହୋଇଥାନ୍ତା ତାହା କଳ୍ପନା ବାହାରେ ବୋଲି ସେ କହିଥିଲେ। ଗାନ୍ଧିଜୀଙ୍କ ପରି ସେ ମଧ ବ୍ରିଟେନରୁ ଓକିଲାତି ପାସ କରି ୧୯୧୩ରେ ଭାରତକୁ ପ୍ରତ୍ୟାବର୍ତ୍ତନ କରି ନିଜର ଅସାଧାରଣ ପ୍ରତିଭା ବଳରେ ଆଇନସେବା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତାର ସଂଗ୍ରାମର ଝାସ ଦେଇଥିଲେ। ବର୍ଦ୍ଦୋଳି ବିଦ୍ରୋହ ତାଙ୍କ ବଳିଷ୍ଠ ନେତୃତ୍ୱକୁ ସାରା ଦେଶ ଦେଖିଥିଲା। ଏହି ନେତୃତ୍ୱରୁ ଜନସାଧାରଣ ତାଙ୍କୁ ଲୌହ ମାନବ ଆଖ୍ୟା ଦେଇଥିଲେ। ଜାତୀୟ କଂଗ୍ରେସର ନେତୃତ୍ୱ ନେଇଥିଲେ। ସ୍ୱାଧୀନୋତର ଭାରତରେ ଜାତୀୟ କଂଗ୍ରେସର ପୂର୍ଣ୍ଣ ସମର୍ଥନ ସତ୍ତ୍ୱେ ନେହେରୁଙ୍କୁ ପ୍ରଧାନମନ୍ତ୍ରୀ ପଦ ଛାଡି ଦେଇଥିଲେ। ଏହିସଭାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ତହସିଲଦାର ବିଭାସ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ, ଖୋର୍ଦ୍ଧା ଭାରପ୍ରାପ୍ତ ବିଡିଓ ରୁମାନା ଜାଫ୍ରି, ଜିଲା କ୍ରୀଡ଼ାଧିକାରୀ ଗୀତାଞ୍ଜଳି ପଣ୍ଡା, ସାଂସଦଙ୍କ ପ୍ରତିନିଧି ଦିଲୀପ ହୋତା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏକତା ପଦଯାତ୍ରା ବିଜେବି ହାଇସ୍କୁଲ ଖେଳପଡ଼ିଆରୁ ବାହାରି ସହର ପରିକ୍ରମା କରି ପୁନଃ ସେଠାରେ ଶେଷ ହୋଇଥିଲା। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏହି ପଦଯାତ୍ରା ଉଦ୍‌ଘାଟନ କରିଥିଲେ। ଶତାଧିକ ଯୁବକ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ବିଭିନ୍ନ ବର୍ଗର ଜନସାଧାରଣରେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।


ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟ ଅତିଥି।

# ଡଲ୍‌ଫିନ୍‌ଙ୍କ ସୁରକ୍ଷା ପାଇଁ ବନ ବିଭାଗର ପଇଁତରା

କୃଷ୍ଣପ୍ରସାଦ,୧୫।୧୧
(କୈଳାସ ଚନ୍ଦ୍ର ପଟ୍ଟନାୟକ)



ଚିଲିକାରେ ବିଦେଶାଗତ ପକ୍ଷୀ ଏବଂ ଇରାୱାଡି ଡଲ୍‌ଫିନ୍‌ଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଏହି ଡଲ୍‌ଫିନ୍‌ଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ସ୍କ୍ୱାଡ୍ ଟିମ୍ ଡଲଫିନ ରହୁଥିବା ଚିଲିକାର ସୀମାରେ ପଇଁତରା ମାରୁଥିବା ସହ ଡଙ୍ଗା ଚାଳକଙ୍କୁ ସଚେତନ କରାଯାଉଛି। ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଜନସାଧାରଣ, ମତ୍ସ୍ୟଜୀବୀ, ବୁଦ୍ଧିଜୀବୀ, ମହିଳା ସଂଘ, ସ୍ୱେଚ୍ଛାସେବୀ ସଙ୍ଗଠନକୁ ନେଇ ମଧ ସଚେତନତା ଶିବିର ଆୟୋଜନ କରାଯାଇ ସଚେତନ କରାଯାଉଛି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନାଙ୍କ ନେତୃତ୍ୱରେ ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନା, ବନରକ୍ଷୀ ତ୍ରିଲୋଚନ ମହାରଣା, ସୁରକ୍ଷା କର୍ମୀ ଲଲାଟ କୁମାର ସ୍ୱାଇଁ, ଜୟନ୍ତ ଜେନା, ଶଶୀକାନ୍ତ ସେଠୀ, ରତ୍ନାକର ସେଠୀ, ଉପେନ୍ଦ୍ର ଜେନା ପ୍ରମୁଖ ଲଞ୍ଚ ନାଳ, କାଳିଜାଇ ନାଳ, ପାନଖିଆ, ପଞ୍ଚୁକଦି, ବନମାଳ, ଚତରା, ଚିଖିଲି, ପହଣ୍ଡା, ଚିତ୍ରକୋଟ ଆଦି ଅଞ୍ଚଳରେ ନଜର ରଖିଛନ୍ତି। ସେହିପରି ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଡଲ୍‌ଫିନ୍‌ଙ୍କ ସୁରକ୍ଷା ଉପରେ ନଜର ରଖାଯାଇଛି। ଡଙ୍ଗା ଚାଳକଙ୍କୁ ଡଲ୍‌ଫିନ୍‌ଙ୍କଠାରୁ କେତେ ଦୂରରେ ରହିବା, ଡଲ୍‌ଫିନ୍ ବିଚଳିତ ହେବା ଭଳି କିଛି କାର୍ଯ୍ୟ ନ କରିବା, ଚିଲିକାରେ ବର୍ଜ୍ୟବସ୍ତୁ ପଲଥିନ ଏବଂ ପ୍ଲାଷ୍ଟିକ ବୋତଲ ନ ପକାଇବା ପାଇଁ ନୌଚାଳକଙ୍କୁ ପରାମର୍ଶ ଦିଆଯାଉଛି। ନିୟମ ଉଲ୍ଲଂଘନ କଲେ ଦଣ୍ଡିତ କରାଯିବ ବୋଲି ତାଗିଦ କରାଉଥିବା ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ବେହେରା କହିଛନ୍ତି। ବନବିଭାଗର କଡ଼ା ସୁରକ୍ଷା ଯୋଗୁ ଡଲଫିନ ଏବଂ ବିଦେଶାଗତ ପକ୍ଷୀ ସୁରକ୍ଷିତ ଥିବା ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି। ସାତପଡ଼ା ବନପାଳ ସୁଜିତ କୁମାର ବେହେରା, ଅରଖକୁଦା ବନପାଳ ପ୍ରଣୟ କୁମାର ଜୟସିଂହ, ରାଜହଂସ ବନପାଳ ବିଶ୍ୱନାଥ ଟୁଡୁଙ୍କ ସମେତ ସୁରକ୍ଷା କର୍ମୀ ପ୍ରତ୍ୟହ ପଇଁତରା ଦେଉଥିବା ଜଣାପଡ଼ିଛି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ୨୦ ପ୍ରକଳ୍ପ

ବେଗୁନିଆ,୧୫।୧୧
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ବିଦ୍ୟାଳୟର ବାଳିକା ଓ ବାଳକ ବର୍ଗର ବାଲ୍ ବୈଜ୍ଞାନିକମାନେ ୨୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବାକର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପରିଛଳ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାତ କୁମାର ସାହୁ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ତଥା ବିଚାରକଭାବେ ବାଘମାରୀସ୍ଥିତ ରଘୁନାଥଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ବେହେରା ଓ ଶିକ୍ଷୟିତ୍ରୀ ଶ୍ୱେତା ଭଞ୍ଜ ଯୋଗଦେଇଥିଲେ। ଏଥିରେ ବାଲ୍ ବୈଜ୍ଞାନିକମାନଙ୍କ ଦ୍ୱାରା ପରିବେଶ, ବିଜ୍ଞାନ ଓ ଗଣିତ ଶୀର୍ଷକ ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକଙ୍କ ଦ୍ୱାରା ଚୟନ କରାଯାଇ ଛାତ୍ର ବିଜୟ କୃଷ୍ଣ ପ୍ରସାଦଙ୍କୁ ପ୍ରଥମ, ଅଜିତ ମହାରଣା ଦ୍ୱିତୀୟ ଏବଂ ବିଶ୍ୱଜିତ ବେହେରାଙ୍କୁ ତୃତୀୟ ସ୍ଥାନ ଭାବେ ମନୋନୀତ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟ ଶିକ୍ଷୟିତ୍ରୀ ସଂଘମିତ୍ରା ମହାଲିକ, ହୀରାମତି ମଲ୍ଲିକ, ଶିକ୍ଷକ ମନୋଜ କୁମାର ସାହୁଙ୍କ ସମେତ ସମସ୍ତ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।



ଚିଲିକା ଶେଲ୍‌ଡକ୍ ଅନ୍ତର୍ଜାତୀୟ ଲୋକ ସଂସ୍କୃତି ଉତ୍ସବ ଉଦ୍‌ଘାଟନୀ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଚିଲିକା ଶେଲ୍‌ଡକ୍ ଅନ୍ତର୍ଜାତୀୟ ଲୋକ ସଂସ୍କୃତି ଉତ୍ସବ ଉଦ୍‌ଘାଟିତ

ବାଲୁଗାଁ,୧୫।୧୧(ସଂଗ୍ରାମ ପାଇକରାୟ)

## ଦକ୍ଷିଣକୋରିଆ ସମରକଳା ମନମୋହିଲା

ବାଲୁଗାଁ ନିକଟ ବଡ଼କୁଳସ୍ଥିତ ଓଡି ଆର୍ଟ ସେଣ୍ଟରରେ ଶନିବାର ୧୧ଶ ଚିଲିକା ଶେଲ୍‌ଡକ୍ ଅନ୍ତର୍ଜାତୀୟ ଲୋକ ସଂସ୍କୃତି ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଅତିଥିଭାବେ ଭିଏତ୍‌ନାମ ଅମ୍ବାସି ଜେନି ଲୁଇସ୍, ପୂର୍ବତନ ସଚିବ ସୁନୀଲ କୁମାର ମିଶ୍ର, ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କ ସମେତ ଓଡି ଆର୍ଟ ପ୍ରତିଷ୍ଠାତା ପ୍ରସନ୍ନ କୁମାର ଦାସ ଏବଂ ଉତ୍ସବ ଚେୟାରମ୍ୟାନ ହେଲେନା ଆଚାର୍ଯ୍ୟ ଉପସ୍ଥିତ ରହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିଥିମାନେ ଓଡ଼ିଶାର ଲୋକକଳା ଓ ସଂସ୍କୃତିକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏହା ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦକ୍ଷିଣ କୋରିଆରୁ ଆସିଥିବା କଳାକାରଙ୍କ ଦ୍ୱାରା ପରିବେଷିତ ସମରକଳା ଉପସ୍ଥିତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଏଥିସହ ମଣିପୁରର ଥାଙ୍ଗ ତା ନୃତ୍ୟ, ଓଡ଼ିଶା ପାଇକ ନୃତ୍ୟ ଏବଂ ମୟୂରଭଞ୍ଜ ଛଉନୃତ୍ୟ ଆଦି କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୪ଦିନ ଧରି ହେବାକୁ ଥିବା ଏହି ଉତ୍ସବରେ ପ୍ରତ୍ୟେକ ଦିବସରେ ବିଭିନ୍ନ ଲୋକ କଳା ସମେତ ଆଞ୍ଚଳିକ ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ନେଇ ଶଙ୍ଖନାଦ, ହୁଳହୁଳି, ମଟକା ରେସ, କବାଡି, ପୁଚି ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ହେବ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି

ନିରାକାରପୁର,୧୫।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ସଖାସଂଘ କ୍ରୀଡ଼ା ସାଂସଦର ୩୨ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ରାମେଶ୍ୱର ପଞ୍ଚାୟତର ବ୍ୟାରେଜ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିପିନ କୁମାର ଜୟସିଂହ ପୌରୋହିତ୍ୟ କରିଥିବା ବେଳେ ପ୍ରାୟ ୧୦୦ଜଣ ସଭ୍ୟ ଉପସ୍ଥିତ ରହି ଟୁର୍ନାମେଣ୍ଟ କିପରି ସୁରୁଖୁରୁରେ ପରିଚାଳନା ହେବ, ସେନେଇ ମତାମତ ରଖିଥିଲେ। ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପୂର୍ବରୁ ଯେଉଁସବୁ ପଦବୀ ରହିଥିଲା, ସେଗୁଡ଼ିକ ସେଭଳି ବଳବତ୍ତର ରହିବା ସହିତ ଉପସଭାପତି ଭାବେ ମାନସ ଚନ୍ଦ୍ର ପଟ୍ଟନାୟକ, କାର୍ଯ୍ୟକାରିଣୀ ସଭାପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, କାର୍ଯ୍ୟକାରିଣୀ ସମ୍ପାଦକ ଦୀପକ ପ୍ରଧାନ, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ପ୍ରସାଦ ଦାସ ଏବଂ ଏକ୍‌ଜିକ୍ୟୁଟିଭ୍ ସଭ୍ୟ ଭାବେ ଅଜୟ କୁମାର ଜଗଦ୍ଦେବଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। କମଳଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ବାଣପୁର ଓକିଲ ସଂଘର ବାର୍ଷିକୋତ୍ସବ

ବାଣପୁର,୧୫।୧୧(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଓକିଲ ସଂଘର ୪୬ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ବୃନ୍ଦାବନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

ସମ୍ମାନିତ ଅତିଥିଭାବେ ଓଡ଼ିଶା ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସନ୍ତୋଷ ମହାପାତ୍ର ବେଦପାଠ କରିଥିବା ବେଳେ ସଂଘ ସମ୍ପାଦକ ଜଗଦୀଶ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ହରିଚନ୍ଦନ ତାଙ୍କ ଅଭିଭାଷଣରେ ନୂତନ ଆଇନ, ନୂତନ ଅଦାଲତ ଖୋଲିବା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଆଇନ କ୍ଷେତ୍ରରେ ନିଆଯାଇଥିବା ବ୍ୟାପକ ସଂସ୍କାର ବିଷୟରେ କହିଥିଲେ। ସଂଘ ଅନୁରୋଧକ୍ରମେ ବାଣପୁରରେ ଏଡିଜେ କୋର୍ଟ ସ୍ଥାପନ ପୂରଣ ହୋଇଥିବାରୁ ଓକିଲ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଶେଷରେ ସଂଘ ଉପସଭାପତି ପଦ୍ମଜା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ଅନ୍ୟ ସଦସ୍ୟଙ୍କ ସମେତ ଚିଲିକା ଓକିଲ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସହ ସମ୍ପାଦକ ନରେନ୍ଦ୍ର କୁମାର ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରସନ୍ନ ଜେନା, ସନ୍ତୋଷ ମହାପାତ୍ର, ଭି. କାମେଶ୍ୱର ଆଚାରୀ ପ୍ରମୁଖ ସହଯୋଗ କରିଥିଲେ। ରାତିରେ ସଂଘ ସଦସ୍ୟଙ୍କ ଦ୍ୱାରା ସାମାଜିକ ନାଟକ ‘ତୁ ବୋଧେ ମୋ ଭାଗ୍ୟରେ ନାହୁଁ’ ପରିବେଷଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ବୋଧନ ଦେଉଛନ୍ତି।

# ୯୮ ଛାତ୍ରୀଛାତ୍ରଙ୍କ ହେଲା ଚକ୍ଷୁ ପରୀକ୍ଷା

ଟାଙ୍ଗୀ,୧୫।୧୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ମନୋରମା ସାହୁ, ରୂପାଲି ପାତ୍ରଙ୍କ ସହଯୋଗରେ ୯୮ଜଣ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଅଧିକ ପରୀକ୍ଷା ପାଇଁ ବ୍ଲକ ପକ୍ଷରୁ ହେବାକୁ ଥିବା ଚକ୍ଷୁ ପରୀକ୍ଷା ଶିବିରରେ ଯୋଗଦେବା ନିମନ୍ତେ ୫ଜଣ ପିଲାଙ୍କୁ ପରାମର୍ଶ ଦିଆଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ ଏବଂ ସ୍ୱାସ୍ଥ୍ୟ କର୍ମୀ କାହ୍ନୁ ଚରଣ ପରିଡ଼ା ଉପସ୍ଥିତ ଥିଲେ।

# ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ,୧୫।୧୧(ରଘୁନାଥ ସାହୁ)

ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଏବଂ କାଳୁପଡ଼ା ଘାଟ ଭାରତୀୟ ବିଦ୍ୟାନିକେତନର ମିଳିତ ଆନୁକୂଲ୍ୟରେ ପକ୍ଷୀ ସୁରକ୍ଷା ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରୁ ଛାତ୍ରୀଛାତ୍ରମାନେ ଏକଶୋଭାଯାତ୍ରାରେ ବାହାରି ପକ୍ଷୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ଜରିପଡ଼ା, ଜଟିଆପାଟଣା, ବାଉଶଂମୂଳ, ମାଟିଆପଡ଼ା ଆଦି ଗ୍ରାମ ପରିକ୍ରମା କରିଥିଲେ।

କାଳୁପଡ଼ାଘାଟ ଚିଲିକାକୂଳ ପେଣ୍ଠଠାରେ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ଅଧକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବନ୍ୟପ୍ରାଣୀ ରେଞ୍ଜର ଚିତ୍ରସେନ ଜେନା, ମୁଖ୍ୟ ବକ୍ତା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, କବୟିତ୍ରୀ ଶଶିରେଖା ନାଥଶର୍ମା, ବିଦ୍ୟାଳୟ ଶିକ୍ଷା ସେତୁ ସଭାପତି ଶେଷଦେବ ରାୟ ଗୌରବ, ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବିଦେଶାଗତ ପକ୍ଷୀ ଆମର ଅତିଥି, ସେମାନଙ୍କର ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ। ଚିଲିକାର ଜୈବ ବିବିଧତାକୁ ରକ୍ଷା କରିପାରିଲେ ଚିଲିକାର ସୁରକ୍ଷା ହୋଇପାରିବ ବୋଲି ମତ ରଖିଥିଲେ। ମୁକ୍ତେଶ୍ୱର ଫରେଷ୍ଟର ମୀନା କୁମାରୀଙ୍କ ସମେତ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାଇବର ସୁରକ୍ଷା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର



ଖୋର୍ଦ୍ଧା,୧୫।୧୧(ପ୍ରଭାତ ପାଣିଗ୍ରାହୀ)

ଶିଶୁ ଦିବସ ପାଳନ ଅବସରରେ ସାଇବର ଅପରାଧ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରିଥିଲେ। ଖୋର୍ଦ୍ଧା ଜିଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ଅନାଦି ଚରଣ ସେଠୀ, ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆୟୋଜିତ ରାଲିକୁ ଶୁଭାରମ୍ଭ କରିବା ସହ ଜନସାଧାରଣଙ୍କୁ ସାଇବର ଅପରାଧକୁ ରୋକିବା ଦିଗରେ ସଚେତନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, କାଉନ୍‌ସିଲର ପ୍ରବୀଣା ଜଗଦ୍ଦେବ ରାୟ, କାଉନ୍‌ସିଲର ଅଜିତ ମହାପାତ୍ର, ସାମାଜିକକର୍ମୀ ପ୍ରଭାତ ପାଣିଗ୍ରାହୀ, ଖବରଦାତା ପ୍ରକାଶ କୁମାର ହାତୀ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ଆଦ୍ୟାଶା ମହାପାତ୍ରଙ୍କ ସଂଯୋଜନାରେ କୁନି ଶିଶମାନେ ବିଭିନ୍ନ ଫ୍ୟାନି ଡ୍ରେସରେ ସଜ୍ଜିତ ହୋଇଥିଲେ। ଏଥି ପୂର୍ବରୁ ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ବାଲ କ୍ରୀଡାବିତ୍‌ମାନଙ୍କୁ ଅତିଥିମାନେ ମେଡାଲ ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

# ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡାଙ୍କ ବଳିଦାନ ଅନନ୍ୟ

ଖୋର୍ଦ୍ଧା,୧୫।୧୧(ପ୍ରଭାତ ପାଣିଗ୍ରାହୀ)

## ୮ ସରପଞ୍ଚଙ୍କୁ ସିଏଫ୍‌ଆର୍, ସିଏଫ୍‌ଆର୍‌ଆର୍ ପତ୍ର ବଣ୍ଟନ

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଶନିବାର ମହାନ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ସ୍ଥାନୀୟ ଜୟୀରାଜଗୁରୁ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମ୍ରିତ୍ ଋତୁରାଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଏକାମ୍ର ବିଧାୟକ ବାବୁ ସିଂ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଡ.ଗିତାଂଶୁ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଜନଜାତୀୟ ଗୌରବ ଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ, ବାର୍ତ୍ତା ସିଧା ପ୍ରସାରଣ କରାଯାଇଥିଲା।

ମୁଖ୍ୟ ଅତିଥି ମନ୍ତ୍ରୀ ହରିଚନ୍ଦନ ବିର୍ସା ମୁଣ୍ଡାଙ୍କ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି, ଜନଜାତିଙ୍କ ଅଧିକାର, ସୁରକ୍ଷା ଦିଗରେ ଅବଦାନ ସମ୍ପର୍କରେ କହିଥିଲେ। ୧୮୭୫ ମସିହା ଆଜିର ଦିନ(ନଭେମ୍ବର ୧୫) ଝାଡ଼ଖଣ୍ଡ ଉଲିହାତୁ ଗ୍ରାମରେ ବିର୍ସାଙ୍କ ଜନ୍ମ। ଆଜି ହେଉଛି ବିର୍ସାଙ୍କ ୧୫୦ତମ ଜନ୍ମ ବାର୍ଷିକୀ। ତ୍ୟାଗ, ବଳିଦାନ ଜନଜାତିଙ୍କ ଇତିହାସକୁ ଋଦ୍ଧିମନ୍ତ କରିଛି। ଜନଜାତିଙ୍କ ପ୍ରତି ବ୍ରିଟିଶମାନଙ୍କ ଅକଥନୀୟ ଅତ୍ୟାଚାର, ଅନ୍ୟାୟ, ଶୋଷଣ ବିରୋଧରେ ସଶସ୍ତ୍ର ସଂଗ୍ରାମର ଡକାରା ଦେଇଥିଲେ ବିର୍ସା। ଊନବିଂଶ ଶତାବ୍ଦୀରେ ମାଟିର ମାଆ ସୁରକ୍ଷା ଏବଂ ଜନଜାତିଙ୍କ ଅଧିକାର ପାଇଁ ସେ ଡାକରା ଦେଇଥିଲେ ଉଲଗୁଲାନ ବା ମୁଣ୍ଡା ବିଦ୍ରୋହ ଏକ ବିଦ୍ରୋହ ନ ଥିଲା ବରଂ ଆଦିବାସୀଙ୍କ ନ୍ୟାୟ, ସାଂସ୍କୃତିକ ପରିଚୟ ବହନ କରିଥିଲା। ବିର୍ସାଙ୍କ ବଳିଦାନର ଗାଥା ଆଦିବାସୀ ସମ୍ପ୍ରଦାୟର ମହାନ ବିପ୍ଳବୀମାନଙ୍କ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଭାରତର ସ୍ୱାଧୀନତା ସଂଗ୍ରାମରେ ଜନାଜାତିଙ୍କ ଅବଦାନ ଅତୁଳନୀୟ। ୨୦୨୧ ମସିହାରେ ଭାରତ ସରକାର ବିର୍ସାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଦ୍ୱାରା ବିର୍ସାଙ୍କ ତ୍ୟାଗ ବଳିଦାନ, ଜନଜାତିଙ୍କ ସଂଗ୍ରାମ ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇପାରିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଜିଲାସ୍ତରୀୟ ସମାରୋହରେ ବୋଲଗଡ଼, ବେଗୁନିଆ, ବାଣପୁର ତହସିଲ ଅର୍ନ୍ତଗତ ୮ଟି ପଞ୍ଚାୟତର ସମ୍ବନ୍ଧିତ ଗ୍ରାମଗୁଡ଼ିକର ସ୍ଥାନୀୟ ସରପଞ୍ଚମାନଙ୍କୁ ଗୋଷ୍ଠୀ ଜଙ୍ଗଲ ଅଧିକାର (ସିଏଫ୍‌ଆର୍) ଏବଂ ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଧିକାର (ସିଏଫ୍‌ଆର୍‌ଆର୍) ପତ୍ର ବଣ୍ଟନ କରାଯାଇଛି। ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜିଲାପାଳ ଅମ୍ରିତ୍ ଋତୁରାଜ ଏବଂ ଅନ୍ୟ ଅତିଥି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୧୧।୨୦୨୫

| | |
|---|---|
| ୫,୬୪,୯୪୯ ଟଙ୍କା | |
| ସୁନା | ୧୦.୪୮୦ ଗ୍ରାମ୍ |
| ରୁପା | ୮୭.୫୦୦ ଗ୍ରାମ୍ |

# ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରତୀକ ସର୍ଦ୍ଦାର ପଟେଲ

ବ୍ରହ୍ମଗିରି,୧୫।୧୧(ସ୍ୱାଧୀନ ଚମ୍ପତିରାୟ)

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏକ ଭାରତ ଓ ଶ୍ରେଷ୍ଠ ଭାରତର ପ୍ରତୀକ ଥିଲେ ବୋଲି ଶନିବାର ବ୍ରହ୍ମଗିରି ଗଡ଼ରୋଡ଼ଙ୍ଗଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀରେ ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର ଯୋଗଦେଇ କହିଛନ୍ତି। କ୍ରୀଡ଼ା ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଏମ୍‌ପି ଡା. ପାତ୍ରଙ୍କ ସହ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ଉଦ୍‌ଘାଟନ କରିବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ସର୍ଦ୍ଦାର ବଲ୍ଲଭ ଭାଇଙ୍କ ଫଟୋଚିତ୍ର, ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏମ୍‌ପି ଡା. ପାତ୍ର ଓ ବିଧାୟିକା ମହାପାତ୍ର ସର୍ଦ୍ଦାର ପଟେଲଙ୍କ ସ୍ମୃତିଚାରଣ କରିବା ପରେ ପଦଯାତ୍ରା କାଳିକାବାଡ଼ି ଛକ, ଡାବା ଛକ ଦେଇ କେରାଣ୍ଡିଆ ହେଲିପ୍ୟାଡ୍ ପଡ଼ିଆଠାରେ ପହଞ୍ଚିଥିଲା। ଏହି ପଦଯାତ୍ରାରେ ବ୍ରହ୍ମଗିରିର କେତେକ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ସ୍ୱେଚ୍ଛାସେବୀମାନେ ସାମିଲ ଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ ।

ସଭାରେ ମୁଖ୍ୟ ଅତିଥି ଭାବେ ସମ୍ବିତ୍ ପାତ୍ର ଯୋଗଦେଇ ଅଭିଭାଷଣରେ କହିଥିଲେ, ଏକ ସୂତ୍ରରେ ରହିଲେ ଦେଶର ବିକାଶ ଓ ଉନ୍ନତି ସମ୍ଭବ ବୋଲି ଅନୁଭବ କରି ୫୬୦ରୁ ଊର୍ଦ୍ଧ୍ୱ ରାଜରାଜୁଡ଼ା ଶାସନତନ୍ତ୍ରକୁ ଲୌହମାନବ ଭାରତବର୍ଷରେ ସାମିଲ କରିଥିଲେ। ବିଶେଷକରି ହାଇଦ୍ରାବାଦ, ଜମ୍ମୁ-କଶ୍ମୀର ଓ ଜୁନାଗଡ଼ ଗଡ଼ଜାତକୁ ମିଶ୍ରଣ କରାଇବାରେ ସର୍ଦ୍ଦାର ପ୍ରମୁଖ ଭୂମିକା ନେଇଥିଲେ। ସର୍ଦ୍ଦାରଙ୍କ ବୀରତ୍ୱ, ଦେଶପ୍ରେମ ଓ ସାହସକୁ ସମ୍ମାନ ଜଣାଇ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଛି, ଯେଉଁଥିରେ ଦେଶର ପ୍ରତିଟି ଗ୍ରାମରୁ ସଂଗୃହୀତ ଲୁହା ବ୍ୟବହୃତ ହୋଇଥିଲା। ଚଳିତବର୍ଷ ମଧ ବନ୍ଦେ ମାତରମ୍ ସଂଗୀତର ୧୫୦ ବର୍ଷ ପୂର୍ତ୍ତିକୁ ସରକାର ପାଳନ କରୁଛନ୍ତି। ଲୌହମାନବଙ୍କ ଜୀବନ ଆମକୁ ଆଦର୍ଶ, ଉନ୍ନତ ରାଷ୍ଟ୍ର ନିର୍ମାଣର ପ୍ରେରଣା ଦିଏ। ବ୍ରହ୍ମଗିରି ମଧ ବୀର ପାଇକ ମାଟି। ସଂଗ୍ରାମୀ ମାଟିରୁ ଆରମ୍ଭ ଏହି ପଦଯାତ୍ରା ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଆତ୍ମନିର୍ଭର ଭାରତର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବ୍ରହ୍ମଗିରି ବିଡିଓ ମନୀଷା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୧୬୦ ଜଣଙ୍କ ଚକ୍ଷୁ ପରୀକ୍ଷା

ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୀର ହେରିଟେଜ୍ ହଲ୍ ଠାରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଗୁଗୁଲ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁପ୍ରିୟା ପଟ୍ଟନାୟକ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀଙ୍କ ଅନୁମତି ଏବଂ ସହଯୋଗରେ ଏହି ପଦକ୍ଷେପ ନେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଜିଲା କାର୍ଯ୍ୟକାରିଣୀ କମିଟି ୱାଇଆର୍‌ସି ପୁରୀର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ, ୱାଇଆରସି ସମ୍ମିଳନୀ ସଚିବ ଶୋଭନା ତ୍ରିପାଠୀ, ୱାଇଆର୍‌ସି ପରାମର୍ଶଦାତା ଡ. ସଙ୍ଗୀତା ମିଶ୍ର, ଡ. ପ୍ରମୋଦ କୁମାର ତ୍ରିପାଠୀ, ମୁଖ୍ୟ ନିର୍ଦ୍ଦେଶକ ଡ. ଆଲୋକ କୁମାର ସାହୁ, ଲିଙ୍କ ଚକ୍ଷୁ ଚିକିତ୍ସାଳୟ, କଟକ, ସତ୍ୱବାଦୀ ଦାଶ, ରାଜ୍ୟ ସଭାପତି, ଭାରତ ବିକାଶ ପରିଷଦ ଏବଂ ଅଧ୍ୟକ୍ଷ ଥିବା ସୁପ୍ରିୟା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରଖାନା କର୍ମଚାରୀଙ୍କ ସହ ଡ. ଆଲୋକ କୁମାର ସାହୁଙ୍କ ନେତୃତ୍ୱରେ କଟକର ଲିଙ୍କ ଚକ୍ଷୁ ଚିକିତ୍ସାଳୟର ଏକ ବିଶେଷଜ୍ଞ ଦଳ ଏହି ଶିବିର ପରିଚାଳନା କରିଥିଲେ। ଛାତ୍ରୀଛାତ୍ର, କର୍ମଚାରୀ ସମେତ ୧୬୦ ଜଣ ବ୍ୟକ୍ତି ଚକ୍ଷୁ ପରୀକ୍ଷା କରିଥିଲେ।

### ଆଇନ ସଚେତନତା ଶିବିର

ପୁରୀ,୧୫।୧୧(ଅଜିତ୍‌କୁମାର ମହାନ୍ତି)

ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାଇ ମ୍ୟୁନିସିପାଲ ନୋଡାଲ ହାଇସ୍କୁଲ ଠାରେ ଆଇନ ସେବା ପ୍ରାଧିକରଣ ତରଫରୁ ତାଲିକାଭୁକ୍ତ ପାଠ୍ୟକ୍ରମ ତ୍ୟାଗ କରିଥିବା ଛାତ୍ରୀଛାତ୍ରଙ୍କ ଉପରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିବା ସହ ଜବାହାର ଲାଲ ନେହରୁଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ତାଙ୍କ ଜୀବନରେ ଘଟିଥିବା ବିଭିନ୍ନ ଘଟଣାବଳୀକୁ ଉଦାହରଣ ଦେଇ କିପରି ସେହି ଗୁଣଗୁଡ଼ିକ ଛାତ୍ରୀଛାତ୍ରମାନେ ନିଜ ଜୀବନରେ ଉପଯୋଗ କରିପାରିବେ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ହୋତା, ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗୀତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଏବଂ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ଏଥିପାଇଁ ଆହ୍ୱାନ ଦେଇଥିଲେ।

# ମହାପ୍ରଭୁଙ୍କୁ ଦର୍ଶନକଲେ ବିଧାୟକ ଜୟ ଢୋଲକିଆ



ନୂଆପଡା ବିଧାୟକ ଜୟ ଢୋଲକିଆ ଶନିବାର ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି ।

ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)

ଉପନିର୍ବାଚନରେ ବିଜୟ ଲାଭ କରିଥିବା ନୂଆପଡ଼ା ବିଧାୟକ ଜୟ ଢୋଲକିଆ ଶନିବାର ସପରିବାର ସହ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ଜୟ ପରିବାର ସହ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଢୋଲକିଆ ଓ ତାଙ୍କ ପରିବାର ସଦସ୍ୟ ରତ୍ନସିଂହାସନ ରଢ ଶ୍ରୀବିଗ୍ରହଙ୍କ ଦର୍ଶନ କରି ଆଶିଷଲାଭ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ମା' ଲକ୍ଷ୍ମୀ, ବିମଳା ଓ ଅନ୍ୟାନ୍ୟ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଢୋଲକିଆ ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲୁ। ମହାପ୍ରଭୁଙ୍କ ଆଶୀର୍ବାଦରୁ ବିଜୟ ହାସଲ କରିପାରିଛୁ। ନୂଆପଡ଼ାବାସୀଙ୍କର ଏହି ବିଜୟ ହୋଇଛି। ଭାଜପା ସହ ତାଙ୍କ ବାପା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଏ ବିଜୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ, ଭାଜପାର ସମସ୍ତ ନେତା ଓ କର୍ମକର୍ତ୍ତାଙ୍କର ଏହି ବିଜୟ। ବାପା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଅଧୁରା ସ୍ୱପ୍ନ ପୂରଣ କରିବା ଏବଂ ନୂଆପଡ଼ାବାସୀଙ୍କୁ ଉନ୍ନତି ପାଇଁ ମହାପ୍ରଭୁ ମତେ ଶକ୍ତି ପ୍ରଦାନ କରନ୍ତୁ, ସେନେଇ ପ୍ରାର୍ଥନା କରିଛି ବୋଲି ଢୋଲକିଆ କହିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଦଳର ଅନେକ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ହାଡ଼ଭଙ୍ଗା ଚିକିତ୍ସକ ପ୍ରଭାତ ଚନ୍ଦ୍ର ପରିଡ଼ାଙ୍କ ଦେହାନ୍ତ

ସାକ୍ଷୀଗୋପାଳ,୧୫।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ହଜାର ହଜାର ହାଡ଼ଭଙ୍ଗା ରୋଗୀଙ୍କୁ ବିଭିନ୍ନ ପ୍ରାକୃତିକ ଉପାୟରେ ସେକ ଦେଇ ଆରୋଗ୍ୟ କରୁଥିବା ଚିକିତ୍ସକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାତ ଚନ୍ଦ୍ର ପରିଡ଼ା(୭୩)ଙ୍କ ଶନିବାର ଦେହାନ୍ତ ହୋଇଛି। ସତ୍ୟବାଦୀ ବ୍ଲକ ମଧୁବନ ପଞ୍ଚାୟତ ଡାହାଣ କୁମ୍ଭାରପଡ଼ା ଗ୍ରାମରେ ସ୍ୱର୍ଗତ ପରିଡ଼ା ଜନ୍ମଗ୍ରହଣ କରିଥିଲେ। ବ୍ରହ୍ମଗିରି, ଛୋଟପୁର, ମଧୁବନ, କଣାସ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଜଣେ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ ଭାବେ ବେଶ୍ ପରିଚିତ ଥିଲେ। ଶିକ୍ଷକତା ବୃତ୍ତି ସହିତ ସତ୍ୟବାଦୀ, ଡେଲାଙ୍ଗ, ବ୍ରହ୍ମଗିରି, କଣାସ ଓ ପୁରୀ ସଦର ଅଞ୍ଚଳର ହାଡ଼ଭଙ୍ଗା ରୋଗୀଙ୍କୁ ସେକ ଦେଇ ସମ୍ପୂର୍ଣ୍ଣ ଆରୋଗ୍ୟ କରୁଥିବାରୁ ଏବେ ତାଙ୍କର ମୃତ୍ୟୁ ଖବର ଅଞ୍ଚଳବାସୀଙ୍କ ମନରେ ଗଭୀର ପ୍ରଭାବ ପକାଇବା ସହ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟିହେଲା ବୋଲି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ପରିଡ଼ା ଓ ଅନ୍ୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଚିକିତ୍ସକ ସ୍ୱର୍ଗତ ପରିଡ଼ାଙ୍କ ମରଶରୀର ପାଖରେ ତାଙ୍କର ୩ ପୁତ୍ର, ୨ ଝିଅ ଓ ସମ୍ପର୍କୀୟଙ୍କ ସହ ଡାହାଣ ବାସୁଦେବ ଯୁବକସଂଘ ଓ ଡାହାଣ ଗ୍ରାମ୍ୟ ବିକାଶ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ମଧୁମେହ ସଚେତନତା ପଦଯାତ୍ରା

ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ହାର୍ଟ ଫାଉଣ୍ଡେଶନ ଏବଂ କୋରୋନା ରିମେଡିଜ୍‌ର ମିଳିତ ଆନୁକୂଲ୍ୟରେ ନଭେମ୍ବର ୧୪ ତାରିଖ ଶୁକ୍ରବାର ମଧୁମେହ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରୁ ବାହାରି ଗୁଣ୍ଡିଚା ମନ୍ଦିର ଯାଏ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିବା ପରେ ସେଠାରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡ. ଅଶୋକ ପରିଡ଼ା, ଡ. ହରି ବଲ୍ଲଭ ମହାପାତ୍ର, ଡ. ଶାନ୍ତନୁ ଜେନା, ଡ. ଗୀରିଶ ବେହେରା, ଡ. ଗୋପାଳ ପତି ତଥା ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଏବଂ ସାମାଜିକ କର୍ମୀ ଗୌରହରୀ ପ୍ରଧାନ, ଶକ୍ତି ନାୟକ, କାବା ମହାପାତ୍ର, ସଂଗ୍ରାମ କାନୁନ୍‌ଗୋ, ବିଶ୍ୱନାଥ ପଣ୍ଡା ଏବଂ ଶ୍ୟାମପ୍ରକାଶ ସେନାପତି ଯୋଗଦେଇ ମଧୁମେହ ଭୟାବହତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ମାନସ ନାୟକ ଏବଂ କରୋନା ରିମେଡିଜ୍‌ର ଗୋବିନ୍ଦ ଦାଶ ପରିଚାଳନା କରିଥିଲେ।

## ଆଶ୍ରମ ସ୍କୁଲରେ ମାତାପିତା ସହଭାଗିତା ବୈଠକ

ଚାରିଛକ, ୧୫।୧୧(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଆଶ୍ରମ ସ୍କୁଲରେ ମାତାପିତା ସହଭାଗିତା ବୈଠକ ଓ ଜନଜାତୀୟ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଭୋଦର ସିଆର୍‌ସିସି ମଧୁସୂଦନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ସୁକାନ୍ତ କୁମାର ପାତ୍ର, ଚିନ୍ମୟ ମିଶ୍ର, ମନୋରଞ୍ଜନ କୁଣ୍ଡ, ସରୋଜିନୀ ସ୍ୱାଇଁ, ପରିଚାଳନା କମିଟି ଉପସଭାପତି ସ୍ୱପ୍ନାରାଣୀ ପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଉକ୍ତ ବୈଠକରେ ଭଗବାନ୍ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଓ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ମାତାପିତାଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଶଙ୍କର ମଲ୍ଲିକ, ପ୍ରଦେଶ ବସ୍ତିଆ, ଦେବ ଶବର, ଶିକ୍ଷୟିତ୍ରୀ ରଶ୍ମିତା ସାହୁଙ୍କ ସମେତ କର୍ମଚାରୀ ପ୍ରତିମା କାଣ୍ଡି, ସ୍ନିଗ୍ଧାସିନୀ ସିଂ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

## ପ୍ରବନ୍ଧ ପ୍ରତିଯୋଗିତାରେ ବିଜୟୀଙ୍କୁ ସମ୍ବର୍ଦ୍ଧନା

ବଳଙ୍ଗା,୧୫।୧୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ନିକଟସ୍ଥ କମାକଣ୍ଡିଆ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଭାବନା ପ୍ରଧାନ ରାଜ୍ୟସ୍ତରୀୟ ସୁରଭି-୨୦୨୫ରେ ପୁରୀ ଜିଲାରୁ ପ୍ରତିନିଧିତ୍ୱ କରି ବରିଷ୍ଠ ବିଭାଗ 'ପ୍ରବନ୍ଧ ଲିଖନ'ରେ ପ୍ରଥମ ସ୍ଥାନ ଅଧିକାରକରି ବିଦ୍ୟାଳୟ ତଥା ବ୍ଲକ ଏବଂ ଜିଲାର ସୁନାମ ବଢ଼ାଇଥିବାରୁ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ସେଠୀ ଏବଂ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ସମ୍ବର୍ଦ୍ଧିତ କରିଥିଲେ। ସୁରଭି କାର୍ଯ୍ୟକ୍ରମରେ 'ସାହିତ୍ୟ ସୃଜନୀ'ର ରାଜ୍ୟସ୍ତରୀୟ ସାଧନକର୍ମୀ ଶିକ୍ଷକ ବିଭୁପ୍ରସାଦ ପୃଷ୍ଟି ଏବଂ ବିଜୟିନୀ ଛାତ୍ରୀ ଭାବନା ପ୍ରଧାନ ନିଜର ଅନୁଭୂତି ପ୍ରକାଶକରି କହିଥିଲେ, ଠିକ୍ ପରିଶ୍ରମ ଏବଂ ଆଶୀର୍ବାଦ କେବେ ବ୍ୟର୍ଥ ଯାଏନାହିଁ। ସହକାରୀ ଶିକ୍ଷକ ସରୋଜ କୁମାର ଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ଦିବସରେ କୌତୁକ ପୋଷାକ ପ୍ରତିଯୋଗିତା



ପ୍ରତିଯୋଗିତାରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ।

ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)

ଶିଶୁ ଦିବସ ଅବସରରେ ଭଗବତୀ ବିଦ୍ୟାନିକେତନ ପକ୍ଷରୁ କୌତୁକ ପୋଷାକ ପ୍ରତିଯୋଗିତା ଅଠରନଳା ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଟ୍ୟକାର କୃଷ୍ଣଚନ୍ଦ୍ର କାନୁନ୍‌ଗୋ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଶିଶୁ ସାହିତ୍ୟିକ ଅଜୟ କୁମାର ସେଠୀ, ରାଇକିଶୋର ମହାନ୍ତି, ଗୀତିକାର କମଳାକାନ୍ତ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁରୀ ଆର୍ଟିଷ୍ଟ ଆସୋସିଏଶନ ସଭାପତି ସଂଗଠକ ଭରତ ନାୟକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ସଭାପତି ରମେଶ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ସଭାରେ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଶିକ୍ଷା ମୁକୁଳଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୪ ପ୍ରତିଯୋଗୀ କୌତୁକ ବେଶରେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ବିଶିଷ୍ଟ ମଞ୍ଚ ଅଭିନେତା ତଥା ନାଟ୍ୟକାର ମହେନ୍ଦ୍ର କୁମାର ଦାଶ, କଳ୍ପନା ମିଶ୍ର, ପ୍ରଦୀପ କୁମାର ଦାସ, ବିକାଶ ଦତ୍ତ, ନିବେଦିତା ଦାସ, ଗଣେଶ୍ୱର ଦାଶ ପ୍ରମୁଖ ବିଚାରକ ରୂପେ ଯୋଗଦେଇ ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ପ୍ରଜ୍ଞା ସାହୁ, ମମତା ଦାସ, ଗୋଲ୍‌ଡି ଭଞ୍ଜ, ମାନସୀ ଦାଶଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା' କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାଁ ଦାଣ୍ଡରେ ଅସୁସ୍ଥ ଯୁବତୀଙ୍କୁ ଆକ୍ରମଣ, ୩ ଅଟକ

ଯୋଗେଶ୍ୱରପୁର,୧୫।୧୧(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଓଟାଙ୍ଗ ଗାଁ ଦାଣ୍ଡରେ ଜଣେ ଯୁବତୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ୩ ଯୁବକଙ୍କୁ ଅଟକ ରଖିଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତ ଓଟାଙ୍ଗ ଗ୍ରାମରେ ଶନିବାର ଝୁନୁ ସ୍ୱାଇଁ (୨୪) ଜଣେ ରୋଗୀ ଅଟନ୍ତି। ଉକ୍ତ ଗ୍ରାମର ଭାଲୁ ଖଟେଇଙ୍କ ସହିତ ଝୁନୁ ସ୍ୱାଇଁଙ୍କ ପରିବାରର ଜମିବାଡ଼ି ବିବାଦ ଲାଗି ରହିଥିଲା। ଶନିବାର ଦିନ ଝୁନୁ ସ୍ୱାଇଁ ତାଙ୍କ ଅଗଣାରେ କୁସୁମ ଫୁଲ ଚାରା ଲଗାଉଥିବା ସମୟରେ ଆଦୁଲା ଖଟେଇ, ଭାଲୁ ଖଟେଇ, ପିଣ୍ଟୁ ଖଟେଇ, ଧଡ଼ି ଖଟୋଇ ମିଳିମିଶି ଯୁବତୀଙ୍କୁ ବିଧା ଗୋଇଠା ମାରି ଗାଁ ଦାଣ୍ଡରେ ତଳେ ପକାଇ ଘୋଷାରି ଘୋଷାରି ନେଇଥିଲେ। ଝୁନୁ ଜଣେ ରୋଗୀ ହୋଇଥିବାରୁ ନୟାହାଟ ଫାଣ୍ଡିକୁ ଏତଲା ଦେବାକୁ ଆସି ପ୍ରବଳ ବାନ୍ତି କରିଥିଲେ । ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କାଳ ବିଳମ୍ବ ନକରି ଗୁରୁତର ହୋଇଥିବା ଝୁନୁଙ୍କୁ ଚିକିତ୍ସା ପାଇଁ ଚାରିଛକ ପଠାଇଥିଲେ ଓ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ୩ଜଣଙ୍କୁ ଅଟକ ରଖିଛି। ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଲ୍ଲିକ ପ୍ରକାଶ କରିଛନ୍ତି।

# ନିରନ୍ତର ପୁନର୍ବାସ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିମାପଡ଼ା,୧୫।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ଥିତ ପିଙ୍ଗାଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପି. ପି. ଡବ୍ଲୁ. ଓ.) ଦ୍ୱାରା ପରିଚାଳିତ ଓ ପିଙ୍ଗାଳାକ୍ଷୀ କଲେଜ୍ ଅଫ ସ୍ପେଶିଆଲ ଏଜୁକେସନ୍ ଓ ଭାରତୀୟ ପୁନର୍ବାସ ପରିଷଦର ସ୍ୱୀକୃତିକ୍ରମେ ଏକ ତିନିଦିନିଆ ନିରନ୍ତର ପୁନର୍ବାସ ଶିକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ପି. ପି. ଡବ୍ଲୁ. ଓ. ର ସାଧାରଣ ସମ୍ପାଦକ ଗଗନ ବିହାରୀ ଦାସ, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି, ଜନ୍ମେଜୟ ସ୍ୱାଇଁ, ମୌସୁମୀ ରାୟସିଂ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ଓ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ, ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଡ. ପ୍ରଶାନ୍ତ ରଥ, ଜନ୍ମେଜୟ ସ୍ୱାଇଁ, ମୌସୁମୀ ରାୟସିଂ, ଗଗନ ବିହାରୀ ଦାସ, ଶିବାନନ୍ଦ ମିଶ୍ର, ଦୀକ୍ଷା କଟିୟୁର, ଅଧାପିକା ସର୍ଣ୍ଣଲତା ପଣ୍ଡା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ପ୍ରଜ୍ଞା ପରମିତା ବେହେରା, ଅପର୍ଣ୍ଣା ବଲ୍ଲଭ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ଓଡ଼ିଶାର ବିଭିନ୍ନ ଜିଲାରୁ ୧୫୦ (ଦେଢ଼ଶହ) ସ୍ୱତନ୍ତ୍ର ଶିକ୍ଷକ, ସମ୍ବଳ ଶିକ୍ଷକ ଓ ଭିନ୍ନକ୍ଷମଙ୍କ ଥଇଥାନ ପାଇଁ କାର୍ଯ୍ୟ କରୁଥିବା ବହୁ ବିଶେଷଜ୍ଞ ଯୋଗ ଦେଇଥିଲେ। ପି. ପି. ଡବ୍ଲୁ. ଓ. ଅନୁଷ୍ଠାନର ପ୍ରଜ୍ଞା ପରମିତା ପରିଡ଼ା, ଭବାନୀଶଙ୍କର ମହାରଣା, ସ୍ମିତାହାସ୍ୟ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।



ଶିବିରରେ ଅତିଥିମାନଙ୍କ ଗହଣରେ ପ୍ରଶିକ୍ଷାର୍ଥୀ, ପ୍ରଶିକ୍ଷକ ଶିକ୍ଷକ ବୃନ୍ଦ।

# ଜାତି, ଦେଶ ଆଗକୁ ଯିବାରେ ସାହିତ୍ୟ ହିଁ ଏକମାତ୍ର ମାଧ୍ୟମ

ନିମାପଡ଼ା,୧୫।୧୧(ବିଚିତ୍ରାନନ୍ଦ ସାହୁ)



ପାଠଚକ୍ର ସମ୍ମାନରେ ମଞ୍ଚାସୀନ ଅତିଥିବୃନ୍ଦ।

ଆମ ଜାତି, ଦେଶ, ରାଷ୍ଟ୍ର ଆଗକୁ ଯିବାରେ ସାହିତ୍ୟ ହିଁ ସହାୟକ ହୋଇଥାଏ ଓ ଦିଗ୍‌ଦର୍ଶନ ଦେଇଥାଏ। ବ୍ୟକ୍ତିକୁ ସମାଜ ସହିତ, ସମାଜକୁ ରାଷ୍ଟ୍ର ସହିତ, ରାଷ୍ଟ୍ରକୁ ବିଶ୍ୱ ସହିତ ସାହିତ୍ୟ ହିଁ ଯୋଡ଼ିଥାଏ ବୋଲି ନିମାପଡ଼ା କଲେଜଠାରେ ଆୟୋଜିତ ଏକ ପାଠଚକ୍ର ସମ୍ମାନରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ମାସିକ ପାଠଚକ୍ର ସମ୍ମାନ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ, ଡ. ଶରତ ଚନ୍ଦ୍ର ରଥ, ଡ. ସଂଘମିତ୍ରା ମିଶ୍ର, ଶିକ୍ଷାବିତ୍ ନରେନ୍ଦ୍ର ମହାପାତ୍ର, କଲେଜର ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢ଼ୀ, ପ୍ରାଧ୍ୟାପକ ପ୍ରଦୀପ ଦାଶ, ସ୍ନାତକୋତ୍ତର ବିଭାଗର ସହସଂଯୋଜକ ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରିବା, ଆମ ଭାଷା ସାହିତ୍ୟକୁ ବିଶ୍ୱଦରବାରରେ ପହଞ୍ଚାଇବା, ସାହିତ୍ୟ ହିଁ ସମାଜର ଦର୍ପଣ ସଦୃଶ, ସାହିତ୍ୟ ହିଁ ଏ ସମାଜକୁ ଅନେକ କିଛି ଶିକ୍ଷା ଦେଇଥାଏ, ଦେଶ ବଢ଼ିବାରେ ସାହିତ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। ସମାରୋହରେ କଲେଜ ଅଧ୍ୟକ୍ଷା ଡ. ଅମିତା ମହାନାୟକ ଅଧ୍ୟକ୍ଷତା କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ଅଜୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇ ଏହି ପାଠଚକ୍ରର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍, ପ୍ରଫେସରମାନଙ୍କ ପ୍ରସଙ୍ଗ 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଧାରା ଓ ଧାରା, ଭାରତୀୟ ସଂସ୍କୃତିରେ ଭାରତ ଓ ଭାରତୀୟତା, ସ୍ୱାଧୀନତା ପରବର୍ତ୍ତୀ ନାଟକ ସଂକ୍ରାନ୍ତରେ ବିଶଦ୍ ଆଲୋଚନା କରାଯାଇଥିଲା। ସମାରୋହରେ କଲେଜର ବହୁ ଅଧ୍ୟାପିକା, ଅଧ୍ୟାପକ, ଓଡ଼ିଆ ବିଭାଗର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସମାରୋହରେ ଅଧ୍ୟାପିକା ଡ. ସଂଯୁକ୍ତା ପରିଡ଼ା ସଂଯୋଜନା ଓ ପରିଚାଳନା କରିଥିଲେ।

## ସଂକ୍ଷେପରେ

### 'ଶିଶୁମେଳା ଦ୍ୱାରା ଅନ୍ତର୍ନିହିତ ପ୍ରତିଭାର ବିକାଶ ହୁଏ'

କଟକ,୧୫।୧୧(କାର୍ତ୍ତିକ ସାହୁ)

କଟକ ଶିଶୁମେଳା କମିଟି ପକ୍ଷରୁ ଆୟୋଜିତ ୩ଦିନିଆ ଶିଶୁମେଳା ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ଉଦ୍‌ଯାପିତ ହୋଇଯାଇଛି। କଟକ ଶିଶୁ ମେଳା କମିଟିର ଅଧ୍ୟକ୍ଷ ବିଶ୍ୱଜିତ୍ ସୂର୍ଯ୍ୟବଂଶୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା ନ୍ୟାୟଧୀଶ ରତିକାନ୍ତ ମହାପାତ୍ର, ମୁଖ୍ୟବକ୍ତା ଚିକିତ୍ସାବିତ୍ ଡ. ବିଶ୍ୱଜିତ୍ କର ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବାମଦେବ ବରାଳ ଏବଂ ହେମନ୍ତ କୁମାର ଭରଦ୍ୱାଜ ଯୋଗଦେଇ ଶିଶୁମେଳା ଦ୍ୱାରା ଶିଶୁର ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇଥାଏ ବୋଲି କହିଥିଲେ। କଟକ ଶିଶୁ ମେଳା କମିଟିର ମହାସଚିବ ପୂର୍ଣ୍ଣଚନ୍ଦ୍ର ସାହୁ ବିବରଣୀ ପ୍ରଦାନ କରି ଆସନ୍ତା ବର୍ଷ ଏହି ଶିଶୁମେଳା ୫ ଦିନ ଧରି ସନ୍‌ଶାଇନ୍ ପଡ଼ିଆରେ ମହାସମାରୋହରେ ପାଳନ କରାଯିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭ୍ରାଂଶୁ ମିଶ୍ର ଏବଂ ମଞ୍ଜୁଲତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନିଶାସକ୍ତଙ୍କ ଆକ୍ରମଣରେ ଜଣେ ଗୁରୁତର

କଟକ ସଦର,୧୫।୧୧(ସୁଶାନ୍ତ କୁମାର ଜେନା)

କନ୍ଦରପୁର ଥାନା ଅନ୍ତର୍ଗତ ଅଥଙ୍ଗା ଗ୍ରାମ ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟି ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ୨ଜଣ ନିଶାସକ୍ତ ବ୍ୟକ୍ତି ଅକ୍ଷୟ ଜେନାଙ୍କୁ ମାଡ଼ ମାରି ଆହତ କରିଥିଲେ। ସମ୍ପୃକ୍ତ ଦୁଇ ନିଶାସକ୍ତଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବିରିଡ଼ି ଥାନା ଅନ୍ତର୍ଗତ ବୁଢ଼ାପଡ଼ା ଗ୍ରାମର ସୌମ୍ୟରଞ୍ଜନ ବେହେରା ଏବଂ ୪୨ମୌଜା ଥାନା ଅନ୍ତର୍ଗତ କଳପଡ଼ା ଗ୍ରାମର ସୁଶାନ୍ତ ବେହେରା। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ ଅକ୍ଷୟ ଘରକୁ ଫେରୁଥିବାବେଳେ ୩ ଜଣ ରାସ୍ତା ଅବରୋଧ କରି ମଦ ପିଉଥିଲେ। କିଛି କଥା ବାର୍ତ୍ତା ନ କରି ହଠାତ୍ ସେମାନେ ଅକ୍ଷୟଙ୍କୁ ମାଡ଼ ମାରି ଆହତ କରିଥିଲେ। ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଧରି ଆଣି ଥାନାରେ ଅଟକ ରଖି ପଚରାଉଚରା କରିଥିବା ବେଳେ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି।

# ଏସ୍‌ସିବିରେ ହୋଇପାରୁନି ସୌର ପ୍ୟାନେଲ ସ୍ଥାପନ

କଟକ,୧୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

**ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକୁ ଅଣଦେଖା**



ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ସୌର ପ୍ରକଳ୍ପ ବା ପ୍ୟାନେଲ ଲଗାଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିକାଲ୍ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଥିଲେ ହେଁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ମେଡିକାଲରେ ବିଭିନ୍ନ ସମୟରେ ବିଦ୍ୟୁତ୍ ବିଭ୍ରାଟ ଦେଖିବାକୁ ମିଳୁଛି। ବିଦ୍ୟୁତ ବିଲ୍ ଓ ଡିଜି ପରିଚାଳନା କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ, ସୌର ପ୍ୟାନେଲ କାର୍ଯ୍ୟକାରୀ ନ କରିବା ଏବେ ବଡ଼ ପ୍ରଶ୍ନ ପାଲଟିଛି।

ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ମେଡିକାଲରେ ପ୍ରାୟତଃ ବିଦ୍ୟୁତ୍ ସମସ୍ୟା ଦେଖା ଦେଇଥାଏ। ଏପରିକି କିଛି ବିଭାଗରେ ଡିଜି ସେଟ୍ ମଧ୍ୟ ରଖାଯାଇଛି। ହେଲେ ଏହି ଡିଜି ସହଯୋଗରେ ମେଡିକାଲରେ ପ୍ରାୟତଃ ଓଟି ଓ ଆଇସିୟୁରେ ଏସି କାମ କରି ନ ଥାଏ। ଯାହାଦ୍ୱାରା ରୋଗୀ ସେବାରେ ବାଧା ସୃଷ୍ଟି ହୋଇଥାଏ। ଏଭଳି ସମସ୍ୟା ନଜରକୁ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୨୨ ଅଗଷ୍ଟରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ସୌର ପ୍ୟାନେଲ ସ୍ଥାପନ କରିବାକୁ ଚିଠି କରାଯାଇଥିଲା। ଏପରିକି କେଉଁ କେଉଁ ବିଭାଗରେ ଏହା ସ୍ଥାପନ କରାଯିବ ସେନେଇ ସ୍ଥାନ ଚିହ୍ନଟ କରାଯାଇଥିଲା। ହେଲେ ଏହାକୁ ନେଇ ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ସୋଲାର ସ୍ଥାପନ କାମ ହୋଇ ପାରିନାହିଁ। ତେବେ ମେଡିକାଲର ଜନୈକ ଅଧିକାରୀଙ୍କ ସହ ଆଲୋଚନା ସମୟରେ ଜଣାପଡ଼ିଛି ଯେ, ମେଡିକାଲର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି ଏବଂ ନୂତନ କୋଠାରେ ଏହି ସୌର ପ୍ୟାନେଲ ଲଗାଯିବା ପାଇଁ ଯୋଜନା କରାଯାଉଛି ଏବଂ ଏବେର କୋଠାରେ ତାହା କାର୍ଯ୍ୟକାରୀ ହେବ ନାହିଁ ବୋଲି ସେ କହିଛନ୍ତି। ତେବେ କେନ୍ଦ୍ର ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟ, ସରକାରୀ କୋଠାରେ ସୌର ପ୍ୟାନେଲ ସ୍ଥାପନ ନିଶ୍ଚିତ କରିବା ପାଇଁ ଧାର୍ଯ୍ୟ କରିଥିବାବେଳେ ଚଳିତବର୍ଷ ଡିସେମ୍ବର ଶେଷ ସୁଦ୍ଧା ଏହାର କାମ ସମାପ୍ତ କରାଯିବାକୁ କୁହାଯାଇଛି। ଏହି ନିୟମ ରାଜ୍ୟସରକାରଙ୍କ ପାଇଁ ପ୍ରଯୁଜ୍ୟ ରହିଥିବାବେଳେ ଏସ୍‌ସିବି ମେଡିକାଲ କ୍ଷେତ୍ରରେ ଏହା କେବେ କାର୍ଯ୍ୟକାରୀ ହେବ ତାହାକୁ ନେଇ ସଂଶୟ ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ କର୍ପୋରେଟର ଜେ. କାମେଶ୍ୱର ରାଓ କହିଛନ୍ତି, ଏସ୍‌ସିବି କର୍ତ୍ତୃପକ୍ଷ ମେଡିକାଲ୍‌ରେ ବ୍ୟବହାର ହେଉଥିବା ଡିଜିର ତେଲ କିଣିବା ଆଳରେ ସୋଲାର ପ୍ୟାନେଲ ଲଗାଇବାରେ ବିଳମ୍ୱ କରୁଛନ୍ତି। ଆବଶ୍ୟକ ନ ଥାଇ ମଧ୍ୟ ପ୍ରତ୍ୟେକ ଦିନ ତେଲ କିଣାଯାଉଛି। ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ କିଛି ଦିନ ପୂର୍ବେ ତଥ୍ୟ ମଗାଯାଇଥିଲେ ମଧ୍ୟ ଉକ୍ତ ତଥ୍ୟରେ କିଛି ତାଳମେଳ ନ ଥିବା ଜଣାପଡ଼ିଥିଲା ବୋଲି ରାଓ କହିଛନ୍ତି। ଏସମ୍ପର୍କରେ ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାଏକଙ୍କୁ ପଚାରିବାରୁ କହିଛନ୍ତି ଯେ, ସୌର ପ୍ୟାନେଲର ଯୋଜନା ରହିଛି। ଏହାର କାର୍ଯ୍ୟକାରୀ ସମ୍ପର୍କରେ କର୍ତ୍ତୃପକ୍ଷ ଆଲୋଚନା କରିବେ ଏବଂ ଖୁବଶୀଘ୍ର ଏହାକୁ କାମରେ ଲଗାଯିବ ବୋଲି ସେ କହିଛନ୍ତି।

# ରେଭେନ୍‌ଶାରେ ଜାତୀୟ ପ୍ରେସ୍ ଦିବସ ସେମିନାର



ଜାତୀୟ ପ୍ରେସ୍ ଦିବସ ଅବସରରେ ଶନିବାର ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

କଟକ,୧୫।୧୧(କାର୍ତ୍ତିକ ସାହୁ)

ଜାତୀୟ ପ୍ରେସ୍ ଦିବସ ଅବସରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟର ହେରିଟେଜ ହଲ୍‌ରେ 'ମିଡିଆ ଇନ୍ ଏ ଚେଞ୍ଜିଂ ୱର୍ଲଡ' ଶୀର୍ଷକ ସେମିନାର ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରାଧ୍ୟାପକ ଧର୍ମବ୍ରତ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ରାଜ୍ୟ ସୂଚନା କମିଶନର ଦିଲ୍ଲୀପ ବିଶୋଇ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ନୀଳାମ୍ବର ରଥ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଡ. ସୌମ୍ୟା ପରିଡ଼ା ଉପସ୍ଥିତ ଥିଲେ। ବିଭାଗର ସଂଯୋଜକ ଡ. ଦେବୀଲାଲ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଗଣମାଧ୍ୟମର ସ୍ୱାଧୀନତା, ଦାୟିତ୍ୱବୋଧ ଓ ବିଭିନ୍ନ ଆହ୍ୱାନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଅଧ୍ୟାପିକା ଶ୍ରୀମୟୀ ରଥ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଜୟନ୍ତ କୁମାର ସ୍ୱାଇଁ, ସାର୍ଥକ ଅଭ୍ୟୁଦୟ, ସ୍ୱୟଂ ପ୍ରକାଶ ବେଦାନ୍ତଙ୍କ ସମେତ ବିଭାଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା



ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ଉପସ୍ଥିତ ଅତିଥି।

ମଙ୍ଗୁଳି-ଜଗତପୁର,୧୫।୧୧(ମାନସ ସାମଲ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲା ଟାଙ୍ଗୀସ୍ଥିତ ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ପ୍ରାଣୀ ସମ୍ପଦ ମେଳା -୨୦୨୫ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ରଶ୍ମି ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ,ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଚୌଧୁରୀ ହେମନ୍ତ କୁମାର ସାହୁ, କଟକ ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମଲ୍ଲିକ, ଆଠଗଡ଼ ବିଧାୟକଙ୍କ ପ୍ରତିନିଧି ସେଖ୍ ସାହାଜାନ, ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠି, ସ୍ଥାନୀୟ ସରପଞ୍ଚ ସୁମନ ପ୍ରଭା ସାହୁ, ସମିତିସଭ୍ୟା ମଧୁସ୍ମିତା ଚାତାର, ଚୌଦ୍ୱାର କଟକ ବିଧାୟକଙ୍କ ପ୍ରତିନିଧି ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଆତ୍ମା ଅଧ୍ୟକ୍ଷ ଲକ୍ଷ୍ମଣ ସାହୁ ପ୍ରମୁଖ ଯୋଗଦେଇ ଚାଷୀମାନେ ବିଭାଗରେ ଥିବା ସୁଯୋଗ ହାତେଇବା ସହ ଆଗକୁ ବଢିବା ପାଇଁ ପରାମର୍ଶ ଦେଇଥିଲେ। ବ୍ଲକ ବିଡିଓ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝା, ଏସ୍‌ଡିଭିଓ ଡ. ଅଭିମନ୍ୟୁ ସାହୁ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ସ୍ୱାବଲମ୍ବୀ ହେବା ପାଇଁ କହିଥିଲେ। ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରାରମ୍ଭିକ ଅଭିଭାଷଣରେ ବିଭାଗର କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବ୍ଲକ ମତ୍ସ୍ୟ ବିଭାଗ ଅଧିକାରିଣୀ ମୋନାଲିସା ପରିଡ଼ା ସଭା ପରିଚାଳନା କରିଥଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ସମସ୍ତ ସହକର୍ମୀ ମେଳା ପରିଚାଳନା କରିବାରେ ସହଯୋଗ କରିଥିବାବେଳେ ଶତାଧିକ ଚାଷୀ ଯୋଗଦେଇଥିଲେ। ଅତିଥିମାନେ ବିଭାଗ ତରଫରୁ ଖୋଲା ଯାଇଥିବା ଷ୍ଟଲ୍ ବୁଲି ଦେଖିଥିଲେ।

### ବୁଲାଷଣ୍ଢ ଆକ୍ରମଣରେ ୩ ଦିନରେ ୫ ଆହତ

ଖୁଣ୍ଟୁଣୀ,୧୫।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଭୋଗରା ଗ୍ରାମରେ ଦିନକୁ ଦିନ ବୁଲାଷଣ୍ଢଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଷଣ୍ଢ ଆକ୍ରମଣରେ ୩ଦିନ ମଧ୍ୟରେ ୫ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଗ୍ରାମରେ ଭୟର ବାତାବରଣ ଦେଖା ଦେବା ସହିତ ସନ୍ଧ୍ୟା ହେଲେ ଲୋକେ ଘରୁ ପଦାକୁ ବାହାରୁ ନ ଥିବା ଜଣାପଡିଛି। ମିଳିଥିବା ସୂଚନାନୁସାରେ, ଗତ କିଛି ମାସ ହେବ ଭୋଗରା ଗ୍ରାମ ନିକଟରେ ଥିବା କଟକ ସହର ମଧ୍ୟରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଷଣ୍ଢଙ୍କୁ କେହି ଛାଡ଼ିଦେଇ ଯାଇଥିବାରୁ ସେମାନେ ନାନା ଉପଦ୍ରବ କରୁଛନ୍ତି। ଏହି ଷଣ୍ଢ ରାତିରେ ଲୋକଙ୍କ ବାଡିଘରରେ ପଶି ପନିପରିବା ନଷ୍ଟ କରିବା ସହିତ ପାଚିଲା ଧାନ କିଆରିରେ ପଶି ଫସଲ ନଷ୍ଟ କରୁଛନ୍ତି। ୨ରୁ ୩ ଟି ଷଣ୍ଢ ଗତ ୩ଦିନରେ ଗ୍ରାମର ୫ଜଣ ଲୋକଙ୍କୁ ବାଟରେ ଦେଖି ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ଖଣ୍ଡିଆଖାବରା କରି ଦେଇଛନ୍ତି। ଆହତମାନେ ହେଲେ ଭୋଗରା ଗ୍ରାମର ସାଉଁ ଦେହୁରୀ, ଲିଙ୍ଗରାଜ ସାହୁ, ଗଦାଧର ସାହୁ, ସଦା ନାଏକ ଓ ଜଣେ ପଥଚାରୀ। ଆଠଗଡ଼ ବ୍ଲକ ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଭୋଗରା ଗ୍ରାମ କମିଟି ସଭାପତି ରବୀନ୍ଦ୍ର ମହାରଣା ଦାବି ଜଣାଇଛନ୍ତି।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆଲୋକ ଶତପଥୀଙ୍କ ପରଲୋକ

ମଙ୍ଗୁଳି-ଜଗତପୁର,୧୫।୧୧(ମାନସ ସାମଲ)



ଚୌଦ୍ୱାରସ୍ଥିତ ଓଟିଏମ୍ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆଲୋକ ଶତପଥୀ(୮୩)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଗତ ୯ତାରିଖରେ ପରଲୋକ ଘଟିଛି। ସେ ୧୯୪୩ ଫେବୃଆରୀ ୭ରେ କଟକର ଆଡ୍‌ଭୋକେଟ ଇନ୍ଦ୍ରମଣି ମିଶ୍ର ଓ ରାଜମଣି ଦେବୀଙ୍କ କୋଳମଣ୍ଡନ କରିଥିଲେ। ସ୍ୱର୍ଗତ ଶତପଥୀ ରେଭେନ୍‌ଶା ଗର୍ଲସ ହାଇସ୍କୁଲ କଟକ, ଶୈଳବାଳା ମହିଳା ମହାବିଦ୍ୟାଳୟ କଟକ, ରାଧାନାଥ ଟ୍ରେନିଂ କଲେଜ, କଟକରେ ଉଚ୍ଚଶିକ୍ଷା ଲାଭ କରିବା ପରେ ଦୀର୍ଘ ୩୩ ବର୍ଷ କାଳ ଓଟିଏମ୍ ହାଇସ୍କୁଲ, ଚୌଦ୍ୱାରରେ ଶିକ୍ଷକତା କରିଥିଲେ। ଚାକିରିରୁ ଅବସର ପରେ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ବାସଭବନରେ ରହୁଥିଲେ। ଜଣେ ଆଦର୍ଶ, କର୍ମଠ ତଥା ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଭାବରେ ତାଙ୍କର ସୁନାମ ରହିଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ମଧ୍ୟମ ପୁତ୍ର ଡ. ଅମ୍ବରୀଶ ଶତପଥୀ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ପୁତ୍ରବଧୂ ଅଧ୍ୟାପିକା ଡ. ଆର୍. ସ୍ୱରୂପା, ରୁବି ଶତପଥୀ, ନାତି ବୋଧିସତ୍ତ୍ୱ ଶତପଥୀ, ଦତ୍ତାତ୍ରେୟ ଶତପଥୀ, ନାତୁଣୀ ହର୍ଷା ଶତପଥୀ ସମେତ ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଓଟିଏମ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜିତେନ ରାଉତଙ୍କ ସମେତ ସମସ୍ତ ଷ୍ଟାଫ ଓ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

### କିଶନନଗର ମଣ୍ଡଳରେ ଭାଜପା ପାଳିଲା ବିଜୟ ଉତ୍ସବ



ବିଜୟ ଉତ୍ସବ ପାଳନ ଅବସରରେ ମଞ୍ଚାସୀନ ଅତିଥିଗଣ।

କଟକ ସଦର,୧୫।୧୧(ସୁଶାନ୍ତ କୁମାର ଜେନା)

ବିହାର ନିର୍ବାଚନରେ ଏନ୍‌ଡିଏ ମେଣ୍ଟ ଓ ନୂଆପଡ଼ା ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ବହୁ ଭୋଟରେ ଜିତିଥିବାରୁ ଶନିବାର କିଶନନଗର ମଣ୍ଡଳର କିଶୋର ନଗରଠାରେ ଦଳ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ଆତ୍ମାର ସଭାପତି ରମା ପ୍ରସାଦ ବିଶ୍ୱାଳ, ହୃଷୀକେଶ ଜେନା, ସଂଯୋଜକ ସୁରେଶ ଜେନା, ବିରଞ୍ଚି କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ୮ଟି ପଞ୍ଚାୟତର ବହୁ ସଂଖ୍ୟକ ଭାଜପା କର୍ମୀ ଯୋଗଦେଇଥିଲେ।

# ଏସ୍‌ସିବି ମେଡିକାଲ ଟ୍ରମା କାଜୁଆଲ୍‌ଟି ଡ୍ୟୁଟି ସମୟରେ ଅନୁପସ୍ଥିତ ୮ କର୍ମଚାରୀଙ୍କୁ ନୋଟିସ

କଟକ, ୧୫।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

**ସରପ୍ରାଇଜ ଭିଜିଟ ସମୟରେ ଧରିଲେ ମେଡିକାଲ କର୍ତ୍ତୃପକ୍ଷ**

ଏସ୍‌ସିବି ମେଡିକାଲରେ ଡ୍ୟୁଟି ସମୟରେ ଅନୁପସ୍ଥିତ ରହିଥିବା ୮ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ମେଡିକାଲର ଟ୍ରମା କାଜୁଆଲ୍‌ଟି ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡ୍ୟୁଟି ସମୟରେ କେଉଁ କାରଣ ପାଇଁ କର୍ମଚାରୀମାନେ ଅନୁପସ୍ଥିତ ରହିଛନ୍ତି, ସେସମ୍ପର୍କରେ କାଜୁଆଲଟି ମେଡିକାଲ ଅଫିସରଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଏପରି କି ଯଥାର୍ଥ କାରଣ ନ ଦର୍ଶାଇଲେ କିଛିଦିନର ଦରମା କଟାଯିବା ସହ ଚେତାବନୀ ଦିଆଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଦୁଇଦିନ ପୂର୍ବେ ମେଡିକାଲର ଟ୍ରମା କାଜୁଆଲଟିକୁ ବିଳମ୍ବିତ ରାତିରେ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଅଚାନକ ପରିଦର୍ଶନରେ ଯାଇଥିଲେ। ଉକ୍ତ ସମୟରେ କାଜୁଆଲ୍‌ଟିରେ ଫାର୍ମାସିଷ୍ଟ, ଇସିଜି ଟେକ୍ନିସିଆନ, ୱାର୍ଡ ଆଟେଣ୍ଡାଣ୍ଟ, ସହାୟକ ପ୍ରାୟ ୮ଜଣ କର୍ମଚାରୀ ଡ୍ୟୁଟି ସମୟରେ ଅନୁପସ୍ଥିତ ଥିବା ଜାଣିବାକୁ ପାଇଥିଲେ। ମେଡିକାଲର ଏପରି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଗୁରୁତର ରୋଗୀ ଚିକିତ୍ସା ପାଇଁ ଆସୁଥିବାବେଳେ ସେଠାରେ କର୍ମଚାରୀ ଅନୁପସ୍ଥିତ ଥିବା ନେଇ ମେଡିକାଲର ପରିଚାଳନା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ଏପରି ଘଟଣା ନଜରକୁ ଆସିବାରୁ ମେଡିକାଲ କର୍ତ୍ତୃପକ୍ଷ ଉକ୍ତ ୮ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଘଟଣା ସମ୍ପର୍କରେ ଅତିରିକ୍ତ ଅଧୀକ୍ଷକ ଡା. ନାୟକ କହିଛନ୍ତି ଯେ, ମେଡିକାଲର ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ଟ୍ରମା ଓ ନନ୍‌ଟ୍ରମା କାଜୁଆଲ୍‌ଟି। ଏଠାକୁ ଗୁରୁତର ଆହତମାନେ ଆସିଥାନ୍ତି। ହେଲେ ଏଠାରେ କର୍ମଚାରୀ ଉପସ୍ଥିତ ନ ରହିବା ଏବଂ ଅନୁପସ୍ଥିତ ରହିବା ନେଇ ଅବଗତ ନ କରାଇବା ଘଟଣାକୁ ଆଦୌ ବରଦାସ୍ତ କରାଯିବ ନାହିଁ। ୮ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି, ଏପରିକି କାରଣ ଯଥାର୍ଥ ଓ ପ୍ରମାଣଯୁକ୍ତ ନ ଥିଲେ ଦରମା କାଟ କରାଯିବ ବୋଲି ସ୍ଥିର କରାଯାଇଛି। ଏହାସହ ଏଭଳି ଅବହେଳା କରୁଥିବା କର୍ମଚାରୀଙ୍କୁ ଦୁଇଥର ଚେତାବନୀ ଦିଆଯିବ ଏବଂ ତୃତୀୟ ଥରରେ ଯଦି କାମରେ ଖିଲାପ କରୁଥିବାର ଧରା ଯାଆନ୍ତି ତେବେ ତାଙ୍କୁ ନିଲମ୍ବନ କରାଯିବ। ଅନ୍ୟପଟେ ଏଭଳି ଘଟଣା ପରେ ପ୍ରତ୍ୟେକ ଦିନେ କିମ୍ବା ଦୁଇଦିନକୁ ଥରେ ଟ୍ରମା ଓ ନନ୍‌ଟ୍ରମା କାଜୁଆଲ୍‌ଟିକୁ ସରପ୍ରାଇଜ ଭିଜିଟ କରାଯିବ ବୋଲି ସେ କହିଛନ୍ତି।

# 'ବଡ଼ଭାଇଙ୍କ ଶିଶୁ ସାହିତ୍ୟ କାଳଜୟୀ ରହିବ'

କଟକ,୧୫।୧୧(କାର୍ତ୍ତିକ ସାହୁ)

**ନଦୀୟା ବିହାରୀ ମହାନ୍ତି ସ୍ମୃତି ସମ୍ମାନ ସମାରୋହ**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ ସାହିତ୍ୟ ଅନୁଷ୍ଠାନ ଧ୍ରୁବତାରାର ମିଳିତ ଆନୁକୂଲ୍ୟରେ ନଦୀୟା ବିହାରୀ ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ ସମାରୋହ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ସ୍ୱର୍ଗତ ନଦୀୟା ବିହାରୀ ମହନ୍ତିଙ୍କ ୯୫ତମ ଜୟନ୍ତୀ ଅବସରରେ ଆୟୋଜିତ ଉତ୍ସବକୁ ଡ. ସଂଗୀତା ଗୋସାଇଁ ଉଦ୍‌ଘାଟନ କରି ବଡ଼ ଭାଇ ନଦୀୟା ବିହାରୀଙ୍କ ଶିଶୁ ସାହିତ୍ୟ କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ତଥା ଭଞ୍ଜ ସାହିତ୍ୟ ଗବେଷକ ପ୍ରଭାତ କୁମାର ନଦୀୟା ବିହାରୀ ଶିଶୁମାନଙ୍କ ନିକଟରେ ସୁପରିଚିତ ଓ ଆଦରଣୀୟ ଥିଲେ ବୋଲି କହିଥିଲେ। ଡ. ଜୟନ୍ତୀ ମଞ୍ଜରୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ମନୀନ୍ଦ୍ର ମହାନ୍ତିଙ୍କୁ ଶିଶୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନଦୀୟା ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଡ. ପ୍ରିୟମ୍ବଦା ହେଜମାଦି ଯୋଗଦେଇ ସାରା ଓଡ଼ିଶାରେ ଶିଶୁମାନଙ୍କ ମଧ୍ୟରେ ସାହିତ୍ୟ ଚର୍ଚ୍ଚା ଉପରେ ଆଲୋକପାତ କରିଥିଲେ। ଡ. ସୁନାମଣି ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭାସିନୀ ମହାନ୍ତି ବିବରଣୀ ଓ ସତ୍ୟ ଗୋପାଳ ପରିଜା ମାନପତ୍ର ପାଠ କରିଥିଲେ। ଗୁରୁ ତନ୍ମୟ ହୋତାଙ୍କ ନିର୍ଦ୍ଦେଶନାରେ ନଦୀୟା ବିହାରୀଙ୍କ ରଚିତ ସମବେତ ସଙ୍ଗୀତ ଗାନ କରାଯାଇଥିଲା। କବିତା ପାଠ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ସତ୍ୟ ରାୟ ଧନ୍ୟବାଦ ଦେଇଥିଲେ। ଧୀରେନ୍ଦ୍ର ସିଂ ସାମନ୍ତ, ଶୁଭସୁଧା ପ୍ରିୟଦର୍ଶିନୀ, ରାଜୀବ ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ବିଶ୍ୱାଳ, ଜ୍ୟୋତି ରଞ୍ଜନ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶ୍ରୀରାମଚନ୍ଦ୍ର ଭବନଠାରେ ନଦିଆ ବିହାରୀଙ୍କ ଜୟନ୍ତୀ ସମାରୋହରେ ଶିଶୁ ସାହିତ୍ୟିକ ମଣିନ୍ଦ୍ର ମହାନ୍ତିଙ୍କୁ ନଦିଆ ବିହାରୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

# ୧୫୦ତମ ବିର୍ସା ମୁଣ୍ଡା ଜୟନ୍ତୀ

ଖୁଣ୍ଟୁଣୀ,୧୫।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଆଦିବାସୀ ସମ୍ପ୍ରଦାୟର ଭଗବାନ, ମହାନ୍ ଦେଶଭକ୍ତ ତଥା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାହାଙ୍ଗୁଳ ଆଦିବାସୀ ବିଦ୍ୟାଳୟରେ ଶନିବାର ଜିଲାସ୍ତରୀୟ ଜନଜାତି ଗୌରବ ଦିବସ-୨୦୨୫ ପାଳିତ ହୋଇଯାଇଛି। ଏହାକୁ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହିତ ଉଦ୍‌ଘାଟନ କରି ଦେଶ ଓ ଜାତିର ଉତ୍‌ଥାନ ପାଇଁ ଭଗବାନ ବିର୍ସା ମୁଣ୍ଡା ନିଜ ଜୀବନକୁ ବଳିଦାନ ଦେଇ ଆଜି କେବଳ ଆଦିବାସୀଙ୍କ ଭଗବାନ ନୁହନ୍ତି ଆମ ସମସ୍ତଙ୍କ ପାଇଁ ମହାନ ଦେଶଭକ୍ତ ରୂପେ ପୂଜିତ ହେଉଛନ୍ତି ବୋଲି କହିଥିଲେ। ଏହି ଅବସରରେ ଜିଲାପାଳ ସିନ୍ଦେ ଆଠଗଡ଼ ଓ ଟାଙ୍ଗି-ଚୌଦ୍ୱାର ବ୍ଲକର ୪୬ ଜଣ ଜନଜାତି ପରିବାରଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ୨ନମ୍ବର ଜୋନ ଜିଲାପରିଷଦ ସଭ୍ୟା ମିନତୀ ଗାଗରାଇ,



ଜିଲାସ୍ତରୀୟ ଜନଜାତି ଗୌରବ ଦିବସ ପାଳନରେ ଜନଜାତି ପରିବାରଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ ଅବସରରେ ଜିଲାପାଳ ଏବଂ ଅନ୍ୟମାନେ।

**ଜିଲାସ୍ତରୀୟ ଜନଜାତି ଗୌରବ ଦିବସ-୨୦୨୫**

ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇ ଉକ୍ତ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ସରକାରଙ୍କ ପକ୍ଷରୁ ଜନଜାତି ଅଧ୍ୟୁଷିତ ଗ୍ରାମଗୁଡ଼ିକର ସାମୂହିକ ଉନ୍ନତୀକରଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜନଜାତି ବର୍ଗର ଅଧିବାସୀମାନଙ୍କୁ ଜିଲାପାଳ ଶିନ୍ଦେ ଜଙ୍ଗଲ ଜମି ଶିରୋନାମା ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ରହି ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହୋଇଥିବା ମାତାପିତା ଅଭିଭାବକ ସହଭାଗିତା ସମ୍ମିଳନୀ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ। ବ୍ଲକର ସମସ୍ତ ଅଧିକାରୀ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କୁନିକୁନି ଛାତ୍ରୀଛାତ୍ରମାନେ ଏହି ଜିଲାସ୍ତରୀୟ ଜନଜାତି ଗୌରବ ଦିବସରେ ଅଂଶଗ୍ରହଣ କରିଥିଲେ। ସେହିପରି ଆଠଗଡ଼ ବ୍ଲକ ଗୋବରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖାକସା ଜନଜାତି ବସ୍ତିରେ ମଧ୍ୟ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖାକ୍‌ସାଠାରେ ନିର୍ମିତ ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ମହାନ ଦେଶପ୍ରେମ ଓ ଆଦିବାସୀମାନଙ୍କ କଲ୍ୟାଣ ନିମନ୍ତେ ତାଙ୍କର ବଳିଷ୍ଠ ଅବଦାନ ଉପରେ ଆଲୋକପାତ କରିଥିଲେ। ଏଥିରେ ଗୋବରା ପୂର୍ବତନ ସରପଞ୍ଚ ପ୍ରଭାତ ଥାଟୋଇ, ବସୁମତୀ ଦିଗି, ଇନ୍ଦ୍ରମଣି ଲିଆଙ୍ଗି, ରାଜକିଶୋର ରାଉତ, ସୁନାରାମ ସିଙ୍କୁ, ଜାଗାଇ ବାନାରା, ରସାନନ୍ଦ ଡାଙ୍ଗଲ, କଣ୍ଡରେଇ ସରପଞ୍ଚ ଜ୍ଞାନ ରଞ୍ଜନ ଦାଶ, ବିନୋଦ ମାଝୀ ଓ ଅଜିତ ଦାସ ପ୍ରମୁଖ ଯୋଗଦେଇଥିଲେ।

# ୩ ରାଜ୍ୟରେ ବେଦାନ୍ତ ଆଲୁମିନିୟମର ଶିଶୁଦିବସ



**ଭୁବନେଶ୍ୱର,୧୫।୧୧ (ଅନୁରାଧା ମହାରଣା)**

ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶରେ ବେଦାନ୍ତ ଆଲୁମିନିୟମ ଶିଶୁଦିବସ ପାଳନ କରିଛି। କମ୍ପାନୀର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଂଶ ଭାବରେ କମ୍ପାନୀ ୯,୦୦୦ରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚିଥିଲା। କମ୍ପାନୀର ସିଇଓ ରାଜୀବ କୁମାର କହିଛନ୍ତି, ପିଲାଙ୍କୁ ଜ୍ଞାନ, ସ୍ୱାସ୍ଥ୍ୟ ଏବଂ ଆତ୍ମବିଶ୍ୱାସ ସହିତ ସଶକ୍ତ କରିବା ହେଉଛି ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନର ମୂଳଦୁଆ। ଓଡ଼ିଶାର ଝାରସୁଗୁଡ଼ାରେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହଯୋଗରେ ଉଦ୍ୟୋଗିତା ମେଳା ଆନନ୍ଦ ନାଗରୀରେ ୧୦୬ଟି ସ୍କୁଲର ୫,୦୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ଼ରେ ବିଦ୍ୟାଳୟ ଏବଂ ବେଦାନ୍ତ ନନ୍ଦଘରଗୁଡ଼ିକରେ ୫୦୦ରୁ ଅଧିକ ପିଲା ଅଧ୍ୟୟନ ସାମଗ୍ରୀ, କ୍ରୀଡ଼ା କିଟ୍ ପାଇଥିଲେ। ଜାମଖାଣି, ଘୋଗରପାଲି ଏବଂ କୁଡ଼ାଲୋଇରେ ୪୨ଟି ସ୍କୁଲ ଏବଂ ୫୧ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୮୫୦ରୁ ଅଧିକ ଜଣ ସାମିଲ ହୋଇଥିଲେ। ଛତିଶଗଡ଼ର ବାଲ୍କୋରେ ବିଭିନ୍ନ କାର୍ଯ୍ୟକ୍ରମ ୩୩ଟି ବେଦାନ୍ତ ନନ୍ଦ ଘରଗୁଡ଼ିକରେ ୮୦୦ରୁ ଅଧିକ ପିଲା ଯୋଗଦେଇଥିଲେ। ଆନ୍ଧ୍ରପ୍ରଦେଶର ଭାଇଜାଗ୍ ଜେନେରାଲ୍ କାର୍ଗୋ ବର୍ଥ (ଭିଜିସିବି) ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ୧୫୧ ଜଣ ପିଲାଙ୍କ ନିକଟରେ ପହଞ୍ଚିଥିଲା।

# ଫୋନ୍‌ପେ ଏବଂ ଓପନ ଏଆଇ ମଧ୍ୟରେ ସହଭାଗିତା

**ଭୁବନେଶ୍ୱର,୧୫।୧୧**

ଫୋନ୍‌ପେ ଏବଂ ଓପନ ଏଆଇ ମଧ୍ୟରେ ଏକ ସହଭାଗିତା ଘୋଷଣା କରାଯାଇଛି। ଦେଶରେ ଚାଟ୍‌ଜିପିଟିର ବ୍ୟବହାର ବୃଦ୍ଧି ଏବଂ ପାରସ୍ପରିକ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଏହି ସହଭାଗିତା କରାଯାଇଛି। ଏହା ଦ୍ୱାରା ୟୁଜରମାନେ ଫୋନ୍‌ପେ ପ୍ଲାଟ୍‌ଫର୍ମରେ ହିଁ ଚାଟ୍‌ଜିପିଟିର ଫିଚରଗୁଡ଼ିକୁ ବ୍ୟବହାର କରିପାରିବେ। ଫୋନ୍‌ପେର ପ୍ରତିଷ୍ଠାତା ରାହୁଲ ଚାରି କହିଛନ୍ତି, ନୂଆ ଚିନ୍ତାଧାରା ଥିବା କମ୍ପାନୀ ଏକାଠି କାମ କଲେ, ନୂଆ ଟେକ୍ନୋଲୋଜି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ। ଓପନ ଏଆଇର ଅନ୍ତର୍ଜାତୀୟ ମୁଖ୍ୟ ଓଲିଭର ଜେ କହିଛନ୍ତି, ଏହି ସହଭାଗିତା ଲକ୍ଷ ଲକ୍ଷ ୟୁଜରଙ୍କ ପାଇଁ ସହାୟକ ହେବ।

# ଆମ ସୁବାହକ ଯୋଜନା ପାଇଁ ଏସ୍‌ଏଲ୍‌ବିସି ସଦସ୍ୟଙ୍କ ସହ ବୈଠକ

**ଭୁବନେଶ୍ୱର, ୧୫।୧୧ (ସୁନିତ୍ ମିଶ୍ର)**



ମହିଳାଙ୍କୁ ଆତ୍ମନିର୍ଭରକରିବା ପାଇଁ ଆମ ସୁବାହକ ଯୋଜନା ଆରମ୍ଭ ଓ କାର୍ଯ୍ୟାନ୍ୱୟନ ପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସ୍‌ଏଲ୍‌ବିସି)ର ସଦସ୍ୟ ବ୍ୟାଙ୍କଗୁଡ଼ିକ ସହିତ ଏକ ବୈଠକ ଶନିବାର କରିଛି। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରି କହିଛନ୍ତି, ଆମ ସୁବାହକ ଏକ ପରିବର୍ତ୍ତନକାରୀ ସରକାରୀ-ସଂଯୁକ୍ତ ଜୀବିକା ପଦକ୍ଷେପ ଯାହାର ଲକ୍ଷ୍ୟ ଡ୍ରାଇଭିଂ ବୃତ୍ତିରେ ଲିଙ୍ଗଗତ ସନ୍ତୁଳନ ଆଣିବା। ସେ ମହିଳା ହିତାଧିକାରୀମାନଙ୍କୁ ସହାୟତା କରିବା ପାଇଁ ତୁରନ୍ତ ଋଣ ବ୍ୟବସ୍ଥା, ସରଳୀକୃତ ଡକ୍ୟୁମେଣ୍ଟେସନ ଏବଂ ଉତ୍ସର୍ଗୀକୃତ ସୁବିଧା କରିବାକୁ ବ୍ୟାଙ୍କଗୁଡ଼ିକୁ ଅନୁରୋଧ କରିଛନ୍ତି। ଏହି ବୈଠକରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି, ଏହି ଯୋଜନାରେ ହାଲୁକା ୪ ଚକିଆ ଯାନ କ୍ରୟ ପାଇଁ ସୁଧମୁକ୍ତ ଋଣ ପ୍ରଦାନ କରାଯିବା ସହ ଲାଇସେନ୍ସିଂ, ସଂରଚିତ ଡ୍ରାଇଭିଂ ତାଲିମ ଏବଂ ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ମାଧ୍ୟମରେ ଉଦ୍ୟୋଗୀ ସୁଯୋଗ ପାଇଁ ସହାୟତା ପ୍ରଦାନ କରାଯିବ। ଏହି ଯୋଜନା ୪ ବର୍ଷ ମଧ୍ୟରେ ୧୧୦୦ ଆମ ସୁବାହକ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ୨୦୨୫-୨୬ ରେ ୨୦୦, ୨୦୨୬-୨୭ ରେ ୨୫୦, ୨୦୨୭-୨୮ରେ ୩୦୦ ଏବଂ ୨୦୨୮-୨୯ରେ ୩୫୦ ଜଣ ସୁବାହକ ସୃଷ୍ଟି ହେବେ। ଯୋଗ୍ୟ ମହିଳାମାନେ ୨୧-୪୦ ବର୍ଷ ବୟସର ହୋଇଥିବା ଆବଶ୍ୟକ।

# ଓରେରା ସିଡିଆର୍ ସେଲ୍ କର୍ମଶାଳା




**ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)**

ଓଡ଼ିଶା ରିୟଲ୍‌ଏଷ୍ଟେଟ୍ ରେଗୁଲେଟୋରି ଅଥରିଟି (ଓରେରା) ପକ୍ଷରୁ କନ୍‌ସିଲିଏସନ୍ ଆଣ୍ଡ ଡିସ୍‌ପ୍ୟୁଟ୍ ରିଜୋଲ୍ୟୁସନ ସେଲ୍ (ସିଡିଆର୍) ସମ୍ପର୍କିତ କର୍ମଶାଳା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଓରେରା ଅଧ୍ୟକ୍ଷ ଅସିତ୍ କୁମାର ମହାପାତ୍ର କର୍ମଶାଳାର ଉଦ୍‌ଘାଟନକରି ସିଡିଆର୍ ସେଲ୍‌ର ଉଦ୍ଦେଶ୍ୟ ଆବଶ୍ୟକତା ଏବଂ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ, ଏହି ସେଲ୍ ମାଧ୍ୟମରେ ଆପୋସ ମଧ୍ୟସ୍ଥତା ଦ୍ୱାରା ବିଭିନ୍ନ ବିବାଦର ସୁଗମ ଏବଂ ଶୀଘ୍ର ସମାଧାନ ସମ୍ଭବ ହେବ। ଓରେରା ପ୍ରଶାସନିକ ସଦସ୍ୟ ରାଜେନ୍ଦ୍ର ମିଶ୍ର କହିଥିଲେ, ବିଲ୍ଡର ଏବଂ ଗୃହକ୍ରେତାଙ୍କ ମଧ୍ୟରେ ଉଦ୍ଭବିତ ବିବାଦର ତ୍ୱରିତ ସମାଧାନ ହେବା ହେଉଛି ସିଡିଆର୍ ସେଲ୍‌ର ପ୍ରମୁଖ ଲକ୍ଷ୍ୟ। ନ୍ୟାୟିକ ସଦସ୍ୟ ଶ୍ୟାମସୁନ୍ଦର ଦାସ ସେଲ୍‌ର ବିଭିନ୍ନ ଆଇନଗତ ପାର୍ଟି ଉପରେ ଆଲୋକପାତ କରିଥିଲେ। ନିରଞ୍ଜନ କୁମାର ଜେନା, ଆଡ୍‌ଜୁଡିକେଟିଂ ଅଫିସର, ଓରେରା ସିଡିଆର୍ ସେଲ୍‌ର କାର୍ଯ୍ୟ ନିୟମାବଳୀ ଉପରେ ମତ ପ୍ରକାଶ କରିଥିଲେ। କର୍ମଶାଳାରେ ବକ୍ତା ଭାବେ ଯୋଗଦେଇଥିବା ସୋଆ ୟୁନିଭର୍ସିଟିର ଡ. ଅମୃତା ଦାସ, ଏକ୍ସଆଇଏମ୍‌ବିର ଆଇନ ବିଭାଗର ଡ. ବିରଞ୍ଚି ନାରାୟଣ ପଣ୍ଡା, ରାଜ୍ୟ ଜୁଡିସିଆଲ୍ ଏକାଡେମୀର ଡେପୁଟି ଡାଇରେକ୍ଟର ଦିଲୀପ କୁମାର ଛୋଟରାୟ ଏବଂ ଅବସରପ୍ରାପ୍ତ ପ୍ରିନ୍ସିପାଲ ଡ. ବିଜୟ ଚନ୍ଦ୍ର ମହାପାତ୍ର ସିଡିଆର୍ ସେଲ୍‌ର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ଆଲୋଚନା କରିଥିଲେ। କ୍ରେଡାଇ ଏବଂ ଗୃହକ୍ରେତା ସଂଘଙ୍କ ସଦସ୍ୟମାନେ ସିଡିଆର୍ ସେଲ୍‌ର ସଦସ୍ୟ ଭାବେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓରେରା ସଚିବ ମାନସୀ ମାନ୍ଧାତା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଉପସଚିବ (ଅର୍ଥ) ପ୍ରଭାତ କୁମାର କୁଜୁର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଏସ୍‌ଡି ଲ୍ୟାଣ୍ଡ ଶୁଚିସ୍ମିତା ଦାଶ ପରିଚାଳନା କରିଥିଲେ।

# ସୋନାଲିକା ଟ୍ରାକ୍ଟର୍ସର ଗିନିଜ୍ ୱାର୍ଲ୍ଡ ରେକର୍ଡ

**ଭୁବନେଶ୍ୱର,୧୫।୧୧**

ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ, ସୋନାଲିକା ଟ୍ରାକ୍ଟର୍ସର ବାଂଲାଦେଶ ଡିଷ୍ଟ୍ରିବ୍ୟୁଟର ଏସିଆଇ ମୋଟର୍ସ ଲିମିଟେଡ୍ ଗୋଟିଏ ଦିନରେ ସର୍ବାଧିକ ଟ୍ରାକ୍ଟର ଡେଲିଭରି କରି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ପ୍ରବେଶ କରିଛି। ୩୫୦ଟି ଟ୍ରାକ୍ଟର ଡେଲିଭରି କରି ବାଂଲାଦେଶର ଦିନାଜପୁରରେ ଅନୁଷ୍ଠିତ ସମାରୋହ 'ସୋନାଲିକାର ବିଶ୍ୱଜୟ'ରେ ମାତ୍ର ୪ ଘଣ୍ଟା ମଧ୍ୟରେ ରେକର୍ଡ କରାଯାଇପାରିଛି। ଏହି ସମ୍ପର୍କରେ ଇଣ୍ଟରନ୍ୟାସନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଦୀପକ ମିତ୍ତଲ କହିଛନ୍ତି, ଏହି ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ପ୍ରତ୍ୟେକ କୃଷକ ଓ ପ୍ରତ୍ୟେକ ସହଯୋଗୀଙ୍କ ପାଖରେ ବୁଝାଏ ଯିଏ ଆମର ଏହି ଯାତ୍ରାରେ ବିଶ୍ୱାସ କରିଛନ୍ତି। ଇଣ୍ଟରନ୍ୟାସନାଲ ବିଜିନେସ୍ ବିଭାଗର ନିର୍ଦ୍ଦେଶକ ଓ ସିଇଓ ଗୌରବ ସକ୍ସେନା କହିଛନ୍ତି, ଆମର ଡିଷ୍ଟ୍ରିବ୍ୟୁଟର ଏସିଆଇ ମୋଟର୍ସ ଲିମିଟେଡ୍ ଦ୍ୱାରା ବାଂଲାଦେଶରେ ହାସଲ କରାଯାଇଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡ ଗ୍ରାହକ କେନ୍ଦ୍ରିକତା ଓ ଉଦ୍ଦେଶ୍ୟର ପ୍ରଭାବ ସୃଷ୍ଟି କରିବା ପାଇଁ ଏକାଠି ହୋଇଛନ୍ତି ତାହାକୁ ପ୍ରତିଫଳନ କରୁଛି।

# ଟିଟିକେ ପ୍ରେଷ୍ଟିଜ୍‌ର ବାର୍ଷିକ ସେବା ସମ୍ମିଳନୀ

**ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)**

କିଚେନ୍ ୱେୟାର ଆପ୍ଲାଏନ୍ସର ଅଗ୍ରଣୀ ବ୍ରାଣ୍ଡ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍ ଓଡ଼ିଶା କ୍ଷେତ୍ର ପାଇଁ ଏହାର ବାର୍ଷିକ ସେବା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜେନେରାଲ ମ୍ୟାନେଜର (ଗ୍ରାହକ ସେବା) ମନୀଷ କାଉଲ, ଆଞ୍ଚଳିକ ସେବା ପରିଚାଳକ ସମ୍ରାଟ ଚକ୍ରବର୍ତ୍ତୀ, ଶାଖା ମୁଖ୍ୟ ଆଶୀଷ ପଣ୍ଡା, କ୍ଷେତ୍ର ବିକ୍ରୟ ମୁଖ୍ୟ ପ୍ରବୀଣ କୁମାର ପାତ୍ର, କ୍ଷେତ୍ର ସେବା ମୁଖ୍ୟ ସୁଜିତ କୁମାର ନାୟକ ଏବଂ କ୍ଷେତ୍ର ମୁଖ୍ୟ ଶେଖରେଡ଼ ବିଶ୍ୱାଳ ଉପସ୍ଥିତ ଥିଲେ। ସାରା ଓଡ଼ିଶାରେ ୧୫ଟି ସେବା କେନ୍ଦ୍ର ଏଥିରେ ଯୋଡ଼ିହୋଇଥିଲେ। ସେବା ମାଧ୍ୟମରେ ଆମର ଗ୍ରାହକମାନଙ୍କୁ କିପରି ଖୁସି କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଗ୍ରାହକ ଅଭିଜ୍ଞତା ବୃଦ୍ଧି ବିଷୟରେ ମନୀଷ ମଧ୍ୟ କହିଥିଲେ।



ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍ ଓଡ଼ିଶା କ୍ଷେତ୍ର ପାଇଁ ଏହାର ବାର୍ଷିକ ସେବା ସମ୍ମିଳନୀରେ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।


## OFFICE OF MUNICIPAL COUNCIL, BHAWANIPATNA

Dist.: Kalahandi, PIN - 766001, Odisha, Phone No.: (06670) 230424
eobptm@yahoo.com

No. 3603/BPM Dt.15.11.2025

### QUOTATION CALL NOTICE

No. C-1487: Sealed quotations is invited from registered contractors/ registered firms for hiring of Drivers and Helpers for Door to Door collection vehicle. Interested and eligible service providers are requested to submit their quotations under the terms and conditions mentioned below. The quotation to be received on or before 28.11.2025 at 11.00 A.M. and it will opened on same day at 4.00 P.M. in presence of the agency or his authorized representatives if any. If date of opening falls on Holiday, then the next working date will be treated as date of opening at the same time.

**Scope of Work:**
1. Deployment of 11 Drivers for operating Door-to-Door (DTD) Collection Vehicles.
2. Deployment of 11 Helpers to assist in daily municipal solid waste collection activities.
3. Personnel must be punctual, disciplined and physically fit to perform daily waste collection duties.

**Eligibility Criteria:**
1. The service providers must have 5 years of experience in providing similar manpower services.
2. The agency must be a registered manpower service provider with valid GST, PAN and Labour licence.
3. The manpower service must provide proof of compliance with statutory obligations such as EPF, ESI and labour welfare regulations.
4. The agency must not be blacklisted by any Government authority (self-declaration to be submitted).

**Documents to be submitted:**
• Copy of Registration Certificate of the agency. • GST Registration Certificate • PAN Card • Valid Labour License • Experience Certificates • Quotation in the prescribed format with rate per Driver and Helper (monthly)

**Submission of Quotation:** Interested agencies may submit there sealed quotations in the office of the undersigned during office hours on or before 28.11.2025 by 11.00 A.M. Quotations will be opened on the next working day at 4.00 P.M. in presence of the bidders or their authorized representatives.

**Terms & Conditions:**
1. The Municipality reserves the right to reject any or all quotations without assigning any reason thereof.
2. Engagement will be purely on an outsourcing basis.
3. Payment will be made monthly based on satisfactory performance and attendance.

| Sl. No. | Approximately Requirements | Per Person | Rate Offered (In Figure) | Rate Offered (In Words) |
|---|---|---|---|---|
| 1 | Providing Manpower i.e. Drivers and Helpers for 10 Numbers of Door to Door Collection Vehicles. | | | |

The authority reserve the rights to reject any or all tender without assigning any reason thereof. Selection will be made basing on the previous experience and performance since last three years.

OIPR- Sd./- Executive Officer, Bhawanipatna Municipality

## ODISHA LIFT IRRIGATION CORPORATION LTD.
(A Govt. of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, SUNDARGARH

No.CAD-2276

E-mail I.D - eeolicsngh@gmail.com

### NATIONAL COMPETITIVE BIDDING THROUGH E-PROCUREMENT

**Identification No. EEOLICSNGH-01 /2025-2026, Dt. 11.11.2025**

1. The Executive Engineer, Lift Irrigation Division, SUNDARGARH representing ODISHA LIFT IRRIGATION CORPORATION LIMITED, BHUBANESWAR invites percentage Rate bids in online mode for Revival & Reinforement of 20Nos. defunct & old operable LI Projects in 8 packages under different Blocks of Sundargarh Dist. under State Plan 2024-25 grant from reputed Contractors/Firms having valid "D" & "C" Class Civil contractor license from State PWD/PHED/RWSS/ Irrigation/ Rural works or equivalent grade of CPWD/Railway along with valid HT license issued by E.L.B.O, Odisha with vendor code from Tata Power (TPCODL/TPSODL/TPNODL/TPWODL) and valid joint venture agreement should be made between Civil and Electrical License. In case of separate license, where Civil License holder will be treated as prime contractor the joint venture agreement to be done before the Executive Magistrate/Sub-Registrar at District Registrar/Sub-Registrar Office complying with the terms and conditions having registered in the State Portal and possessing compatible digital signature certificate for online bidding and having valid PAN,GST. The bidder having only PWD license without Joint venture with H.T.License will participate where no Electrification work required as mentioned against the Packages. The compatible digital signature certificate of PWD license holder should be used for on line biding. The Defaulter Contractors are not allowed to participate in this Tender. Defaulter means:-Those contractors whose performance is not satisfactory & who have not completed the spillover projects, as well as other site dispute etc. but the work delayed due to negligence of the Contractor if any such Contractor submits the bids then his bids may be disqualified as per the decision of the tender committee. Final bill will be paid after completion and trial run of the project minimum five days within the hand over to Pani Panchayat and TPWODL.
2. Work Experience certificate must be required in execution of similar nature of work.
3. All the prevailing codal procedures approved by the Government and to be amended within the period of publication of this Notice and date of receipt tender, will be considered for evaluation of the tender.
4. The authority reserves the right to increase or decrease the quantity of work, accept or reject any or all the Tenders without assigning any reason thereof.
5. Name of the District Sundargarh.
6. Name of the Division - L.I. Division, SUNDARGARH
7. Name of the Block-Hemgir, Lefripada, Subdega, Balisankara, Badgaon, Kutra, Tangarpali, Sundargarh.
8. No.of L.I.Projects:-( 20 nos.Lift Irrigation Projects in 8 Packages) (State Plan 2024-25).
9. Cost of Tender varies from 8.76 lakhs to 15.59 lakhs (approx)
10. E.M.D.to be deposited (1% of Tender value)
11. Cost of Tender paper(mentioned in the notice) + GST @18% on tender paper will be paid by the buyer directly in online mode only through e-portal
12. Date & Time of publication:17.11.2025 at 10.00AM
13. Last Date & time of seeking clarification on dt.21.11.2025 upto 5.00 PM
14. Closing Date & Time :-25.11.2025 upto 5.00 PM
15. Opening Date & Time of-26.11.2025 at 11.00 AM
16. Class of Contractor- "D" & "C" (as detailed in DTCN)
17. Completion period- 60 & 90 days.
18. The Annexures and Schedules format in DTCN must be filled up by the Contractor and should be uploaded with the bid documents. Contractors who will participate in the e-Tender, they should make joint venture agreement, to be done before the Executive Magistrate/Sub-Registrar at District Registrar/Sub-Registrar Office.

Subsequent corrigendum if required shall be available in e-procurement portal

OIPR- Sd./- Er. Niranjan Naik, Executive Engineer, L.I. Division, Sundargarh

## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, BARIPADA

